


জୟସ୍ୱାଲ ୧ନଂ. ଭାରତୀୟ ଟେଷ୍ଟ ବ୍ୟାଟର

ପୃଷ୍ଠା ୭


# ସଂଚାର
THE SANCHAR

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 33 | ISSUE 137 | ଭାଗ ୩୩ | ସଂଖ୍ୟା ୧୩୭ | Bhubaneswar | Thursday 7 August 2025 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର ୭ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## କେନ୍ଦ୍ର ଗୃହମନ୍ତ୍ରୀ-ମୁଖ୍ୟମନ୍ତ୍ରୀ ଆଲୋଚନା



**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ନୂଆଦିଲ୍ଲୀ ଗସ୍ତ କରିଥିବା ବେଳେ ଆଜି ଏକାଧିକ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟିଛନ୍ତି। ଏହି ସମୟରେ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ସାକ୍ଷାତ କରିଛନ୍ତି। ଏଥିସହ ରାଜ୍ୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ କେନ୍ଦ୍ର-ରାଜ୍ୟ ସମନ୍ୱୟ ସମ୍ପର୍କିତ ବିଷୟଗୁଡ଼ିକ ଉପରେ ଶ୍ରୀ ଶାହଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏନେଇ ସୂଚନା ପ୍ରଦାନ କରିଛନ୍ତି। ସେ ଲେଖିଛନ୍ତି ଯେ ଆଜି

### ବିକାଶମୂଳକ କାର୍ଯ୍ୟକ୍ରମ ନେଇ ବିଚାରବିମର୍ଶ

ନୂଆଦିଲ୍ଲୀରେ କେନ୍ଦ୍ରଗୃହ ମନ୍ତ୍ରୀ ଅମିତ ଶାହଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲି। ଏହି ଅବସରରେ ରାଜ୍ୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ କେନ୍ଦ୍ର-ରାଜ୍ୟ ସମନ୍ୱୟ ସମ୍ପର୍କିତ ବିଷୟଗୁଡ଼ିକ ଉପରେ ଆଲୋଚନା ହୋଇଥିଲା।

ସେହିପରି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲଙ୍କ ସହ ଆଲୋଚନା ବେଳେ ଓଡିଶାର ମହାନଦୀ ଜଳ ବିବାଦ ଉପରେ ଆଲୋଚନା କରିଛନ୍ତି। ନିକଟରେ ଓଡିଶା ➪ପୃଷ୍ଠା-୬

ଋଷ ରାଗରେ ପୁଣି ଟ୍ରମ୍ପଙ୍କ ଟାରିଫ ପ୍ରହାର

# ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ




**ଆମଦାନି ଉପରେ ସର୍ବମୋଟ ୫୦% ଶୁଳ୍କ**

**ଟ୍ରମ୍ପ କାର୍ଡକୁ ବିଶ୍ୱବ୍ୟାପୀ କଡ଼ା ସମାଲୋଚନା**

**ନୂଆଦିଲ୍ଲୀ,୬।୮:** ଋଷ ପାଇଁ ଭାରତ ଉପରେ ପୁଣି ଶୁଳ୍କ ବୋଝ ଲଦିଛନ୍ତି ଟ୍ରମ୍ପ। ବୁଧବାର ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଫଳରେ ଭାରତର ମୋଟ ଆମେରିକୀୟ ଶୁଳ୍କ ୫୦ ପ୍ରତିଶତ ହୋଇଯାଇଛି। ଯାହା ଚୀନଠାରୁ ବି ଅଧିକ। କାରଣ ଆମେରିକା ସରକାର ଚୀନ ଉପରେ ୩୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଏହା ଭାରତଠାରୁ ୨୦ ପ୍ରତିଶତ କମ ରହିଛି। ଋଷ ଠାରୁ ତେଲ କିଣୁଥିବା ଯୋଗୁ ଭାରତ ଉପରେ ଏହି ଶୁଳ୍କ ଲାଗୁ କରାଯାଇଛି। ଏହା ପୂର୍ବରୁ ସୋମବାର ଟ୍ରମ୍ପ ଆମେରିକା ମିଡିଆ ସିଏନ୍‌ବିସିକୁ ପ୍ରତିକ୍ରିୟା ଦେଇ ଭାରତ ଉପରେ ଶୁଳ୍କ ବୃଦ୍ଧି କରିବାକୁ ଧମକ ଦେଇଥିଲେ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆମେ ଶୁଳ୍କ ବଢ଼ାଇବୁ ବୋଲି ଟ୍ରମ୍ପ କହିଥିଲେ। ସତକୁ ସତ ବୁଧବାର ଭାରତ ଉପରେ ଅତିରିକ୍ତ ବୋଝ ଲଦିଛନ୍ତି ମୋଦୀଙ୍କ ପରମ ମିତ୍ର କହି ଶତ୍ରୁତା ଦେଖାଉଥିବା ଟ୍ରମ୍ପ। ଶୁଳ୍କ ବୃଦ୍ଧି ନେଇ କାର୍ଯ୍ୟକାରୀ ନିର୍ଦ୍ଦେଶରେ ଟ୍ରମ୍ପ ବୁଧବାର ସାଇନ୍ କରିଛନ୍ତି। ଜୁନ ୩୦ରେ ଟ୍ରମ୍ପ ଘୋଷଣା କରିଥିବା ଟାରିଫ ଅଗଷ୍ଟ ୭ରୁ ଲାଗୁ ହେବ। ➪ପୃଷ୍ଠା-୬

### 'ଅର୍ଥନୈତିକ ବ୍ଲାକ୍‌ମେଲ'

ଆମେରିକାର ଶୁଳ୍କ ଯୁଦ୍ଧ ବିଶ୍ୱର ଶତାଧିକ ଦେଶକୁ ବ୍ୟଥିତ କରିଛି। ଆମେରିକାର ଏଭଳି ଏକଚାଟିଆ ନୀତିକୁ ଭାରତ, ଚୀନ ଭଳି ଅନେକ ରାଷ୍ଟ୍ର ତୀବ୍ର ବିରୋଧ କରିଛନ୍ତି। ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଟ୍ରମ୍ପଙ୍କ ଏଭଳି ନିଷ୍ପତ୍ତି ଅନୁଚିତ ଓ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି କୁହାଯାଇଛି। ଜାତୀୟ ହିତ ଲାଗି ଭାରତ ବିଭିନ୍ନ ପଦକ୍ଷେପ ଗ୍ରହଣ କରିପାରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜଶୱାଲ ଯେ, ଆମର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯେକୌଣସି ଜିନିଷ ବିଭିନ୍ନ ଦେଶରୁ ଆମଦାନୀ କରିଥାଉ। ➪ପୃଷ୍ଠା-୬

ସରକାର ଜାରିକଲେ ସ୍ୱତନ୍ତ୍ର ନିର୍ଦ୍ଦେଶନାମା

## ଓଡ଼ିଆରେ ସାଇନ୍ ବୋର୍ଡ ନ ଲେଖିଲେ ୫୦୦ ଜରିମାନା

**ଭୁବନେଶ୍ୱର, ୬।୮ (ସଂଚାର ବ୍ୟୁରୋ):** ରାଜ୍ୟରେ ଓଡ଼ିଆ ଭାଷାକୁ ସବୁ କ୍ଷେତ୍ରରେ ଗୁରୁତ୍ୱ ଦିଆଯିବା ସରକାର ଆଜି ରାଜ୍ୟ ସରକାର ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଜ୍ୟର ସମସ୍ତ ମହାନଗର ନିଗମ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ସାଇନ୍ ବୋର୍ଡ ଲେଖିବାକୁ ପଡ଼ିବ। ଏହାକୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଥିବା ବେଳେ ଏହାର କାର୍ଯ୍ୟକାରିତା ସକାଶେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରମୁଖ ସଚିବ ଉଷା ପାଢ଼ୀ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି।

- ସଂଶୋଧନ ପାଇଁ ୫୫ ଦିନ ସମୟ
- ୬୦ ଦିନ ଭିତରେ ଅନୁପାଳନ ରିପୋର୍ଟ ଦାଖଲ

ଓଡ଼ିଶାର ସାଂସ୍କୃତିକ ଓ ଭାଷାଗତ ଐତିହ୍ୟର ପ୍ରୋତ୍ସାହନ ତଥା ଯେଉଁମାନେ ଅନ୍ୟ କୌଣସି ଭାଷା ବା ଲିପି ବୁଝି ନଥାନ୍ତି ସେମାନଙ୍କ ସୁବିଧା ପାଇଁ, ଓଡ଼ିଆ ଭାଷାର ବ୍ୟବହାର ସୁନିଶ୍ଚିତ




କରିବା ଅତ୍ୟନ୍ତ ଫଳପ୍ରଦ ହେବ। ରାଜ୍ୟର ମହାନଗର ନିଗମ, ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧୀନରେ ଥିବା ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ନିଜ ନିଜ ସାଇନ ବୋର୍ଡରେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେବା ସକାଶେ ➪ପୃଷ୍ଠା-୬

ପ୍ରେମିକ ବ୍ଲାକ୍‌ମେଲ୍ ଅସହ୍ୟ

## ନିଜକୁ ଜାଳିଦେଲେ ଯୁକ୍ତତିନି ଛାତ୍ରୀ



- କେନ୍ଦ୍ରାପଡ଼ାରେ ଆଲୋଡ଼ନ
- ଅଭିଯୋଗକୁ ଗୁରୁତ୍ୱ ଦେଇନଥିଲେ ଆଇଆଇସି
- ଏସ୍‌ପି ଓ ସାଇଣ୍ଟିଫିକ ଟିମ୍‌ର ଛାନ୍‌ଭିନ୍

**କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ,୬।୮(ସଂଚାର ବ୍ୟୁରୋ):** ଗତ ମାସରେ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଦେବା ଓ ନିକଟରେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟଣା ମନରୁ ନ ଲିଭୁଣୁ କେନ୍ଦ୍ରାପଡ଼ାରେ ପୁଣି ସମାନ ଧରଣର ଅଘଟଣ ଘଟିଛି। ଜନୈକା ଯୁକ୍ତ ତିନି ଛାତ୍ରୀ ପ୍ରେମିକର ବ୍ଲାକ୍‌ମେଲ୍‌ରେ ଅତିଷ୍ଠ ହୋଇ ଆଜି ସକାଳେ ନିଜ ଦେହରେ କିରାସିନି ଢାଳି ଆତ୍ମାହୁତି ଦେଇଛନ୍ତି। ଏପରିକି ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ମାମଲାରେ ଯେପରି ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ସେଥିପ୍ରତି ଗୁରୁତ୍ୱ ଦିଆଯାଇନଥିଲା, ଆଜିର ଘଟଣାରେ ମଧ୍ୟ ଆଇଆଇସିଙ୍କ ଅବହେଳା ସାମ୍ନାକୁ ଆସିଛି। କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡପଡା ପଞ୍ଚାୟତ ଅଧୀନସ୍ଥ କାଠିଆପଡ଼ା ଗ୍ରାମରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଗୋଟିଏ ପଟେ ଛାତ୍ରୀ ଜଣଙ୍କ ପ୍ରେମିକର ବ୍ଲାକ୍‌ମେଲ୍‌ର ଶିକାର ହୋଇ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଥିଲେ ହେଁ ପରିବାର ଲୋକେ ମାନସିକ ଭାରସାମ୍ୟ ହରାଇ ସେ ଏପରି ଚରମ ନିଷ୍ପତ୍ତି ନେଇଥିବା କୁହାଯାଇଛି। ତେବେ ସମଗ୍ର ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣା ସମ୍ପର୍କରେ ଖବର ପାଇବା ପରେ ଏସ୍‌ପି, ସ୍ଥାନୀୟ ଥାନାଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନାନୁସାରେ, ଗ୍ରାମର ➪ପୃଷ୍ଠା-୬

## ସ୍ୱପ୍ନର ଉଡ଼ାଣ ଭରିବେ ୩୩ ଓଏଭି ବିଦ୍ୟାର୍ଥୀ

ପ୍ରମୁଖ ଇଞ୍ଜିନିୟରିଂ କଲେଜରେ ପାଇଲେ ସିଟ୍

**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):** ମିଳିତ ପ୍ରବେଶିକା ପରୀକ୍ଷା (ଜେଇଇ)-୨୦୨୫ରେ ସଫଳ ପ୍ରଦର୍ଶନ ପରେ ଭାରତର ବିଭିନ୍ନ ଇଞ୍ଜିନିୟରିଂ କଲେଜରେ ସିଟ୍ ପାଇଛନ୍ତି ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଓ ଆଇକନିକ ଓଏଭି ଛାତ୍ରଛାତ୍ରୀ। ଚୂଡ଼ାନ୍ତ ସିଟ୍ ଆବଣ୍ଟନ ପରେ ଆଇକନିକ ଓଏଭି ସମେତ ବିଭିନ୍ନ ଓଏଭିର ମୋଟ ୩୩ ଜଣ ଛାତ୍ରଛାତ୍ରୀଙ୍କୁ ଆଇଆଇଟି, ଏନ୍‌ଆଇଟି, ଆଇଆଇଟି ଭୁବନେଶ୍ୱର ଓ ପ୍ରଖ୍ୟାତ ସରକାରୀ ଇଞ୍ଜିନିୟରିଂ କଲେଜରେ ସିଟ୍ ମିଳିଛି। ଫଳସ୍ୱରୂପ ନିଜର ସ୍ୱପ୍ନ ପୂରଣ ଦିଗରେ ଏହି ବିଦ୍ୟାର୍ଥୀମାନେ ଏଣିକି ଆଗେଇଯିବେ ଓ ଭବିଷ୍ୟତରେ ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ




ଭୂମିକା ନିର୍ବାହ କରିବେ ବୋଲି ଆଶା କରାଯାଉଛି। ବିଶେଷ କରି ଓଏଭି, ମଶାଣିମୁଣ୍ଡା ଛାତ୍ର ଚନ୍ଦ୍ରଶେଖର ହରପାଲ୍ ଆଇଆଇଟି ଧାରୱାଡ୍‌ରେ ଆଡମିଶନ୍ ପାଇଥିବା ବେଳେ ଓଏଭି ଝାରଗନ୍‌ର ସୁନାରାମ୍ ମାରାଣ୍ଡି ଆଇଆଇଟି ଖଡ଼ଗପୁରରେ, ଓଏଭି କୋଟପାଡ଼ ଛାତ୍ରୀ ସୀମା ଗୁପ୍ତା ଆଇଆଇଟି ପାଟନାରେ ସିଟ୍ ପାଇବାରେ ସକ୍ଷମ ହୋଇଛନ୍ତି। ସେହିପରି ଦେଶର ପ୍ରମୁଖ ଇଞ୍ଜିନିୟରିଂ ପ୍ରତିଷ୍ଠାନ ମଧ୍ୟରୁ ଅନ୍ୟତମ ଏନଆଇଟି ରାଉରକେଲାରେ ୨୦ ଜଣ ବିଦ୍ୟାର୍ଥୀ ସ୍ଥାନ ହାସଲ କରିଛନ୍ତି। ଆହୁରି ୪ ଜଣ ବିଦ୍ୟାର୍ଥୀ ଭି. ଲକ୍ଷ୍ମୀ ରାଜୁ, ସୌମ୍ୟ ରଞ୍ଜନ ବେହେରା, ମନମୋହନ ଦାଶ ଓ ପ୍ରଦୀପ ପଣ୍ଡା ଆଇଆଇଆଇଟି, ଭୁବନେଶ୍ୱରରେ ପ୍ରବେଶ ସୁଯୋଗ ପାଇଛନ୍ତି। ଛାତ୍ରଛାତ୍ରୀମାନେ କମ୍ପ୍ୟୁଟର ସାଇନ୍ସଠାରୁ ଆରମ୍ଭ କରି ମେକାନିକାଲ୍, ଇଲେକ୍ଟ୍ରିକାଲ୍, ବାୟୋଟେକ୍ନୋଲୋଜି ଓ ମାଇନିଂ ଇଞ୍ଜିନିୟରିଂ କ୍ଷେତ୍ରରେ ଓୟୁଟିଆର୍ ଭୁବନେଶ୍ୱର ଓ ଭିସୁଟ୍ ବୁର୍ଲା ଭଳି ପ୍ରମୁଖ ରାଜ୍ୟସ୍ତରୀୟ ପ୍ରତିଷ୍ଠାନରେ ମଧ୍ୟ ସ୍ଥାନ ପାଇବାରେ ସକ୍ଷମ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ନିରନ୍ତର ପ୍ରୟାସ ଓ ଶିକ୍ଷକମାନଙ୍କ ଆପ୍ରାଣ ଉଦ୍ୟମ ସେମାନଙ୍କୁ ଆଜି ସଫଳତାର ଶୀର୍ଷରେ ପହଞ୍ଚାଇଛି। ଓଡ଼ିଶା ଆଦର୍ଶ ➪ପୃଷ୍ଠା-୬

## ୧୬୩୫ ନୂଆ ରାଜସ୍ୱ ଗ୍ରାମର ସୀମା ପରିବର୍ତ୍ତନ

**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):** ରାଜ୍ୟବାସୀଙ୍କୁ ହାତ ପାଆନ୍ତାରେ ରାଜସ୍ୱ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ୧୬୩୫ଟି ନୂତନ ରାଜସ୍ୱ ଗ୍ରାମର ସୀମା ପରିବର୍ତ୍ତନ କରାଯିବ। ଏହି ନୂତନ ରାଜସ୍ୱ ଗ୍ରାମର ସୀମା ଯେଭଳି ପୁରୁଣା ଗ୍ରାମ ସହ ସଂଶ୍ଳିଷ୍ଟ ନ ହେବ, ସେନେଇ ରାଜସ୍ୱ ବିଭାଗ ପକ୍ଷରୁ ଏକ ଏସ୍‌ଓପି ଜାରି କରାଯାଇଛି। ଏହି ଏସ୍‌ଓପି ଅନୁଯାୟୀ, ତୁରନ୍ତ ନୂତନ ରାଜସ୍ୱ ଗ୍ରାମଗୁଡ଼ିକର ନକ୍ସା ପରିବର୍ତ୍ତନ କରିବାକୁ ରାଜ୍ୟ ଭୂ-ରେକର୍ଡ ଓ ସର୍ଭେ ନିର୍ଦ୍ଦେଶକଙ୍କ ସହ ସମସ୍ତ ଜିଲ୍ଲାପାଳ ଏବଂ ଆର୍‌ଡିସିଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ଗତ ୨ ତାରିଖରେ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ରାଜସ୍ୱ ବିଭାଗ

**ଜାରି ହେଲା ଏସ୍‌ଓପି**




ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ ଦୀର୍ଘଦିନ ଧରି ନୂତନ ରାଜସ୍ୱ ଗ୍ରାମ ଓ ଏହାର ସୀମା ପୁନଃ ନିର୍ଦ୍ଧାରଣ ଲାଗି ଦାବି ହୋଇଆସୁଥିଲା। ଏହାକୁ ନେଇ ଜିଲ୍ଲାପାଳ ଓ ବନ୍ଦୋବସ୍ତ ଅଧିକାରୀଙ୍କ ପକ୍ଷରୁ ଆସିଥିବା ସୁପାରିସ୍‌କୁ ଆଧାର କରି ସରକାରଙ୍କ ପକ୍ଷରୁ ୧୬୩୫ଟି ରାଜସ୍ୱ ଗ୍ରାମକୁ ଅନୁମୋଦନ ଦିଆଯାଇଛି। ଅଦ୍ୟାବଧି ବିଭିନ୍ନ ଜିଲ୍ଲାରେ ୧୬୩୫ଟି ରାଜସ୍ୱ ଗ୍ରାମ ପ୍ରସ୍ତାବକୁ ସରକାର ଅନୁମୋଦନ ଦେଇଛନ୍ତି। କିନ୍ତୁ ଏହି ନବଗଠିତ ଗ୍ରାମଗୁଡ଼ିକ ଅଦ୍ୟାବଧି ସେମାନଙ୍କର ପ୍ରାକ୍ ଗ୍ରାମରୁ ରେକର୍ଡ ଓ ମାନଚିତ୍ର ଦୃଷ୍ଟିରୁ ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇନାହାନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ରାଜସ୍ୱ ଗ୍ରାମ ବିଭାଜନ ଦ୍ୱାରା ଦୁଇଟି ଅଲଗା ଗ୍ରାମ ପାଇଁ ନୂତନ ଭୂ-ରେକର୍ଡ ପ୍ରସ୍ତୁତ ହେବା ଉଚିତ, ଯେଉଁଥିରେ ପ୍ରତ୍ୟେକ ରାଜସ୍ୱ ଗ୍ରାମ ନୂତନ ଖାତା ଓ ପ୍ଲଟ୍ ତଥ୍ୟ ରହିବା ଜରୁରୀ। ନୂତନ ରାଜସ୍ୱ ଗ୍ରାମ ସୀମା ପୁନଃ ନିର୍ଦ୍ଧାରଣ ସମୟରେ ଯେପରି ପୁରୁଣା ରାଜସ୍ୱ ଗ୍ରାମର ରେକର୍ଡ ମିଶି ନ ଯାଏ, ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ➪ପୃଷ୍ଠା-୬

## ମୋଦିଙ୍କୁ ଭେଟିଲେ ଧର୍ମେନ୍ଦ୍ର

ଗିନିଜ୍ ବୁକ୍ ପ୍ରମାଣପତ୍ର ପ୍ରଦାନ କଲେ

**ନୂଆଦିଲ୍ଲୀ,୬।୮:** ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପ୍ରଧାନମନ୍ତ୍ରୀଙ୍କୁ ଭେଟି କେନ୍ଦ୍ର ମନ୍ତ୍ରୀ ନିକଟରେ 'ପରୀକ୍ଷା ପେ ଚର୍ଚ୍ଚା' ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ପକ୍ଷରୁ ମିଳିଥିବା ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହ କେନ୍ଦ୍ର ରେଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ମଧ୍ୟ ରହିଥିଲେ। ଛାତ୍ରଛାତ୍ରୀଙ୍କ ପରୀକ୍ଷାଜନିତ ଚାପ ହ୍ରାସ ଉଦ୍ଦେଶ୍ୟ ନେଇ ଗତ ୨୦୧୮ରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଆସିଛନ୍ତି। ଏହା ଦିନକୁ ଦିନ ପରୀକ୍ଷାର୍ଥୀମାନଙ୍କ ମଧ୍ୟରେ ବେଶ୍ ଆଦୃତି ଲାଭ କରିଥିବା ବେଳେ ଚଳିତ ବର୍ଷର 'ପରୀକ୍ଷା ପେ' ଚର୍ଚ୍ଚା' ଗୋଟିଏ ମାସରେ ସର୍ବାଧିକ ପଞ୍ଜୀକରଣ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଛି। ନିକଟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ବୈଷ୍ଣବ ଓ ଶ୍ରୀ ପ୍ରସାଦଙ୍କ ସହ ଆନୁଷ୍ଠାନିକ ଭାବେ 'ପରୀକ୍ଷା ପେ ଚର୍ଚ୍ଚା' ପାଇଁ ଗିନିଜ୍ ବୁକ୍ ପ୍ରମାରପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ କହିଥିଲେ ଯେ 'ପରୀକ୍ଷା ପେ ଚର୍ଚ୍ଚା' ➪ପୃଷ୍ଠା-୬





### କାନ ଡେରିଥା

ନିହାର ବାବୁ ବା ଏହି ବୟସରେ
ବଡ଼ ଚିନ୍ତା କରିଥିଲେ
ପ୍ରଶ୍ନପତ୍ର ସବୁ ଲିକ କରିଦେଇ
ସଭିଙ୍କ ଚିନ୍ତା ହାରିଲେ
ସବୁ ପାସ ହେବେ ଭଲେ...
କୋଟିପତି ସିଏ ହୋଉଥାନ୍ତେ
କିନ୍ତୁ
କିଳା ସବୁ କରିଦେଲେ ।

■ ଦେବାଶିଷ

## ପୁଲିସ୍ ଅପାରଗତାରୁ ମୁଣ୍ଡ ଟେକୁଛନ୍ତି ମାଓବାଦୀ

**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):** ରାଜ୍ୟ ପୁଲିସ୍‌ର ଅପାରଗତା ଓ ଢିଲାପଣ ଯୋଗୁଁ ରାଜ୍ୟର ସୁନ୍ଦରଗଡ ଜିଲ୍ଲା ଏବେ ମାଓପ୍ରବଣ ତାଲିକାରେ ସାମିଲ ହେବା ସ୍ଥିତି ଉପୁଜିଲାଣି। ରାଜ୍ୟର ୧୦ ଜିଲ୍ଲା ମାଓପ୍ରବଣ ଜିଲ୍ଲା ତାଲିକାରେ ଥିବା ବେଳେ ରାଉରକେଲା ପୁଲିସ୍

- ସୁନ୍ଦରଗଡ଼ରେ ସ୍ଥିତି ଜାହିର
- ମାଓମୁକ୍ତ ଓଡ଼ିଶା ଯୋଜନାକୁ ଝଟ୍‌କା



ଜିଲ୍ଲାରେ ମାଓବାଦୀ ଯେଭଳି ନିୟମିତ ବ୍ୟବଧାନରେ ହିଂସାକାଣ୍ଡ ଘଟାଉଛନ୍ତି, ତାହା ଏବେ ସରକାରଙ୍କ ମୁଣ୍ଡବିନ୍ଧାକୁ ବଢାଇଦେଲାଣି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମାଓବାଦୀଙ୍କ ରାଉରକେଲା ଆଖପାଖରେ ଉପସ୍ଥିତି ନେଇ ରାଉରକେଲା ପୁଲିସଙ୍କୁ ଗୁଇନ୍ଦା ସୂଚନା ଦିଆଯାଇଥିଲା। ହେଲେ ରାଉରକେଲା ପୁଲିସ୍ ତାହାକୁ ଅଣଦେଖା କଲା। ଫଳରେ ମାଓବାଦୀମାନେ ଲଗାତାର ତିନି ତିନିଟି ବିସ୍ଫୋରଣ ଘଟାଇଲେ। ରେଞ୍ଜଡା-କମରପଦା ମଝିରେ ରେଳଲାଇନ ଉଡ଼ାଇଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ସେହିଭଳି କିଛିଦିନ ତଳେ ଜିଲ୍ଲାରେ ବିସ୍ଫୋରକ ଭର୍ତ୍ତି ଟ୍ରକ ଲୁଟ୍ କରିବାରେ ମଧ୍ୟ ମାଓବାଦୀମାନେ ସକ୍ଷମ ହୋଇଥିଲେ।

ମାଓବାଦୀମାନେ ରାଉରକେଲା ଓ ଏହାର ଆଖପାଖ ଅଞ୍ଚଳରେ ଲଙ୍କାକାଣ୍ଡ ଘଟାଇବା ରାଜ୍ୟ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ହୋଇଥିବା ବେଳେ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଏହାକୁ ନେଇ ଏବେ ବେଶ୍ ଚିନ୍ତିତ। କାରଣ ଠିକଣା ସମୟରେ ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଥିଲେ ମଧ୍ୟ କ'ଣ ପାଇଁ ଏହାକୁ ଅଣଦେଖା କରାଗଲା, ତାହା ସେମାନେ ଏବେ ବି ଜାଣିପାରୁନାହାନ୍ତି। ଅନ୍ୟ ପକ୍ଷରେ ମାଓବାଦୀମାନେ ରାଉରକେଲା ଓ ତା'ର ଆଖପାଖ ଅଞ୍ଚଳରେ ନିଜର କ୍ୟାଡର ସୃଷ୍ଟି ପାଇଁ ଲାଗିପଡ଼ିଛନ୍ତି। ସେମାନଙ୍କର ଏଭଳି ଉଦ୍ୟମ ଓ ପୁଲିସର ନିଷ୍କ୍ରିୟତା ଜାରି ରହିଲେ ଓଡ଼ିଶାରେ ମାଓପ୍ରବଣ ଜିଲ୍ଲା ସଂଖ୍ୟା ୧୧ରେ ପହଞ୍ଚିଯିବ ବୋଲି ବରିଷ୍ଠ ସୁରକ୍ଷା ଅଧିକାରୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଉଲ୍ଲେଖନୀୟ ଯେ ୨୦୨୪ରେ ସୁନ୍ଦରଗଡ଼ ଜିଲ୍ଲା ମାଓମୁକ୍ତ ବୋଲି ଘୋଷଣା କରାଯାଇଥିବା ବେଳେ ୨୦୨୬ ମାର୍ଚ୍ଚ ସୁଦ୍ଧା ଓଡ଼ିଶା ସମେତ ସମଗ୍ର ଦେଶକୁ ମାଓମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିସାରିଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶାରେ ମାଓବାଦୀଙ୍କ ଆତଯାତ ଜିଲ୍ଲାରୁ ଜିଲ୍ଲା ➪ପୃଷ୍ଠା-୬

ସୁନା ସଂସାରକୁ ଚୂନା କରିଦେଲା କଣ୍ଟେନର

## ଚାଲିଗଲେ ବାପା,ମା' ଓ ପୁଅ




**ଦୁର୍ଘଟଣା ଘଟାଇ ଚାଳକ ଫେରାର୍**

**କେନ୍ଦୁଝର,୬।୮(ସଂଚାର ବ୍ୟୁରୋ):** ବିଚ୍ ରାସ୍ତାରେ ଏକା ସାଥୀରେ ତିନି ଜଣଙ୍କୁ ପେଷିଦେଇଛି କଣ୍ଟେନର । ଆଖି ସାମ୍ନାରେ ନିମିଷକ ଭିତରେ ସୁନା ସଂସାରକୁ ଚୂନା କରିଦେଲା ଏହି ଦ୍ରୁତଗାମୀ କଣ୍ଟେନର। ଝିଅ ହଷ୍ଟେଲରେ ରହି ପାଠ ପଢ଼ିବ। ବଡ଼ ହୋଇ ଡାକ୍ତର ହେବ। କେତେ ସ୍ୱପ୍ନ ଦେଖିଥିଲେ ବାପା-ମା', ସେଥିପାଇଁ ଝିଅକୁ ନେଇ ଯାଉଥିଲେ ହଷ୍ଟେଲ। ବ୍ୟାଗରେ ଅଟା, ଛତୁଆ, ବିସ୍କୁଟ ବାନ୍ଧି ଝିଅକୁ ଧରି ବାହାରି ପଡ଼ିଥିଲେ ହଷ୍ଟେଲକୁ। ଆଉ କେଇ ମିନିଟ୍ ପରେ ସେମାନେ ପହଞ୍ଚିଥାନ୍ତେ ହଷ୍ଟେଲରେ। ହେଲେ ଭାଗ୍ୟର ବିଡମ୍ବନା ଅଧା ରାସ୍ତାରେ ଘଟିଲା ବଡ଼ ଅଘଟଣ। ଏକା ସାଙ୍ଗରେ ହାତ ଧରାଧରି ହୋଇ ଚାଲିଗଲେ ବାପା, ମା' ଓ ଝିଅ। ପାଲଲହଡ଼ା ପଟୁ କେନ୍ଦୁଝର ଅଭୀମୁଖେ ଦ୍ରୁତ ଗତିରେ ଆସୁଥିବା ଏକ କଣ୍ଟେନର ପଛ ପଟୁ ତିନି ଜଣଙ୍କୁ ପେଷି ଦେଇଛି । ଫଳରେ ଘଟଣା ସ୍ଥଳରେ ତିନି ଜଣଯାକଙ୍କ ଜୀବନ ଚାଲିଯାଇଛି । ଏମିତି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ତେଲକୋଇ ବ୍ଲକର ଜଗମୋହନପୁର ୪୯ ନମ୍ବର ଜାତୀୟ ରାଜପଥରେ । ମୃତବ୍ୟକ୍ତି ହେଉଛନ୍ତି ବାହାଡ଼ାପଶି ➪ପୃଷ୍ଠା-୬

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଜିଲ୍ଲାପାଳଙ୍କ ସହିତ ଆଲୋଚନା



**କେନ୍ଦ୍ରାପଡା,୬।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତାବୃନ୍ଦ ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କୁ ତାଙ୍କ ସରକାରୀ କାର୍ଯ୍ୟାଳୟରେ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ପରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଶ୍ରୀ ଆୟାର ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ ଓ ଜିଲ୍ଲାପାଳ ବରିଷ୍ଠ ପେନସନ୍ ଧାରୀ ମାନଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଏହି ସାକ୍ଷାତ ସମୟରେ ସଭାପତି ପିତାମ୍ବର ଦାସ, ସାଧାରଣ ସମ୍ପାଦକ ହେମନ୍ତ କୁମାର ଜେନା, କାର୍ଯ୍ୟକାରୀ ସଭାପତି ବ୍ରଜକିଶୋର ଜେନା, ଯୁଗ୍ମ ସମ୍ପାଦକ ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ସମୀକ୍ଷକ ରବୀନ୍ଦ୍ରନାଥ ରଥ, ଉପସଭାପତି ମହମ୍ମଦ ଜାହିଦ ପ୍ରମୁଖ ଉପସ୍ଥିତ ଥିଲେ।

## ଶୁଦ୍ଧିକ୍ରିୟା ପାଇଁ ଅର୍ଥ ବାଧକ ପରିବାରକୁ ସହାୟତା



**ମାର୍ଶାଘାଇ,୬।୮(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ଜଳପୋକ ପଞ୍ଚାୟତର ପକ୍ଷୋଟ ଗ୍ରାମର ପ୍ରଭାତ ଦାସ(୪୭) ଙ୍କର ହୃଦଘାତ ଜନିତ ଚିକିତ୍ସା ଅବସ୍ଥାରେ ଗତ ବୁଧବାର କଟକ ବଡ଼ ଡ଼ାକ୍ତରଖାନାରେ ମୃତ୍ୟୁ ହୋଇଥିଲା। ଏକମାତ୍ର ରୋଜଗାରିଆ ପ୍ରଭାତଙ୍କ ମୃତ୍ୟୁ ପରେ ପରିବାର ଏବେ ଅସହାୟ ହୋଇ ପଡ଼ିଛନ୍ତି। ଦୁଇ ନାବାଳିକା ଝିଅକୁ ବାପାଙ୍କ ଶୁଦ୍ଧିକ୍ରିୟା କିପରି କରିବେ ଏନେଇ ଗୁହାରି କରିଥିଲେ। ଏ ଖବର ଜାଣିବା ପରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ରମାକାନ୍ତ ନାୟକ ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି। ସେହିପରି ରତ୍ନାକର ଦାସ ମଧ ପରିବାର ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

## ପରଲୋକରେ ଟାଣୁଆ ବିଜେଡି ସଂଗଠକ



**ଆଳି,୬।୮(ସଂଚାର ବ୍ୟୁରୋ):** ଆଳି ବ୍ଲକ ଭୂଇଁପୁର ପଞ୍ଚାୟତର ବିଜୁ ଜନତା ଦଳର ବରିଷ୍ଠ ସଂଗଠକ ଜୟନ୍ତ ଜେନାଙ୍କର (୫୮) ବର୍ଷ ବୟସରେ ପରଲୋକ ଘଟିଛି। ସେ ୩୦ ବର୍ଷ ରୁ ଉର୍ଦ୍ଧ୍ୱ ସକ୍ରିୟ ରାଜନୀତିରେ ଥିବା ବେଳେ ତାଙ୍କର ଅକାଳ ବିୟୋଗ ଆଳି ବିଜେଡି ପାଇଁ ଖେତି ହୋଇଥିବା କୁହାଯାଉଛି। ଗତ କିଛିଦିନ ହେବ ସେ ଶାରୀରିକ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିବା ବେଳେ ପରଲୋକ ଘଟିଥିଲାକ୍ଷ ସ୍ୱର୍ଗତ ଜେନାଙ୍କ ପରଲୋକରେ ପଞ୍ଚାୟତରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଜିଲ୍ଲା ପରିଷଦ ଉପାଧକ୍ଷ ଭୀଷ୍ମ ମହାନ୍ତି, ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ପ୍ରଦ୍ୟୁମ୍ନ ଦାଶ, ଯୁବ ବିଜେଡି ସଭାପତି କେଦାରନାଥ ବେହେରା, ଭୂଇଁପୁର ସରପଞ୍ଚ ରେସ୍ମାରାଣୀ ମଲ୍ଲିକ, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, କଳସପୁର ସରପଞ୍ଚ ସୁଧୀର ମଲ୍ଲିକ, ପ୍ରିୟବ୍ରତ ପାତ୍ର ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିବା ବେଳେ ବିଧାୟକ ପ୍ରତାପ କେଶରୀ ଦେବ, ପିସିସି ସଂପାଦକ ଡାକ୍ତର ଦେବସ୍ମିତା ଶର୍ମା ଓ କୃଷ୍ଣ ଚନ୍ଦ୍ର ପଣ୍ଡା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ଜେନାଙ୍କ ମରଶରୀରକୁ ଭୂଇଁପୁର ପଞ୍ଚାୟତ ପରୀକ୍ରମା କରାଇବା ପରେ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ଚିରଞ୍ଜିବି ଜେନା ମୁଖାଗ୍ନି ଦେଇଥିଲେ ।

● ନାବାଳିକା କୁ ବଳାତ୍କାର ଘଟଣା

## ଆସାମୀକୁ ୨୦ବର୍ଷ ଜେଲ ୫୦ ହଜାର ଜରିମାନା

**କେନ୍ଦ୍ରାପଡ଼ା,୬।୮(ସଂଚାର ବ୍ୟୁରୋ):** ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପୋକସୋ କୋର୍ଟ ବିଚାରପତି ଆସାମୀ ଆନନ୍ଦ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫୦ ହଜାର ଟଙ୍କାର ଜୋରିମାନା ଦଣ୍ଡାଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଆସାମୀ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି ଜଜ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲା ଆଇନ୍‌ସେବା ପ୍ରାଧିକରଣଙ୍କୁ ଜଜ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ କେନ୍ଦ୍ରାପଡା ସଦର ଥାନା ଅଞ୍ଚଳର ଜଣେ ୧୩ ବର୍ଷର ନାବାଳିକା ଗତ ୨୦୨୪ମସିହା ନଭେମ୍ବରମାସ ୫ତାରିଖ ଦିନ ୧୦ଟାରେ ସ୍କୁଲକୁ ଯାଇ ଆଉ ଘରକୁ ଫେରିନଥିଲେ। ନାବାଳିକାର ପିତା ସ୍କୁଲକୁ ଫୋନ କରି ବୁଝିଲେ ଯେ ସେଦିନ ନାବାଳିକା ସ୍କୁଲକୁ ଯାଇନାହାନ୍ତି। ଏସମ୍ପର୍କରେ ତୁରନ୍ତ ସେ କେନ୍ଦ୍ରାପଡା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭିକରି ଥାନା କେଶ ନମ୍ବର -୬୦୮/୨୦୨୪ରେ ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଉଭୟଙ୍କ ମୋଇବାଇଲ ଫୋନକୁ ଟ୍ରାକ କରି ପୁଲିସ ନଭେମ୍ବର ୨୭ତାରିଖରେ ପିଡିତାକୁ ଆନନ୍ଦପୁର ବସଷ୍ଟାଣ୍ଡରୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଆନନ୍ଦ ନାୟକକୁ ମଧ ଗିରଫ କରିଥିଲା।

**କଲେଜର ବିଭିନ୍ନ ସମସ୍ୟାକୁ ନେଇ ଆଗକୁ ଆସିଲେ ଛାତ୍ରଛାତ୍ରୀ**

## ଗେଟ୍‌ରେ ତାଲା ପକାଇ କଲେ ଆନ୍ଦୋଳନ



**ଆଳି, ୬।୮(ସଂଚାର ବ୍ୟୁରୋ):** ଆଳି ମହାବିଦ୍ୟାଳୟ ରେ ଦୀର୍ଘ ବର୍ଷ ହେବ ଲାଗି ରହିଛି ଅନେକ ସମସ୍ୟା। ଯାହାକୁ ନେଇ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଦେଖା ଦେଇଛି ଅସନ୍ତୋଷ। ଛାତ୍ର ଛାତ୍ରୀ ମାନଙ୍କର ସମସ୍ୟା ର ସମାଧାନ କଲେଜ କର୍ତୃପକ୍ଷ ନ ଶୁଣିବାରୁ, ଆଜି ଛାତ୍ର ଛାତ୍ରୀମାନେ ପାଞ୍ଚ ଦଫା ଦାବିନେଇ ସମସ୍ୟା ର ସମାଧାନ ଲାଗି କଲେଜ ଗେଟେ ରେ ତାଲା ପକାଇ ପ୍ରତିବାଦ କରିଥିଲେ। ଛାତ୍ର ଛାତ୍ରୀ ମାନେ ଅଭିଯୋଗ କରିଛନ୍ତି ଯେ ଅସରାଏ ବର୍ଷା ହେଲେ କଲେଜ ପରିସରରେ ଜମି ରହୁଛି ଆଣ୍ଠୁଏ ଲେଖାଏଁ ପାଣି। ଯିବା ଆସିବା କରିବାରେ ଅନେକ ସମସ୍ୟା ର ସମ୍ମୁଖୀନ ହେଉଛନ୍ତି ଛାତ୍ର ଛାତ୍ରୀମାନେ। ଏହା ସହିତ କଲେଜ ଲାଇବ୍ରେରୀ ରୁ ମିଳୁନି ଛାତ୍ର ଛାତ୍ରୀ ମାନଙ୍କୁ ବହି, ପିଇବା ପାଣିର ସମସ୍ୟା ଲାଗି ରହିଛି ଓ କଲେଜ ରେ ଛାତ୍ର ଛାତ୍ରୀ ମାନଙ୍କ ଲାଗି ଶୌଚାଳୟ ର ବ୍ୟବସ୍ଥା ନାହିଁ ଯାହାକୁ ନେଇ ଛାତ୍ର ଛାତ୍ରୀ ମାନେ ଅସନ୍ତୋଷ ପ୍ରକାଶ କରି ଗେଟ ରେ ତାଲାପକାଇ ଥିଲେ। ଏ ଖବର ପାଇ କଂଗ୍ରେସ୍ ପି ସି ସି ସମ୍ପାଦିକା ଦେବସ୍ମିତା ଶର୍ମା ଘଟଣା ସ୍ଥଳରେ ପହଁଞ୍ଚି ସମସ୍ୟା ର ସମାଧାନ ଲାଗି କଲେଜ କର୍ତୃପକ୍ଷ ଓ ଛାତ୍ର ଛାତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। କଲେଜ ଅଧକ୍ଷ ପନ୍ଦର ଦିନ ମଧରେ ସମସ୍ୟା ର ସମାଧାନ କରିବା ଲାଗି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ରୁ ଓହରିଥିଲେ ଛାତ୍ର ଛାତ୍ରୀ ମାନେ ।

● ରକ୍ଷା ବନ୍ଧନ ପାଇଁ ନିଆରା ପ୍ରୟାସ

## ଯବାନଙ୍କ ପାଇଁ ରାକ୍ଷୀ ପଠାଇଲେ ଛାତ୍ରଛାତ୍ରୀ




**ମହାକାଳପଡ଼ା,୬।୮(ସଂଚାର ବ୍ୟୁରୋ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ମହାକାଳପଡ଼ା ନଗର ତରଫରୁ ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟରେ ଦେଶର ସୁରକ୍ଷା ପାଇଁ କାମ କରୁଥିବା ଭାରତୀୟ ଯବାନଙ୍କ ଉଦ୍ଦେଶ୍ୟରେ ରାକ୍ଷୀ ସଂଗ୍ରହ କରାଯାଇଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କେନ୍ଦ୍ରାପଡ଼ା ଜିଲ୍ଲା ସହ ସଂଯୋଜକ ଅଭିଜିତ ସାମଲଙ୍କ ନେତୃତ୍ୱରେ ଭଉଣୀ କାର୍ଯ୍ୟକର୍ତ୍ତା ସନ୍ଧ୍ୟାରାଣୀ ପଟ୍ଟନାୟକ, କଲ୍ୟାଣୀ ପାହିଲ୍, ସରୋଜିନୀ ଦାସ ଏବଂ ସରସ୍ୱତୀ ଲେଙ୍କାଙ୍କ ଦ୍ୱାରା ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟର ସମସ୍ତ ଛାତ୍ରୀମାନଙ୍କ ଠାରୁ ଯବାନଙ୍କ ପାଇଁ ଏହି ରାକ୍ଷୀ ସଂଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧମରେ ରାକ୍ଷୀ ସଂଗ୍ରହ ସହ ଛାତ୍ରୀ ମାନେ ହାତ ଲେଖା ଚିଠି ସଂଗ୍ରହ କରି ଭାରତୀୟ ଡାକ ମାଧମରେ ଭାରତୀୟ ସୀମାକୁ ପଠାଇ ଦିଆ ଯାଇଛି। ଭାରତ ମାତାର ସୁରକ୍ଷା ପାଇଁ ସୀମାରେ କାର୍ଯ୍ୟରତ ଯବାନଙ୍କ ଉଦ୍ଦେଶ୍ୟରେ ଏମିତି ନିଆରା ଢଙ୍ଗରେ ରକ୍ଷା ବନ୍ଧନ ପାଳନ କରିବା ପାଇଁ ପ୍ରୟାସ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ଅଧାପକ ଓ ଅଧାପିକା।

## ମଣିକୁଣ୍ଡାରେ ପଞ୍ଚାୟତସ୍ତରୀୟ ବୈଠକ



**ମହାକାଳପଡ଼ା,୬।୮(ସଂଚାର ବ୍ୟୁରୋ):** ନିର୍ବାଚନ ମଣ୍ଡଳୀ ବିଜେପି ତରଫରୁ ମାର୍ଶାଘାଇ ମଣ୍ଡଳ ଅନ୍ତର୍ଗତ ମାର୍ଶାଘାଇ ପଞ୍ଚାୟତ ଓ ମଣିକୁଣ୍ଡା ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମାର୍ଶାଘାଇ ମଣ୍ଡଳ ସଭାପତି ରଶ୍ମି ରଞ୍ଜନ ରାଉତରାୟ ଯୋଗ ଦେଇ ପଞ୍ଚାୟତର ପ୍ରମୁଖ ଓ ବୁଥ ସ୍ତରୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ନେତୃମଣ୍ଡଳୀକୁ ନେଇ ଦଳର ଆଗାମୀ କାର୍ଯ୍ୟକ୍ରମ ଓ ସଧାରଣ ଲୋକଙ୍କ ମୌଳିକ ସମସ୍ୟା ତା ସହିତ ସାଂଗଠନିକ ବିସ୍ତାର ବିଷୟରେ ଉପସ୍ଥିତ ଶତାଧିକ କାର୍ଯ୍ୟକର୍ତ୍ତା ଙ୍କ ସହିତ ଆଲୋଚନା କରିଥିଲେ।ଆଗାମୀ ଦିନରେ ମହାକାଳପଡ଼ା ବିଧାୟକ ମାନ୍ୟବର ଦୁର୍ଗା ପ୍ରସନ ନାୟକଙ୍କ ସହିତ ରହି ତାଙ୍କ ହାତ ମୁଠାକୁ ଟାଣ କରିବାକୁ ଉପସ୍ଥିତ ଥିବା କାର୍ଯ୍ୟକର୍ତ୍ତା ମାନେ ନିଷ୍ପତ୍ତି ନେଇଥିଲେ। ତୃଣ ମୂଳ ସ୍ତରରୁ ଡବଲ ଇଂଜିନ ସରକାରର ବିକାଶ ମୂଳକ କାର୍ଯ୍ୟ କିପରି ଲୋକଙ୍କ ପାଖରେ ପହଞ୍ଚିବ ସେ ଦିଗରେ ସମସ୍ତେ କାର୍ଯ୍ୟ କରିବେ ବୋଲି ସୂଚନା ଦେଇଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ମାର୍ଶାଘାଇ ପଞ୍ଚାୟତ ସଭାପତି ଅରୁଣ କୁମାର ରାଉତ, ମଣିକୁଣ୍ଡା ବିଭୁତି ଭୁଷଣ ରାଉତଙ୍କ ସହିତ ସମସ୍ତ ବୁଥ ସଭାପତି ମାନଙ୍କ ମଧ୍ୟରେ ଆଲୋକ କୁମାର ଜେନା, ତାପସ କୁମାର ପଣ୍ଡା, ନିରଞ୍ଜନ ସ୍ୱାଇଁ, ପ୍ରତାପ ପରିଡା, ଦେବୀ ପ୍ରସନ ବେହେରା, ଜିତେନ୍ଦ୍ର ସ୍ୱାଇଁ, ଦୟାନିଧି ସ୍ୱାଇଁ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହିତ ସଫଳ କରିଥିଲେ।

## ହାଇକୋର୍ଟ ବିଚାରପତିଙ୍କୁ ଭେଟିଲେ ଜିଲ୍ଲା ଓକିଲ ସଂଘ

**କେନ୍ଦ୍ରାପଡା, ୬।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘର କର୍ମକର୍ତାମାନେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ନୂତନ ଭାବେ ନିଯୁକ୍ତି ପାଇଥିବା ଆଡମିଷ୍ଟ୍ରେଟିଭ୍ ବିଚାରପତି ସଞ୍ଜୟ କୁମାର ମିଶ୍ରଙ୍କୁ ଭେଟି ସମ୍ବର୍ଦ୍ଧନା ଦେବା ସହ ଜିଲ୍ଲା ଓକିଲ ସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାକୁ ସମାଧାନ କରିବା ପାଇଁ ଜିଲ୍ଲା ଓକିଲ ସଂଘ ସଭାପତି ଗୋବର୍ଦ୍ଧନ ରାଉତ, ସଂପାଦକ ନୃସିଂହ ଚରଣ ରାଉତ ଅନୁରୋଧ କରିଛନ୍ତି। ଏହି ଆଲୋଚନା ସମୟରେ ଉପ ସଭାପତି ହାଡିବନ୍ଧୁ ସିଂହ, ସହ ସଂପାଦକ ବିନୋଦ କୁମାର ବେହେରା, ଦିନେଶ ରାୟଙ୍କ ସହିତ ଜିଲ୍ଲା ଓକିଲ ସଂଘର ସଭ୍ୟ/ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ।



## ୬୬୨ ବର୍ଗ କଲେଜ ଅଧ୍ୟାପକଙ୍କ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**କେନ୍ଦ୍ରାପଡା, ୬।୮(ସଂଚାର ବ୍ୟୁରୋ):** ନିଖିଳ ଓଡିଶା ୬୬୨ ଅନୁଦାନ ପ୍ରାପ୍ତ ବେସରକାରୀ ଅଧାପକ କର୍ମଚାରୀ ସଂଘର କେନ୍ଦ୍ରାପଡା ଜିଲ୍ଲା ଶାଖାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର କେନ୍ଦ୍ରାପଡା ଜିଲ୍ଲପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦୀର୍ଘ ବର୍ଷ ହେଲା ଏହି ବର୍ଗର କଲେଜ ଅଧାପକ/ଅଧାପିକା ଓ ଅନ୍ୟ କର୍ମଚାରୀ ମାନେ ଯୁକ୍ତ୨ ଓ ଯୁକ୍ତ୩ କଲେଜ ମାନଙ୍କରେ କାର୍ଯ୍ୟ କରି ଆସୁଥିବା ବେଳେ ରାଜ୍ୟ ସରକାର ବ୍ଲକ ଗ୍ରାଣ୍ଟ ମାଧମରେ ସେମାନଙ୍କୁ ଅଳ୍ପ କିଛି ପାରିଶ୍ରମିକ ଦେଇ ଆସୁଛନ୍ତି। ମାତ୍ର ଏହି କର୍ମଚାରୀ ମାନେ ଅବସର ନେବାପରେ କୌଣସି ଅବସରକଳୀନ ପେନଶନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ନଥିବାରୁ ଦୁସ୍ଥ ପରିସ୍ଥିତିରେ ଜୀବିକା ନିର୍ବାହ କରୁଛନ୍ତି। ଏ ବିଷୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଚାର କରି ଏହି ବର୍ଗର କଲେଜ ଅଧାପକ/ଅଧାପିକା ଓ ଅନ୍ୟ କର୍ମଚାରୀ ମାନଙ୍କ ପ୍ରତି ଅବସର କାଳୀନ ପେନଶନ ଲାଗୁ କରିବା ପାଇଁ ଦାବି କରାଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ବସନ୍ତ କୁମାର ମିଶ୍ର, ରସାନନ୍ଦ ମହାନ୍ତି, ବିକାଶ ଚନ୍ଦ୍ର ଦାସ, ଭଗବତୀ ରାଉତ, ପୁଷ୍ପିତା ବିଶ୍ୱାଳ, କିନୁ ଚରଣ ପ୍ରଧାନ, ରବିନ୍ଦ୍ର କୁମାର ରାଉତ, ବିଭୂତି ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ରାଫ୍ଟମ୍ୟାନ ନଥିବାରୁ ହୋଇପାରୁନି ଜମି ଖର୍ଦ୍ଦି ବିକ୍ରି

**କେନ୍ଦ୍ରାପଡା,୬।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜକନିକା ତହସିଲରେ ଦୀର୍ଘ ୪ ବର୍ଷ ହେଲା ଡ୍ରାଫ୍ଟମ୍ୟାନ ନଥିବାରୁ ପ୍ରାୟ ୧୦ଟି ରାଜସ୍ୱ ଗ୍ରାମର ଜମି ଖର୍ଦ୍ଦି ବିକ୍ରି ହୋଇପାରୁ ନଥିବାରୁ ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସମାଜସେବୀ ନଳିନୀକାନ୍ତ ପୃଷ୍ଟି ଜିଲ୍ଲାପାଳଙ୍କୁ ଭେଟି ଡ୍ରାଫ୍ଟମ୍ୟାନ ନିଯୁକ୍ତି ଦେବାପାଇଁ ଦାବି କରିଛନ୍ତି। ଦାବି ମୁତାବକ ୨୦୨୨ ମସିହା ରୁ ବଳରାମ ପୁର ସମେତ ୧୦ଟି ରାଜସ୍ୱ ଗ୍ରାମ ର ଜମି ବିକା କିଣା ବନ୍ଦ ଥିବାରୁ ଶ୍ରୀ ପୃଷ୍ଟି ଆଜି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅନୁରୋଧ କରିଛନ୍ତି। ଏହି ୧୦ଟି ମୌଜାରେ ବିକା କିଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସାଧାରଣ ଲୋକେ ମେଡିକାଲ୍ ଖର୍ଚ୍ଚ, ପିଲାଙ୍କ ଉଚ୍ଚ ଶିକ୍ଷା, କନ୍ୟା ବିବାହ ଆଦି ପାଇଁ ନିଜର ସ୍ଥାବର ସମ୍ପତି ବିକ୍ରି ଜରୁରୀ ଥିବା ବେଳେ ସୀମା ନିର୍ଦ୍ଧାରଣ ସଂଶୋଧନ ଜନିତ ଅହେତୁକ ବିଳମ୍ବ ହେବାରୁ ସାଧାରଣରେ ଚିନ୍ତାର କାରଣ ହୋଇଛି। ଜିଲ୍ଲପାଳ ତୁରନ୍ତ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସାରିବାକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକଙ୍କୁ ଏହାର ବ୍ୟବସ୍ଥା କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି।

**ଉପୋଭୋକ୍ତାଙ୍କୁ ଠକୁଛି ଦାନପୁର ଉପଖଣ୍ଡ ବିଦ୍ୟୁତ୍ ବିଭାଗ**

## ୨୩୦ ବଦଳରେ ଦେଉଛି ୧୦୦ ଭୋଲ୍ଟେଜ

**ପଚାରିଲେ ଉପରୁ ଭୋଲ୍ଟେଜ ଆସୁନି କହି ଲଣ୍ଠନ ଦେଖାଉଛି**



**କେନ୍ଦ୍ରାପଡ଼ା, ୬।୮(ସଂଚାର ବ୍ୟୁରୋ):** ଡେରାବିଶ ଏବଂ କେନ୍ଦ୍ରାପଡ଼ା ବ୍ଲକ ଅଧିନସ୍ଥ ପ୍ରାୟ ୩୫ ଖଣ୍ଡ ଗ୍ରାମର ବିଦ୍ୟୁତ୍ ଉପୋଭୋକ୍ତାଙ୍କୁ ଦାନପୁର ଉପଖଣ୍ଡ ବିଦ୍ୟୁତ୍ ବିଭାଗ ଠକୁଥିବା ନେଇ ଅଭିଯୋଗ ହୋଇଛି। ବର୍ଷ ବର୍ଷ ଧରି ଏହିପରି ହେଉଥିବା ଦର୍ଶାଇ ଭାଣ୍ଡିଲୋ ଗ୍ରାମର ଉପୋଭୋକ୍ତା ଗତକାଲି କେନ୍ଦ୍ରାପଡ଼ା ଡିଭିଜନ-୧ ବିଦ୍ୟୁତ୍ ବିଭାଗର ପରିଚାଳକ ପ୍ରତାପ କୁମାର ସ୍ୱାଇଁ ଙ୍କୁ ଭେଟି ଅଭିଯୋଗ କରିବା ସହ ସମସ୍ୟା ବିଷୟରେ ଅବଗତ କରାଇଛନ୍ତି। ଅଭିଯୋଗ ମୁତାବକ କେନ୍ଦ୍ରାପଡ଼ା -୧ ଖଣ୍ଡ ଅଧୀନରେ ଥିବା ଦାନପୁର ଉପଖଣ୍ଡର ବିଦ୍ୟୁତ୍ ବିତରଣ ଗ୍ରାମ ଗୁଡିକ ମଧରେ ଭାଣ୍ଡିଲୋ ଗ୍ରାମର ଉପୋଭୋକ୍ତା ମାନେ ବର୍ଷ ବର୍ଷ ଧରି ସେମାନଙ୍କ ପୁରା ବିଦ୍ୟୁତ୍ ବିଲ୍ ଦେଉଥିବା ବେଳେ ସେମାନଙ୍କର ହକ୍ ର ବିଦ୍ୟୁତ୍ ଭୋଲ୍ଟେଜ ୨୩୦ ଭୋଲ୍ଟେଜ ପାଇ ପାରୁନାହାନ୍ତି। ଗ୍ରାମରେ ଲାଗିଥିବା ଏକ ୬୩ କେଭିଏ ଟ୍ରାନ୍ସଫର୍ମର ଓଭର ଲୋଡ ଥିବା ସତ୍ତ୍ୱେ ଦାନପୁର ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟର କିଛି କର୍ମଚାରୀ ମନ ଇଚ୍ଛା ବାଣିଜ୍ୟିକ ବିଦ୍ୟୁତ୍ ବିତରଣ କରି ଗ୍ରାମରେ ଥିବା ଘରୋଇ ଉପୋଭୋକ୍ତା ଙ୍କୁ ଏହିପରି ଅସୁବିଧାରେ ପକାଉଛନ୍ତି। ଯନ୍ତ୍ରୀଙ୍କୁ ଏ ବିଷୟରେ ପଚାରିବାରୁ ଯନ୍ତ୍ରୀ କିଛି ଜାଣି ନାହାନ୍ତି ଏବଂ ଏପରି କରିବାକୁ ନିର୍ଦ୍ଦେଶ ଦେଇ ନାହାନ୍ତି କହୁଥିବା ବେଳେ ଏହା କେବଳ ଭାଣ୍ଡିଲୋ ଗ୍ରାମର ସମସ୍ୟା ନୁହେଁ ବରଂ ଦାନପୁର ଉପଖଣ୍ଡ ବିଦ୍ୟୁତ୍ ବିଭାଗ ଅଧିନରେ ଥିବା ୩୫ ଖଣ୍ଡ ଗ୍ରାମର ସମସ୍ୟା ଏବଂ ଉପରୁ ଅର୍ଥାତ୍ ଟାଟା ପାୱାର ତରଫରୁ ଦିଆଯାଉଥିବା ୧୧୦୦୦ ଭୋଲ୍ଟେଜ ସମ୍ପୂର୍ଣ୍ଣ ଆସୁନଥିବାରୁ ଏପରି ହେଉଛି ବୋଲି ନିଜେ ଯନ୍ତ୍ରୀ କହିଥିବା ବେଳେ ଲାଞ୍ଚ ନେଇ କିଛି କର୍ମଚାରୀଙ୍କ ସମେତ ନିଜେ ଯନ୍ତ୍ରୀ ଟ୍ରାନ୍ସଫର୍ମର କୁ ୧୦୦ ପ୍ରତିଶତ ଓଭର ଲୋଡ କରୁଥିବାରୁ ଏପରି ଭୋଲ୍ଟେଜ ସମସ୍ୟା ଦେଖା ଯାଉଛି ବୋଲି ଗ୍ରାମବାସୀ କହିଛନ୍ତି।

## ରାଜସ୍ୱ ସମୀକ୍ଷା ବୈଠକ,ଗଚ୍ଛିତ ବାଲି ଜବତ କରିବା ପାଇଁ ଗୁରୁତ୍ୱ



**କେନ୍ଦ୍ରାପଡା,୬।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଉପ ଜିଲ୍ଲପାଳ ଅରୁଣ କୁମାର ନାୟକଙ୍କ ଅଧକ୍ଷତାରେ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ କରିବା, ଭୂମିହୀନ ମାନଙ୍କୁ ପଟା ପ୍ରଦାନ, ରାଜସ୍ୱ ଆଦାୟ, ଆମ ଗାଁ ତହସିଲ କାର୍ଯ୍ୟକ୍ରମର ସମୀକ୍ଷା, ଖଣି ଅଧିକାରୀ ଓ ତହସିଲଦାର ଉଭୟ ମିଶି ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଚ୍ଛିତ ଥିବା ବାଲିକୁ ଜବତ କରିବା, ବେଆଇନ ଭାବେ ବାଲି ସୈରାତ ଓ ମାଟି ଉଠାଉଥିବା ଗାଡି ଗୁଡିକୁ ଜବତ କରିବା ନେଇ ଆଲୋଚନା କରାଯାଇଛି। ଏଥି ସହିତ ଜିଲ୍ଲାରେ ବେଆଇନ ଭାବେ ବିକ୍ରି ହେଉଥିବା ଚୋରା ମଦ କାରବାର ବନ୍ଦ କରିବାକୁ ଉପ ଜିଲ୍ଲାପାଳ ଶ୍ରୀ ନାୟକ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ସପ୍ତାହରେ ଜିଲ୍ଲା ସଡକ ସୁରକ୍ଷା ଓ ପରିବହନ ବିଭାଗକୁ ବିନା ହେଲମେଟରେ ଚଲାଉଥିବା ମଟର ସାଇକେଲ ଓ ପ୍ରଦୂଷଣ ସୃଷ୍ଟି କରୁଥିବା ମଟର ସାଇକେଲ ର ସାଇଲେନସର ପାଇପକୁ ବାହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର, ଖଣି ଅଧିକାରୀ, ପରିବହନ ଅଧିକାରୀ (ଆରଟିଓ), ଅବକାରୀ ଅଧିକାରୀଙ୍କ ସହିତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ



**ପଟ୍ଟାମୁଣ୍ଡାଇ,୬।୮(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୦ନଂ ୱାର୍ଡ ମହାଜନସାହି ନିକଟସ୍ଥ ଦଳିତ ସାହିର ସହଦେବ ମଳିକ (୭୬) ପୋଖରୀକୁ ଗାଧୋଇବାକୁ ଯାଇ ଗୋଡ଼ ଖସି ଯିବାରୁ ପୋଖରୀର ଗଭୀର ଜଳରେ ବୁଡି ପ୍ରାଣ ହରାଇଛି ଓ ତାଙ୍କୁ ମୁମୂର୍ଷ ଅବସ୍ଥାରେ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ଓ ମାତ୍ର ଡାକ୍ତର ମୃତ ଘୋଷଣା କରିଥିଲେ ଓ ମୃତ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

## କମ୍ୟୁନିଟି ପୁଲିସ କ୍ରିୟାଶୀଳ ସମ୍ପର୍କିତ କାର୍ଯ୍ୟକ୍ରମ




**ମହାକାଳପଡ଼ା, ୬।୮(ସଂଚାର ବ୍ୟୁରୋ):** ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଖରିନାଶି ରେଡ କ୍ରସ ପଡ଼ିଆ ଠାରେ ଜିଲ୍ଲା ପୋଲିସ ପକ୍ଷ ରୁ କମ୍ୟୁନିଟି ପୋଲିସ ଆକ୍ଟିଭିଟି ପୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଉପଖଣ୍ଡ ପୋଲିସ ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡ଼ ଯୋଗ ଦେଇଥିଲେ। ପୋଲିସ ଓ ସାଧାରଣ ଲୋକ ଙ୍କ ମଧରେ ସୁସମ୍ପର୍କ ସ୍ଥାପନ କରିବା ଏହି କାର୍ଯ୍ୟକ୍ରମ ର ମୁଖ୍ୟ ଉଦ୍ଦେଶ୍ୟ।ବିଭିନ୍ନ ସମବାୟ ବ୍ୟାଙ୍କ, ସାଇବର ଠକେଇ ଓ ମୋବାଇଲ ଫୋନ ରେ ବିଭିନ୍ନ ପ୍ରକାର ଗେମ ଖେଳି ଯେପରି ଲୋକମାନେ ଠକାମୀ ର ଶିକାର ନ ହେବେ ସେଥିପ୍ରତି ସତର୍କ କରିବାକୁ ଏସଡିପିଓ ଓ ସାମୁଦ୍ରିକ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ସୌମ୍ୟ ରଞ୍ଜନ ବିଶ୍ୱାଳ ଲୋକଙ୍କୁ ସଚେତନତା କରାଇଥିଲେ ଓ ସାମୁଦ୍ରିକ ଥାନା ଅଧୀନ ଗାଁ ଗୁଡିକରେ ଲୁକାୟିତ ପ୍ରତିଭା ମାନଙ୍କୁ ଲୋକ ଲୋଚନ କୁ ଆଣିବା ସହ ସ୍ଥାନୀୟ ବିଦ୍ୟାଳୟର କୁନି କୁନି ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଂଗୀତ, ନୃତ୍ୟ ପରିବେଷଣ ହୋଇଥିଲା। କୁନି କୁନି ପ୍ରତିଭାବାନ କଳା କାର ମାନଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନିତ କରିଥିଲେ। ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଜମ୍ବୁ ସାମୁଦ୍ରିକ ଥାନା ର ରାମଚନ୍ଦ୍ର ଦାଶ, ସଞ୍ଜୀବ କୁମାର ଖଟୁଆ, ବାପୁଜୀ ଶେଖର ପଲାଇ, ବୈଲୋଚନ ଧଳ ପ୍ରମୁଖ ପଦାଧିକାରୀ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ ରେ ସ୍ଥାନୀୟ ସରପଞ୍ଚ ବନିତା ରାଉତ, ପିଏସ ମେମ୍ବର ରିତା ରକ୍ଷିତ, ସାମାଜିକ କର୍ମୀ ବଷ୍ଟି ଦେବନାଥ ପ୍ରମୁଖ ଉପସ୍ଥିତ ଥିଲେ।

## ଦରଦୀ ମଣିଷ ହେମନ୍ତ ଅସହାୟଙ୍କ ମୁହଁରେ ଫୁଟାଉଛନ୍ତି ହସ



**ମାର୍ଶାଘାଇ,୬।୮(ସଂଚାର ବ୍ୟୁରୋ):** ପେଶାରେ ଜଣେ ଠିକାଦାର ଓ ଟ୍ରେଡର୍। ହେଲେ ନିଶା ତାଙ୍କର ସମାଜସେବା। ଜଣେ ମିଳାପୀ, ମିଷ୍ଟଭାଷୀ ଓ ଉଚ୍ଚ ଶିକ୍ଷିତ ହେମନ୍ତ ସାଧାରଣ ଲୋକଙ୍କ ସମସ୍ୟା ଓ ଦୁଃଖ ଦେଖିଲେ ନିଜେ ବିଚଳିତ ହୋଇ ପଡନ୍ତି। କେମିତି ତାହାର ସମାଧାନ ହୋଇ ପାରିବ ବ୍ୟକ୍ତିଗତ ସହାୟତା ଯୋଗାଇ ତାହାର ସମାଧାନ କରି ଅଞ୍ଚଳରେ ଜଣେ ଯୁବ ଆଦର୍ଶ ଭାବରେ ନିଜକୁ ପରିଚିତ କରି ପାରିଛନ୍ତି। ଯେଉଁଥିପାଇଁ ସେ ସମସ୍ତଙ୍କ ଗହଣରେ ଆଦୃତ ହୋଇଛନ୍ତି। ମାର୍ଶାଘାଇ ବ୍ଲକ୍ ଅଧୀନ କୁହୁଡ଼ି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଥାଉରୀ ଗ୍ରାମର ଦିଲ୍ଲୀପ ନାୟକଙ୍କ ପୁଅ ହେଉଛନ୍ତି ହେମନ୍ତ ନାୟକ। ୨୯ ବର୍ଷୀୟ ହେମନ୍ତ ଛାତ୍ର ଜୀବନରୁ ବିଭିନ୍ନ ସାମାଜିକ ସଙ୍ଗଠନ ସହିତ ଜଡିତ ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଆସୁଛନ୍ତି। ଅଞ୍ଚଳର ସାଧାରଣ, ଅସହାୟ ଓ ଦୁଃଖୀ ଲୋକଙ୍କ ସମସ୍ୟା ଦେଖିଲେ ନିଜେ ପାଲଟି ଯାଆନ୍ତି ସମାଧାନର ମାଧମ। ନିଜର ବ୍ୟକ୍ତିଗତ ସହଯୋଗ ମାଧମରେ ସେ ଦୁଃଖୀ ଆଖିରୁ ଲୁହ ପୋଛି ଓଠରେ ହସ ଫୁଟାନ୍ତି। କେହି ବ୍ୟକ୍ତି ଅସୁବିଧାରେ ଥିବା ଜାଣିବାକୁ ପାଇଲେ ସେ ତ୍ୱରିତ ତାହାର ସ୍ଥାୟୀ ସମାଧାନ ପାଇଁ ସର୍ବଦା ପ୍ରଚେଷ୍ଟା କରି ସମାଧାନର ରାସ୍ତା କାଢନ୍ତି। ସାଦାସିଧା ଜୀବନ ଜୀଉଥିବା ହେମନ୍ତ ଅଞ୍ଚଳରେ ଲୋକଙ୍କ ପାଇଁ ଜଣେ ଜଣାଶୁଣା ସମାଜସେବୀ ଭାବରେ ନିଜକୁ ପରିଚିତ କରିପାରିଛନ୍ତି। ହେମନ୍ତଙ୍କର ଏହି ସହଯୋଗୀ ମନୋଭାବ ପାଇଁ ସେ ବିଭିନ୍ନ ମହଲରୁ ପ୍ରଶଂସିତ ହେଉଛନ୍ତି।

# କେନ୍ଦୁଝରର ଝିଅ ହେଲେ ରଜ କୁଇନ୍



**କେନ୍ଦୁଝର,୬।୮(ସଂଚାର ବ୍ୟୁରୋ):** ଜିଲ୍ଲା ତଥା ସମଗ୍ର ରାଜ୍ୟ ପାଇଁ ଆଣିଲେ ଗୌରବ। ଧରଣୀଧର ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ତୃତୀୟ ବର୍ଷର କଳା ଛାତ୍ରୀ ସ୍ୱର୍ଣ୍ଣପ୍ରଭା ମହାନ୍ତ ଏକ ଘରୋଇ ଟିଭି ତରଫରୁ ଆୟୋଜିତ ପ୍ରତିଯୋଗିତାରେ ରାଜ୍ୟର ଅନ୍ୟ ପ୍ରତିଯୋଗୀମାନଙ୍କୁ ପଛରେ ପକାଇ ଏ ବର୍ଷର "ରଜ କୁଇନ୍" ମୁକୁଟ ପିନ୍ଧିଛନ୍ତି । ତେବେ ଅଭିନେତ୍ରୀ ହେବାର ସ୍ୱପ୍ନ ଦେଖୁଥିବା ଝିଅମାନେ ରଜ କୁଇନରେ ଭାଗ ନେଇଥାଆନ୍ତି । ପ୍ରତିଯୋଗୀମାନେ ବିଭିନ୍ନ ପର୍ଯ୍ୟାୟରେ ନିଜର କଳା ପ୍ରଦର୍ଶନ କରି ଶେଷ ପର୍ଯ୍ୟାୟରେ ଅର୍ଥାତ ଗ୍ରାଣ୍ଡ ଫିନାଲେରେ ପହଞ୍ଚି ବିଜେତା ହୋଇ ରଜ କୁଇନ୍ ମୁକୁଟ ପିନ୍ଧିଥାନ୍ତି ।

ଚମ୍ପୁଆ ବ୍ଲକ ଜଡ଼ିପଦା ଗାଁର ବାପା ରସିକଲାଲ ଓ ମା' ଦୀପ୍ତିରାଣୀଙ୍କ ଝିଅ ସ୍ୱର୍ଣ୍ଣପ୍ରଭାଙ୍କର ପିଲାଟି ବେଳୁ ନୃତ୍ୟ ପ୍ରତି ଥିଲା ଆଗ୍ରହ । ଝିଅର ଆଗ୍ରହ ଦେଖି ପିତା, ମାତା ଝିଅକୁ ନୃତ୍ୟଶିକ୍ଷା ପାଇଁ ପ୍ରୋତ୍ସାହିତ କରିଥିଲେ । ପାଠପଢ଼ା ସହ ଆଗାମୀ ଦିନରେ ଜଣେ ଭଲ କଳାକାର ହେବାର ଲକ୍ଷ୍ୟ ରଖିଥିବା କହିଛନ୍ତି ସ୍ୱର୍ଣ୍ଣପ୍ରଭା । ଏଥିସହ, କେନ୍ଦୁଝର ଜିଲ୍ଲା ଭଳି ଏକ ଆଦିବାସୀ ବହୁଳ ଜିଲ୍ଲାରୁ ସେ ରଜକୁଇନ୍ ପ୍ରତିଯୋଗିତାରେ ବିଜୟୀ ହୋଇଥିବା କାରଣରୁ ଭବିଷ୍ୟତରେ ସେ କେବଳ ରାଜ୍ୟରେ ନୁହେଁ, ସମଗ୍ର ଦେଶରେ ସୁନାମ ଅର୍ଜନ କରନ୍ତୁ ବୋଲି କହିଛନ୍ତି ଧରଣୀଧର ବିଶ୍ୱବିଦ୍ୟାଳୟର ଓଏସଡି। ସ୍ୱର୍ଣ୍ଣପ୍ରଭା ରଜ କୁଇନ୍ ମୁକୁଟ ପିନ୍ଧିବା ପରେ ତାଙ୍କ ପାଇଁ ଚାରିଆଡୁ ଛୁଟୁଛି ଶୁଭେଚ୍ଛାର ସୁଅ ।

● ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କ ସହ ଏଡିବି କଣ୍ଟ୍ରି ନିର୍ଦ୍ଦେଶକଙ୍କ ସାକ୍ଷାତ

# ବାସଯୋଗ୍ୟ ସହର ମିଶନକୁ ସମର୍ଥନ ନେଇ ଆଲୋଚନା



**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):** ଏସୀୟ ବିକାଶ ବ୍ୟାଙ୍କ (ଏଡିବି)ର କଣ୍ଟ୍ରି ନିର୍ଦ୍ଦେଶକ ମିସ୍ ଏମଆଇଓ ଓକା ଆଜି ଖାରବେଳ ଭବନଠାରେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସହରାଞ୍ଚଳ ପରିବର୍ତ୍ତନର ପ୍ରମୁଖ କ୍ଷେତ୍ରରେ ଏଡିବି ଏବଂ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ମଧ୍ୟରେ ବୈଷୟିକ ସହଯୋଗକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ସ୍ଥାୟୀ ସହର ଅଭିବୃଦ୍ଧିକୁ ସହାୟତା କରିବା ସହ ରାଜ୍ୟର ବିଭିନ୍ନ ସହରର ଜୀବନଧାରଣ କ୍ଷମତା ବୃଦ୍ଧି ପାଇଁ ଏକ ବ୍ୟାପକ ସହରାଞ୍ଚଳ ପରିବହନ ଯୋଜନା ପ୍ରସ୍ତୁତି ଉପରେ ମଧ୍ୟ ଆଲୋଚନା ହୋଇଛି। ଭାରତ ସରକାରଙ୍କଠାରୁ ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ପାଇବାରେ ବିଭାଗକୁ ସହାୟତା କରିବା ଓ ଓଡ଼ିଶାର ବିକଶିତ ସହରାଞ୍ଚଳ ଆବଶ୍ୟକତା ପାଇଁ ବୈଷୟିକ ସହାୟତା ସହ ଜ୍ଞାନ ସହାୟତା ପ୍ରଦାନ କରିବାକୁ ଆଲୋଚନା ସମୟରେ ମିସ୍ ଓକା ଇଚ୍ଛା ପ୍ରକାଶ କରିଛନ୍ତି। ଏଥିସହ ଭବିଷ୍ୟତରେ ସହରାଞ୍ଚଳ ଆହ୍ୱାନର ମୁକାବିଲା କରିବା ଏବଂ ରାଜ୍ୟର ସହରାଞ୍ଚଳରେ ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ସମନ୍ୱିତ ଯୋଜନା, ଅଭିନବ ଅର୍ଥ ଯୋଗାଣ ଏବଂ ଦକ୍ଷତା ବିକାଶର ଆବଶ୍ୟକତା ଉପରେ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଛନ୍ତି। ବୈଠକ ଓଡ଼ିଶାରେ ସମାବେଶୀ, ନମନୀୟ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସହରାଞ୍ଚଳ ବିକାଶ ପାଇଁ ଭାଗିଦାରୀକୁ ସୁଦୃଢ଼ କରିବା ଦିଗରେ ଏକ ପଦକ୍ଷେପ ବୋଲି କୁହାଯାଇଛି।

# ସପ୍ତାହରେ ଦୁଇ ଥର ଆମ ବସ୍‌ରେ ଯାତ୍ରା କରିବେ କ୍ରୁଟ୍ ଅଧିକାରୀ

## ଖୁବ୍‌ଶୀଘ୍ର ଆସିବ ଅନ୍‌ଲାଇନ୍ ମତାମତ ଫର୍ମ

**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):** ଆମ ବସ୍ ସେବାରେ ସାଧାରଣ ଯାତ୍ରୀଙ୍କ ଯାତ୍ରା ଅଭିଜ୍ଞତା ବୃଦ୍ଧି ନେଇ କ୍ରୁଟ୍ ପକ୍ଷରୁ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଏନ୍ ଥିରୁମାଲା ନାଏକ କ୍ରୁଟ୍‌ର ସମସ୍ତ ସଦସ୍ୟମାନଙ୍କୁ ସପ୍ତାହରେ ଅନ୍ତତଃ ଦୁଇଥର ଆମବସ୍‌ରେ ଯାତ୍ରା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବସ୍‌ରେ ଯାତ୍ରା କରି ବିସ୍ତୃତ ଅନ୍‌ଲାଇନ୍ ଫର୍ମ ମାଧ୍ୟମରେ ଆମବସ୍‌ର ପ୍ରତ୍ୟେକ ସେବାର ସ୍ୱରୂପ ଉପରେ ମତାମତ ସଂଗ୍ରହ ହେବ। ମତାମତକୁ ଆଧାର କରି ଯଥାସମ୍ଭବ ସେବାର ଉନ୍ନତୀକରଣ ପାଇଁ କାର୍ଯ୍ୟ କରାଯିବ। ଡକ୍ଟର ନାୟକ ଆଜି ନିଜେ କ୍ରୁଟ୍‌ର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ରୁଟ୍ ବସ୍‌ରେ କ୍ରୁଟ୍ କାର୍ଯ୍ୟାଳୟରୁ ବାହାରି ୧୦ ନମ୍ବର ମାଧ୍ୟମରେ କିଟ୍ ଛକରୁ ଇନ୍‌ଫୋସିଟି ଏବଂ ୧୩ ନମ୍ବର ରୁଟ୍‌ରେ ଟ୍ରାଇଡେଣ୍ଟ ମହାବିଦ୍ୟାଳୟରୁ କେଶରୀ ଟକିଜ୍ ଯାଏଁ ଯାତ୍ରା କରି ପ୍ରକୃତ ଅବସ୍ଥା ପରଖିଛନ୍ତି। ନିଜେ ଟିକେଟ୍ କାଟି ଆମବସ୍‌ରେ ସାଧାରଣ ଯାତ୍ରୀଙ୍କ ଭଳି ଯାତ୍ରା ଅନୁଭୂତି ନେଇଛନ୍ତି। ସେଭଳି ଅନେକ ଯାତ୍ରୀଙ୍କ ସହ ଯୋଗାଯୋଗ କରି ସେମାନଙ୍କ ଯାତ୍ରା ଅଭିଜ୍ଞତା ବିଷୟରେ ସିଧାସଳଖ ମତାମତ ସଂଗ୍ରହ କରିଛନ୍ତି। ପ୍ରଶାସନିକ ସ୍ତରରେ ନିର୍ଣ୍ଣୟ ହେଉଥିବା ଯୋଜନା ଏବଂ ଗ୍ରାଉଣ୍ଡ୍ ସ୍ତରରେ ବାସ୍ତବତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ଏବଂ ସମସ୍ତ ବର୍ଗର ଯାତ୍ରୀମାନଙ୍କ ପାଇଁ ଆମ ବସ୍ ସେବାକୁ ଅଧିକ ସୁଗମ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ସେଭଳି ଅଚାନକ ଯାଞ୍ଚ ରେ, କ୍ରୁଟ୍ ମହା ପ୍ରବନ୍ଧକ ସଞ୍ଜୟ ବିଶ୍ୱାଳ କଟକ ସିଡ଼ିଏ ୯ରୁ ଭୁବନେଶ୍ୱର କଳାରାହାଙ୍ଗ ପର୍ଯ୍ୟନ୍ତ ବସ୍‌ରେ ଯାତ୍ରା କରି ସେବାର ଅବସ୍ଥା ମୂଲ୍ୟାଙ୍କନ କରିଥିଲେ। ଏହି ପଦକ୍ଷେପ ମାଧ୍ୟମରେ ପ୍ରତ୍ୟେକଟି ମତାମତକୁ ଗୁରୁତର ସହିତ ଗ୍ରହଣ କରି ଏହାକୁ ମୂଲ୍ୟାଙ୍କନ କରାଯିବ। ଆମ ବସ୍ ସେବାରେ ରୁଟ୍ ସମ୍ପର୍କିତ ମତାମତ, ଗୋଟିଏ ବସ୍ ପରେ ଅନ୍ୟ ବସ୍‌ର ସମୟ, ଆମବସ୍ ଆପ୍ଲିକେସନ୍, ପ୍ରଯୁକ୍ତିବିଦ୍ୟା ଓ ଜ୍ଞାନ କୌଶଳର ବୃଦ୍ଧି ଭଳି ସାମଗ୍ରିକ ସେବାର ଉନ୍ନତି ଦିଗରେ ମତାମତ ସଂଗ୍ରହ ହେବ। ଯାତ୍ରୀ ଅନୁଭୂତି ପାଇଁ ଆମବସ୍ ମୋବାଇଲ୍ ଆପ୍ଲିକେସନ୍‌ରେ ମଧ୍ୟ ଏକ ମତାମତ ଫର୍ମ ଯୋଡ଼ାହେବ। ଯେଉଁଥିରେ ନିୟମିତ ଭାବେ ବିଭିନ୍ନ ମତାମତକୁ ନେଇ ଆମ ବସ୍ ସେବାକୁ ଉନ୍ନତ କରିବାରେ ସହାୟକ ହେବ।

# ସାରା ରାଜ୍ୟକୁ ବର୍ଷା ଚେତାବନୀ; ୧୧ ଯାଏ କାଟିବ



**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ) :** ଆସନ୍ତା ୨୪ ଘଣ୍ଟାରେ ଓଡ଼ିଶାକୁ ପ୍ରବଳ ବର୍ଷା ଚେତାବନୀ ଦିଆଯାଇଛି। ରାଜ୍ୟରେ ୧୧ ତାରିଖ ପର୍ଯ୍ୟନ୍ତ ଭାରି ବର୍ଷା ହେବ ବୋଲି ଦର୍ଶାଯାଇଛି। ଏଥିସହ ବିଜୁଳି ଘଡ଼ଘଡ଼ି ସହ ଘଣ୍ଟାପ୍ରତି ୩୦- ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ ଚେତାବନୀ। ଆସନ୍ତା ୨୪ ଘଣ୍ଟା ପାଇଁ ସାରା ରାଜ୍ୟରେ ବର୍ଷା ହେବାର ଆଶଙ୍କା ଥିବାବେଳେ ଆସନ୍ତାକାଲି ପାଇଁ ୨୧ ଜିଲ୍ଲା କୁ ଜାରିୟେଲୋ ୱାର୍ଣ୍ଣିଂ ଚେତାବନୀ । ସେହିପରି ୮ ତାରିଖ ବେଳକୁ ଦକ୍ଷିଣ ବଙ୍ଗଳାଦେଶରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଯାହାର ପ୍ରଭାବରେ ବର୍ଷା ହେବ। ଏପଟେ ମୌସୁମୀ ଋତୁରେ ସ୍ୱାଭାବିକ ବର୍ଷା ହୋଇଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟର ୧୧ଟି ଜିଲ୍ଲାକୁ ସତର୍କ ରହିବାକୁ ପରାମର୍ଶ ।

ଆଗାମୀ ୩ ଘଣ୍ଟା ପର୍ଯ୍ୟନ୍ତ ୧୧ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରି ସତର୍କ ରହିବାକୁ ପରାମର୍ଶ ଦେଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ବର୍ଷା ଘଡ଼ଘଡ଼ି ସହ ଝଡ଼ ତୋଫାନର ପୂର୍ବାନୁମାନ କରି କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା, ନୟାଗଡ଼, ଢେଙ୍କାନାଳ, ନବରଙ୍ଗପୁର, ନୂଆପଡ଼ା, ସୋନପୁର, ବରଗଡ଼ ଏବଂ ସମ୍ବଲପୁର ।

ସେପଟେ ୯ ତାରିଖ ସକାଳ ଯାଏ ଓଡ଼ିଶାରେ ବର୍ଷା ସମ୍ଭାବନା ଅଛି। ଅଧା ଓଡ଼ିଶାରେ ବିଜୁଳି, ଘଡଘଡି ସହ ପ୍ରବଳ ବର୍ଷା ହୋଇପାରେ । ଆଜି ବିଜୁଳି, ଘଡଘଡି ସହ ପ୍ରବଳ ବର୍ଷା ପାଇଁ କେନ୍ଦୁଝର, ସୁନ୍ଦରଗଡ଼ ଏବଂ ମୟୂରଭଞ୍ଜକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ଗୁରୁବାର ମଧ୍ୟ ବିଜୁଳି, ଘଡଘଡି ସହ ପ୍ରବଳ ବର୍ଷା ପାଇଁ କେନ୍ଦୁଝର, ସୁନ୍ଦରଗଡ଼ ଏବଂ ସମ୍ବଲପୁରକୁ ୟେଲୋ ଆଲର୍ଟ ଜାରି ହୋଇଛି ।

# ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ମହିଳା କମିଶନ ଅଧ୍ୟକ୍ଷା

**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ) :** ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟିଛନ୍ତି ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି । ମହିଳା କମିଶନ ଅଧ୍ୟକ୍ଷା ଭାବେ ନିଯୁକ୍ତ ପରେ ସୁରେଶ ପୂଜାରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ଶୋଭନା ମହାନ୍ତି। ସରକାର ଯେଉଁ ଗୁରୁଦାୟିତ୍ୱ ଦେଇଛନ୍ତି ନିଷ୍ଠାର ସହ ସେ ତୁଲାଇବେ ବୋଲି କହିଛନ୍ତି। ବାଲେଶ୍ୱର ଏବଂ ପୁରୀ ପ୍ରସଙ୍ଗରେ ନିରପେକ୍ଷ ତଦନ୍ତ ଚାଲିଛି । ଦୋଷୀକୁ କାର୍ଯ୍ୟାନୁଷ୍ଠାନ ନେଇ ପଦକ୍ଷେପ ନିଆଯିବ ବୋଲି ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି ।

# ହୀରା ଲୁଟ୍ ଲାଗି ବ୍ୟବସାୟୀଙ୍କୁ ଗୁଳିମାଡ଼, ଜଣେ ଅଟକ

**ବ୍ରହ୍ମପୁର ୬।୮(ସଂଚାର ବ୍ୟୁରୋ):** ବ୍ରହ୍ମପୁର ବଡବଜାର ଥାନା ଶାସ୍ତ୍ରୀନଗର ପଞ୍ଚମ ଲାଇନରେ ବ୍ୟବସାୟୀଙ୍କ ଉପରକୁ ଗୁଳିକାଣ୍ଡ ହୋଇଛି। ଏହି ଘଟଣାରେ ଜଣଙ୍କୁ ଅଟକ ରଖି ପୋଲିସ ତଦନ୍ତ କରୁଛି । ତିନୋଟି ଟିମ୍ ଗଠନ କରି ପୋଲିସ ତଦନ୍ତ କରୁଛି । ବିଶାଖାପାଟଣାରୁ ମଳୟ ଉପାଧ୍ୟାୟ ନାମକ ବ୍ୟବସାୟୀ ହୀରା ବିକ୍ରି କରିବାକୁ ଆସି ରୁନା ଆଚାରୀଙ୍କ ଘରେ ପହଞ୍ଚିଥିଲେ । ୨୦ ଲକ୍ଷ ଟଙ୍କାରେ ବିକ୍ରି ପାଇଁ ସ୍ଥିର ହୋଇଥିଲା । ପରେ ହୀରାର ଅସଲି ଗୁଣବତ୍ତା ପାଇଁ ଅନ୍ୟ ଦୁଇ ଜଣଙ୍କୁ ଡାକିଥିଲେ ବ୍ୟବସାୟୀ ମଳୟ । ପରେ ଆସିଥିବା ଦୁଇଜଣ ହୀରାକୁ ଲୁଟ୍ କରିବା ଉଦ୍ଦେଶ୍ୟରେ ରୁନା ଆଚାରୀଙ୍କ ସହ ପାଟିତୁଣ୍ଡ କରିଥିଲେ । ପରବର୍ତ୍ତୀ ସମୟରେ ଉତ୍ୟକ୍ତ ହୋଇ ବ୍ୟବସାୟୀ ରୁନା ଆଚାରୀଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳି ଚାଳନା କରିଥିଲେ ବୋଲି କହିଛନ୍ତି ବ୍ରହ୍ମପୁର ଏସ୍‌ପି ସର୍ବଣ ବିବେକ ଏମ୍ । ଏହି ଘଟଣାକଚ ନେଇ ଚାପା ଉତ୍ତେଜନା ଲାଗିରହିଛି।

## ଅନଲାଇନ ନିବେଶରେ ୯ କୋଟି ଠକେଇ: ଯୁବକ ଗିରଫ

**ବ୍ରହ୍ମପୁର ୬।୮(ସଂଚାର ବ୍ୟୁରୋ):** ପୋଲିସ କବଜାରେ ଅନଲାଇନ ଠକ। ଅନଲାଇନ ନିବେଶରେ ୯ କୋଟି ଟଙ୍କାର ଠକେଇ କରିଥିବା ଯୁବକ ଗିରଫ। ଗିରଫ ଯୁବକ ଜଣକ ହେଲେ ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ଦିଗାପଡ଼ାର ଅନୀଲ କୁମାର ମିଶ୍ର । ଅନୀଲଙ୍କ ଠାରୁ ପୋଲିସ ୪ଟି ବ୍ୟାଙ୍କ ପାସବୁକ ଓ ୪ଟି ମୋବାଇଲ ଫୋନ ଜବତ କରିଛି । ବ୍ରହ୍ମପୁର ଆସିକା ରୋଡ଼ର ଅନୁରାଗ ମିଶ୍ରଙ୍କ ଠାରୁ ଅନୀଲ ଠକି ନେଇଛନ୍ତି ୯ କୋଟି ୭୧ ଲକ୍ଷ ୫୫ ହଜାର ୭୩ ଟଙ୍କା । ଟଙ୍କା ନିବେଶ କରି ଅଧିକ ଅର୍ଥ ପାଇବାର ଆଶା ଦେଖାଇଥିଲେ ଅନୀଲ । ବିଭିନ୍ନ ଆକାଉଣ୍ଟରେ ୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦେଇଥିଲେ ଅନୁରାଗ। ପ୍ରଥମେ ଗତ ୨୦୨୪ ଏପ୍ରିଲ ମାସରେ ୨ ଲକ୍ଷ ଟଙ୍କା ଦେଇ ୨ ଲକ୍ଷ ୨୬ ହଜାର ଟଙ୍କା ପାଇଥିଲେ ଅନୁରାଗ । ୨୦୨୪ ମେ ମାସରୁ ୨୦୨୫ ଏପ୍ରିଲ ୧୧ ତାରିଖ ମଧ୍ୟରେ ଅନୁରାଗ ମୋଟ ୯ କୋଟି ୭୧ ଲକ୍ଷ ୫୫ ହଜାର ୭୩ ଟଙ୍କା ନିଜର ଆକାଉଣ୍ଟରୁ ଅନୀଲଙ୍କୁ ଦେଇଥିଲେ । ଏପ୍ରିଲ ୨୦୨୫ ସୁଦ୍ଧା ୩ କୋଟି ଟଙ୍କା ଫେରସ୍ତ ପାଇଥିଲେ ଅନୁରାଗ । କିନ୍ତୁ ୧୧ ଏପ୍ରିଲ ୨୦୨୫ ପରେ ଆଉ ଟଙ୍କା ପାଇନଥିଲେ। ଏନେଇ ଅନୁରାଗ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ । ଅଭିଯୋଗ ପାଇବା ପରେ ଅନୀଲକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଘଟଣାରେ ଅଧିକା ତଦନ୍ତ ଜାରୀ ରହିଛି ।

● ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା

## ୧୪ ଦିନ ବଢ଼ିଲା ଅଧ୍ୟକ୍ଷ ଓ ଏଚ୍‌ଓଡିଙ୍କ ହାଜତ ମିଆଦ

**ବାଲେଶ୍ୱର,୬।୮(ସଂଚାର ବ୍ୟୁରୋ) :** ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ୧୪ ଦିନ ବଢ଼ିଲା ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଓ ଅଧ୍ୟାପକ ସମୀର ସାହୁଙ୍କ ବିଚାର ବିଭାଗୀୟ ହାଜତ ଅବଧି । ଜାମିନ ଆବେଦନ ଖାରଜ ପରେ ୧୪ ଦିନ ଅବଧି ବୃଦ୍ଧି ହୋଇଛି । ପୂର୍ବରୁ ବିଚାର ବିଭାଗୀୟ ହାଜତରେ ରହୁଥିବା ଅବସ୍ଥାରେ ୧୪ଦିନ ପୂରଣ ପରେ ଉଭୟଙ୍କ ଶୁଣାଣି ହୋଇଥିଲା । ଭିସି ଯୋଗେ ହାଜର ହୋଇଥିଲେ ପ୍ରିନ୍ସିପାଲ ଓ ଅଧ୍ୟାପକ। ଉଭୟଙ୍କ ବେଲ୍ ନାମଞ୍ଜୁର ହେବା ସହିତ ଆଉ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତ ସମୟ ବଢ଼ାଇଛନ୍ତି କୋର୍ଟ। ଗତ ୧୨ରେ ଏଚଓଡି ସମୀର ସାହୁ ଗିରଫ ହୋଇଥିଲେ । ପରବର୍ତ୍ତୀ ସମୟରେ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଗିରଫ ହୋଇଥିଲେ ।

● ଯୁକ୍ତ ତିନି ଛାତ୍ରୀଙ୍କ ଆତ୍ମାହୁତି ଘଟଣା

## ପିସିସିର ୮ଜଣିଆ ଅନୁଧ୍ୟାନ କମିଟି ଗଠିତ

**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):** ରାଜ୍ୟରେ ନାରୀ ନିର୍ଯାତନା କ୍ରମାଗତ ଭାବେ ବଢ଼ିଚାଲିଥିବା ବେଳେ ଆଜି କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜନୈକା ଯୁକ୍ତ ତିନି ଛାତ୍ରୀ ପ୍ରେମିକର ନିର୍ଯାତନା ସହି ନପାରି ଆତ୍ମାହୁତି ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ନେଇ ସବିଶେଷ ତଥ୍ୟ ହାସଲ କରିବା ସକାଶେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଆଜି ଏକ ଅନୁଧ୍ୟାନ କମିଟି ଗଠନ କରାଯାଇଛି। ଏହି କମିଟିରେ ୮ ଜଣ ସଦସ୍ୟ ରହିଥିବା ବେଳେ ସେମାନେ ଆସନ୍ତାକାଲି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ପିସିସି ଉପସଭାପତି ସସ୍ମିତା ବେହେରା କମିଟି ଅଧ୍ୟକ୍ଷା ରହିଥିବା ବେଳେ ପିସିସି ସମ୍ପାଦିକା ଡ. ଦେବସ୍ମିତା ଶର୍ମା, ସସ୍ମିତା ପଣ୍ଡା, ପିସିସି ମୁଖପାତ୍ର ସୋନାଲି ସାହୁ, ଡ. ମନୀଷା ଦାଶ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ପିସିସି ପ୍ୟାନେଲିଷ୍ଟ ଅମ୍ରିତା ଦାସ ଓ ମଧୁସ୍ମିତା ଆଚାର୍ଯ୍ୟ ସଦସ୍ୟା ରହିଛନ୍ତି। କମିଟିର ସଦସ୍ୟାମାନେ ଆସନ୍ତାକାଲି ସକାଳେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏକ ରିପୋର୍ଟ ପ୍ରସ୍ତୁତ କରିବେ ବୋଲି ପିସିସି କାର୍ଯାଳୟ ପକ୍ଷରୁ କୁହାଯାଇଛି।

# ଗ୍ରାମୀଣ ସ୍କୁଲରେ ବେଦାନ୍ତର ଋତୁସ୍ରାବ ସ୍ୱଚ୍ଛତା ଓ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଗ୍ରାମାଞ୍ଚଳ ସମ୍ପ୍ରଦାୟରେ ଋତୁସ୍ରାବ ସ୍ୱଚ୍ଛତା ଓ କିଶୋର ସ୍ୱାସ୍ଥ୍ୟକୁ ପ୍ରୋତ୍ସାହନ ପାଇଁ ଏକ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ଏଥିରେ ଷଷ୍ଠରୁ ଦଶମ ଶ୍ରେଣୀର ପ୍ରାୟ ୧୧୦୦ ସ୍କୁଲ୍ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ। ଜାମକାନି, କୁରାଲୋଇ ଓ ଘୋଘରପାଲିର ୧୮ରୁ ଅଧିକ ସ୍କୁଲରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଷୟରେ ବିସ୍ତୃତ ଆଲୋଚନା କରାଯିବା ସହ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆନ୍ତରିକ ଶିକ୍ଷା ଅଧିବେଶନ, ହିଟ ବ୍ୟାଗ ଏବଂ 'ମାସିକ ଋତୁସ୍ରାବ' ଶିକ୍ଷା ପୁସ୍ତିକା ଭଳି ଲିଙ୍ଗ-ସମ୍ବେଦନଶୀଳତା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ଅଧିବେଶନରେ ବେଦାନ୍ତର କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମର ପ୍ରଭାବ ଉପରେ ଆଲୋକପାତ କରି ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ଏକ ସୁସ୍ଥ ଓ ନିୟନ୍ତ୍ରିତ ସମାଜ ଗଠନ ପାଇଁ ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତାକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଜରୁରୀ। ନିରନ୍ତର ଏବଂ ଅନ୍ତର୍ଭୁକ୍ତ ପ୍ରୟାସ ମାଧ୍ୟମରେ ଆମେ ମହିଳା ଏବଂ କିଶୋରୀମାନଙ୍କୁ ଉପଯୁକ୍ତ ଜ୍ଞାନ ଏବଂ ଆବଶ୍ୟକୀୟ ସମ୍ବଳ ପ୍ରଦାନ କରି ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଏହାଦ୍ୱାରା ସେମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୋଇପାରିବେ। ଏହି ପଦକ୍ଷେପ ଶିକ୍ଷା ଓ ସଚେତନତା ମାଧ୍ୟମରେ ସମ୍ପ୍ରଦାୟର ଉନ୍ନତି ପାଇଁ ଆମର ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ଶ୍ରୀ କୁମାର କହିଛନ୍ତି।

# ସ୍ୱଚ୍ଛ ଭାରତ ଅଭିଯାନରେ ଖୋର୍ଦ୍ଧା ରେଳ ମଣ୍ଡଳର ସଫେଇ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):** ଦେଶବ୍ୟାପୀ ସ୍ୱଚ୍ଛ ରେଳ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହାର କ୍ଷେତ୍ରାଧିକାରରେ ଏକ ବ୍ୟାପକ ସଫେଇ ଅଭିଯାନ ଆରମ୍ଭ କରିଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ରେଳ କର୍ମଚାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତା, ସଚେତନତା ଏବଂ ସହଭାଗୀ ଦାୟିତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରିବା। ଏହି ଅବସରରେ ରେଳ କର୍ମଚାରୀ, ହିତାଧିକାରୀ ଓ ସଫେଇ କର୍ମଚାରୀଙ୍କ ପାଇଁ କର୍ମଶାଳା ଆୟୋଜିତ ହୋଇଛି। ଏଥିରେ ପରିମଳ, ଅଳିଆ ପୃଥକୀକରଣ ଏବଂ ପରିବେଶ ଅନୁକୂଳ ନିଷ୍କାସନ ପଦ୍ଧତିରେ ସର୍ବୋତ୍ତମ ଅଭ୍ୟାସକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଷ୍ଟେସନ୍ ପରିସର, କାର୍ଯ୍ୟାଳୟ ପ୍ରତିଷ୍ଠାନ, ରେଳ ଟ୍ରାକ୍, ପ୍ଲାଟଫର୍ମ ଏବଂ ଚଳପ୍ରଚଳ (ସର୍କୁଲେଟିଂ) ଅଞ୍ଚଳ, ରେଳ କଲୋନି ଆଦିରେ ବଡ଼ ଧରଣର ସଫେଇ ଅଭିଯାନ କରାଯାଇଛି। ରେଳମଣ୍ଡଳର ସମସ୍ତ ପ୍ରାନ୍ତରେ ରେଳ କର୍ମଚାରୀ, ହାଉସ କିପିଙ୍ଗ କର୍ମଚାରୀ ଓ ସ୍ୱେଚ୍ଛାସେବକଙ୍କ ଦଳ ସଫେଇ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରିବା ସହ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଓ ଆବାସିକ ରେଳ ଅଞ୍ଚଳଗୁଡିକରେ ଏଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ସେହିପରି ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ, ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କୁ ମେଗା ସଫେଇ ଅଭିଯାନରେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେବା ସହ ସ୍ୱଚ୍ଛତା ଏକ ମିଳିତ କର୍ତ୍ତବ୍ୟ ବୋଲି କହିଛନ୍ତି। ଏଥିସହ ସେ ଯାତ୍ରୀମାନଙ୍କୁ ସ୍ୱଚ୍ଛତା ବଜାୟ ରଖିବା ସକାଶେ ନିର୍ଦ୍ଦିଷ୍ଟ ଡଷ୍ଟବିନ ବ୍ୟବହାର କରିବା ଓ ସାର୍ବଜନୀନ ରେଳ ସ୍ଥାନଗୁଡ଼ିକରେ ଅଳିଆ ପକାଇବାରୁ ନିବୃତ୍ତ ରହିବାକୁ ନିବେଦନ କରିଛନ୍ତି। ଏହି ଅଭିଯାନର ସନ୍ଦେଶକୁ ଦୃଢ଼ କରିବା ପାଇଁ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ରେଳ ଟ୍ରାକ୍ ଉପରେ ଅଳିଆ ଫିଙ୍ଗିବା ବିରୁଦ୍ଧରେ ପରାମର୍ଶ ଦିଆଯାଇଛି। ଜନସାଧାରଣଙ୍କୁ ମାର୍ଗଦର୍ଶନ ଓ ସଚେତନ କରାଇବା ପାଇଁ ସଚେତନତା ପୋଷ୍ଟର ଓ ଘୋଷଣାପତ୍ର ମଧ୍ୟ ପ୍ରମୁଖ ସ୍ଥାନରେ ପ୍ରଦର୍ଶିତ କରାଯିବ ସହ ଷ୍ଟେସନମାନଙ୍କରେ କ୍ରମାଗତ ଭାବେ ଘୋଷଣା ମାଧ୍ୟମରେ ସଚେତନତା କରାଯାଉଛି।

# ନାରୀଙ୍କୁ ସୁରକ୍ଷା ଦେବ ନାରୀ ନ୍ୟାୟ ବାହିନୀ

**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ)୬।୮(ସଂଚାର ବ୍ୟୁରୋ):** ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ଓ ଅପରାଧୀଙ୍କୁ ଗିରଫ ନ କରିବା ପ୍ରସଙ୍ଗରେ ଆଜି ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ନାରୀ ନ୍ୟାୟ ବାହିନୀ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ ନାରୀ ନ୍ୟାୟ ବାହିନୀର ଆବାହିକା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ କହିଛନ୍ତି ଯେ ରାଜ୍ୟରେ ନାରୀ ନିର୍ଯାତନା ଚରମ ସୀମାରେ ପହଞ୍ଚିଥିଲେ ମଧ୍ୟ ସରକାର ଏଯାଏଁ ଜାଗିନାହାନ୍ତି। ଏବେ ରାଜ୍ୟରେ ମହିଳାମାନେ ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ପୁଲିସ୍‌ର କାର୍ଯ୍ୟଦକ୍ଷତା ମଧ୍ୟ ବିଭିନ୍ନ ଘଟଣାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାଲେଶ୍ୱର ଘଟଣାକୁ ୨୬ ଦିନ ବିତିଯାଇଥିଲେ ସୁଦ୍ଧା ପ୍ରକୃତ ଅପରାଧୀ ଆଜି ପର୍ଯ୍ୟନ୍ତ ଚିହ୍ନଟ ହୋଇପାରିନାହିଁ। ବଳଙ୍ଗା ପୀଡିତା ଚାରି ଥର ବୟାନ ଦେଇଥିବା ବେଳେ ପୁଲିସ୍ ଉକ୍ତ ଘଟଣାରେ କେହି ସମ୍ପୃକ୍ତ ନ ଥିବା କହିବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟର ବିଷୟ। ଏପରି ସ୍ଥିତିରେ ନାରୀ ନ୍ୟାୟ ବାହିନୀ ଗାଁ ଗାଁରେ ପହଞ୍ଚି ମହିଳାଙ୍କୁ ସଚେତନ କରିବା ସହ ଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ସହାୟତା ଦେବ। ଏଥିସହ ଅତ୍ୟାଚାରିତାଙ୍କୁ ନ୍ୟାୟ ଦେବାକୁ ବାହିନୀ ଲଢ଼େଇ କରିବ ବୋଲି ଡ. ବିଶ୍ୱାଳ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ନାରୀ ନ୍ୟାୟ ବାହିନୀର କୋର୍ କମିଟି ସଦସ୍ୟା ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ସୃଷ୍ଟି ସୋମେନ୍, ଶେଫାଳୀ ଶର୍ମା, ରଞ୍ଜୁକ୍ତା ବେହେରା, ସସ୍ମିତା ଘୋଷାଲ।, ଜ୍ୟୋସ୍ନା ବେହେରା ଓ ମଧୁମିତା ଦାସ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ପଞ୍ଝାରେ ପ୍ରିନ୍ସିପାଲ ସାଇଣ୍ଟିଫିକ୍ ଅଫିସର



**ସମ୍ବଲପୁର,୬।୮(ସଂଚାର ବ୍ୟୁରୋ):** ସମ୍ବଲପୁର ଡ୍ରଗ୍ସ କଣ୍ଟ୍ରୋଲରଙ୍କ କାର୍ଯ୍ୟାଳୟର ପ୍ରିନ୍ସିପାଲ ସାଇଣ୍ଟିଫିକ୍ ଅଫିସର ଦେବାଶିଷ ପଣ୍ଡା ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆଜି ତାଙ୍କ ସମ୍ବଲପୁର ବରାଇପାଲି ଗ୍ରେଟର ସମ୍ବଲପୁରସ୍ଥିତ ଭଡ଼ା ଘର ଓ କାଇଁଶିରସ୍ଥିତ କାର୍ଯ୍ୟାଳୟ ସହ ଭୁବନେଶ୍ୱର ଓ ବ୍ରହ୍ମପୁର ପୈତୃକ ଘରେ ଭିଜିଲାନ୍ସ ପକ୍ଷରୁ ଏକ ୧୪ ଜଣିଆ ଟିମ୍ ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ କରିଛନ୍ତି। ଏହି ଦଳରେ ୨ ଜଣ ଡିଏସ୍‌ପି ଓ ୫ ଇନ୍ସପେକ୍ଟର (୩ ମହିଳା) ଥିବା ବେଳେ ସେମାନେ ଚଢ଼ାଉ ସମୟରେ ଶ୍ରୀ ପଣ୍ଡାଙ୍କ ଘରୁ ନଗଦ ୪୫ ହଜାର ଟଙ୍କା, ବିଭିନ୍ନ ବ୍ୟାଙ୍କ ଜମାଖାତା ଓ ଅନ୍ୟାନ୍ୟ କାଗଜପତ୍ର ତଥା ସମ୍ପତ୍ତି ଓ ଗାଡ଼ି ମଟର ଜବତ କରିଥିବା ଜଣାପଡ଼ିଛି।

# ନିର୍ଭୟା ପାଣ୍ଠି, ଓଡ଼ିଶାକୁ ୧୪୦ କୋଟି

**ଭୁବନଶ୍ୱେର,୬।୮:** ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ନିର୍ଭୟା ପାଣ୍ଠିରୁ ଓଡିଶାକୁ ମିଳିଥିବା ପାଖପାଖି ୧୪୦ କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି । ନିର୍ଭୟା ପାଣ୍ଠିରୁ ଉତ୍ତରପ୍ରଦେଶକୁ ସର୍ବାଧିକ ପ୍ରାୟ ୭୦୦ କୋଟି ଟଙ୍କା ମିଳିଥିବାବେଳେ ଏହା ପଛକୁ ଦିଲ୍ଲୀ ରହିଛି । ରାଜ୍ୟସଭାରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଦେଇଥିବା ସୂଚନାରୁ ଏହା ଜଣାପଡିଛି ।

ଏହି ସୂଚନା ଅନୁଯାୟୀ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ନିର୍ଭୟା ପାଣ୍ଠି ଜରିଆରେ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପାଣ୍ଠି ଯୋଗାଇ ଦିଆଯାଉଛି । ୨୦୨୪-୨୫ ମସିହା ସୁଦ୍ଧା ଏ ବାବଦରେ କେନ୍ଦ୍ର ସରକାର ମୋଟ୍ ୭୭୧୨ କୋଟି ୮୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ତେବେ ଏଥିରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ୬୨୩୨ କୋଟି ୮୩ଲକ୍ଷ ଟଙ୍କା ବ୍ୟୟ କରିକାରେ ସକ୍ଷମ ହୋଇଛନ୍ତି ଯାହା କି ମିଳିଥିବା ଅର୍ଥର ପାଖପାଖି ୮୧ ପ୍ରତିଶତ । ଏହି ସୂଚନା ଅନୁଯାୟୀ ୨୦୧୮ ମସିହାରେ ମହିଳାମାନଙ୍କ ବରୁଦ୍ଧରେ ୨୦,୨୭୪ଟି ହିଂସା ମାମଲା ରୁଜୁ ହୋଇଥିବାବେଳେ ୨୦୨୧ ରେ ଏହି ସଂଖ୍ୟା ୩୧ ହଜାରକୁ ଅତିକ୍ରମ କରିଥିଲା। ତେବେ ୨୦୨୨ରେ ଏହି ସଂଖ୍ୟା ୨୩,୬୪୮କୁ ହ୍ରାସ ପାଇଥିଲା । ତେବେ ଏହିବର୍ଷ ଉତ୍ତରପ୍ରଦେଶରେ ମହିଳା ବିରୋଧି ହିଂସା ମାମଲା ୬୫ ହଜାରକୁ ଅତିକ୍ରମ କରିଥିବା ବେଳେ ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ଏହି ସଂଖ୍ୟା ୩୫ହଜାର ପାଖାପାଖି ରହିଥିଲା । ତେବେ ଦିଲ୍ଲୀରେ ମହିଳା ବିରୋଧି ହିଂସା ସଂଖ୍ୟା ୧୫ହଜାର ମଧ୍ୟରେ ରହିଛି । ଗତ ୫ବର୍ଷ ମଧ୍ୟରେ ମହିଳାଙ୍କ କ୍ଷେତ୍ରରେ ଘଟିଥିବା ବିଭିନ୍ନ ପ୍ରକାର ହିଂସା ହ୍ରାସ ପାଇଛି । ୨୦୧୮ ମସିହାରେ ସମଗ୍ର ଦେଶରେ ୧୩୧ ଟି ଏସିଡ୍ ଆକ୍ରମଣ ହୋଇଥିବାବେଳେ ୨୦୨୨ରେ ତାହା ୧୨୪କୁ ହ୍ରାସ ପାଇଛି । ଯୌତୁକ ଜନିତ ହତ୍ୟାକାଣ୍ଡ ମଧ୍ୟ ୭ହଜାର ତଳକୁ ଖସି ଆସିଛି । ତେବେ ସ୍ୱାମୀ ଓ ପରିବାର ସଦସ୍ୟଙ୍କ ଦ୍ୱାରା ମହିଳାମାନେ ନିର୍ଯାତନାର ଶିକାର ସଂଖ୍ୟା ବୃଦ୍ଧି ପାଇଛି ।

ବର୍ତ୍ତମାନ ସୁଦ୍ଧା ନିର୍ଭୟା ପାଣ୍ଠରୁ ଓଡିଶାରୁ ୧୩୯କୋଟି ୫୨ଲକ୍ଷ ଟଙ୍କା ମିଳିଥିବା ପଡୋଶୀ ପଶ୍ଚିମବଙ୍ଗକୁ ୧୩୬ କୋଟି ୭ଲକ୍ଷ, ଝାଡଖଣ୍ଡକୁ ୬୯କୋଟି ୨୦ଲକ୍ଷ, ଛତିଶଗଡକୁ ୧୧୭କୋଟି ୨ଲକ୍ଷ ଟଙ୍କା ମିଳିଛି । ଆନ୍ଧ୍ରପ୍ରଦେଶକୁ ୧୩୩କୋଟି ୭ଲକ୍ଷ ଟଙ୍କା ମିଳିଥିବାବେଳେ ତେଲେଙ୍ଗାନା ପାଇଛି ୨୯୮କୋଟି ୪୯ଲକ୍ଷ ଟଙ୍କା । ସବୁଠାରୁ କମ୍ ୧୦ କୋଟି ୧୯ ଲକ୍ଷ ଟଙ୍କା ଲକ୍ଷାଦ୍ୱୀପକୁ ମିଳିଥିବା ଜଣାଯାଇଛି । ମହିଳା ଓ ଶିଶୁଙ୍କ କ୍ଷେତ୍ରରେ ଘଟୁଥିବା ସାଇବର ଅପରାଧକୁ ନିୟନ୍ତ୍ରଣ କରିବାପାଇଁ ଓଡିଶାକୁ ୪କୋଟି ଟଙ୍କା ମିଳିଥିବାବେଳେ ଚଣ୍ଡିଗଡକୁ ପ୍ରାୟ ୨୪ କୋଟି ଟଙ୍କା ମିଳିଛି । ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ମିଳିଥିବା ଅର୍ଥ ୧୦ କୋଟି ଟଙ୍କାରୁ କମ୍ ରହିଥିବା ମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡିଛି। (ତଥ୍ୟ)

# ଅମୃତ ଷ୍ଟେସନ ଯୋଜନାରେ ଅନୁଗୁଳ ରେଳ ଷ୍ଟେସନ



**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):** ଅମୃତ ଷ୍ଟେସନ ଯୋଜନା ଭାରତୀୟ ରେଳବାଇର ଏକ ପ୍ରମୁଖ ପଦକ୍ଷେପ ହୋଇଥିବା ବେଳେ ଏହାର ଲକ୍ଷ୍ୟ ସମଗ୍ର ଦେଶରେ ରେଳ ଷ୍ଟେସନଗୁଡ଼ିକୁ ଆଧୁନିକ, ଯାତ୍ରୀ-ଅନୁକୂଳ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ପରିବହନ ହବ୍‌ରେ ପରିଣତ କରିବା। ଏହି ଯୋଜନା ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେଉଛି, ଯେଉଁଥିରେ ଉନ୍ନତ ଭିତ୍ତିଭୂମି, ଉନ୍ନତ ସୁବିଧା, ବହୁ-ମୋଡାଲ୍ ସମନ୍ୱୟ, ସ୍ଥାୟିତ୍ୱ ଓ ସ୍ଥାନୀୟ କଳା, ଐତିହ୍ୟ ଓ ସଂସ୍କୃତି ଆଦି ସାମିଲ୍ ରହିଛି। ଏହା ଦିବ୍ୟାଙ୍ଗ ଯାତ୍ରୀମାନଙ୍କ ପାଇଁ ପ୍ରବେଶ ଯୋଗ୍ୟତା ବୈଶିଷ୍ଟ୍ୟଗୁଡ଼ିକୁ ମଧ୍ୟ ଗୁରୁତ୍ୱ ଦେଉଛି। ଅମୃତ ଷ୍ଟେସନ ଯୋଜନା ଅଧୀନରେ ଅନୁଗୁଳ ରେଳ ଷ୍ଟେସନର ପୁନର୍ବିକାଶ ଗଠନଶୀଳ ଭାବରେ ଆଗେଇ ଚାଲିଛି। ପ୍ରକଳ୍ପଟି ୨୪.୪୧ କୋଟି ଟଙ୍କାର ଅନୁମୋଦିତ ମୂଲ୍ୟ ମଧ୍ୟରୁ ନିର୍ମାଣ କାର୍ଯ୍ୟରେ ୫୨ ପ୍ରତିଶତ ଓ ଆର୍ଥିକ କ୍ଷେତ୍ରରେ ୪୩ ପ୍ରତିଶତ ପ୍ରଗତି ହାସଲ କରିଛି। ଅମୃତ ଭାରତ ଷ୍ଟେସନ ଅନ୍ତର୍ଗତ ଅନୁଗୁଳ ଷ୍ଟେସନର ସଫ୍ଟ ଅପଗ୍ରେଡେସନ୍ ଆଗାମୀ ଡିସେମ୍ବର ସୁଦ୍ଧା ସମାପ୍ତ ହେବାର ଯୋଜନା ଥିବାବେଳେ ୧୨ ମିଟର ଚଉଡ଼ା ଫୁଟ୍ ଓଭରବ୍ରିଜ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ସମାପ୍ତ ହେବାର ଆଶା ରହିଛି। ଷ୍ଟେସନ୍‌ର ପୁନର୍ବିକାଶରେ ଷ୍ଟେସନ ନିର୍ମାଣ ସହ ମୁଖବନ୍ଧ ଉନ୍ନତି କାର୍ଯ୍ୟରେ ଢାଞ୍ଚାଗତ କାର୍ଯ୍ୟ ସମାପ୍ତ ହୋଇଛି, ପ୍ଲାଷ୍ଟରିଂ କାର୍ଯ୍ୟ ଚାଲୁ ରହିଛି ଓ ରଙ୍ଗ ଓ ବୈଦ୍ୟୁତିକ କାର୍ଯ୍ୟ ସଠିକ ସମୟରେ କରାଯିବ। ସେହିପରି ଚଳପ୍ରଚଳ ଅଞ୍ଚଳ (ସର୍କୁଲେଟିଂ ଏରିଆ) ର ବିକାଶ କାର୍ଯ୍ୟରେ ଟେନ୍ସାଇଲ୍ ଫେବ୍ରିକେସନ୍ ସମାପ୍ତ ହୋଇଛି ଓ ମାଟି କାର୍ଯ୍ୟ ବା ଆର୍ଥୱାର୍କ, ପିସିସି ଓ ଡ୍ରେନେଜ୍ କାମ ଚାଲୁ ରହିଛି। ଏହାଛଡ଼ା ପ୍ଲାଟଫର୍ମ ଆଶ୍ରୟସ୍ଥଳରେ ୩୫ଟି ବେ' ମଧ୍ୟରୁ ୨୯ଟି ସମ୍ପୂର୍ଣ୍ଣ ହୋଇଛି। ଏହାଛଡ଼ା ଫୁଟ୍ ଓଭରବ୍ରିଜ ସହ ସଂଯୁକ୍ତ କ୍ୟାଣ୍ଟିଲିଭର୍ ଷ୍ଟ୍ରକଚର ନିର୍ମାଣ ସହ ବାକି ୬ଟି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଆହୁରି ପ୍ଲାଟଫର୍ମ ଚଳପ୍ରଚଳ ଅଞ୍ଚଳରେ ଇଟା ଦ୍ୱାରା ଡ୍ରେନେଜ୍ କାର୍ଯ୍ୟ, ବ୍ଲକ୍‌ଗୁଡିକୁ ସଠିକ ଭାବେ ସଂସ୍ଥାପନ ଓ ପ୍ଲାଟଫର୍ମ ୨ ଓ ୩ରେ ଟାଇଲ୍ ବିଛାଯିବା ସମେତ ପାଣି ବୁଥ୍ ସଂସ୍ଥାପନ କାର୍ଯ୍ୟ ଚାଲୁ ରହିଛି ଏବଂ ଟ୍ୟାପ୍ ପଏଣ୍ଟ ସ୍ଥାପନ ହେବ।

sanchar.live

ସମ୍ପାଦକୀୟ

SANCHAR
ସଂଚାର


ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ସାମାଜିକ ପରିବର୍ତ୍ତନ ଓ ଛାତ୍ରୀମାନଙ୍କ ଆତ୍ମହତ୍ୟା

ସାମାଜିକ ପରିବର୍ତ୍ତନ ଆଧୁନିକ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହା ସମାଜର ମୂଲ୍ୟବୋଧ, ଚିନ୍ତାଧାରା, ଓ ଜୀବନଶୈଳୀରେ ପରିବର୍ତ୍ତନ ଆଣିଥାଏ। କିନ୍ତୁ ଏହି ପରିବର୍ତ୍ତନ ସମସ୍ତଙ୍କ ପାଇଁ ସକାରାତ୍ମକ ନୁହେଁ। ବିଶେଷ କରି ଛାତ୍ରୀମାନେ ଏହି ପରିବର୍ତ୍ତନର ଚାପରେ ଅନେକ ସମୟରେ ମାନସିକ ଅବସାଦର ଶିକାର ହେଉଛନ୍ତି, ଯାହା ଦୁଃଖଦ ଭାବେ କେତେକ କ୍ଷେତ୍ରରେ ଆତ୍ମହତ୍ୟା ପର୍ଯ୍ୟନ୍ତ ପହଞ୍ଚୁଛି। ଓଡ଼ିଶାରେ ଏହା ଏକ ଗମ୍ଭୀର ସମସ୍ୟା ହେଉଛି, ଯାହା ସମାଜ, ଶିକ୍ଷା ବ୍ୟବସ୍ଥା ଓ ପରିବାରର ମିଳିତ ଦାୟିତ୍ୱ ଉପରେ ପ୍ରଶ୍ନ ଉଠାଉଛି।



ଆଧୁନିକ ସମାଜରେ ଶିକ୍ଷା, ପ୍ରଯୁକ୍ତି, ଓ ସ୍ୱାଧୀନତା ବୃଦ୍ଧି ପାଇଛି। ଛାତ୍ରୀମାନେ ଏବେ ଉଚ୍ଚ ଶିକ୍ଷା ଓ କ୍ୟାରିଅର୍‌ରେ ଅଗ୍ରଗତି କରୁଛନ୍ତି। କିନ୍ତୁ ଏହି ପରିବର୍ତ୍ତନ ସହିତ ସାମାଜିକ ଚାପ ମଧ୍ୟ ବୃଦ୍ଧି ପାଇଛି। ପରିବାର ଓ ସମାଜରୁ ମିଳୁଥିବା ପରମ୍ପରାଗତ ମୂଲ୍ୟବୋଧ ଓ ଆଧୁନିକ ଆକାଂକ୍ଷା ମଧ୍ୟରେ ସଂଘର୍ଷ ଛାତ୍ରୀମାନଙ୍କୁ ମାନସିକ ଦ୍ୱନ୍ଦ୍ୱରେ ପକାଇ ଦେଉଛି। ଉଦାହରଣ ସ୍ୱରୂପ, ଅନେକ ଛାତ୍ରୀଙ୍କୁ ପାଠପଢ଼ାରେ ଉତ୍କର୍ଷତା ଅର୍ଜନ କରିବା ସହ ଘରୋଇ ଦାୟିତ୍ୱ ମଧ୍ୟ ପାଳନ କରିବାକୁ ପଡୁଛି। ଏହା ସେମାନଙ୍କ ଉପରେ ଅତିରିକ୍ତ ଚାପ ସୃଷ୍ଟି କରୁଛି। ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଅନେକ ସମୟରେ ପରୀକ୍ଷାକେନ୍ଦ୍ରିକ ହୋଇ ରହିଛି। ପାଠପଢ଼ାରେ ଉଚ୍ଚ ନମ୍ବର ଆଣିବାର ଚାପ ଛାତ୍ରୀମାନଙ୍କ ମଧ୍ୟରେ ଅବସାଦ ଓ ଉଦ୍‌ବେଗ ସୃଷ୍ଟି କରୁଛି। ଏହା ସହିତ ସାମାଜିକ ମାଧ୍ୟମର ବ୍ୟବହାର ମଧ୍ୟ ଏକ ବଡ଼ ଚିନ୍ତାର ବିଷୟ। ସୋସିଆଲ ମିଡିଆରେ ଅନ୍ୟମାନଙ୍କ ସଫଳତା ଦେଖି ନିଜକୁ ତୁଳନା କରିବା ଛାତ୍ରୀମାନଙ୍କୁ ଅଯଥା ହୀନମନ୍ୟତାରେ ପକାଇ ଦେଉଛି। ଏହା ସେମାନଙ୍କ ଆତ୍ମବିଶ୍ୱାସକୁ ଦୁର୍ବଳ କରୁଛି। ଛାତ୍ରୀମାନଙ୍କ ଆତ୍ମହତ୍ୟାର ମୂଳ କାରଣ ମଧ୍ୟରେ ମାନସିକ ଚାପ, ପରିବାରରୁ ସମର୍ଥନର ଅଭାବ, ସାମାଜିକ କଳଙ୍କ, ଓ ଆର୍ଥିକ ଅସୁବିଧା ପ୍ରମୁଖ। ଓଡ଼ିଶାରେ ଅନେକ ଛାତ୍ରୀ ଗରିବ ପରିବାରରୁ ଆସିଥାନ୍ତି, ଯେଉଁମାନେ ଶିକ୍ଷା ଜାରି ରଖିବା ପାଇଁ ଅନେକ ବାଧାର ସମ୍ମୁଖୀନ ହୁଅନ୍ତି। ଏହା ସେମାନଙ୍କୁ ନିରାଶାରେ ପକାଇ ଦେଇଥାଏ। ଅନେକ ସମୟରେ ପରିବାର ଓ ସମାଜରୁ ମହିଳାଙ୍କ ପାଇଁ ନିର୍ଦ୍ଦିଷ୍ଟ ସାମାଜିକ ଭୂମିକା ପାଳନ କରିବାର ଚାପ ମଧ୍ୟ ଏକ ବଡ଼ କାରଣ।

ଏହି ସମସ୍ୟାର ସମାଧାନ ପାଇଁ ବହୁମୁଖୀ ପଦକ୍ଷେପ ନେବା ଆବଶ୍ୟକ। ପ୍ରଥମେ, ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣି ପାଠପଢ଼ାକୁ ଅଧିକ ସୃଜନଶୀଳ ଓ ଚାପମୁକ୍ତ କରାଯାଉ। ଶିକ୍ଷାନୁଷ୍ଠାନଗୁଡ଼ିକରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ କାଉନସେଲିଂ ସେବା ଯୋଗାଇ ଦେବା ଜରୁରୀ। ପରିବାର ଓ ସମାଜକୁ ମଧ୍ୟ ଛାତ୍ରୀମାନଙ୍କୁ ମାନସିକ ସମର୍ଥନ ଦେବାକୁ ଉତ୍ସାହିତ କରାଯାଉ। ସରକାର ଓ ସମାଜସେବୀ ସଂଗଠନମାନେ ମିଳିତ ଭାବେ ଆର୍ଥିକ ସହାୟତା ଓ ଜାଗରଣ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀମାନଙ୍କୁ ସଶକ୍ତ କରିବା ଉଚିତ।

ସାମାଜିକ ପରିବର୍ତ୍ତନ ଅନିବାର୍ଯ୍ୟ, କିନ୍ତୁ ଏହାର ନକାରାତ୍ମକ ପ୍ରଭାବକୁ ନିୟନ୍ତ୍ରଣ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଛାତ୍ରୀମାନଙ୍କୁ ମାନସିକ ଓ ସାମାଜିକ ସମର୍ଥନ ଦେଇ ସେମାନଙ୍କୁ ସଫଳ ଓ ସୁସ୍ଥ ଜୀବନ ଆଡ଼କୁ ଆଗେଇ ନେବା ଆବଶ୍ୟକ। ଏକ ସଚେତନ ଓ ସମବେଦନଶୀଳ ସମାଜ ହିଁ ଏହି ସମସ୍ୟାରୁ ମୁକ୍ତି ଦେଇ ପାରିବ।

# ନିଜକୁ ଚିହ୍ନନ୍ତୁ


ଲୋପାମୁଦ୍ରା ସାମଲ


ନାରୀ ଭଗବାନଙ୍କ ସୃଷ୍ଟିର ଏକ ଅନୁପମ ସର୍ଜନା। ଜଣେ ଦାୟିତ୍ୱବାନ ମହିଳା ମାନସିକ ଓ ଶାରୀରିକ ଭାବେ ଶକ୍ତିଶାଳୀ ହେବା ନିହାତି ଆବଶ୍ୟକ। ଆପଣ କେବେ ଏମିତି ଚିନ୍ତା କରିଛନ୍ତି କି। ଆସନ୍ତୁ ଜାଣିବା ଜଣେ ଶକ୍ତିଶାଳୀ ମହିଳା ହେବାପାଇଁ କ'ଣ ଜରୁରୀ। ଆତ୍ମବିଶ୍ୱାସ ହେଉଛି ନାରୀ ଜୀବନର ପ୍ରମୁଖ ଅଂଶ। ଆତ୍ମବିଶ୍ୱାସୀ ହେବା ଆତ୍ମ ପ୍ରେମର ଏକ ଉଦାହରଣ ଏବଂ ଏହା ଆମକୁ ତୁଳନାତ୍ମକ ବିଚାରଧାରାରୁ ଦୂରେଇ ରଖିବାରେ ସାହାଯ୍ୟ କରେ। ଅଧିକ ସର୍ଜନଶୀଳ ହେବା ଆପଣଙ୍କୁ ସଫଳ ଅନୁଭବ କରାଏ। ଉପଯୁକ୍ତ କାରଣ ସହିତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକରେ ସମୟ ବିତାଇବା ଜରୁରୀ। ଏହାଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଭଲ ରହେ। ମାନସିକ ଭାବେ ସଶକ୍ତ ମହିଳାମାନେ 'ମୁଁ ଆଉ କ'ଣ ନୂଆ କରିପାରିବି' ପ୍ରଶ୍ନକୁ ବାରମ୍ବାର ନିଜକୁ ପଚାରିବା ଦରକାର। କିନ୍ତୁ ସବୁ ପରେ ବି ଅତ୍ୟଧିକ ପରିଶ୍ରମରୁ ବିରତି ନେଇ ନିଜକୁ ସମୟ ଦେବା ଉଚିତ। ଆଶାବାଦୀ ଓ ସକାରାତ୍ମକ ହେବା ଉଭୟ ମାନସିକ ଓ ଶାରୀରିକ ସୁସ୍ଥତା ପାଇଁ ଗୁରୁତ୍ୱପୂର୍ଣ୍ଣ। ସବୁବେଳେ ଆଶାବାଦ ଓ ସକାରାତ୍ମକତା ପ୍ରଦର୍ଶନ କରିବା ସମ୍ଭବ ନହୋଇପାରେ, କିନ୍ତୁ ଯଥା ସମ୍ଭବ ନିଜର ମାନସିକ ସୁସ୍ଥତା ବଜାୟ ରଖିବା ପାଇଁ ପ୍ରଚେଷ୍ଟା କରିବା ଦରକାର। ଏହା ନିଜର ତଥା ଅନ୍ୟମାନଙ୍କ ମନୋଭାବକୁ ମଧ୍ୟ ପ୍ରଭାବିତ କରିଥାଏ। ଗୋ - ଗେଟର ହେବା ଆଜିକାଲିର ମହିଳାମାନଙ୍କ ପାଇଁ ନିହାତି ଦରକାର। ଏହା ଆପଣଙ୍କ ସ୍ୱପ୍ନକୁ କାର୍ଯ୍ୟରେ



ପରିଣତ କରେ। ଯେତେବେଳେ ଜଣେ ନାରୀ ସକାରାତ୍ମକ ଫଳାଫଳ କଳ୍ପନା କରେ, ସେହି ଦୃଷ୍ଟିକୋଣ ଗୁଡ଼ିକୁ ହାସଲ କରିବାର ସମ୍ଭାବନା ଅଧିକ ଥାଏ। ଏହା ନାରୀର ମନକୁ ସୃଜନଶୀଳ ଚିନ୍ତାଧାରାରେ ସକ୍ରିୟ କରାଏ। ନିଜ ସ୍ୱପ୍ନକୁ ପୂରଣ କରିବା ଏବଂ ନିଜର ଚିନ୍ତାଧାରାକୁ ଏକ ସୁନ୍ଦର ବାସ୍ତବତାରେ ପରିଣତ କରିବା ପାଇଁ କାମ କରିବା ହେଉଛି ଗୋ-ଗେଟର ହେବାର ପରିଭାଷା।

ମାନସିକ ଭାବେ ସଶକ୍ତ ମହିଳମାାନେ ସେମାନଙ୍କର ଭୟ, ଅସୁବିଧା ଓ ସମସ୍ୟା ଗୁଡ଼ିକୁ ନିଜେ ହିଁ ସାମ୍ନାସାମ୍ନି ମୁକାବିଲା କରନ୍ତି। ବିଭିନ୍ନ ସମୟରେ ଅନେକେ ଭୟ କରିଯାଆନ୍ତି। ହେଲେ ଜଣେ ଶକ୍ତିଶାଳୀ ମହିଳା ଏହାକୁ କିପରି ମୁକାବିଲା କରିବେ ତାହା ନିଜର ମାନସିକ ସ୍ଥିତି ଉପରେ ନିର୍ଭର କରେ। ନିଜ ପ୍ରତି ସଚ୍ଚୋଟ ରହିବା ମଧ୍ୟ ଜଣେ ଶକ୍ତିଶାଳୀ ମହିଳାର ଉତ୍ତମ ଲକ୍ଷଣ। କୌଣସି ପ୍ରତିକୂଳ ପରିସ୍ଥିତିରେ ହାର ମାନିବା ଏବଂ ଅନ୍ୟର ଖୁସି ପାଇଁ ନିଜକୁ ପରିବର୍ତ୍ତନ ଅଧିକାଂଶ ସମୟରେ ଜରୁରୀ ନୁହେଁ। ମାନସିକ ଭାବେ ଦୃଢ଼ ଥିଲେ ଜଣେ ମହିଳା ଯେ କୌଣସି ପରିସ୍ଥିତିରେ ସଠିକ ମୁକାବିଲା କରିବା ସହିତ ନିଜ ଭଳି ବଞ୍ଚିବା ନିହାତି ଆବଶ୍ୟକ।


ଲେନ-୩, ଚହଟା ନଗର, କଟକ, ମୋବାଇଲ୍: ୯୪୩୭୨୨୬୬୪୭


# ଶେଷ ଶଙ୍ଖ ଧ୍ୱନି




କିଶୋର ଚନ୍ଦ୍ର ବେହେରା


ବିଶ୍ୱର ସର୍ବବୃହତ୍ତ ଗଣତାନ୍ତ୍ରିକ ଦେଶ ଭାରତ ଚଳିତବର୍ଷ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ଆନ୍ଦୋଳନ, ସଂଘର୍ଷ ମାଧ୍ୟମରେ ପରାଧୀନତାରୁ ମୁକ୍ତ ହୋଇଥିବା ବିଶ୍ୱର ଅସଂଖ୍ୟ ଦେଶ ମଧ୍ୟରେ ଭାରତର ଭିନ୍ନ ଏକ ପରିଚୟ ରହିଛି। କାରଣ ବିଭିନ୍ନ ସମ୍ପ୍ରଦାୟ, ଭାଷା, ସଂସ୍କୃତି, ଚଳଣିରେ ବ୍ୟାପକ ଭିନ୍ନତା ଥିବା ସତ୍ତ୍ୱେ ମଧ୍ୟ ଶକ୍ତିଶାଳୀ ଇଂରେଜ ସରକାର ବିରୋଧରେ ଭାରତୀୟ ସମାଜର ଅଂହିସା ଆଧାରିତ ମିଳିତ ଲଢେଇ ଏକ ବିଶ୍ୱକୁ ଏକ ଭିନ୍ନ ବାର୍ତ୍ତା ଦେଇଛି। ଏହି ଆନ୍ଦୋଳନରେ ପୂର୍ବ-ଭାରତୀୟ ରାଜ୍ୟ ଓଡିଶାର ମଧ୍ୟ ବଡ ଭୂମିକା ରହିଥିଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମର ସର୍ବଶେଷ ପର୍ଯ୍ୟାୟ ଆନ୍ଦୋଳନ ଥିଲା 'ଭାରତଛଡା ଆନ୍ଦୋଳନ '। ରାଷ୍ଟ୍ରର ସ୍ୱତନ୍ତ୍ରତା ଓ ସାର୍ବଭୌମତ୍ୱକୁ ଫେରାଇ ଆଣିବାକୁ ଯାଇ ୧୮୫୭ ମସିହାର ସିପାହୀ ବିଦ୍ରୋହକୁ ରାଜନୀତି ବିଜ୍ଞାନି ମାନଙ୍କ କ୍ଷେତ୍ରରେ ଏହା ହେଉଛି ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହାର ୮୬ ବର୍ଷ ପରେ ଅର୍ଥାତ୍ ୧୯୪୨ ଅଗଷ୍ଟ ୯ ତାରିଖଠାରୁ ଆରମ୍ଭ ହୋଇଥିଲା ଶେଷ ସ୍ୱାଧୀନତା ସଂଗ୍ରାମ। ଏହି ଆନ୍ଦୋଳନର ବ୍ୟାପକତା ଓ ଗଭିରତାକୁ ଦୃଷ୍ଟିପାତ କଲେ ଜଣାଯାଏ ଯେ, ଭାରତୀୟମାନଙ୍କ ଠାରେ ଏହି ସମୟରେ ଅଭୂତପୂର୍ବ ଉନ୍ମାଦନା ସୃଷ୍ଟି ହୋଇଥିଲା। ଏହି ଆନ୍ଦୋଳନ ଥିଲା ମହାତ୍ମାଗାନ୍ଧୀଙ୍କର ଶେଷ ଆୟୁଧ, ଯାହା ମାଧ୍ୟମରେ ସେ ଇଂରେଜ ସରକାରଙ୍କୁ ଭାରତ ଛାଡିବା ନିମନ୍ତେ ବ୍ୟସ୍ତ ବିବ୍ରତ କରିଦେଇଥିଲେ। ତେଣୁ ୮ ଅଗଷ୍ଟ ୧୯୪୨ରେ ଭାରତୀୟ ଜାତୀୟ କଂଗ୍ରେସର ବମ୍ବେ ଅଧିବେଶନରେ ଗୃହୀତ ହୋଇଥିଲା 'ଭାରତଛଡ଼ା ପ୍ରସ୍ତାବ'। ଏହି ଆନ୍ଦୋଳନର ବ୍ୟାପକତା ଏତେ ମାତ୍ରାରେ ଥିଲା ଯେ, ଏହା 'ଅଗଷ୍ଟ ବିପ୍ଳବ' ନାମରେ ପରିଚିତ ହୋଇଥିଲା। ଏହି ଦିନଟି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ଚିରସ୍ମରଣୀୟ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତର ସହାୟତା ବଦଳରେ ଇଂରେଜ ମାନେ ଭାରତକୁ ମୁକ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ନିଜ କଥାରୁ ଓହରି ଯାଇଥିଲେ। ଯାହା ଫଳରେ ଇଂରେଜଙ୍କ ଠାରୁ ସ୍ୱାଧିନତା ଛଡ଼ାଇ ଆଣିବା ଲାଗି ସେତେବେଳେ ଗାନ୍ଧିଜୀ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲେ। ଏହାପରେ ଇଂରେଜମାନେ ଗାନ୍ଧିଜୀଙ୍କୁ ପୁନେର ଆଗା ଖାଁ ପ୍ୟାଲେସର ବନ୍ଦୀ କରି ରଖିଥିଲେ। ଅବଶ୍ୟ ଗାନ୍ଧିଜୀ ଅଂହିସା ଭାବେ ଏହି ଆନ୍ଦୋଳନର ଡାକରା ଦେଇଥିଲେ। ମାତ୍ର ଆନ୍ଦୋଳନ ସମୟରେ ଅନେକ ସ୍ଥାନରେ ହିଂସା, ଦଙ୍ଗା ଆଦି ଦେଖିବାକୁ ମିଳିଥିଲା। ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଯାଇ ସମସ୍ତ ନେତା, ଅନ୍ୟ କ୍ରାନ୍ତିକାରୀ ଏବଂ ସଂଗ୍ରାମୀମାନଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ସେହି ସମୟରେ ଇଂରେଜଙ୍କ କବଳରୁ ବର୍ତ୍ତି ଯାଇଥିବା ଜଣେ କ୍ରାନ୍ତିକାରୀ ଯୁବା ନେତ୍ରୀ ଅରୁଣା ଆସିଫ ଅଲ୍ଲୀ ୧୯୪୨ ଅଗଷ୍ଟ ୯ ତାରିଖରେ ମୁମ୍ବାଇର ଗ୍ୱାଲିଆ ଟ୍ୟାଙ୍କ ମଇଦାନରେ (ବର୍ତ୍ତମାନ କ୍ରାନ୍ତି ମଇଦାନ) ତ୍ରିରଙ୍ଗା ଉଡ଼ାଇ ଭାରତ ଛାଡ଼ ଆନ୍ଦୋଳନର ଶୁଭାରମ୍ଭ କରିଥିଲେ। ଅପରପକ୍ଷରେ ବନ୍ଦୀ ହେବାର କିଛି ଦିନ ପରେ ଗାନ୍ଧିଜୀଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଇଂରେଜମାନେ ତାଙ୍କୁ ମୁକ୍ତ କରିଦେଇଥିଲେ। ପରବର୍ତ୍ତୀ ସମୟରେ ଆନ୍ଦୋଳନ ତୀବ୍ର ରୂପ ଧାରଣା କରିଥିଲା ଏବଂ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଯୋଗୁଁ ଅଣ୍ଟା ସଳଖି ପାରୁନଥିବା ଇଂରେଜ ମାନଙ୍କର ଅସ୍ତିତ୍ୱକୁ ଏହା ଏକ ପ୍ରକାର ଦୋହଲାଇ ଦେଇଥିଲା। ୧୯୪୨ରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ୧୯୪୭ରେ ସିଦ୍ଧି ପ୍ରାପ୍ତ ହୋଇଥିଲା। ୧୯୪୭, ଅଗଷ୍ଟ ୧୫ ତାରିଖରେ ଭାରତ ଇଂରେଜ ଶାସନ କବଳରୁ ମୁକ୍ତ ହୋଇ ସ୍ୱାଧୀନତା ପ୍ରାପ୍ତି କରିଥିଲା।

ଆନ୍ଦୋଳନ ଯେତେବେଳେ ତିବ୍ର ବେଗରେ ସମଗ୍ର ଦେଶରେ ବ୍ୟାପିଥିଲା ସେଥିରୁ ଓଡିଶା ମଧ୍ୟ ବାଦ୍ ପଡିନଥିଲା। ଓଡିଶାରେ ସ୍ୱାଧୀନତା ସଂଗ୍ରାମର ଏକ ବଡ ଭୂମିକା ବହନ କରିଥିଲେ ଜନଜାତି ସମ୍ପ୍ରଦାୟ। କୋରାପୁଟରେ ଲକ୍ଷ୍ମଣ ନାୟକ, କେନ୍ଦୁଝରରେ ରତନ ନାଏକ, ଘୁମୁସରର ଦୋରା ବିଷୋୟୀ ଓ ଚକରା ବିଷୋୟୀ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ପ୍ରମୁଖ ବ୍ରିଟିଶ ବିରୋଧୀ ଆନ୍ଦୋଳନର ମଙ୍ଗ ସମ୍ଭାଳିଥିଲେ। ଅଗଷ୍ଟ ୧୧ ରେ ଓଡ଼ିଶାର ମାଳତୀ ଚୌଧୁରୀ



ଓ ସୁରେନ୍ଦ୍ର ନାଥ ଦ୍ୱିବେଦୀ ମୁମ୍ବାଇର କଂଗ୍ରେସ ଅଧିବେସନରେ ଯୋଗ ଦେଇ ଓଡ଼ିଶା ଫେରିଥିଲେ। ଏହି ଦୁଇ ଜଣ ଅନ୍ୟ ନେତୃବୃନ୍ଦଙ୍କ ସହ ସାମିଲ୍ ହୋଇ ଓଡ଼ିଶାରେ ଆନ୍ଦୋଳନକୁ ତୀବ୍ରତର କରାଇଥିଲେ। କଟକର ରେଭେନ୍ସା କଲେଜର ଅନେକ ଛାତ୍ର ନେତା କଲେଜ୍ ଅଫିସ କୁ ପୋଡି ପକାଇଥିଲେ। ପୋଲିସର ମୁକାବିଲା କରିବା ପାଇଁ ମରଣ ବାହିନୀ, ସଂଗ୍ରାମ ବାହିନୀ ଓ ରକ୍ତ ବାହିନୀ ଗଢି ଉଠିଥିଲା। କଟକର ବରୀ ଅଞ୍ଚଳ ର ଲୋକମାନେ ରମାଦେବୀ ଓ ଗୋପବନ୍ଧୁ ଚୌଧୁରୀଙ୍କ ଗିରଫ ଖବର ଶୁଣି ଉତ୍ୟକ୍ତ ହୋଇ କାଇପଦର ଡାକଘରେ ନିଆଁ ଲଗାଇଦେଇଥିଲେ। ପୋଲିସ୍ ଗୁଳି ଚାଳନା ରେ ୩ ଜଣ ମୃତ ଓ ୭ ଜଣ ଆହତ ହୋଇଥିଲେ। ଭଦ୍ରକର ଭଣ୍ଡାରୀପୋଖରୀ ଠାରେ ୫୦୦୦ ଲୋକ ଥାନା ଘେରାଉ କରି ସରକାରୀ କାଗଜପତ୍ର ନଷ୍ଟ କରିଦେଇଥିଲେ। ଶ୍ରୀଜଙ୍ଗ ଗ୍ରାମରେ ଚୌକିଦାରୀ ପୋଷାକ ପୋଡି ପକାଇବାରୁ ପୋଲିସ୍ ଗୁଳି ଚାଳନା କରିଥିଲା। ଯାହା ଫଳରେ ୧୧ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ। ବାସୁଦେବ ପୁର ଇରମ୍ ଠାରେ ମେଳନ ପଡିଆରେ ଲୋକ ମାନେ ସଭା କରୁଥିଲେ , ସେଠାକାର ଡି ଏସ୍ ପି ପହଞ୍ଚି ଲୋକଙ୍କ ଉପରେ ଗୁଳି ଚାଳନା କରିଥିଲେ। ଏହି ଗୁଳି ଚାଳନା ରେ ୨୮ ଜଣ ମୃତ ଏବଂ ୫୫ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ। ଏଠାରେ ହୋଇ ଥିବା ହତ୍ୟାକାଣ୍ଡ ୧୯୧୯ ମସିହା ଏପ୍ରିଲ ୧୩ ତାରିଖରେ ଘଟିଥିବା ପଞ୍ଜାବର ଅମୃତସହରର ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ପରି ହୋଇଥିବାରୁ ଏହାକୁ ଦ୍ୱିତୀୟ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ କୁହାଯାଏ। ଭାରତଛାଡ ଆନ୍ଦୋଳନ ରେ ଅଧିକ ବିପ୍ଳବୀ ମୃତ୍ୟୁ ବରଣ କରିଥିବାରୁ ଏହାକୁ ରକ୍ତ ତୀର୍ଥ କୁହାଯାଏ। ପୁରୀ ଜିଲ୍ଲାର ନିମାପଡା ରେ ସରକାର ଖଜଣାକୁ ବିରୋଧ କରାଯାଇଥିଲା। ପୋଲିସ୍ ର ଗୁଳି ଚାଳନା ରେ ଉତ୍ସବ ମଲ୍ଲିକ ନାମକ ଜଣେ ସତ୍ୟାଗ୍ରହୀ ପ୍ରାଣ ହରାଇଥିଲେ।

ଭାରତ ଛାଡ ଆନ୍ଦୋଳନର ପ୍ରଭାବ ସିଧା ଦକ୍ଷିଣ ଓଡିଶାରେ ମଧ୍ୟ ଅନଭୂତ ହୋଇଥିଲା। ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ହଜାର ହଜାର ଆନ୍ଦୋଳନକାରୀ ଏହି ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ। ମାଲକାନଗିରି ଜିଲ୍ଲାର ମାଥିଲି ଥାନା ଘେରାଓ ବେଳେ ପୋଲିସ ଆନ୍ଦୋଳନକାରୀଙ୍କ ଉପରେ ଗୁଳି ଚଲାଇଥିଲା। ଏଥିରେ ଜଣେ ପୋଲିସ କର୍ମୀଙ୍କ ମୃତ୍ୟୁ ହୋଇଥିଲା। ଏହି ଅଭିଯୋଗରେ ଲକ୍ଷ୍ମଣଙ୍କୁ ଗିରଫ କରାଯାଇ ୧୯୪୩ ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଜେଲ୍ ରେ ଫାଶୀ ଦିଆଯାଇଥିଲା। ସେହିପରି ଉକ୍ତ ମାସ ୨୪ ତାରିଖରେ ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ପାପଡ଼ାହାଣ୍ଡିଠାରେ ସ୍ୱାଧୀନତା ପାଇଁ ବାହାରିଥିବା ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଉପରେ ତୁରି ନଦୀକୂଳରେ ଗୁଳିଚାଳନା କରାଯିବାରୁ ୧୯ ଜଣ ସହିଦ ହୋଇଥିଲେ।ତେବେ ପୋଲିସର ଏହି ବର୍ବରୋଚିତ ଗୁଳିଚାଳନା ଯୋଗୁ ଅନେକ ଶୋଭାଯାତ୍ରାକାରୀ ନଦୀରେ ଭାସିଯାଇଥିଲେ। ତେବେ ତାର ସଠିକ୍ ହିସାବ ନଥିଲେ ମଧ୍ୟ ୧୭ଜଣ ଗୁଳିମାଡରେ ଆହତ ହୋଇଥିଲେ ବୋଲି ସରକାରୀ ଦସ୍ତାବିଜ୍ ରୁ ସୂଚନା ମିଳେ। ଭାରତ ଛାଡ ଆନ୍ଦୋଳନରେ ବହୁ ବଡ଼ ବଡ଼ କଂଗ୍ରେସ ନେତାଙ୍କ ଗିରଫଦାରୀ ପରେ ରାମ ମନୋହର ଲୋହିଆ, ଜେପି ନାରାୟଣ, ଅରୁଣ ଅସଫ ଅଲ୍ଲୀ ଏବଂ ଉଷା ମେହେଟାଙ୍କ ଭଳି ଅନେକ ନୂଆ ନେତାଙ୍କ ସୃଷ୍ଟି ହୋଇଥିଲା। ଭାରତ ଛାଡ଼ ଆନ୍ଦୋଳନ ରୋକିବାକୁ ବ୍ରିଟିଶ ଅଧିକାରୀ ହିଂସାର ଆଶ୍ରୟ ନେଇଥିଲେ। ମହିଳା ଓ କିଶୋରଙ୍କ ସମେତ ପ୍ରାୟ ୧୦ ହଜାର ଲୋକଙ୍କୁ ଗିରଫ କରାଯାଇଥିଲା। ଦେଶବାସୀଙ୍କ ମଧ୍ୟରେ ଜାତୀୟତା ପ୍ରେମ ଜାଗ୍ରତ ହୋଇଥିଲା ଏବଂ ଇଂରେଜ ସରକାର ବିଶ୍ୱସନୀୟତା ହରାଇଥିଲେ। ଏହା ଭାରତରେ ବ୍ରିଟିଶ ଶାସନର ମୂଳଦୁଆ ଦୋହଲାଇ ଦେଇଥିଲା ଓ ପୂର୍ଣ୍ଣ ସ୍ୱରାଜ ପାଇଁ ଦାବିକୁ ଆହୁରି ମଜଭୁତ କରିଥିଲା। ଭାରତ ଛାଡ଼ ଆନ୍ଦୋଳନ ମାଧ୍ୟମରେ ଭାରତବାସୀଙ୍କୁ ବ୍ରିଟିଶ ସାମ୍ରାଜ୍ୟ ବିରୋଧରେ ଏକତ୍ରିତ କରିବାକୁ ଗାନ୍ଧୀଜୀ ଶେଷ ଶଙ୍ଖ ଧ୍ୱନି ଥିଲା 'କର ବା ମର'। ଆମେ ଆମର ଦାସତ୍ୱ ଦେଖିବାକୁ ଜୀବିତ ରହିବା ନାହିଁ ବୋଲି ବାପୁଙ୍କର ଆହ୍ୱାନ ଥିଲା। ସେହିପରି 'ଆମର ଲଢେଇ କ୍ଷମତା ପାଇଁ ନୁହେଁ, ବରଂ ଭାରତର ସ୍ୱତନ୍ତ୍ରତା ପାଇଁ ଏକ ଅହିଂସା ଲଢେଇ' , 'ସ୍ୱାଧୀନତା ସଂଗ୍ରାମର ଜଣେ ଅହିଂସା ଯୋଦ୍ଧା ନିଜ ପାଇଁ ନୁହେଁ, କେବଳ ଦେଶ ପାଇଁ ଲଢେଇ କରିବ' ଏବଂ 'କେବଳ ଏକମାତ୍ର ସତ ବଞ୍ଚିରହିବ, ବାକି ସବୁ କିଛି ସମୟ ସହିତ ଲୀନ ହୋଇଯିବ' ଏମିତି ଅନେକ ସମୂହ ଧ୍ୱନି ଦେଇ ଆହ୍ୱାନ କରିଥିଲେ ସମସ୍ତ ଭାରତୀୟଙ୍କୁ।


**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**


# ଚିନ୍ତା, ହତ୍ୟା, ଆତ୍ମହତ୍ୟା


ଦୀପ୍ତିମୟୀ ନାୟକ




ପ୍ରତ୍ୟେକ ଲୋକଙ୍କର ଭିନ୍ନ ଭିନ୍ନ ଚିନ୍ତା। ପାରିବାରିକ ଚିନ୍ତାଠାରୁ ଆରମ୍ଭ କରି ବାହାର ଦୁନିଆର ଚିନ୍ତା ପ୍ରତ୍ୟେକ ମଣିଷକୁ ଭିତରୁ ଭିତରୁ ଦୁର୍ବଳ କରିଦିଏ। ଏ ଚିନ୍ତା ସେତେବେଳେ ଦୂର ହୁଏ ଯେତେବେଳେ ଚିନ୍ତାର କାରଣଟା ସମାଧାନ ହୁଏ। ଚିନ୍ତା ଯଦି ଗୋଟେ ଖଳନାୟକ ହୁଏ ତେବେ ଜୀବନ ହେଉଛି ଗୋଟେ ନାଟକ। ଜୀବନ ନାଟକରେ ଯଦି ଚିନ୍ତା ରହିବନି ତେବେ ମଣିଷର ଅଭିଳାଷ କେବେ ପୂରଣ ହେବନି। ମନର ଅଭିଳାଷ ପୂରଣ କରିବାପାଇଁ ଚିନ୍ତାର ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ମଣିଷ ଚିନ୍ତାକଲେ କାନ୍ଦେ। ଜୀବନରେ ଅନେକ ଥର ଭୁଲ ନିଷ୍ପତ୍ତି ନେବାକୁ ଚେଷ୍ଟା କରେ। ଆଉ କେତେବେଳେ ଠିକ ନିଷ୍ପତ୍ତି ନେଇ ମଧ୍ୟ ଅନ୍ୟଠୁ ନିନ୍ଦା ଶୁଣେ। ଯାହାଫଳରେ ମଣିଷ କେମିତି ନା କେମିତି କେଉଁ ମୁହୂର୍ତ୍ତରେ ହଠାତ ଦୁର୍ବଳ ହୋଇଯାଇଥାଏ। ବେଳେବେଳେ ସେ ନିଜ ହୃଦୟ ଭିତର କୋହକୁ ହୃଦୟ ଭିତରେ ଲୁଚେଇ ରଖିବାକୁ ଚାହେଁ କିନ୍ତୁ ସେ ପାରେନା। ଆଖିର ଲୁହରେ ଅକୁହା କଥାର କାହାଣୀ ମୁଣ୍ଡ ଭିତରେ ରଖିଦିଏ କିନ୍ତୁ ମୁଣ୍ଡ ସେହି ଚିନ୍ତାର ବୋଝ ସହିପାରେନା। ଯେଉଁଥିପାଇଁ ସେ ମଧ୍ୟ ଅନ୍ୟ ମାନଙ୍କ ଆଗରେ କୁହେ ଜୀବନ ମାନେ ଖାଲି ଯନ୍ତ୍ରଣା। ଏହାକୁ କେହି କେବେ ଅତି ସହଜେ ବୁଝି ପାରେନା। ଆଉ ଯିଏ ବୁଝେ ସେ କିଛି କରିପାରେନା।



ତେବେ ଆଜିର ଯୁବପିଢ଼ି ଅନେକ ଚିନ୍ତାରେ ରହୁଛନ୍ତି। ଚାକିରୀ ସମସ୍ୟା, ବିବାହ ସମସ୍ୟା, ପାରିବାରିକ ସମସ୍ୟା, ଶତ୍ରୁ ସହ ମୁକାବିଲା କରିବାର ସମସ୍ୟା, ବିପଦ ବେଳେ ନିଜକୁ ରକ୍ଷା କରିବାର ସମସ୍ୟା ଏସବୁ ସମସ୍ୟା ଆଜିର ଦିନରେ ବହୁତ ବଡ ସମସ୍ୟା ଭାବରେ ଆମ ସମାଜରେ ଉଦୟମାନ ହୋଇଛି। ହେଲେ କଣ ହେବ କିଛି ଜଣ ସହି ଯାଉଛନ୍ତି ଆଉ କିଛି କହିକି ମରି ଯାଉଛନ୍ତି। ମରିଯିବା ଯଦି ସବୁ ସମସ୍ୟାର ସମାଧାନ ବାଟ ନୁହେଁ କିନ୍ତୁ ଆମ ସମାଜରେ ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ସେମାନେ ଜୀବନ ହାରିନାହାଁନ୍ତି ବରଂ ନିଜ ଜୀବନକୁ ଜୀବନ ଭାବରେ ଜିଇଁବା ପାଇଁ ସଂଘର୍ଷ ଜାରି ରଖିଛନ୍ତି। କେତେକ ସଫଳ ହୋଇଛନ୍ତି ଆଉ କେତେକ ବିଫଳ ହୋଇ ନିଜ ଜୀବନକୁ ବାଜି ଲଗେଇ ମରଣ ମୁହଁକୁ ଚାଲିଯାଇଛନ୍ତି। କେବଳ କହିଦେଲେ ହେବନି ଚିନ୍ତା ପାଇଁ ହତ୍ୟା, ଆତ୍ମହତ୍ୟା କେତେ କେତେ ଠିକ। ଯଦି ଆମେ ସଠିକ ଅନୁଧ୍ୟାନ କରିବା ତେବେ ଜାଣିପାରିବା ରୋଗକୁ ଭଲ କରିହେବ କିନ୍ତୁ ନିଜ ମନରେ ଥିବା ଚିନ୍ତାକୁ କେବେ ଭଲ କରିହେବନି। ଏହା କୌଣସି ରୋଗ ନୁହେଁ କିନ୍ତୁ ଏହା ଆଜିର ଦିନରେ ବହୁତ ଭୟଙ୍କର ଭାବେ ସମସ୍ତଙ୍କ ମୁଣ୍ଡରେ ରହୁଛି ଯାହାଫଳରେ ଅନେକ ନିରୀହ ଜୀବନ ଅକାଳରେ ଚାଲିଯାଉଛନ୍ତି। ଆଉ କେତେବେଳେ ନିଜ ସ୍ୱାର୍ଥ ପାଇଁ ବିଧିବଦ୍ଧ ଭାବରେ ଅନ୍ୟକୁ ହତ୍ୟା କରିବାର ଉଦ୍ୟମ କରାଯାଉଛି ଆଉ କିଛି ଆତ୍ମହତ୍ୟା କରି ସମାଜକୁ ବାର୍ତ୍ତା ଦେଇ ଚାଲିଯାଇଥାନ୍ତି ମାନସିକ ସ୍ତରରେ ଯେତେବେଳେ ମଣିଷ ଦୁର୍ବଳ ହୋଇଯାଏ ସେତେବେଳେ ସେ ଜୀବନର ଶେଷ ନିଷ୍ପତ୍ତି ନେଇଯାଏ। ବଞ୍ଚିଥିବା ଅବସ୍ଥାରେ ଯେଉଁମାନେ ପାଖରେ ନଥିବେ ମରିଗଲା ପରେ ନିଜର କହି ଧାଇଁ ଆସିବେ। କାହିଁକି ନା ଏ ଦୁନିଆ ସେମିତି।

ସେତେବେଳେ ଭାବୁଥିଲି ବଡ ଲୋକମାନଙ୍କର କେବଳ ଚିନ୍ତା ଥାଏ କିନ୍ତୁ ଏବେ ଭାବୁଛି ବଡ ଲୋକଙ୍କ ଠାରୁ ବୋଧହୁଏ ଆଜିର ଯୁବପିଢ଼ି ବେଶ ଚିନ୍ତାରେ ଅଛନ୍ତି ସେଥିପାଇଁ ସେମାନେ ଚିନ୍ତା ପାଇଁ ହତ୍ୟା, ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ଯଦି ଆମେ କହିବା ଆଇନ ବଳ ଥିଲେ ସବୁ ସମସ୍ୟାର ସମାଧାନ ଥାଏ କିନ୍ତୁ ଏଠି ଅନେକଙ୍କ କ୍ଷେତ୍ରରେ ଟଙ୍କା ବଳରେ ଆଇନ ହାତ ମୁଠାକୁ ଚାଲିଆସୁଛି। ଯେପର୍ଯ୍ୟନ୍ତ ଆମେ ଆମ ଚିନ୍ତାକୁ ମୁଣ୍ଡରୁ ନବାହାର କରିବା ସେପର୍ଯ୍ୟ ଏ ସମାଜରେ ଚିନ୍ତା ପାଇଁ ହତ୍ୟା, ଆତ୍ମହତ୍ୟା ବଢ଼ି ଚାଲିବ। ଯଦିଓ ସମସ୍ତେ କୁହନ୍ତି ସବୁ ମଣିଷ ଦୁର୍ବଳ ନୁହଁନ୍ତି କିନ୍ତୁ କିଛି ମଣିଷ ମାନସିକ ସ୍ତରରେ ବହୁତ ଦୁର୍ବଳ ହୋଇଯାଇଥାନ୍ତି ଆଉ ଯେଉଁଥିପାଇଁ ଆମ ସମାଜରେ ଏମିତି ସବୁ ଘଟଣା ଦେଖିବାକୁ ମିଳିଥାଏ। କିଏ ନିଜ ଶତ୍ରୁକୁ ହଟେଇ ଚିନ୍ତାମୁକ୍ତ ହେବାକୁ ଚାହେଁ ତ ଆଉ କିଏ ନିଜ ସମସ୍ୟାଠୁ ଦୂରେଇ ନିଜ ଜୀବନ ହାରିବାକୁ ଚାହିଁଥାଏ। ହେଲେ ଏଠାରେ ଗୋଟେ କଥା କହିବି ଚିନ୍ତା ଠାରୁ ଦୂରେଇ ରହି ନିଜକୁ ସେହି କାମରେ ବ୍ୟସ୍ତ ରଖନ୍ତୁ ଯେଉଁ କାମ ପାଇଁ ଆପଣ ଚିନ୍ତା ଠାରୁ ଦୂରେଇ ରହିବେ।


**ମୋବାଇଲ୍: ୯୦୯୦୬୬୧୫୮୬**
**ଅନ୍ଧାରୁଆ, ଭୁବନେଶ୍ୱର**


# ଅଙ୍ଗଦାନ କ'ଣ




ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର


ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ। ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି। କେଉଁ କେଉଁ ଅଙ୍ଗ ଦାନ କରାଯାଏ : ଆମ ଦେଶରେ ଯକୃତ, ବୃକକ୍, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି। ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ୍ୟ ଦାନ କରାଯାଏ।

**କେତେ ପ୍ରକାରର ଅଙ୍ଗଦାନ:** ଅଙ୍ଗଦାନ ଦୁଇ ପ୍ରକାରର ଯଥା - ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ। ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍‌ପିଣ୍ଡ, ଅନ୍ତ୍ରନଳୀ, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ। ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା। ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ। କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ୍ୟ ଦାନ କରାଯାଇପାରେ। ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକକ୍। କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକକ୍ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ। ମୃତ ଶରୀରର ବୃକକ୍ ଅପେକ୍ଷା ଜୀବିତ ବ୍ୟକ୍ତିର ବୃକକ୍ ପ୍ରତ୍ୟାରୋପଣ ଅଧିକ ସଫଳ ଭାବରେ କାର୍ଯ୍ୟକରେ। ଭାରତରେ ହେଉଥିବା ଅଧିକାଂଶ ବୃକକ୍ ପ୍ରତ୍ୟାରୋପଣ ଜୀବିତ ଦାତାଙ୍କ ଠାରୁ ହିଁ ମିଳେ। ଫୁସ୍‌ଫୁସ୍ ଏବଂ ଯକୃତ କିଛି ମଧ୍ୟ ଜୀବିତ ବ୍ୟକ୍ତି ଦାନ କରିପାରେ। ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ। ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ। କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟର ବା ଲାଇଫ୍ ସର୍ପୋଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କର ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ।

**ସାଧାରଣ ମୃତ୍ୟୁ ଏବଂ ବ୍ରେନ୍ ଡେଥ୍ ମଧ୍ୟରେ କ'ଣ ଫରକ:** ସାଧାରଣ ମୃତ୍ୟୁରେ ବ୍ୟକ୍ତିର ସମସ୍ତ ଅଙ୍ଗ କାମ କରିବା ବନ୍ଦ କରିଦିଏ। ତାହାର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଏ, ରକ୍ତ ସଞ୍ଚାଳନ ଅଟକିଯାଏ। ଏ ପରିସ୍ଥିତିରେ ଆଖିକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଅଙ୍ଗ ଅନାବଶ୍ୟକ ହୋଇଯାଏ। ରକ୍ତ କୋଷ ନଥିବାରୁ ମୃତ୍ୟୁପରେ କିଛି ଘଣ୍ଟା ପର୍ଯ୍ୟନ୍ତ ଆଖି ଉପରେ କୌଣସି ଫରକ୍ ପଡ଼େ ନାହିଁ। ବ୍ରେନ୍ ଡେଥ୍ ଏପରି ମୃତ୍ୟୁ ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ। ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁଁ ହୋଇଥାଏ। ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ। ଅନେକ ଲୋକ କୋମା ଏବଂ ବ୍ରେନ୍ ଡେଥ୍ ସମାନ ବୋଲି ଭାବନ୍ତି। କିନ୍ତୁ କୋମାରେ ଥିବା ରୋଗୀ ସ୍ୱାଭାବିକ ଅବସ୍ଥାକୁ ଫେରିପାରେ। କିନ୍ତୁ ବ୍ରେନ୍ ଡେଥ୍‌ରେ ଜୀବନର କୌଣସି ସମ୍ଭାବନା ନଥାଏ। ବ୍ରେନ୍ ଡେଥ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଗ୍ରହଣ କରାଯାଇପାରେ।

**କିଏ ଦେଇପାରିବେ ଅଙ୍ଗ:** ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ। ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ। ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ। ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ।

**କେମିତି ହୁଏ ଅଙ୍ଗଦାନ:** ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି। ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି। ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ। ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ। ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ। ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ। ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ। ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ।

**ପ୍ରତିବନ୍ଧକ କେଉଁଠି:** ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ। ଏହା ଏକ କଷ୍ଟକର ନିୟମ। ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି। ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି। ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ। ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ। ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି।

**କ'ଣ କରାଯାଏ?:** ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ। ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ। ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ। ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ। ବୃକକ୍ ୧୨ ଘଣ୍ଟା ମଧ୍ୟରେ ଓ ଆଖି ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଆବଶ୍ୟକ। ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ।

ଚକ୍ଷୁଦାନ : ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ। ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ। ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ। ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ୍ୟ ଦାନ କରାଯାଇପାରିବ। କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ। ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ।

**କାହାକୁ ଯୋଗାଯୋଗ କରିବେ:** ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ। ଚକ୍ଷୁଦାନ ପାଇଁ କେନ୍ଦ୍ରୀୟ ନମ୍ବର ୧୯୧୯କୁ ଆପଣ ଡାଏଲ୍ କରିପାରନ୍ତି। ସେମିତି ୧୧୯୦୧୬୦୧୬୦ ନମ୍ବରରେ ମଧ୍ୟ ଆପଣ ଯୋଗାଯୋଗ କରିପାରିବେ।

**କ'ଣ କରିବେ ଆପଣ:** ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ। ଏହାପରେ ଆପଣଙ୍କୁ ଏକ ଡୋନ୍‌ର କାର୍ଡ଼ ମିଳିବ। ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ। ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ। ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି। କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ। ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ। ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି। ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ। ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ। କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ। ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ। ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ। ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତତି, ଭାଇ-ଭଉଣୀ ଆଦି ସାମିଲ। ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ୍ୟ ବେଆଇନ।


**ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋବାଇଲ୍: ୯୪୩୭୦୫୧୯୫୭**



## ୭ ବର୍ଷ ପରେ ମୋଦିଙ୍କ ଚୀନ ଗସ୍ତ

**ନୂଆଦିଲ୍ଲୀ, ୬।୮:** ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଅଗଷ୍ଟ ୩୧ରେ ଚୀନ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଦୀର୍ଘ ୭ ବର୍ଷ ପରେ ସେ ଚୀନ ଗସ୍ତ କରିବେ। ଚୀନରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ କର୍ପୋରେସନ ଅର୍ଗାନାଇଜେସନ ବା ଏସସିଓ ସମ୍ମିଳନୀରେ ଯୋଗ ଦେବାକୁ ମୋଦି ସେଠାକୁ ଯିବେ। ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ ଦୁଇ ଦିନ ଧରି ବେଜିଂରେ ଏସସିଓ ସମ୍ମିଳନୀ ହେବ। ତେଣୁ ମୋଦି ଦୁଇଦିନ ଚୀନରେ ରହିବେ। ୨୦୧୯ ପରେ ଏହା ମୋଦିଙ୍କ ପ୍ରଥମ ଚୀନ ଗସ୍ତ। ୨୦୧୯ ଗଲୱାନ ଘାଟି ସଂଘର୍ଷ ପରେ ଚୀନ ଓ ଭାରତ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଥିଲା। ଦୁଇ ଦେଶ ମଧ୍ୟରେ ଛକାପଞ୍ଝା ମଧ୍ୟ ଦେଖିବାକୁ ମିଳିଥିଲା। ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ମଧ୍ୟ ବିଗିଡ଼ି ଯାଇଥିଲା। ସେବେଠାରୁ ମୋଦି ଚୀନ ଗସ୍ତ କରି ନଥିଲେ। ଏବେ କିନ୍ତୁ ସେ ଚୀନ ଯିବେ ବୋଲି ଜଣାପଡ଼ିଛି। ନିକଟରେ ଭାରତୀୟ ସେନା କରିଥିବା 'ଅପରେସନ ସିନ୍ଦୁର' ସମୟରେ ଚୀନ ପରଦା ପଛରେ ରହି ପାକିସ୍ତାନକୁ ସହଯୋଗ କରିଥିଲା। ଏହାକୁ ନେଇ ଚୀନ ଉପରେ ମଧ୍ୟ ଦେଶବାସୀ ଖପ୍ପା ହୋଇଥିଲେ। ଏସବୁ ବିବାଦ ମଧ୍ୟରେ ମୋଦି ଚୀନ ଗସ୍ତ କରିବାକୁ ଦିନ ଧାର୍ଯ୍ୟ ହୋଇଛି।

## ହଠାତ୍ ରୁଷିଆରେ ପହଞ୍ଚିଲେ ଡୋଭାଲ



**ନୂଆଦିଲ୍ଲୀ/ମସ୍କୋ,୬।୮:** ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷିଆରୁ ଭାରତର ତେଲ କ୍ରୟ ଉପରେ ଟାରିଫ ବୃଦ୍ଧି କରିବାକୁ ଧମକ ଦେଇଥିଲେ। ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ରୁଷିଆରେ ପହଞ୍ଚିଛନ୍ତି। ଭାରତ ଏବଂ ରୁଷିଆ ମଧ୍ୟରେ ତେଲ ସମ୍ପର୍କରେ ଏକ ଚୁକ୍ତି ହୋଇପାରେ। ଏହା ସହିତ, ଡୋଭାଲ ଭାରତର ତେଲ କ୍ରୟ ସମ୍ପର୍କରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସମ୍ମୁଖରେ ଭାରତର ରଣନୀତି ସ୍ପଷ୍ଟ କରିବେ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ମଧ୍ୟ ଆସନ୍ତା ସପ୍ତାହରେ ରୁଷିଆ ଗସ୍ତ କରିପାରନ୍ତି।

# କର୍ତ୍ତବ୍ୟ ଭବନର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୬।୮:** ଦେଶର ରାଜଧାନୀ ଦିଲ୍ଲୀରେ କର୍ତ୍ତବ୍ୟ ଭବନର ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦେଶର କାମକୁ ଅଧିକ ସହଜ ଓ ସରଳ କରିବା ପାଇଁ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକୁ ଗୋଟିଏ ଛାତ ତଳକୁ ଆଣିବା ପାଇଁ ସରକାର କରିଥିବା ଯୋଜନାର ଅଂଶବିଶେଷ ହେଉଛି କର୍ତ୍ତବ୍ୟ ଭବନ। ବିଶାଳ ସେଣ୍ଟ୍ରାଲ ଭିସ୍ତା ପ୍ରକଳ୍ପ ଅଧୀନରେ ନିର୍ମାଣ କରାଯାଉଥିବା ୧୦ଟି ସାମୂହିକ କେନ୍ଦ୍ରୀୟ ସେକ୍ରେଟେରିଏଟ(ସିସିଏସ୍) ବିଲଡିଂ ମଧ୍ୟରୁ ଗୋଟିଏ ହେଉଛି କର୍ତ୍ତବ୍ୟ ଭବନ-୩। ଏହାକୁ ଆଜି ବିଧିବଦ୍ଧ ଭାବେ ପ୍ରଧାନମନ୍ତ୍ରୀ ମୋଦି ଉଦଘାଟନ କରିଛନ୍ତି।

ଏହି ବିରାଟ ବିଲଡିଂରେ ଅତ୍ୟାଧୁନିକ ଓ ଚକାଚକ କନଫରେନ୍ସ ରୁମ, ଅତ୍ୟାଧୁନିକ ଜିନିଷ ପତ୍ର ଓ ଚାରିଆଡ଼େ ସିସିଟିଭି ରହିଛି। ଏହି ବିଲଡିଂ ସ୍ୱରାଷ୍ଟ୍ର, ବୈଦେଶିକ ବ୍ୟାପାର, ଗ୍ରାମୀଣ ବିକାଶ, ଏମଏସ୍‌ଏମଇ, କାର୍ମିକ ଓ ପ୍ରଶିକ୍ଷଣ ବିଭାଗ, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ନୂଆ ଘର ପାଲଟିଛି। ପ୍ରମୁଖ ବିଜ୍ଞାନ ଭିତ୍ତିକ



ପରାମର୍ଶଦାତା(ପିଏସଏ)ଙ୍କ ଅଫିସ ୧.୫ ଲକ୍ଷ ବର୍ଗ ମିଟର ଅଞ୍ଚଳରେ ନିର୍ମିତ ଏହି ବିଲଡିଂରେ ରହିଛି। ପରିବେଶକୁ ସୁହାଇଲା ଭଳି ବ୍ୟବସ୍ଥା କର୍ତ୍ତବ୍ୟ ଭବନରେ ହୋଇଛି। ଏଠାରେ ଡବଲ ଗ୍ଲାଜେଡ ଝରକାଠାରୁ ଆରମ୍ଭ କରି ଛାତ ଉପରେ ସୋଲାର ପ୍ୟାନେଲ, ଅତ୍ୟାଧୁନିକ ହିଟିଂ, ଭେଣ୍ଟିଲେସନ, କୁଲିଂ ସିଷ୍ଟମ ଓ ବର୍ଷା ଜଳ ଅମଳ ପାଇଁ ବ୍ୟବସ୍ଥା କରାଯାଇଛି। ବିଲଡିଂରେ ଲାଗିଥିବା ସ୍ୱତନ୍ତ୍ର ଏଲଇଡି ଲାଇଟ ୩୦% ବିଜୁଳି ସଂରକ୍ଷଣରେ ସହାୟତା କରିବ।

ସାମୂହିକ କେନ୍ଦ୍ରୀୟ ସେକ୍ରେଟେରିଏଟ ଯୋଜନା ମୋଦି ସରକାର ଦାୟିତ୍ୱ ନେବା ପରେ ଆରମ୍ଭ କରିଥିଲେ। ବର୍ତ୍ତମାନ ବିଭିନ୍ନ ମନ୍ତ୍ରଣାଳୟ ୧୯୫୦ ଓ ୧୯୭୦ରେ ତିଆରି ହୋଇଥିବା ବିଲଡିଂ ଯଥା- ଶାସ୍ତ୍ରୀ ଭବନ, କୃଷି ଭବନ, ଉଦ୍ୟୋଗ ଭବନ ଓ ନିର୍ମାଣ ଭବନରେ କାର୍ଯ୍ୟ କରୁଛନ୍ତି। ସେଗୁଡ଼ିକୁ ଗୋଟିଏ ଛାତ ତଳକୁ ଆଣିବା ପାଇଁ ଏପରି ବ୍ୟବସ୍ଥା କରାଯାଉଛି। ତେବେ ବାଣିଜ୍ୟ ଭବନରେ ପୂର୍ବଭଳି ଶିଳ୍ପ ମନ୍ତ୍ରଣାଳୟ କାର୍ଯ୍ୟ କରିବେ। ଏହାକୁ ନୂଆ ବିଲଡିଂକୁ ଅଣାଯିବ ନାହିଁ। ଆଗାମୀ ଦିନରେ ଗୋଟିଏ ନୂଆ ପ୍ରଧାନମନ୍ତ୍ରୀ ଅଫିସ ଉଦଘାଟନ କରାଯିବ। ଏହା ନିର୍ବାହୀ ଏନକ୍ଲେଭ ଭାବେ ନାମିତ ହେବ। ସେହିପରି ପ୍ରଧାନମନ୍ତ୍ରୀଙ୍କ ନୂଆ ବାସଭବନ ମଧ୍ୟ ପୂରା ଦେଶ ଦେଖିବ। ପ୍ରଥମ ୩ଟି ସିସିଏସ ବିଲଡିଂର ନିର୍ମାଣ କାମ ୨୦୨୩ ନଭେମ୍ବର ସୁଦ୍ଧା ସରିବ ବୋଲି ଯୋଜନା ହୋଇଥିଲା। କିନ୍ତୁ ଏବେ ପୂରା ପ୍ରକଳ୍ପ ୨୦୨୭ ମଧ୍ୟ ଭାଗରେ ଶେଷ ହେବ ବୋଲି ଆକଳନ କରାଯାଇଛି। ପୂରା ପ୍ରକଳ୍ପରେ ୧୦ଟି ବିଲଡିଂ ନିର୍ମାଣ କରାଯାଉଛି।

## ବାହାଘର ଭୋଜି ଦେଲେ ମହୁଆ ଓ ପିନାକୀ

**ନୂଆଦିଲ୍ଲୀ,୬।୮:** ଟିଏମସି ସାଂସଦ ମହୁଆ ମୈତ୍ରା ଓ ବିଜେଡିର ପୂର୍ବତନ ସାଂସଦ ପିନାକୀ ମିଶ୍ର ସେମାନଙ୍କ ବାହାଘର ଭୋଜି ଦେଇଛନ୍ତି। ମଙ୍ଗଳବାର ଦିଲ୍ଲୀରେ ଭୋଜିର ଆୟୋଜନ କରାଯାଇଥିଲା। ଏହି ବିବାହ ଭୋଜିରେ ବିଭିନ୍ନ ରାଜନୀତିକ ଦଳର ହେଭିୱେଟ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ ଦେଇଛନ୍ତି। ମେ' ୩୦ରେ ଜର୍ମାନୀରେ ଅତ୍ୟନ୍ତ ଗୋପନ ଭାବେ ପିନାକୀ ଓ ମହୁଆ ପରସ୍ପରକୁ ଜୀବନ ସାଥୀ ଭାବେ ବାଛିଥିଲେ। ସେତେବେଳେ ବିବାହର ଫଟୋ ବେଶ ଭାଇରାଲ ହୋଇଥିଲା। ବାହାଘରର ପ୍ରାୟ ୨ ମାସ ପରେ ଦିଲ୍ଲୀରେ ଥିବା ହୋଟେଲ ଲଳିତରେ ସେମାନେ ଭୋଜି ବା ରିସେପସନର ଆୟୋଜନ କରିଥିଲେ। ଦିଲ୍ଲୀ ରିସେପସନରେ ମହୁଆ ନାଲି ଶାଢ଼ୀ ଓ ପାରମ୍ପରିକ ଅଳଙ୍କାରରେ ଝଟକିଛନ୍ତି। ପିନାକୀ ମିଶ୍ର ବେଙ୍ଗଲୀ ପରମ୍ପରା ଅନୁସାରେ ଧଳା ରଙ୍ଗର ପୋଷାକ ପରିଧାନ କରିଥିଲେ। ସୋଶାଲ ମିଡିଆରେ ଭୋଜିର ଏକାଧିକ ଫଟୋ ଭାଇରାଲ ହେଉଛି। ଯେଉଁଥିରେ ମହୁଆ ଓ ପନିକୀ ମିଳିତ ଭାବେ ଅତିଥିମାନଙ୍କୁ ସ୍ୱାଗତ କରୁଛନ୍ତି।



ଭୋଜିରେ କଂଗ୍ରେସ ସାଂସଦ ସୋନିଆ ଗାନ୍ଧି ଡିନର ଟେବୁଲରେ ରାଜ୍ୟସଭା ସାଂସଦ ରଣଜୀତ ରଞ୍ଜନ ଓ ଅନ୍ୟମାନଙ୍କ ସହ ବସିଥିବା ଫଟୋ ସାମ୍ନାକୁ ଆସିଛି। ସମାଜବାଦୀ ପାର୍ଟିର ଚାନ୍ଦୌଲି ସାଂସଦ ଭୋଜିରେ ଯୋଗ ଦେଇଥିବା ଏକ୍ସରେ ଲେଖିଛନ୍ତି। ସେ ମହୁଆ ଓ ପିନାକୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଟିଏମସି ସାଂସଦ ତଥା ରାଜ୍ୟସଭାର ଦଳର ଉପନେତା ସାଗରିକା ଘୋଷ ମଧ୍ୟ ସୋଶାଲ ମିଡିଆରେ ଫଟୋ ପୋଷ୍ଟ କରି ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଇନଷ୍ଟାଗ୍ରାମରେ ଭୋଜିର ଫୋଟକୁ ଶେୟାର କରିଛନ୍ତି ଅଭିନେତ୍ରୀ ତଥା ଟିଏମସି ସାଂସଦ ରଚନା ବାନାର୍ଜୀ।

ଏନସିପି ନେତ୍ରୀ ସୁପ୍ରିୟା ସୁଲେ, ଟିଏମସି ସାଂସସ ସାୟୋନି ଘୋଷ, ଶିବସେନା (ଉଦ୍ଧବ ଠାକରେ) ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ମଧ୍ୟ ଭୋଜିରେ ଯୋଗ ଦେଇଥିବେ ଫୋଟକୁ ପୋଷ୍ଟ କରିଛନ୍ତି। ଏମାନଙ୍କ ବ୍ୟତୀତ କଂଗ୍ରେସର ପୂର୍ବତନ ସାଂସଦ କୁନାବର ଡାନିଶ, ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଲେଶ ଯାଦବ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂହ ମାନ ମଧ୍ୟ ରିସେପସନରେ ସାମିଲ ହୋଇଥିଲେ।

## ଉତ୍ତରକାଶୀରେ କେରଳର ୨୮ ପର୍ଯ୍ୟଟକ ନିଖୋଜ

**ଡେରାଡୁନ,୬।୮:** ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଧରାଲି ଗ୍ରାମରେ ଗତ ମଙ୍ଗଳବାର ପ୍ରବଳ ବର୍ଷା ହେତୁ ବଡ଼ ଧରଣର ଭୂସ୍ଖଳନ ହୋଇଥିଲା। ଏହି ଘଟଣାରେ କେରଳର ୨୮ ଜଣ ପର୍ଯ୍ୟଟକଙ୍କ ଏକ ଦଳ ନିଖୋଜ ହୋଇଯାଇଥିବା ପର୍ଯ୍ୟଟକଙ୍କ ପରିବାର ସଦସ୍ୟ ଦାବି କରିଛନ୍ତି। ପର୍ଯ୍ୟଟକ ଦଳରେ ସାମିଲ ଥିବା ଦମ୍ପତିଙ୍କ ଜଣେ ସମ୍ପର୍କୀୟ କହିଛନ୍ତି। ୨୮ ଜଣ ପର୍ଯ୍ୟଟକଙ୍କ ମଧ୍ୟରୁ ୨୦ ଜଣ କେରଳର ଥିବା ବେଳେ ସେମାନେ ମହାରାଷ୍ଟ୍ରରେ ବସବାସ କରୁଛନ୍ତି। ବାକି ଆଠଜଣ କେରଳର ବିଭିନ୍ନ ଜିଲ୍ଲାରେ ରୁହନ୍ତି। ପର୍ଯ୍ୟଟକ ଦଳରେ ସାମିଲ ଥିବା ଦମ୍ପତିଙ୍କ ସହିତ ଆମେ କଥାହେବା ସମୟରେ ସେମାନେ ସକାଳ ପ୍ରାୟ ୮.୩୦ ସମୟରେ ଉତ୍ତରକାଶୀରୁ ଗଙ୍ଗୋତ୍ରୀ ଯାଉଥିବା କହିଥିଲେ। ହରିଦ୍ୱାରସ୍ଥିତ ଏକ ଟ୍ରାଭେଲ୍ ଏଜେନ୍ସି ୧୦ ଦିନିଆ ଉତ୍ତରାଖଣ୍ଡ ଯାତ୍ରା ଆୟୋଜନ କରିଥିଲା। ଏହି ଟ୍ରାଭେଲ୍ ଏଜେନ୍ସି ମଧ୍ୟ ଉକ୍ତ ପର୍ଯ୍ୟଟକ ଦଳ ବିଷୟରେ କୌଣସି ସୂଚନା ଦେଇପାରୁନାହିଁ। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ଦୁଃଖ ପ୍ରକାଶ କରି କହିଛନ୍ତି, ଭାରତୀୟ ସେନା ଏପର୍ଯ୍ୟନ୍ତ ୧୯୦ ଜଣଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଇଛି। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଆମକୁ ସମସ୍ତ ପ୍ରକାରର ସାହାଯ୍ୟର ଆଶ୍ୱାସନା ଦେଇଛନ୍ତି, ତାଙ୍କ ମାର୍ଗଦର୍ଶନରେ ସମସ୍ତ କାର୍ଯ୍ୟ କରାଯାଉଛି। ସମସ୍ତ ଆହତଙ୍କୁ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରି ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଉଛି। ଧରାଲି ଗ୍ରାମରେ ରାସ୍ତା ଅବରୋଧ ହୋଇଯାଇଛି । ଏହାକୁ ମରାମତି ପାଇଁ ପ୍ରୟାସ କରାଯାଉଛି। ଯଥାଶୀଘ୍ର ଏହାକୁ ମରାମତି କରାଯିବ।

### ସିବିଏସ୍‌ଇ ଛାତ୍ରଛାତ୍ରୀଙ୍କ ପାଇଁ କଠୋର ନିୟମ

## ଛୁଟି ନେଲେ ଜାରି ହେବ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ, ୬।୮:** ସିବିଏସ୍‌ଇ ସ୍କୁଲଗୁଡିକରେ ଛାତ୍ର ଛାତ୍ରୀଙ୍କ ଛୁଟିକୁ ନେଇ କଠୋର ନିୟମ ଲାଗୁ କରୁଛି। ଏନେଇ ସରକାରୀ ୱେବସାଇଟରେ ନୂଆ ନୋଟିସ୍ ଜାରି ହୋଇଛି । ନୋଟିସରେ ସ୍କୁଲ୍, ଛାତ୍ର ଏବଂ ଅଭିଭାବକଙ୍କ ପାଇଁ ୫ଟି ଗୁରୁତ୍ୱପୂର୍ଣ୍ଣ ନିୟମ ଉଲ୍ଲେଖ କରାଯାଇଛି । ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀଙ୍କ ଆଟେଣ୍ଡାନ୍ସ ୭୫ ପ୍ରତିଶତ ହେବା ଉଚିତ୍ । ଯାହାକୁ ବୋର୍ଡ ବାଧ୍ୟତାମୂଳକ କରିଛି। ବୋର୍ଡର ଏହି ନିୟମ ପରେ ଯଦି ଜଣେ ଛାତ୍ରଛାତ୍ରୀଙ୍କର ଆଟେଣ୍ଡାନ୍ସ ୭୫ ପ୍ରତିଶତ ନଥାଏ ତେବେ ତାଙ୍କୁ ବୋର୍ଡ ପରୀକ୍ଷା ଦେବାକୁ ଅନୁମତି ଦିଆଯିବ ନାହିଁ । କିନ୍ତୁ କିଛି ପରିସ୍ଥିତିରେ ଛାତ୍ରଛାତ୍ରୀଙ୍କ ପାଇଁ ଏହି ନିୟମ କୋହଳ କରାଯିବ। ଯେମିତିକି ଗୁରୁତର ଅସୁସ୍ଥତା, ପରିବାର ସଦସ୍ୟଙ୍କ ମୃତ୍ୟୁ କିମ୍ବା ଜାତୀୟ/ଅନ୍ତର୍ଜାତୀୟ ଖେଳରେ ସାମିଲ ହେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ନିୟମ କୋହଳ କରାଯିବ । ତେବେ ସମସ୍ତ ପ୍ରମାଣ ଏବଂ ଜରୁରୀ ଡକ୍ୟୁମେଣ୍ଟ ଦାଖଲ କଲେ ହିଁ ଛାତ୍ରଛାତ୍ରୀ



ଏହି ସୁବିଧା ପାଇ ପାରିବେ । ଜରୁରୀକାଳୀନ ଛୁଟି ପାଇଁ ଲିଖିତ ଭାବରେ ଆବେଦନ କରିବାକୁ ପଡିବ ଏବଂ ବୈଧ ଡକ୍ୟୁମେଣ୍ଟ ଦାଖଲ କରିବାକୁ ହେବ। ଯଦି ଅନ୍ୟ କୌଣସି କାରଣରୁ ପିଲାମାନେ ଛୁଟି ନେଇଛନ୍ତି ତେବେ ତା'ର କାରଣ ଜଣାଇବାକୁ ପଡିବ । ଯାହା ପରେ ଯାଞ୍ଚ କରାଯିବ । ଯଦି କୌଣସି ଉପଯୁକ୍ତ ଛୁଟି ରେକର୍ଡ ବିନା ଅନୁପସ୍ଥିତ ଅଛନ୍ତି, ନିୟମିତ ଭାବେ ସ୍କୁଲ ଆସୁ ନାହାନ୍ତି ତେବେ ସେହି ଛାତ୍ର ଛାତ୍ରୀଙ୍କୁ ଡମି ପ୍ରାର୍ଥୀ ଭାବେ ବିବେଚନା କରାଯିବ । ସିବିଏସଇ ଏପରି ଛାତ୍ରଛାତ୍ରୀଙ୍କୁ ବୋର୍ଡ ପରୀକ୍ଷା ଦେବାକୁ ଅନୁମତି ଦେବ ନାହିଁ । ଯଦି ଜଣେ ଛାତ୍ର ବାରମ୍ବାର ସ୍କୁଲକୁ ଆସୁ ନାହାନ୍ତି କିମ୍ବା ଆବଶ୍ୟକ ଉପସ୍ଥାନ ପୂରଣ କରୁ ନାହାନ୍ତି, ତେବେ ଅଭିଭାବକମାନଙ୍କୁ ଲିଖିତ ଭାବରେ ଏ ବିଷୟରେ ସ୍କୁଲକୁ ଜଣାଇବା ପାଇଁ ପଡ଼ିବ। ଏହି ସୂଚନା ପଞ୍ଜୀକୃତ, ସ୍ପିଡ୍ ପୋଷ୍ଟ କିମ୍ବା ଇ-ମେଲ୍ ମାଧ୍ୟମରେ ପଠାଇବାକୁ ହେବ। ଏସବୁର ରେକର୍ଡ ମଧ୍ୟ ରଖିବାକୁ ପଡିବ । ଏହା ବ୍ୟତୀତ ସିବିଏସଇ, ଛାତ୍ରଛାତ୍ରୀଙ୍କ ଆଟେଣ୍ଡାନ୍ସ ରେକର୍ଡ ଯେକୌଣସି ସମୟରେ ଅଚାନକ ଯାଞ୍ଚ କରି ପାରିବ । ଯଦି ସେହି ସମୟରେ ରେକର୍ଡରେ କୌଣସି ସର୍ଟ ଆଟେଣ୍ଡାନ୍ସ ମିଳେ ତେବେ ବୋର୍ଡ କଠୋର କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ସହିତ ବୋର୍ଡ ପରୀକ୍ଷାରୁ ବାଦ୍ ଦେଇ ପାରେ ।

## ମସଜିଦରେ ନାବାଳିକାଙ୍କୁ ବଳାତ୍କାର: ମୌଲବୀ ଗିରଫ

**ନୂଆଦିଲ୍ଲୀ,୬।୮:** କର୍ଣ୍ଣାଟକର ବେଲାଗାଭି ଜିଲାରେ ବୁଧବାର ପୋଲିସ ଜଣେ ୨୨ ବର୍ଷୀୟ ମୌଲବୀଙ୍କୁ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଗିରଫ କରିଛି। ଅଭିଯୁକ୍ତ ମୌଲବୀଙ୍କ ନାମ ତୁଫେଲ ଆହମଦ ଦାଦାପୀର ନାଗରାଚୀ, ଯିଏ ବାଗଲକୋଟ ଜିଲାର ମହାଲିଙ୍ଗପୁରାରୁ ଅଟନ୍ତି। ଘଟଣାଟି ୨୦୨୩ ଅକ୍ଟୋବର ୫ ତାରିଖରେ ଏକ ମସଜିଦ ଭିତରେ ଘଟିଥିବା ଅଭିଯୋଗ ହୋଇଛି। କିନ୍ତୁ ଏହି ଘଟଣା ସମ୍ପର୍କରେ ସୂଚନା ପ୍ରକାଶ ପାଇଲା ଯେତେବେଳେ ଜଣେ ଦକ୍ଷିଣପନ୍ଥୀ କାର୍ଯ୍ୟକର୍ତ୍ତା ପୁନୀତ କେରେହାଲି ଏକ୍ସରେ ନାବାଳିକାଙ୍କ ପିତାମାତାଙ୍କ ସହ କଥୋପକଥନର ଏକ ଭିଡିଓ ପୋଷ୍ଟ କଲେ। ବେଲାଗାଭି ଜିଲା ଏସପି ଭୀମାଶଙ୍କର ଏସ. ଗୁଲେଡ଼ କହିଛନ୍ତି, "ବେଲାଗାଭି ପୋଲିସର ସୋସିଆଲ ମିଡିଆ ମନିଟରିଂ ଟିମ୍ ମୁରଗୋଡ଼ ପୁଲିସକୁ ଏହି ଭିଡିଓ ସମ୍ପର୍କରେ ସୂଚନା ଦେଇଥିଲେ। ପୋଲିସ ନାବାଳିକାଙ୍କ ପିତାମାତାଙ୍କୁ ଚିହ୍ନଟ କରି ତଦନ୍ତ ଆରମ୍ଭ କରିଥିଲା ଏବଂ ପ୍ରାଥମିକ ତଦନ୍ତରୁ ଅଭିଯୋଗ ସତ୍ୟ ବୋଲି ଜଣାପଡ଼ିଥିଲା। କିନ୍ତୁ ପିତାମାତା ସାମାଜିକ କଳଙ୍କ ଓ ଝିଅର ଭବିଷ୍ୟତକୁ ନେଇ ଭୟଭୀତ ଥିବାରୁ ଅଭିଯୋଗ ଦାୟର କରିନଥିଲେ। ପରେ ପୋଲିସ ଏହି ସୂଚନା ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି)କୁ ପଠାଇଥିଲେ, ଯାହାପରେ କମିଟି ଅଭିଯୋଗ ଦାୟର କରିଥିଲେ ଓ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।" ପୁନୀତ କେରେହାଲି ତାଙ୍କ ଏକ୍ସ ପୋଷ୍ଟରେ ଅଭିଯୋଗ କରିଛନ୍ତି ଯେ ମସଜିଦ କର୍ତ୍ତୃପକ୍ଷ ନାବାଳିକାଙ୍କ ପିତାଙ୍କୁ ପୋଲିସ ଅଭିଯୋଗ ଦାୟର ନ କରିବାକୁ ଓ ଘଟଣା ସମ୍ପର୍କରେ କାହାକୁ ନ ଜଣାଇବାକୁ ଧମକ ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କ ବିରୁଦ୍ଧରେ ଶିଶୁ ଯୌନ ଅପରାଧ ନିରୋଧ ଆଇନ (ପୋକ୍ସୋ ଆକ୍ଟ) ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



### ୧୬ ଦେଶକୁ ବ୍ୟାପିଲା ନୂଆ ସଂକ୍ରାମକ ଭୂତାଣୁ

## ଚୀନ୍‌ରେ ୭୦୦୦ ଆକ୍ରାନ୍ତ

**ବେଜିଂ,୬।୮:** ବିଶ୍ୱର ଅନେକ ସ୍ଥାନରେ ଚିକୁନଗୁନିଆ ଭାଇରସ ପୁଣି ଥରେ ମୁଣ୍ଡ ଟେକିବାରେ ଲାଗିଛି। ଏହାର ବର୍ଦ୍ଧିତ ମାମଲାକୁ ଦୃଷ୍ଟିରେ ରଖି ଆମେରିକାର ରୋଗ ନିୟନ୍ତ୍ରଣ ଏବଂ ନିବାରଣ କେନ୍ଦ୍ର (ସିଡିସି) ଚୀନ୍ ଏବଂ ଅନ୍ୟାନ୍ୟ ଦେଶ ପାଇଁ ଏକ ଯାତ୍ରା ସତର୍କତା ଜାରି କରିଛି। ସିଡିସି ଆମେରିକୀୟ ଯାତ୍ରୀମାନଙ୍କୁ ବିପଦ ବିଷୟରେ ସତର୍କ କରାଇ ଦେଇଛି, ଯେଉଁ ସ୍ଥାନରେ ଭାଇରସ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପୁଛି ସେସବୁ ସ୍ଥାନକୁ ନଯିବାକୁ ସିଡିସି କହିଛି। ଚୀନ୍ ଚିକୁନଗୁନିଆ ମାମଲା ଦ୍ୱାରା ଅଧିକ ପ୍ରଭାବିତ ହୋଇଛି। ସେଠାରେ ୭ ହଜାରରୁ ଅଧିକ



ମାମଲା ରିପୋର୍ଟ ହୋଇଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଏପର୍ଯ୍ୟନ୍ତ ମଧ୍ୟ ଏବଂ ଦକ୍ଷିଣ ଆମେରିକା, ଆଫ୍ରିକା, ଭାରତ ମହାସାଗର ଅଞ୍ଚଳ ଏବଂ ଏସିଆର ଅନେକ ସ୍ଥାନରେ ପ୍ରାୟ ୨.୪ ଲକ୍ଷ ଚିକନଗୁନିଆ ମାମଲା ପଞ୍ଜିକୃତ ହୋଇଛି। ଯେଉଁଥିରେ ୯୦ ଜଣଙ୍କର ମୃତ୍ୟୁ ମଧ୍ୟ ଘଟିଛି। ଚୀନ୍‌ର ଦକ୍ଷିଣ ପ୍ରଦେଶ ଗୁଆଙ୍ଗଡୋଙ୍ଗଠାରେ ଜୁନ୍ ୨୦୨୫ ପରଠାରୁ ୭,୦୦୦ ରୁ ଅଧିକ ମାମଲା ରେକର୍ଡ କରାଯାଇଛି। ଏହି ସହରର ଜନସଂଖ୍ୟା ପ୍ରାୟ ୭୮ ଲକ୍ଷ। ୨୦୧୯ ପରେ ହଂକଂରେ ଚିକୁନଗୁନିଆର ପ୍ରଥମ ମାମଲା ସମ୍ପ୍ରତି ରିପୋର୍ଟ ହୋଇଛି।

## ଅକ୍ସିଜେନ୍ ସିଲିଣ୍ଡର ପ୍ଲାଣ୍ଟରେ ବିସ୍ଫୋରଣ ; ୨ ମୃତ

**ମୋହାଲି,୬।୮:** ପଞ୍ଜାବର ମୋହାଲୀ ଜିଲ୍ଲାରେ ଅକ୍ସିଜେନ୍ ସିଲିଣ୍ଡର ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ ଘଟିଛି । ଏହି ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ଜଣ ଲୋକ ଗମ୍ଭୀର ଭାବେ ଆହତ ହୋଇଛନ୍ତି । ଏପରି ଅଘଟଣ ବୁଧବାର ସକାଳୁ ଦେଖିବାକୁ ମିଳିଛି । କିନ୍ତୁ ଏପର୍ଯ୍ୟନ୍ତ ବିସ୍ଫୋରଣର କାରଣ ଜଣାପଡିନାହିଁ । ବିସ୍ଫୋରଣ ଶବ୍ଦ ହେବାରୁ ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଥିଲା ।ସୂଚନାନୁଯାୟୀ, ଏହି ଘଟଣା ପରେ ଉପ-ବିଭାଗୀୟ ମାଜିଷ୍ଟ୍ରେଟଙ୍କ ସମେତ ବରିଷ୍ଠ ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ଉଦ୍ଧାର କାର୍ଯ୍ୟ ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ । ଚିକିତ୍ସା ପାଇଁ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ବିସ୍ଫୋରଣର କାରଣ ଜାଣିବା ପାଇଁ ଅଧିକ ତଦନ୍ତ ଚାଲିଛି। ଗତ ମଙ୍ଗଳବାର ସନ୍ଧ୍ୟାରେ ବର୍ଣ୍ଣାଲା ଜିଲ୍ଲାର ଏକ ମନ୍ଦିରର ରୋଷେଇ ଘରେ ବଡ଼ ଚୁଲିରେ ଡିଜେଲ ଢାଳିବା ସମୟରେ ଅଗ୍ନିକାଣ୍ଡ ଘଟିଥିଲା । ପ୍ରାୟ ୭ଟାରେ ବର୍ଣ୍ଣାଲାର ଧନୌଲାର ଏକ ମନ୍ଦିରରେ ଭକ୍ତଙ୍କ ପାଇଁ 'ଲଙ୍ଗର' ପ୍ରସ୍ତୁତ ହେଉଥିବା ସମୟରେ ଏହି ଘଟଣା ଘଟିଥିଲା । ଏହି ଅଗ୍ନିକାଣ୍ଡରେ ୧୫ ଜଣ ପୋଡି ହୋଇଯାଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି । ଗମ୍ଭୀର ଆହତଙ୍କ ଚିକିତ୍ସା ପାଇଁ ଫରିଦକୋଟ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ବାକି ସମସ୍ତଙ୍କୁ ବର୍ଣ୍ଣାଲା ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।



## ଆଫଗାନିସ୍ତାନରେ ଭୂକମ୍ପ ଝଟକା

**କାବୁଲ,୬।୯:** ଆଫଗାନିସ୍ତାନରେ ୪.୨ ତୀବ୍ରତାର ଭୂକମ୍ପ ଝଟକା ଦେଖିବାକୁ ମିଳିଛି । ଲୋକମାନେ ଘରୁ ଭୟଭୀତ ହୋଇ ଦୌଡି ପଳାଇ ଆସିଥିଲେ। ତେବେ ଭୂକମ୍ପ ଯୋଗୁଁ ସେଭଳି କିଛି କ୍ଷୟକ୍ଷତି ହୋଇଥିବା ଜଣାପଡ଼ିନାହିଁ । ନ୍ୟାସନାଲ ସେଣ୍ଟର ଫର ସିସମୋଲୋଜିର ରେକର୍ଡ ଅନୁସାରେ, ଭୂକମ୍ପ ଅପରାହ୍ନ ୧୨ଟା ୨୦ ମିନିଟ ସମୟରେ ହୋଇଛି । ଏହାର କେନ୍ଦ୍ରସ୍ଥଳ ୪୭ କିମି ଗଭୀରତାରେ ରହିଛି । ସୂଚନାଯୋଗ୍ୟ, ଗତ ୨ ତାରିଖରେ ଆଫଗାନିସ୍ତାନରେ ୫.୫ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ୮୭ କିମି ରହିଥିଲା । ପାକିସ୍ତାନରେ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା । ଭୂକମ୍ପର ତୀବ୍ରତା ୪.୮ ରହିଥିଲା । ଯାହାର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରତାରେ ରହିଥିଲା । ଏହି ଭୂକମ୍ପ ଖାଇବର ପଖତୁନଖ୍ୱା, ପଞ୍ଜାବ ଏବଂ ଇସଲାମାବାଦ ଅଞ୍ଚଳକୁ ପ୍ରଭାବିତ କରିଥିଲା ।



# ଟ୍ରମ୍ପଙ୍କ ଦୋମୁହାଁ ନୀତିର ପର୍ଦ୍ଦାଫାସ



**ନୂଆଦିଲ୍ଲୀ, ୬।୮:** ରୁଷ ସହ ବ୍ୟବସାୟ କରୁଥିବା ଭାରତ ଉପରେ ବିରକ୍ତ ହେଉଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅସଲ ମୁଖା ଖୋଲି ଯାଇଛି। ଅସଲ କଥା ପଦରା ଯିବାରୁ ଗାଲୁଆମୀ କରିଛନ୍ତି ଟ୍ରମ୍ପ। ଆମେରିକାର ଦୋମୁହାଁ ନୀତିର ପର୍ଦ୍ଦାଫାସ ଭାରତ କରିଥିବା ବେଳେ ଏ ସଂକ୍ରାନ୍ତ ପ୍ରଶ୍ନକୁ ଏଡ଼ାଇ ଯାଇଛନ୍ତି ଟ୍ରମ୍ପ। ରୁଷ ଠାରୁ ଭାରତ ତେଲ କିଣୁଥିବାରୁ ଭାରତକୁ ଟ୍ରମ୍ପ କ୍ରମାଗତ ଭାବେ ଟାରିଫ ଧମକ ଦେଇ ଚାଲିଛନ୍ତି। ହେଲେ ରୁଷ ଠାରୁ ଆମେରିକା ୟୁରାନିୟମ ଓ ସାର କିଣୁଥିବା ଭାରତ ସାରା ବିଶ୍ୱକୁ ଜଣାଇବା ପରେ ଟ୍ରମ୍ପଙ୍କ ଅକଲ ଗୁଡୁମ ହୋଇ ଯାଇଛି। ଏ ସଂପର୍କରେ ପ୍ରଶ୍ନ କରାଯିବାରୁ ଟ୍ରମ୍ପ କିଛି ଜାଣି ନଥିବା କହିଛନ୍ତି। ଏଥିସହ ରୁଷ ସହ ବ୍ୟବସାୟ କରୁଥିବା ଦେଶଗୁଡ଼ିକ ଉପରେ ଟାରିଫ ବୃଦ୍ଧି କରାଯିବ ବୋଲି ସେ ସଙ୍କେତ ଦେଇଛନ୍ତି। ହେଲେ ଏହାର ସଂଖ୍ୟା ସମ୍ପର୍କରେ କିଛି ବି କହି ନାହାନ୍ତି।

ଆମେରିକା ନିୟମିତ ଭାବେ ମସ୍କୋ ସହ ବ୍ୟବସାୟ କରୁଥିବା ବେଳେ ଭାରତ ଓ ଅନ୍ୟ ଦେଶ ଗୁଡ଼ିକୁ ନାଲି ଆଖି ଦେଖାଉଥିବା ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଥିଲା। ଏ ସମ୍ପର୍କିତ ପ୍ରଶ୍ନରେ ଟ୍ରମ୍ପ କହିଛନ୍ତି ଯେ "ମୁଁ ଏହି ବ୍ୟବସାୟ ସମ୍ପର୍କରେ କିଛି ବି ଜାଣିନି। ମୋତେ ଏହାକୁ ଯାଞ୍ଚ କରିବାକୁ ପଡ଼ିବ।" ୨୦୨୮ ଲସ ଆଞ୍ଜେଲ୍ସ ଅଲିମ୍ପିକ୍ସ ପାଇଁ ହ୍ୱାଇଟ ହାଉସରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ ଏପରି କହିଛନ୍ତି।

**● ରୁଷଠାରୁ ୟୁରାନିୟମ ଓ ସାର କିଣୁଛି ଆମେରିକା**
**● ଭାରତ ତେଲ କିଣିଲେ ଦେଉଛି ଟାରିଫ ଧମକ**

ୟୁକ୍ରେନ ସହ ୩ ବର୍ଷ ହେଲେ ରୁଷ ଯୁଦ୍ଧ କରୁଥିବା ବେଳେ ଆମେରିକା ଏବେ ବି ବିଲିୟନ ଡଲାର ମୂଲ୍ୟର ଜିନିଷ ମସ୍କୋରୁ ଆମଦାନୀ କରୁଛି। ଏହା ମଧ୍ୟରେ ୟୁରାନିୟମ ଓ ସାର ଠାରୁ ଆରମ୍ଭ କରି ଶକ୍ତି କ୍ଷେତ୍ର ସହ ଜଡ଼ିତ ଜିନିଷ ରହିଛି। ୨୦୨୨ ଜାନୁଆରୀ ଠାରୁ ଇତି ମଧ୍ୟରେ ରୁଷ ଠାରୁ ଆମେରିକା ୨୪.୫୧ ବିଲିୟନ ଡଲାରର ଜିନିଷ ଆମଦାନୀ କରି ସାରିଲାଣି। କେବଳ ୨୦୨୪ରେ ୱାଶିଂଟନ ୧.୨୭ ବିଲିୟନ ଡଲାରର ସାର, ୬୨୪ ମିଲିୟନ ଡଲାରର ୟୁରାନିୟମ ଓ ପ୍ଲୋଟନିୟମ ସାମଗ୍ରୀ ଏବଂ ୮୭୮ ମିଲିୟନ ଡଲାରର ପାଲ୍ଲାଡିୟମ ରୁଷ ଠାରୁ କିଣିଛି। ରୁଷ ଠାରୁ ଅଶୋଧିତ ତୈଳ କିଣୁଥିବାରୁ ଆମେରିକା ଓ ୟୁରୋପ ୟୁନିୟନ ପକ୍ଷରୁ ଭାରତ ଧମକ ମିଳିବାରେ ଲାଗିଛି। ହେଲେ ଭାରତ ଏମାନଙ୍କର ଦୋମୁହାଁ ନୀତିର ପର୍ଦ୍ଦାଫାସ କରିଛି।

## ମାନହାନି ମାମଲାରେ ରାହୁଲଙ୍କୁ ଜାମିନ୍



**ରାଞ୍ଚି,୬।୮:** ଝାଡ଼ଖଣ୍ଡର ଚାଇବାସାରେ ଥିବା ସାଂସଦ-ବିଧାୟକ କୋର୍ଟ ବୁଧବାର ଦିନ ବରିଷ୍ଠ କଂଗ୍ରେସ ନେତା ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଏକ ପୁରୁଣା ମାନହାନି ମାମଲାରେ ଜାମିନ ପ୍ରଦାନ କରିଛନ୍ତି । ଏହି ମାମଲା ୨୦୧୮ ମସିହାରେ ଚାଇବାସାରେ ଏକ ରାଲି ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୁଦ୍ଧରେ ଦିଆଯାଇଥିବା ଆପତ୍ତିଜନକ ବୟାନ ସହିତ ଜଡିତ । ରାହୁଲ ଗାନ୍ଧୀଙ୍କ ଉପସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ଚାଇବାସାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଥିଲା। ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କୋର୍ଟ ପରିସରରେ ଅତିରିକ୍ତ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ରାହୁଲ ଗାନ୍ଧୀ ରାଞ୍ଚିରୁ ହେଲିକପ୍ଟର ଯୋଗେ ଚାଇବାସାରେ ପହଞ୍ଚିଥିଲେ। ବିବାଦୀୟ ବୟାନ ମାମଲାରେ, ପ୍ରତାପ କୁମାର ନାମକ ଜଣେ ସ୍ଥାନୀୟ ବ୍ୟକ୍ତି ଗାନ୍ଧୀଙ୍କ ବିରୋଧରେ ମାନହାନି ଅଭିଯୋଗ ଦାୟର କରିଥିଲେ । ସେ ଅଭିଯୋଗ କରିଥିଲେ ଯେ, ରାହୁଲ ଗାନ୍ଧୀ ଅମିତ ଶାହଙ୍କ ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଜାଣିଶୁଣି ଅପମାନଜନକ ମନ୍ତବ୍ୟ ଦେଇଛନ୍ତି । ଏହି ଆବେଦନ ଚାଇବାସାର ମାଜିଷ୍ଟ୍ରେଟ୍ କୋର୍ଟରେ ଦାୟର କରାଯାଇଥିଲା । ଏହା ଉଲ୍ଲେଖନୀୟ ଯେ, କଂଗ୍ରେସ ନେତା ଏହି ମାମଲାରେ ଝାଡ଼ଖଣ୍ଡ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ସେ ସ୍ୱତନ୍ତ୍ର କୋର୍ଟର ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିଥିଲେ ଯେଉଁଥିରେ ତାଙ୍କୁ ଜୁନ୍ ୨୬ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥି ସହ ତାଙ୍କ ଓକିଲ କୋର୍ଟରୁ ରାହୁଲ ଗାନ୍ଧୀଙ୍କ ହାଜର ପାଇଁ ଅଗଷ୍ଟ ୬ ତାରିଖ ମାଗିଥିଲେ, ଯାହାକୁ କୋର୍ଟ ଗ୍ରହଣ କରିଥିଲେ ।

# ଜୟସ୍ୱାଲ ଏକ ନମ୍ବର ଭାରତୀୟ ଟେଷ୍ଟ ବ୍ୟାଟର

**ନୂଆଦିଲ୍ଲୀ, ୬।୮:** ଟିମ୍ ଇଣ୍ଡିଆର ଓପନିଂ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଇଂଲଣ୍ଡ ଗସ୍ତରେ ଚମତ୍କାର ବ୍ୟାଟିଂ କରି ପ୍ରଶଂସକଙ୍କ ହୃଦୟ ଜିତିଛନ୍ତି। ଏଥିପାଇଁ ଯଶସ୍ୱୀଙ୍କୁ ବଡ଼ ଉପହାର ମଧ ମିଳିଛି। ସେ ଆଇସିସି ପୁରୁଷ ଟେଷ୍ଟ ବ୍ୟାଟିଂ ରାଙ୍କିଂରେ ଏକ ବଡ଼ ଲମ୍ଫ ମାରିଛନ୍ତି। ସେ ଏହି ଟେଷ୍ଟ ସିରିଜରେ ୪୦୦ରୁ ଅଧିକ ରନ କରିଥିଲେ। ସେପଟେ ଏହି ସିରିଜରେ ୭୫୪ ରନ କରିଥିବା ଭାରତୀୟ ଦଳର ଅଧିନାୟକ ଶୁଭମନ ଗିଲଙ୍କୁ ବଡ଼ କ୍ଷତିର ସାମ୍ନା କରିବାକୁ ପଡ଼ିଛି। ଯଶସ୍ୱୀ ଜୟସ୍ୱାଲ ଏବେ ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଂରେ ପଞ୍ଚମ ସ୍ଥାନରେ ପହଞ୍ଚିଛନ୍ତି। ସେ ଟିମ୍ ଇଣ୍ଡିଆରୁ ଏହି ତାଲିକାର ଶୀର୍ଷରେ ଅଛନ୍ତି।

## ତାଲିକାରେ ତଳକୁ ଖସିଲେ ଅଧିନାୟକ ଗିଲ୍



ଜୋ ରୁଟ୍ ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଂରେ ପ୍ରଥମ ସ୍ଥାନରେ ଥିବା ବେଳେ ତାଙ୍କ ସାଥୀ ହ୍ୟାରି ବ୍ରୁକ୍ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ନ୍ୟୁଜିଲ୍ୟାଣ୍ଡର କେନ୍ ୱିଲିୟମସନ୍ ତାଲିକାର ତୃତୀୟ ସ୍ଥାନରେ ଅଛନ୍ତି। ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ଚତୁର୍ଥ ସ୍ଥାନରେ ନିଜ ସ୍ଥାନ ସୁରକ୍ଷିତ କରିଛନ୍ତି। ଭାରତର ରିଷଭ ପନ୍ତ ଅଷ୍ଟମ ସ୍ଥାନକୁ ଖସିଯାଇଛନ୍ତି। ଶୁଭମନ ଗିଲ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ୭୫୪ ରନ କରିବା ସତ୍ତ୍ୱେ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ତାଙ୍କ ରାଙ୍କିଂ ହ୍ରାସ ପାଇଛି ଏବଂ ସେ ୧୩ତମ ସ୍ଥାନରେ ପହଞ୍ଚିଛନ୍ତି। ପୂର୍ବରୁ ସେ ନବମ ସ୍ଥାନରେ ଥିଲେ। ଗିଲ ଇଂଲଣ୍ଡ ବିପକ୍ଷରେ ୫ ଟେଷ୍ଟ ମ୍ୟାଚରେ ୭୫.୪୦ ହାରରେ ୭୫୪ ରନ କରିଥିଲେ। ସେ ଏକ ଦ୍ୱିଶତକ ମଧ କରିଥିଲେ। ଏହା ସତ୍ତ୍ୱେ, ତାଙ୍କ ରାଙ୍କିଂରେ ହ୍ରାସ ଘଟିଛି।

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଯଶସ୍ୱୀ ଜୟସ୍ୱାଲ ୫ଟି ମ୍ୟାଚରେ ୪୧.୧୦ ହାରରେ ୪୧୧ ରନ କରିଥିଲେ। ଏହି ସିରିଜରେ ସେ ଦୁଇଟି ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ। ତାଙ୍କର ସର୍ବୋତ୍ତମ ସ୍କୋର ୧୧୮ ରନ ଥିଲା। ଏହି ବ୍ୟାଟର ଏପର୍ଯ୍ୟନ୍ତ ଟିମ୍ ଇଣ୍ଡିଆ ପାଇଁ ୨୪ଟି ଟେଷ୍ଟ ମ୍ୟାଚରେ ୫୦.୨ ହାରରେ ୨୨୦୯ ରନ କରିଛନ୍ତି ଏବଂ ତାଙ୍କର ସର୍ବୋତ୍ତମ ସ୍କୋର ୨୧୪ ରନ। ଏହି ଭାରତୀୟ ଖେଳାଳି ଟେଷ୍ଟ କ୍ରିକେଟରେ ଛଅଟି ଶତକ, ଦୁଇଟି ଦ୍ୱିଶତକ ଏବଂ ୧୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଭବିଷ୍ୟତରେ ଖେଳାଯିବାକୁ ଥିବା ମ୍ୟାଚଗୁଡ଼ିକରେ ମଧ ଭାରତୀୟ ପ୍ରଶଂସକ ତାଙ୍କଠାରୁ ଦୃଢ଼ ପ୍ରଦର୍ଶନ ଆଶା କରିବେ।

# ବିଶ୍ୱ ମିନି ଗଲ୍ଫ ଚମ୍ପିଆନଶିପ୍‌ରେ ଭାଗନେବେ ବିକାଶ



## ୧୬ରୁ ଜର୍ମାନୀର ନେହିମ୍ ହଷ୍ଟନ୍‌ଠାରେ ଆରମ୍ଭ ହେବ

**ଭୁବନେଶ୍ୱର, ୬।୮(ସଂଚାର ବ୍ୟୁରୋ):** ଆସନ୍ତା ୧୬ରୁ ୨୩ ତାରିଖ ପର୍ଯ୍ୟନ୍ତ ଜର୍ମାନୀର ନେହିମ ହଷ୍ଟନ ସହରରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ମିନି ଗଲ୍ଫ ଚମ୍ପିଆନଶିପରେ ଓଡ଼ିଶାରୁ ବିକାଶ ଚନ୍ଦ୍ର ପଟ୍ଟନାୟକ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଥିବା ଭାରତୀୟ ଦଳ ପାଇଁ ବିକାଶଙ୍କୁ ମନୋନୀତ କରାଯାଇଛି। ବିଗତ ୮ ବର୍ଷ ଧରି ବିକାଶ ଓଡ଼ିଶାରେ ଏହି କ୍ରୀଡ଼ାର ପ୍ରଚାର ପ୍ରସାର ଦିଗରେ ଉଦ୍ୟମ କରିବା ସହ ଜାତୀୟ ସ୍ତରରେ ପଦକ ହାସଲ କରିଛନ୍ତି। ଗତ ୨୦୨୩ରେ ଗୋଆରେ ଅନୁଷ୍ଠିତ ୩୭ତମ ନ୍ୟାସନାଲ ଗେମ୍ସରେ ସ୍ୱର୍ଣ୍ଣ, ୨୦୨୪ରେ ନାଗପୁରରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ଓ ଚଳିତ ବର୍ଷ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ରାଜ୍ୟ ମିନିଗଲ୍ଫ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି। ଜଣେ ସଫଳ କୋଚ ଭାବେ ମଧ ବିକାଶ ନିଜକୁ ପ୍ରତିପାଦିତ କରିପାରିଛନ୍ତି। ମିନି ଗଲ୍ଫ ବ୍ୟତୀତ ବିକାଶ ଗେଟବଲ, ସଫ୍ଟ ଟେନିସ, ଉଡବଲ ଓ ଫ୍ଲାଇଂ ଡିସ୍କ କ୍ରୀଡ଼ାରେ ମଧ ପାରଦର୍ଶିତା ହାସଲ କରିଛନ୍ତି। ଜାତୀୟ ଦଳରେ ସାମିଲ ହେବା ପରେ ଏହା ତାଙ୍କ ପାଇଁ ଗୌରବର କଥା। ଦେଶ ତଥା ରାଜ୍ୟ ପାଇଁ ପଦକ ହାସଲ କରିବା ନିମନ୍ତେ ସବୁମତେ ଉଦ୍ୟମ କରିବେ ବୋଲି ବିକାଶ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଡବ୍ଲ୍ୟୁଟିସି ପଏଣ୍ଟ ତାଲିକା: ତୃତୀୟକୁ ଉଠିଲା ଭାରତ

## ଚତୁର୍ଥ ସ୍ଥାନକୁ ଖସିଲା ଇଂଲଣ୍ଡ

ଦୁବାଇ,୬।୮: ଘରୋଇ ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟକୁ ୬ରନ୍‌ରେ ଜିତି ଭାରତ ସିରିଜ ଡ୍ର’ କରିବା ସହ ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ପଏଣ୍ଟ ତାଲିକାରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ପୂର୍ବରୁ ଏହି ସ୍ଥାନରେ ଥିବା ଇଂଲଣ୍ଡ ଚତୁର୍ଥକୁ ଖସିଛି। ଓଭାଲ ଟେଷ୍ଟରେ ବିଜୟ ସହ ଭାରତ ମୋଟ ୧୨ପଏଣ୍ଟ ହାସଲ କରିଥିଲା। ଗିଲ୍ ବାହିନୀ ୫ମ୍ୟାଚ୍ ବିଶିଷ୍ଟ ସିରିଜରେ ମୋଟ ୨୮ ପଏଣ୍ଟ ପାଇଥିବାବେଳେ ଇଂଲଣ୍ଡ ୨୬ପଏଣ୍ଟ ହାସଲ କରିଥିଲା। ଉଭୟ ଦଳ ୨ଟି ଲେଖାଏଁ ମ୍ୟାଚ୍ ଜିତିଥିବାବେଳେ ଗୋଟିଏ ଡ୍ର’ କରିଥିଲେ। ମାତ୍ର ଲର୍ଡ୍ସ ଟେଷ୍ଟରେ ମନ୍ଥର ବୋଲିଂ ଅପମାନ ପାଇଁ ଇଂଲଣ୍ଡ ୨ପଏଣ୍ଟ ହରାଇଥିଲା। ଭାରତ ୪୬.୬୭% ଏବଂ ଇଂଲଣ୍ଡ ୪୩.୩୩% ସହ ତୃତୀୟ ଓ ଚତୁର୍ଥରେ ରହିଛନ୍ତି। ଅଷ୍ଟ୍ରେଲିଆ ସର୍ବାଧିକ ୩୬ପଏଣ୍ଟ (୧୦୦%) ସହ ତାଲିକାରେ ଶୀର୍ଷ ସ୍ଥାନରେ ରହିଥିବାବେଳେ ଶ୍ରୀଲଙ୍କା ୧୬ପଏଣ୍ଟ (୬୬.୬୭%) ସହ ଦ୍ୱିତୀୟ ସ୍ଥାନରେ ରହିଛି।



# ହାମିଲ୍‌ଟନ୍‌ଙ୍କ ଫେରାରି ଛାଡ଼ିବା ଚର୍ଚ୍ଚା

**ନୂଆଦିଲ୍ଲୀ, ୬।୮:** ଫର୍ମୁଲା ୱାନ୍‌ର ସବୁଠୁ ସଫଳ ଡ୍ରାଇଭର୍ ଲୁଇସ ହାମିଲଟନ୍ ନିଜ ଦଳ ଫେରାରି ଛାଡ଼ିବା ନେଇ ଚର୍ଚ୍ଚା ଚାଲିଛି। ଚଳିତ ମାସ ପ୍ରଥମ ସପ୍ତାହାନ୍ତରେ ହୋଇଥିବା ହଙ୍ଗେରିଆନ୍ ଓପନ୍‌ରେ ସେ ଦ୍ୱାଦଶ ସ୍ଥାନରେ ରହିଥିଲେ। ଏହାପରେ ସେ ଚଳିତ ମାସରେ କିଛି ଦିନ ବିରତି ନେଇ ପ୍ରତିଯୋଗିତାଠୁ ଦୂରେଇ ରହିବାକୁ ଚିନ୍ତା କରିଛନ୍ତି। ହଙ୍ଗେରିରେ ଦ୍ୱାଦଶ ସ୍ଥାନରେ ରହିବା ପରେ ସେ କହିଛନ୍ତି, ‘‘ବହୁତ ଖରାପ, ଭାବୁଛି ମୋ ସ୍ଥାନରେ ଫେରାରି ଆଉ କାହାକୁ ନେଇପାରେ’’।

ଏହି ବାର୍ତ୍ତା ତାଙ୍କ ଫେରାରି ଛାଡ଼ିବା ଚର୍ଚ୍ଚାକୁ ଜୋର୍ କରିଛି। ୭ ଥରର ବିଶ୍ୱବିଜେତା ଏବଂ ରେକର୍ଡ ୧୦୫ ବିଜୟ ପାଇଥିବା ଏହି ଇଂଲିସ୍ ଡ୍ରାଇଭର୍ ୧୪ ରେସ୍‌ରେ ପୋଡିୟମ୍ ଫିନିସ୍ କରିବାରେ ବିଫଳ ହୋଇଛନ୍ତି। ଗତ ଜୁନ୍‌ରେ କାନାଡ଼ାରେ ସେ ଫେରାରି ସହ ବହୁଦିନ ରହିବେ ବୋଲି ସାମ୍ବାଦିକମାନଙ୍କୁ କହିଥିଲେ। ସେ କହିଥିଲେ, ‘‘ରେସିଂ ପ୍ରତି ଆଗ୍ରହ ନଥିବା ନେଇ ସମସ୍ତେ ମୋ ବିଷୟରେ ଲେଖୁଛନ୍ତି। ମୁଁ ଏବେ ଫେରାରି ସହ ଆରମ୍ଭ କରିଛି। ଫେରାରି ଦଳ ପାଇଁ ମୁଁ କ’ଣ କରିପାରିବି? ସେଭଳି ପ୍ରଶ୍ନ ସଂପ୍ରତି ମୋ ମନରେ ନାହିଁ। ତେଣୁ ଏଥିରେ କିଛି ସନ୍ଦେହ ନାହିଁ। ଏଭଳି ଚର୍ଚ୍ଚା ବନ୍ଦ କରନ୍ତୁ’’। ସୂଚନାଯୋଗ୍ୟ ଯେ ହାମିଲଟନ୍ ଗତ ବର୍ଷ ମର୍ସିଡିଜ୍ ସହ ସମ୍ପର୍କ ତୁଟାଇ ଫେରାରିରେ ଚଳିତ ବର୍ଷ ଯୋଗ ଦେଇଥିଲେ।

# ଦିନିକିଆରେ ଅଧିନାୟକ ହେବେ ଶୁଭମନ ଗିଲ୍



## ଦାବି କଲେ ମହମ୍ମଦ କୈଫ୍

**ନୂଆଦିଲ୍ଲୀ, ୬।୮:** ରୋହିତ ଶର୍ମାଙ୍କ ସ୍ଥାନରେ ଅଧିନାୟକ ଭାବରେ ଶୁଭମନ ଗିଲ୍ ସ୍ଥାନ ପାଇବା ନେଇ ପୂର୍ବତନ ଭାରତୀୟ କ୍ରିକେଟର ମହମ୍ମଦ କୈଫ୍ ଦାବି କରିଛନ୍ତି। ଇଂଲଣ୍ଡ ଗସ୍ତ ସମୟରେ ମହମ୍ମଦ କୈଫ୍ ଗିଲଙ୍କ ଅଧିନାୟକତ୍ୱରେ ବହୁତ ପ୍ରଭାବିତ ହୋଇଥିଲେ। କୈଫ୍ କହିଛନ୍ତି ଯେ ଲର୍ଡସରେ ପ୍ରତିପକ୍ଷଙ୍କ ସହ ଝଗଡ଼ା ପରେ ଗିଲ ୫ମ ଟେଷ୍ଟରେ ବହୁତ ଶାନ୍ତ ଦେଖାଯାଉଥିଲେ, ବ୍ରୁକ୍ ଏବଂ ରୁଟ୍ ମଧରେ ଏକ ପାର୍ଟନରସିପ୍ ହୋଇଥିଲେ ମଧ ରାଗି ଯାଇ ନଥିଲେ। ଇଂଲଣ୍ଡ ଗସ୍ତ ପୂର୍ବରୁ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ, ଯାହା ପରେ ବିସିସିଆଇ ନୂତନ ଟେଷ୍ଟ ଅଧିନାୟକ ଭାବରେ ଶୁଭମନ ଗିଲଙ୍କ ନାମ ଘୋଷଣା କରିଥିଲା। ସେ ଅଧିନାୟକ ଭାବରେ ପ୍ରଥମ ଟେଷ୍ଟ ସିରିଜରେ ଅନେକ ରେକର୍ଡ କରିଛନ୍ତି। କୈଫ୍ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ କହିଛନ୍ତି, “ଗିଲଙ୍କ ଅଧିନାୟକତ୍ୱ ଉପରେ ଅନେକ ପ୍ରଶ୍ନ ଉଠିଥିଲା, ମୋ ମତରେ ସେ ଏହି ବଡ଼ ସୁଯୋଗର ପୂର୍ଣ୍ଣ ଉପଯୋଗ କରିଥିଲେ। ଶୁଭମନ ଗିଲ ରୋହିତ ଶର୍ମାଙ୍କ ସ୍ଥାନରେ ଦିନିକିଆରେ ମଧ ଅଧିନାୟକ ହେବାକୁ ପ୍ରସ୍ତୁତ ଅଛନ୍ତି। ଟେଷ୍ଟ ପରେ ଗିଲଙ୍କୁ ଦିନିକିଆର ଅଧିନାୟକତ୍ୱ ମଧ ମିଳିବ। କାରଣ ଆମେ ଜାଣିନାହୁଁ ଯେ ରୋହିତ ଶର୍ମା କେତେ ଦିନ ପାଇଁ ଦିନିକିଆରେ ଅଧିନାୟକତ୍ୱ କରିବେ। ଯେତେବେଳେ ରୋହିତ ବିଦାୟ ନେବେ, ତାଙ୍କ ସ୍ଥାନରେ ଗିଲଙ୍କୁ ଅଧିନାୟକତ୍ୱ ଦିଆଯିବ।”

# ରେସଲିଂ ବିଶ୍ୱ ଚାମ୍ପିଅନସିପ୍ ୩୦ଜଣିଆ ଭାରତୀୟ ଦଳ ଘୋଷଣା

## ନେତୃତ୍ୱ ନେବେ ଅମନ, ଅନ୍ତିମ





**ନୂଆଦିଲ୍ଲୀ,୬।୮:** କ୍ରୋଏସିଆର ଜାଗ୍ରେବ ଠାରେ ଆଗାମୀ ସେପ୍ଟେମ୍ବର ୧୩ରୁ ୨୧ ତାରିଖ ମଧରେ ରେସଲିଂ ବିଶ୍ୱ ଚାମ୍ପିଅନସିପ୍ ଆୟୋଜିତ ହେବ। ଏଥିପାଇଁ ୩୦ଜଣିଆ ଭାରତୀୟ ଦଳ ଘୋଷଣା ହୋଇଛି। ଗତ ରବିବାର ଚୟନ ପ୍ରତିଯୋଗିତା ମାଧମରେ ଦଳ ଚୟନ କରାଯାଇଥିଲା। ପ୍ୟାରିସ୍ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜେତା ଅମନ ସେହରାୱତ ଏବଂ ଯୁବା ରେସଲର ଅନ୍ତିମ ପଙ୍ଘାଲ ଦଳର ନେତୃତ୍ୱ ନେବେ। ସେହିପରି ଏସୀୟ ଚାମ୍ପିଅନ୍ ମନୀଷା ଭାନୱାଲ ଓ ସୁଜିତ କଲକଲ, ଅଲିମ୍ପିଆନ ଦୀପକ ପୁନିଆଙ୍କ ଭଳି ଷ୍ଟାର୍ ରେସଲର ଦଳରେ ସାମିଲ ରହିଛନ୍ତି। **ଭାରତୀୟ ଦଳ:** ମହିଳା ଫ୍ରୀ-ଷ୍ଟାଇଲ୍: ଅଙ୍କୁଶ (୫୦କିଲୋ), ଅନ୍ତିମ ପଙ୍ଘାଲ (୫୩କିଲୋ), ନିଶୁ (୫୫କିଲୋ), ତପସ୍ୟା (୫୭କିଲୋ), ନେହା ସାଙ୍ଗୱାନ (୫୯କିଲୋ), ମନୀଷା ଭାନୱାଲ (୬୨କିଲୋ), ବୈଷ୍ଣବୀ ପାଟିଲ (୬୫କିଲୋ), ସ୍ରିଷ୍ଟି (୬୮କିଲୋ), ଜ୍ୟୋତି ବରୱାଲ (୭୨କିଲୋ), ପ୍ରିୟା ମଲିକ (୭୬କିଲୋ)। **ପୁରୁଷ ଫ୍ରୀ-ଷ୍ଟାଇଲ୍:** ଅମନ ସେହରାୱତ (୫୭କିଲୋ), ଉଦିତ ଗୁଲିଆ (୬୧କିଲୋ), ସୁଜିତ କଲକଲ (୬୫କିଲୋ), ରୋହିତ (୭୦କିଲୋ), ଜୟଦୀପ ନରୱାଲ (୭୪କିଲୋ), ଅମିତ (୭୯କିଲୋ), ମୁକୁଲ ଡାହିୟା (୮୬କିଲୋ), ଦୀପକ ପୁନିଆ (୯୨କିଲୋ), ଭିକି (୯୭କିଲୋ), ରଜତ (୧୨୫କିଲୋ)। **ଗ୍ରେକୋ-ରୋମାନ:** ଅନିଲ ମୋର (୫୫କିଲୋ), ସୁରଜ (୬୦କିଲୋ), ସନି କୁମାର (୬୩କିଲୋ), ଅନିଲ (୬୭କିଲୋ), ଅଙ୍କିତ ଗୁଲିଆ (୭୨କିଲୋ), ଅମନ (୭୭କିଲୋ), ରାହୁଲ (୮୨କିଲୋ), କରଣ (୭କିଲୋ), ନିତେଶ (୯୭କିଲୋ), ସୋନୁ (୧୩୦କିଲୋ)।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କେନ୍ଦ୍ର ...

ମୁଖ୍ୟମନ୍ତ୍ରୀ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ମହାନଦୀ ଜଳ ବିବାଦର ଆପୋଷ ସମାଧାନ କଥା କହିଥିଲେ । ଉଭୟ ରାଜ୍ୟକୁ ସୁହାଇଲା ଭଳି ଏକ ସମାଧାନର ରାସ୍ତା ବାହାର କରିବା ପାଇଁ ଆଜି କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଶ୍ରୀ ପାଟିଲଙ୍କୁ ‘ଭିଜନ ଓଡ଼ିଶା ୨୦୩୬। ୨୦୪୭’ ପ୍ରଦାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦିଲ୍ଲୀ ଗସ୍ତରେ ଥିବା ସମୟରେ ସଂସଦ ପରିସରରେ ରାଜ୍ୟର ବିଜେପି ସାଂସଦମାନଙ୍କୁ ମଧ୍ୟ ଭେଟିଛନ୍ତି। ବିଜେପି ସାଂସଦଙ୍କ ମଧ୍ୟରେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ପୁରୀ ସାଂସଦ ସମ୍ବିତ ପାତ୍ର ଓ ରାଇରଙ୍ଗପୁର ସାଂସଦ ନବଚରଣ ମାଝୀ ଉପସ୍ଥିତ ଥିଲେ। ସେହିପରି ଭୁବନେଶ୍ୱର ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମଧ୍ୟ ଏହି ସାକ୍ଷାତ ସମ୍ପର୍କରେ ସୋସିଆଲ ମିଡିଆ ‘ଏକ୍ସ’ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ତେବେ ଏହି ଆଲୋଚନା ନେଇ ଓଡ଼ିଶାର ରାଜନୈତିକ ମହଲରେ ଆଲୋଚନାର ବିଷୟବସ୍ତୁ ହୋଇଛି।

## ଓଡ଼ିଆରେ...

ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି। ଜାରି ନିର୍ଦ୍ଦେଶନାମା ଅନୁସାରେ, ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସେମାନଙ୍କ ସାଇନ ବୋର୍ଡର ମୋଟ କ୍ଷେତ୍ରଫଳର ଅନ୍ୟୂନ ୬୦ ପ୍ରତିଶତରେ ଓଡ଼ିଆ ଭାଷା ବ୍ୟବହାର କରିବେ। ସେହିପରି ନିର୍ଦ୍ଦେଶର ଅନୁପାଳନକୁ ପ୍ରୋତ୍ସାହିତ କରିବା ପାଇଁ ଉପରୋକ୍ତ ଆବଶ୍ୟକତା ପାଳନ କରୁଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଙ୍କୁ ଆଗାମୀ ଟ୍ରେଡ ଲାଇସେନ୍ସ ନବୀକରଣ ସମୟରେ ଦେୟର ୫ ପ୍ରତିଶତ ରିହାତି ଦିଆଯିବ। ଏହି ସୁବିଧା ସୁଯୋଗ ପୋର୍ଟାଲ/ଭୁବନେଶ୍ୱର.ମି ପୋର୍ଟାଲରେ ଉପଲବ୍ଧ ହେବ।

ସେହିପରି ମହାନଗର ନିଗମ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦମାନେ ଟ୍ରେଡ ଲାଇସେନ୍ସ ନବୀକରଣ ଓ ନିରୀକ୍ଷଣ ସମୟରେ ଅନୁପାଳନ ଯାଞ୍ଚ ଆସନ୍ତା ୩୦ ସେପ୍ଟେମ୍ବର ୨୦୨୫ ସୁଦ୍ଧା ଶେଷ କରି ଉପରୋକ୍ତ ନିର୍ଦ୍ଦେଶର ପରିପାଳନ ସୁନିଶ୍ଚିତ କରିବେ। ଅନୁପାଳନ କରୁନଥିବା ପ୍ରତିଷ୍ଠାନମାନଙ୍କୁ ବିଜ୍ଞପ୍ତି ଜାରି କରାଯିବ ଓ ସେମାନଙ୍କୁ ସାଇନ ବୋର୍ଡ ସଂଶୋଧନ ପାଇଁ ୫୫ ଦିନ ସମୟ ଦିଆଯିବ। ଏହା ପାଳନ ନ ହେଲେ ସଂଶୋଧନ ହେବା ପର୍ଯ୍ୟନ୍ତ ପ୍ରତିଦିନ ୫ ଶହ ଟଙ୍କା ଜରିମାନା ଲାଗୁ ହେବ। ଆହୁରି ମହାନଗର ନିଗମ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଏହି ନିର୍ଦ୍ଦେଶ ସମ୍ପର୍କରେ ଦୋକାନୀ ଓ ବାଣିଜ୍ୟିକ ପ୍ରତିଷ୍ଠାନମାନଙ୍କୁ ଅବଗତ କରାଇବା ସହ ସୁଗମ କାର୍ଯ୍ୟକାରିତା ପାଇଁ ସଚେତନତା ଅଭିଯାନ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜାରି ନିର୍ଦ୍ଦେଶନାମାର କଡ଼ା ଅନୁପାଳନ ସୁନିଶ୍ଚିତ କରି ୬୦ ଦିନ ମଧ୍ୟରେ କାର୍ଯ୍ୟାଳୟରେ ଅନୁପାଳନ ରିପୋର୍ଟ ଦାଖଲ ପାଇଁ କୁହାଯାଇଛି। କୌଣସି ସ୍ପଷ୍ଟୀକରଣ ବା ସହାୟତା ପାଇଁ ନିର୍ଦ୍ଦେଶକ ଓ ପୌର ପ୍ରଶାସନ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

## ନିଜକୁ ...

ଶଶିକାନ୍ତ ପରିଡ଼ାଙ୍କ ଝିଅ ପିଡି ସଙ୍ଗୀତା ଜନୈକ ଯୁବକଙ୍କୁ ଭଲ ପାଉଥିଲେ। ପ୍ରେମ ସମ୍ପର୍କ ମଧ୍ୟରେ ପୁରୁଷ ବନ୍ଧୁ ଜଣଙ୍କ ତାଙ୍କର କେତେକ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ପରେ ସେ ତାଙ୍କର ଉକ୍ତ ଫଟୋ ଓ ଭିଡିଓ ଭାଇରାଲ୍ କରିଦେବାକୁ ସଙ୍ଗୀତାଙ୍କୁ ଧମକ ଦେଇଥିଲେ। ଫଳତଃ ସେ ମାନସିକ ଭାବେ ଦୁର୍ବଳ ହୋଇପଡ଼ିଥିଲେ। ତେବେ ବଡ଼ପଡ଼ା କଲେଜରେ ଯୁକ୍ତ ତିନି ଶେଷ ବର୍ଷ କଳା ଛାତ୍ରୀ ଥିବା ସଙ୍ଗୀତା ଆଜି ସକାଳେ ଘରେ କେହି ନ ଥିବାର ସୁଯୋଗ ନେଇ ନିଜ ଜୀବନ ଶେଷ କରିବାକୁ ଚରମ ନିଷ୍ପତ୍ତି ନେଇଥିଲେ। ତାଙ୍କ ବାପା-ମା’ କୌଣସି କାମରେ ପଟ୍ଟାମୁଣ୍ଡାଇ ଯାଇଥିବା ବେଳେ ସେ ଘରେ ଏକାକୀ ଥିଲେ। ସଙ୍ଗୀତ ନିଜ ଜୀବନ ନେଇସାରିଥିଲେ ମଧ୍ୟ ଏନେଇ କେହି କିଛି ବି ଜାଣିପାରିନଥିଲେ। ବାପା-ମା ଘରକୁ ଫେରି ସଙ୍ଗୀତାଙ୍କ ରୁମ ଭିତରୁ ବନ୍ଦ ଥିବା ଦେଖିଥିଲେ। ତେବେ ସେମାନେ ବହୁ ସମୟ ଧରି ତାଙ୍କୁ ଡାକିଥିଲେ ମଧ୍ୟ କୌଣସି ଉତ୍ତର ନ ମିଳିବାରେ ଶେଷରେ ବାପା-ମା ବାଧ୍ୟ ହୋଇ କବାଟ ଭାଙ୍ଗିଥିଲେ। ତେବେ ଭିତରେ ସେମାନେ ଯାହା ଦେଖିଥିଲେ, ତା’ ସେମାନଙ୍କ ପାଇଁ ବେଶ୍ ହୃଦୟ ବିଦାରକ ଥିଲା। କାରଣ ଘର ଭିତରେ ସଙ୍ଗୀତାଙ୍କ ମୃତଦେହ ପଡ଼ିଥିଲା। ତେବେ ସଙ୍ଗୀତା ପୋଡ଼ି ହୋଇ ମୃତ୍ୟୁବରଣ କରିଥିଲେ ମଧ୍ୟ ଭିତର ରୁମ୍‌ର ବିଶେଷ କ୍ଷତି ହୋଇନଥିବାରୁ ଏହାକୁ ନେଇ ସନ୍ଦେହ ଉପୁଜିଛି। ସେହିପରି ଜଣେ ନିଜକୁ ଜାଳିଦେଇଥିବା ବେଳେ କିପରି ପାଖ ପଡ଼ୋଶୀ କେହି କିଛି ବି ଶୁଣିପାରିଲେନି, ତା’ ମଧ୍ୟ ସମସ୍ତଙ୍କୁ ଚକିତ କରିଛି।

ସେହିପରି ସଙ୍ଗୀତା ଭଲ ପାଉଥିବା ଯୁବକଙ୍କୁ ପରିବାର ଲୋକେ ପସନ୍ଦ କରୁନଥିବାରୁ ପ୍ରେମିକ ଜଣଙ୍କ ଫଟୋ ଓ ଭିଡିଓ ଭାଇରାଲ୍ କରିବାକୁ ଧମକ ଦେଇଥିଲେ। ଏହାକୁ ନେଇ ପାଖାପାଖି ୪ ମାସ ତଳେ ଗ୍ରାମାଞ୍ଚଳ ଥାନାରେ ପରିବାର ପକ୍ଷରୁ ଏତଲା ମଧ୍ୟ ଦିଆଯାଇଥିଲା। ମାତ୍ର ପୁଲିସ ଏହି ମାମଲାକୁ ସେତେଟା ଗୁରୁତ୍ୱ ଦେଇ ନଥିଲା। ଆଜି ସଙ୍ଗୀତା ଆତ୍ମହତ୍ୟା କରିବା ପରେ ସ୍ଥାନୀୟ ଲୋକେ ଏହି ମାମଲାରେ ପୁଲିସ୍‌ର ଦାୟିତ୍ୱହୀନତାକୁ ମଧ୍ୟ ଦାୟୀ କରିଛନ୍ତି। ଖବର ପାଇ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମା ସାଗର ପଣ୍ଡା, ପଟ୍ଟାମୁଣ୍ଡାଇ ମଡେଲ ଥାନା ଆଇଆଇସି ବନ୍ଦନା ପାତ୍ର, ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ସମଗ୍ର ମାମଲାର ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, କିଶୋର ତରାଇ, ଡ. ଅଲେଖ ଜେନା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରମୁଖ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଛନ୍ତି। ଘଟଣା ଘଟିବା ପରେ ଏହା ସ୍ଥାନୀୟ ଅଞ୍ଚଳରେ ଦ୍ରୁତ ଗତିରେ ପ୍ରଚାରିତ ହେବା ଫଳରେ ପୀଡ଼ିତାଙ୍କ ଘର ସମ୍ମୁଖରେ ହଜାର ହଜାର ଲୋକ ରୁଣ୍ଡ ହୋଇଥିଲେ।

**ପାରିପାର୍ଶ୍ୱିକ ସ୍ଥିତି ନେଇ ହେବ ତଦନ୍ତ ହେବ: ଡିଜି**

ଭୁବନେଶ୍ୱର: କେନ୍ଦ୍ରାପଡ଼ାରେ ଯୁବତୀ ଜିଅନ୍ତା ଜଳିଯିବା ଘଟଣା ଉପରେ ପ୍ରତିକ୍ରିୟା ରଖିଛନ୍ତି ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ। ସେ କହିଛନ୍ତି ଯେ ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ଏସପି ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ପାରିପାର୍ଶ୍ୱିକ ଘଟଣାକୁ ନେଇ ସେ ତଦନ୍ତ କରିବେ। ଏଥିସହ ପୀଡ଼ିତାଙ୍କ ବାପା ଆଣିଥିବା ଅଭିଯୋଗ ଉପରେ ବି ତଦନ୍ତ ହେବ। ତଦନ୍ତ ପରେ ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଖୁରାନିଆ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ସ୍ୱପ୍ନର...

ବିଦ୍ୟାଳୟ ସଂଗଠନ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ସେମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ପ୍ରସ୍ତୁତ କରାଯାଉଥିବା ବେଳେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ମଧ୍ୟ ସବୁ ଦିଗରୁ ଉତ୍ସାହିତ କରାଯାଉଛି। ଓଏଭି ଛାତ୍ରଛାତ୍ରୀମାନେ ଦେଶର ପ୍ରମୁଖ ଇଞ୍ଜିନିୟରିଂ କଲେଜରେ ସ୍ଥାନ ପାଇବାରେ ସକ୍ଷମ ହୋଇଥିବାରୁ ସେମାନଙ୍କୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ୧୬୩୫ ନୂଆ...

ଦେବାକୁ ଶ୍ରୀ ସିଂହ ଉକ୍ତ ଚିଠିରେ ନିର୍ଦ୍ଦେଶ ଦେଇଛନ୍ତି।

ସେ କହିଛନ୍ତି ଯେ ରାଜସ୍ୱ ପର୍ଷଦଙ୍କ ନିର୍ଦ୍ଦେଶ ପାଇବା ପରେ ଜିଲ୍ଲାପାଳ ତା’ର ଏକ କପି ତହସିଲ୍‌ଦାରଙ୍କୁ ପଠାଇବେ। ସେଥିରେ ଚାପ୍ଟର-୪ ଅନୁଯାୟୀ ମାନଚିତ୍ର ଓ ରେକର୍ଡରେ ଆବଶ୍ୟକ ପରିବର୍ତ୍ତନ କରାଯିବା ଜରୁରୀ। ସେହିପରି ରାଜସ୍ୱ ନିୟମ-୪୪ ଓ ୪୫ରେ ମଧ୍ୟ ଏହା ଉଲ୍ଲେଖ ହୋଇଛି ଯେ ନୂତନ ରାଜସ୍ୱ ଗ୍ରାମର ସୀମା ପୁନଃ ନିର୍ଦ୍ଧାରଣ ବେଳେ ସ୍ୱତ୍ୱାଧିକାର ପରିବର୍ତ୍ତନକୁ ଗୁରୁତ୍ୱ ଦେବାକୁ ହେବ। ନକ୍ସା ପ୍ରସ୍ତୁତି ସମୟରେ ଯେପରି ଏହା ମିଶି ନ ଯାଏ, ତା’ ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭୂମି ରେକର୍ଡ ପୂର୍ଣ୍ଣଭାବେ କମ୍ପ୍ୟୁଟରାଇଜ୍ ଓ ମାନଚିତ୍ରଗୁଡ଼ିକ ଡିଜିଟାଲାଇଜ୍ ହୋଇଛି। ନକ୍ସା ପରିବର୍ତ୍ତନ ସମୟରେ ଯଦି ସୂଚନା ପ୍ରଯୁକ୍ତି ବିଦ୍ୟା ଠିକଣା ଭାବେ ପ୍ରୟୋଗ କରାଯିବ, ତା’ହେଲେ ରାଜସ୍ୱ ଗ୍ରାମ ସୀମା ନକ୍ସା ଅପେକ୍ଷାକୃତ କମ୍ ସମୟ ଓ ପ୍ରୟାସରେ ସମ୍ପାଦନ ହୋଇପାରିବ। ନୂତନ ରାଜସ୍ୱ ଗ୍ରାମର ସୀମା ଓ ନକ୍ସା ପ୍ରସ୍ତୁତି ବେଳେ ଯେଭଳି ସ୍ୱଚ୍ଛତା ରହିବ, ତାକୁ ଗୁରୁତ୍ୱ ଦେବାକୁ ଶ୍ରୀ ସିଂହ ଦର୍ଶାଇଛନ୍ତି।

## ମୋଦିଙ୍କୁ...

ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ପ୍ରମାଣପତ୍ର ଗ୍ରହଣ କରିବା ତାଙ୍କ ପାଇଁ ଆନନ୍ଦ ଓ ଆତ୍ମସନ୍ତୋଷର ବିଷୟ। ସୂଚନାଯୋଗ୍ୟ ଯେ ୩ କୋଟି ୫୩ ଲକ୍ଷରୁ ଅଧିକ ପଞ୍ଜୀକରଣ ଓ ଟେଲିଭିଜନରେ ୨୧ କୋଟିରୁ ଅଧିକ ଦର୍ଶକ ‘ପରୀକ୍ଷା ପେ ଚର୍ଚ୍ଚା-୨୦୨୫’ର ପ୍ରସାରଣ ଦେଖିଛନ୍ତି।

## ପୁଲିସ୍ ...

ଡେଇଁବା ଏବେ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ହୋଇଛି। ଦେଶର ୭ଟି ରାଜ୍ୟରେ ମାଓ ଗତିବିଧି ପରିଲକ୍ଷିତ ହେଉଥିବା ବେଳେ ୩୮ ଜିଲ୍ଲାରେ ମାଓବାଦୀମାନେ ସୀମିତ ରହିଛନ୍ତି। ଏଥିରେ ଓଡ଼ିଶାର ୧୦ଟି ଜିଲ୍ଲା ରହିଛି। ଯଦି ତୁରନ୍ତ ସୁନ୍ଦରଗଡ଼ ଜିଲ୍ଲାରେ ମାଓ ଦମନ ସକାଶେ ଠୋସ୍ ପଦକ୍ଷେପ ନିଆନଯାଏ ତା’ହେଲେ ଓଡ଼ିଶାରେ ମାଓ ଜିଲ୍ଲା ସଂଖ୍ୟା ବୃଦ୍ଧି ପାଇବା ଏକରକମ ନିଶ୍ଚିତ।

ମାଓ ଦମନ ପାଇଁ ଗୁଇନ୍ଦା ସୂଚନା ସବୁଠାରୁ ବଳିଷ୍ଠ ଆଧାର ହୋଇଥିବା ବେଳେ ରାଉରକେଲା ପୁଲିସ୍ ଯେପରି ଭାବେ ଗୁଇନ୍ଦା ସୂଚନାକୁ ଅଣଦେଖା କଲା, ତା’ ଏବେ ରାଜ୍ୟର ନୂଆ ସରକାର ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ। କାରଣ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବାରମ୍ବାର ମାଓବାଦୀଙ୍କ ମୂଳପୋଛ ପାଇଁ ଆହ୍ୱାନ ଦେଉଥିବା ବେଳେ ପୁଲିସ୍‌ର ଏଭଳି ନିଦାବିଷ୍ଟୁ ଅବତାର ନେଇ ରାଜ୍ୟ ସରକାରଙ୍କୁ କେତେବେଳେ ବି କେନ୍ଦ୍ର ସରକାର କୈଫିୟତ୍ ମାଗିବାର ଆଶଙ୍କା ଉପୁଜିଲାଣି।

## ଚାଲିଗଲେ...

ଗାଁର ଟଙ୍କଧର ପାତ୍ର, ତାଙ୍କ ସ୍ତ୍ରୀ ଝିଲ୍ଲି ପ୍ରଧାନ ଏବଂ ଝିଅ ମାମୁନି ପ୍ରଧାନ । ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, କଣ୍ଟେନରଟି ଦୁର୍ଘଟଣା ଘଟାଇ ପଳାଇ ଯାଉଥିବା ବେଳେ ରୁଗୁଡିହ ଟୋଲଗେଟ ନିକଟରେ ଏହାକୁ ଅଟକ ରଖାଯାଇଛି। କିନ୍ତୁ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହେବାରେ ସକ୍ଷମ ହୋଇଛି। ଜଗମୋହନପୁର ବଜାରରେ ୮ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ଜଗମୋହନପୁର ବଜାର ଉଭୟ ପାର୍ଶ୍ୱରେ ହମ୍ପସ ନିର୍ମାଣ ସହ ରାସ୍ତାରେ ଲାଇଟ୍ ବ୍ୟବସ୍ଥା ପାଇଁ ଦାବି କରିଛନ୍ତି ଲୋକେ । ଖବର ପାଇ ତେଲକୋଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଭାରତ...

ଅର୍ଥାତ ଅଗଷ୍ଟ ୭ରୁ ଭାରତୀୟ ଦ୍ରବ୍ୟ ଗୁଡ଼ିକ ଉପରେ ଆମେରିକା ୨୫ ପ୍ରତିଶତ ଟାରିଫ ଲଗାଇବ। ଆଜି ଲାଗୁ ହୋଇଥିବା ଅତିରିକ୍ତ ୨୫ ପ୍ରତିଶତ ଟାରିଫ ୨୧ ଦିନ ପରେ ଅର୍ଥାତ ଆସନ୍ତା ୨୭ରୁ ଲାଗୁ ହେବ। ଏହି ଅନୁସାରେ ଭାରତରୁ ରପ୍ତାନୀ ହେଉଥିବା ସାମଗ୍ରୀ ଉପରେ ଏଣିକି ୫୦ ପ୍ରତିଶତ ଟାରିଫ ଲାଗୁ ହେବ।

ଏ ସଂକ୍ରାନ୍ତ ନିର୍ଦ୍ଦେଶନାମାରେ ଟ୍ରମ୍ପ ଗୋଟିଏ ୯ ସୂତ୍ରୀ ଦସ୍ତାବିଜରେ ଆଜି ଦସ୍ତଖତ କରିଛନ୍ତି।

ଏଥିରେ ଟାରିଫଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସ୍ଥା ରହିଛି। ରୁଷଠାରୁ ସାମଗ୍ରୀ ନ ଆଣିବା ପାଇଁ ଆମେରିକାରେ ଏକାଧିକ ନିୟମ ରହିଥିବା ବେଳେ ଟ୍ରମ୍ପ ଦସ୍ତଖତ କରିଥିବା ନିର୍ଦ୍ଦେଶନାମାରେ ଏନେଇ ସବୁକିଛି ଉଲ୍ଲେଖ ରହିଛି। ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ କାର୍ଯ୍ୟକାରୀ ଆଦେଶ ୧୪୦୬୬ରେ ଜାତୀୟ ଏମର୍ଜେନ୍ସିର ମୁକାବିଲା କରିବା ପାଇଁ ଏହା ନିର୍ଦ୍ଧାରିତ କରାଯାଉଛି ଯେ ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଅତିରିକ୍ତ ଶୁଳ୍କ ଲଗାଯିବାର ଆବଶ୍ୟକତା ରହିଛି।

କାରଣ ଭାରତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ରୁଷଠାରୁ ତୈଳ ଆମଦାନି କରିବାରେ ଲାଗିଛି। ଏହା ପୂର୍ବରୁ ଅର୍ଥାତ ଗତ ୧ରୁ ଭାରତ ଉପରେ ଆମେରିକା ୨୫ ପ୍ରତିଶତ ଟାରିଫ ଲଗାଇବା ଆରମ୍ଭ କରିଥିଲା। ଏବେ ଆଉ ୨୫ ପ୍ରତିଶତ ଟାରିଫ ଲାଗୁ ହୋଇଛି।

**ଟ୍ରମ୍ପ କାର୍ଡକୁ ବିଶ୍ୱବ୍ୟାପୀ ସମାଲୋଚନା**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଟିମ୍ ଏବେ ଅଧିକ ଶୁଳ୍କ ଲଗାଇବାକୁ ଧମକ ଦେଉଛି। ଭାରତ ସହିତ, ବିଶ୍ୱରେ କିଛି ଦେଶ ଅଛନ୍ତି ଯେଉଁମାନେ ଟ୍ରମ୍ପ୍‌ଙ୍କ ଶୁଳ୍କ ଆଗରେ ମୁଣ୍ଡ ନୁଆଁଇବାକୁ ସ୍ପଷ୍ଟ ଭାବରେ ମନା କରିଦେଇଛନ୍ତି। ସେମାନେ ଚାପର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ସେମାନଙ୍କ ମତରେ ଅଟଳ ଅଛନ୍ତି। ଭାରତ ସହିତ କେତେକ ଦେଶ ଟ୍ରମ୍ପ୍‌ଙ୍କ ବିରୁଦ୍ଧରେ ଛିଡ଼ା ହୋଇଛନ୍ତି। ଚାଇନା, ବ୍ରାଜିଲ ଭଳି ୫ ଦେଶ ଟ୍ରମ୍ପଙ୍କ ଏଭଳି କୂଟନୀତିକୁ ସମାଲୋଚନା କରିଛନ୍ତି। ଆଗକୁ ପରିସ୍ଥିତି ଭିନ୍ନମୋଡ଼ ନେବାର ଆଶଙ୍କା କରାଯାଉଛି। ଆମେରିକାର କେତେକ କୂଟନୀତିଜ୍ଞ, ପୂର୍ବତନ ରାଷ୍ଟ୍ରଦୂ ଓ ଅର୍ଥ ବିଶାରଦମାନେ ମଧ୍ୟ ଟ୍ରମ୍ପଙ୍କ ଶୁଳ୍କ ବୃଦ୍ଧି ନୀତିକୁ ପରୋକ୍ଷରେ ସମାଲୋଚନା କରିଛନ୍ତି।

## ଅର୍ଥନୈତିକ...

ଭାରତ ୧୪୦ କୋଟି ଲୋକଙ୍କ ଶକ୍ତି ସଂରକ୍ଷଣକୁ ଦୃଷ୍ଟିରେ ରଖି ପଦକ୍ଷେପ ନେଉଛି। ଟ୍ରମ୍ପ ପ୍ରଶାସନ ଭାରତ ଉପରେ ୨୫% ଅତିରିକ୍ତ ଶୁଳ୍କ ଲଗାଇବା ପରେ ଆମେ ଦେଶର ହିତକୁ ଦେଖି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବୁ ବୋଲି ଜଶୱାଲ କହିଛନ୍ତି। ସେପଟେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ୍ୟ ଟ୍ରମ୍ପଙ୍କ ଏଭଳି ପଦକ୍ଷେପକୁ ସମାଲୋଚନା କରି ଏଭଳି ଇକୋନୋମିକ ବ୍ଲାକମେଲ କଦାପି ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଛନ୍ତି। ଏହା ଭାରତକୁ ଅନ୍‌ଫେୟାର ଡିଲ ଲଶଗି ଏକ ଧମକ ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି।

## ଶିଖର ଓ ବୋଦଲରେ ବେଆଇନ ଭାବେ ଗଚ୍ଛିତ ବାଲିକୁ ଜବତ କଲା ପ୍ରଶାସନ

● ନିଲାମରେ ୨୪ ହଜାର ସିଏମ୍ ବାଲିକୁ ୩୧ଲକ୍ଷ ୩୯ହଜାର ୫୬୦ ଟଙ୍କା



**ନାଉଗାଁ,୬।୮(ସଂଚାର ବ୍ୟୁରୋ):** ଦେବୀନଦୀରେ ବନ୍ୟାଜଳ ପ୍ରବାହିତ ହେବାର ସମ୍ଭାବନାକୁ ଆଖି ଆଗରେ ରଖି ବାଲିଘାଟର ନିଲାମଧାରୀମାନେ ଆଗୁଆ ବାଲିଘାଟରୁ ବାଲି ଉତୋଳନ କରି ସରକାରୀ ସ୍ଥାନରେ ଗଚ୍ଛିତ ରଖିଥିଲେ।ସରକାରୀ ସ୍ଥାନରେ ବେଆଇନ ଭାବେ ବାଲି ଗଚ୍ଛିତ ରଖାଯାଉଥିବା ଜଗତସିଂହପୁର ଖଣି ଅଧିକାରୀ ସତିଶ କୁମାର ତରାଇ ବିଶେଷ ସୂତ୍ରରୁ ସୂଚନା ପାଇଥିଲେ। ଖଣି ଅଧିକାରୀ ଶ୍ରୀ ତରାଇ ଓ ନାଉଗାଁ ତହସିଲଦାର ଅକ୍ଷୟ କୁମାର ବଡୁ ମିଳିତ ଭାବେ ବେଆଇନ ଭାବେ ଗଛିତ ଥିବା ସ୍ଥାନରେ ଚଢାଉ କରିଥିଲେ। ଶିଖର ପଞ୍ଚାୟତ ଶିଖର ମୌଜାର ପ୍ଲଟ ନମ୍ବର-୧୪୭୭ ଓ ବୋଦଲ ମୌଜାର ପ୍ଲଟ ନମ୍ବର-୬୯୯ ଉପରେ ଏହି ବାଲି ଗଚ୍ଛିତ ଥିବା ଜାଣିବାକୁ ପାଇଥିଲେ। ବେଆଇନ ଭାବେ ସରକାରୀ ସ୍ଥାନରେ ବାଲି ଗଚ୍ଛିତ ଥିବାରୁ ଖଣି ଅଧିକାରୀ ତରାଇ ଉକ୍ତ ବାଲିକୁ ଜବତ କରିଥିଲେ। ଏଥିରେ ସମୁଦାୟ ୨୪ହଜାର ସିଏମ୍ ବାଲି ଜବତ କରାଯାଇଥିଲା। ପରେ ଖଣି ଅଧିକାରୀଙ୍କ କାର୍ଯ୍ୟାଳୟ ଜଗତସିଂହପୁର ପକ୍ଷରୁ ଅଗଷ୍ଟ ୧ରେ ନିଲାମ ଡକାଯାଇଥିଲା। ଏହି ନିଲାମରେ ୨୪ ହଜାର ସିଏମ ବାଲି ବାବଦକୁ ୩୧ଲକ୍ଷ ୩୯ ହଜାର ୫୬୦ ଟଙ୍କାରେ ପ୍ରଦାନ କରାଯାଇଥିବା ଖଣି ଅଧିକାରୀ ଶ୍ରୀ ତରାଇ ସୂଚନା ଦେଇଛନ୍ତି।

## ଉପଜିଲ୍ଲାପାଳଙ୍କ ସହ ଗଞ୍ଜାମ ଓକିଲ ସଂଘ କର୍ମକର୍ତ୍ତାଙ୍କ ଆଲୋଚନା



**ବ୍ରହ୍ମପୁର, ୬।୮ (ସଂଚାର ବ୍ୟୁରୋ):** ଉପଜିଲ୍ଲାପାଳଙ୍କୁ ଭେଟି ଗଞ୍ଜାମ ଓକିଲ ସଂଘ କର୍ମକର୍ତ୍ତା ମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଆଜି ସଂଘ ସଭାପତି ମନୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ। ପ୍ରଶାସନ ମାଜିଷ୍ଟ୍ରେଟ ମାନେ ମହକିଲ ମାନଙ୍କ ସତ୍ୟପାଠ ଗୁଡିକ ସବୁ ସମୟରେ କରୁନଥିବାରୁ ମହକିଲ ମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପ୍ରତ୍ୟେକ ଦିନ ଅନ୍ୟୁନ ଜଣେ ମାଜିଷ୍ଟ୍ରେଟ ସତ୍ୟପାଠ କରିବା ପାଇଁ ମହଜୁଦ ରହିବା, ଜଣେ ବ୍ୟକ୍ତିର ଆଧାର କାର୍ଡରେ ଗୋଟିଏ ନାମ ଓ ଅନ୍ୟାନ୍ୟ ନିଜର ଦସ୍ତାବିଜରେ ନାମ ବର୍ଣ୍ଣାନ ଭୁଲ୍ ଥିଲେ ଜଣଙ୍କର ବୋଲି ସତ୍ୟପାଠ କରାଗଲେ କାମ ସରୁଥିବା ବେଳେ ସମ୍ପ୍ରତି ମାଜିଷ୍ଟ୍ରେଟ ମାନେ ସତ୍ୟପାଠ କରୁନାହାନ୍ତି, ତେଣୁ ପୂର୍ବ ଭଳି ଏହାକୁ ଲାଗୁ କରିବା ସହ ଅନୁସୂଚିତ ଓ ଜନଜାତି ମାନଙ୍କର ଜମି ବିକା ପାଇଁ ଏକ ଆଇନ ଅନୁଯାୟୀ ପ୍ରଶାସନର ଅନୁମତିର ଆବଶ୍ୟକ ରହିଛି କିନ୍ତୁ ମହକିଲ ମାନେ ଓ୍ୱାକଲାତନାମା ଦେଇ ଓକିଲ ନିଯୁକ୍ତ କରୁଥିବା ବେଳେ ବିଭାଗୀୟ କିରାଣୀ ମାନେ ଏହା କରିବାକୁ ଦେଉନଥିବା ନେଇ ଉପଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ସଂଘର ଉପ ସଭାପତି ତୀମୂର୍ଲା ରେଡ୍ଡୀ, ସମ୍ପାଦକ ଟି. ଭେଙ୍କେଟ ରାଓ, ଯୁଗ୍ମ ସମ୍ପାଦକ ଅସିତ୍ ସାବତଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ବଳଙ୍ଗା ମୃତ ନାବାଳିକାଙ୍କ ପରିବାରକୁ ଭେଟିଲେ ସତ୍ୟବ୍ରତ ପାତ୍ର

● ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆଣିବାକୁ ଦାବି



**ଗୋପ,୬।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ବଳଙ୍ଗା ନାଁ ବାଳିକା ପୋଡ଼ି ଓ ଚିକିତ୍ସା ଧୀନ ଅବସ୍ଥାରେ ରହସ୍ୟ ଜନକ ମୃତ୍ୟୁକୁ ନେଇ ତେଜିବାର ଲାଗିଚି ରାଜନୀତି। ଆଜି ଅଞ୍ଚଳର ବରିଷ୍ଠ ନେତା ସତ୍ୟବ୍ରତ ପାତ୍ର ଓ ତାଙ୍କ ଶତାଧିକ ସମର୍ଥକ ମାନେ ପୀଡ଼ିତାଙ୍କ ପରିବାରକୁ ଭେଟିବା ସହିତ ସମବେଦନା ଜଣାଇ ଥିବା ଦେଖିବାକୁ ମିଳିଛି। ପରେ ପରେ ମୃତ ପୀଡ଼ିତାଙ୍କ କବର ସ୍ଥାନ ନିକଟକୁ ଯାଇ ସେଠାରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଗତ ଜୁଲାଇ ୧୯ତାରିଖରେ ପୀଡ଼ିତାଙ୍କୁ ୩ଜଣ ଦୁର୍ବୃତ୍ତ ପୋଡ଼ି ମାରିଦେବା କଥା ଅଭିଯୋଗ ହୋଇଥିବା ବେଳେ ତାଙ୍କୁ ପ୍ରଥମେ ପିପିଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ସେଠାରୁ ଭୁବନେଶ୍ୱର ଏମ୍ସ ଏବଂ ପରେ ପରେ ସେଠାରୁ ଆହୁରି ଉନ୍ନତ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସ ଏଆର ଲିଫ୍ଟ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଗତ ୨ତାରିଖରେ ରହସ୍ୟ ଜନକ ଭାବେ ମୃତ୍ୟୁ ଘଟିଥିଲା। ସମ୍ପୂର୍ଣ୍ଣ ଘଟଣାକୁ ୧୯ଦିନ ହୋଇଥିବା ବେଳେ ମୃତ୍ୟୁକୁ ୫ଦିନ ପୁରିଛି ତାରି ଭିତରେ କୋଉଠି ନାଁ କୋଉଠି ଘଟଣାର ସତ୍ୟାତା ସାମନାକୁ ଆଣିବାକୁ ଅଞ୍ଚଳ ବାସୀଙ୍କ ଦାବି ହେଉଥିବା ବେଳେ ଆଜି ଅଞ୍ଚଳର ବରିଷ୍ଠ ନେତା ସତ୍ୟବ୍ରତ ପାତ୍ର ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି ଏବଂ ପୋଲିସର ତଦନ୍ତ ପ୍ରକ୍ରିୟା ସଠିକ୍ ଭାବେ କରାଯାଇ ପ୍ରକୃତ ଘଟଣାର ସତ୍ୟାସତ୍ୟ ସର୍ବ ସମ୍ମୁଖିକୁ ଆଣିବାକୁ ଦାବି କରିଛନ୍ତି ସତ୍ୟବ୍ରତ।

## ଛାତ୍ରଛାତ୍ରୀଙ୍କୁ ମିଳୁନି ପୋଷାକ

# ଏସଏଚଜି ମୋହରା, ଫାଇଦାରେ ବ୍ୟବସାୟୀ ଓ ଅଧିକାରୀ

● ତଦନ୍ତ ନ କରି ହାତବାନ୍ଧି ପୂର୍ବରୁ ବସୁଥିଲେ ଅଧିକାରୀ

● ଚଳିତ ବର୍ଷ ତଦନ୍ତ ପାଇଁ ଦାବି

**କାକଟପୁର/ଅସ୍ତରଙ୍ଗ,୬।୮(ସଂଚାର ବ୍ୟୁରୋ):** ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ବିକାଶ ଘଟାଇବା ଲକ୍ଷ୍ୟରେ ସରକାର ନାନା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଶିକ୍ଷାଦାନ ନିମନ୍ତେ ଛାତ୍ର, ଛାତ୍ରୀ ଓ ଅଭିଭାବକ ଙ୍କ ଉପରେ ଯେତିକି ଆର୍ଥିକ ବୋଝ ନ ରହିବ, ସେ ନେଇ ମାଗଣାରେ ବହିପତ୍ର ପୋଷାକ, ଜୋତା, ସାଇକେଲ ଓ ମଧ୍ୟାହ୍ନ ଭୋଜନ ଦେବାର ବ୍ୟବସ୍ଥା ରହିଛି। ମାତ୍ର ପରିଚାଳନା ଗତ ତ୍ରୁଟିକୁ ନେଇ ଏ ସବୁ ଯୋଜନା ଛାତ୍ର, ଛାତ୍ରୀ ଙ୍କ ନିକଟରେ ସଠିକ ସମୟରେ ପହଂଚି ପାରୁନି। ଯାହାକି ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ରେ ଥିବା କେତେକ ବିଦ୍ୟାଳୟ ରେ ଗତବର୍ଷଠାରୁ ଛାତ୍ର, ଛାତ୍ରୀଙ୍କୁ ପରିଚୟପତ୍ର ଓ ଟୋପି ମିଳିନଥିବା ଅଭିଯୋଗ ହେଉଛି। ଏ ଦିଗରେ ମଧ୍ୟ ଅଧିକାରୀ ମାନେ ତଦନ୍ତ ନକରି ହାତବାନ୍ଧି ବସିବା ସରକାରୀ ବିଧି ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତବର୍ଷଠାରୁ ଅନେକ ବିଦ୍ୟାଳୟ ରେ ଛାତ୍ର, ଛାତ୍ରୀ ଙ୍କୁ ପରିଚୟ ପତ୍ର ମିଳିନଥିବା ଅଭିଯୋଗ ହେଉଥିବା ବେଳେ ଏହାକୁ କିଛି ବିଦ୍ୟାଳୟ ପ୍ରଧାନଶିକ୍ଷକ ନାମ ଗୋପନ ରଖି ସ୍ୱୀକାର କରିଛନ୍ତି। ଗୋଟିଏ ବିଦ୍ୟାଳୟ ନୁହେଁ, ଏଭଳି ଅନେକ ବିଦ୍ୟାଳୟରେ ପରିଚୟ ପତ୍ର ସହ ଟୋପି ମିଳିନଥିବା ଅନେକ ଶିକ୍ଷକ ପ୍ରକାଶ କରିଛନ୍ତି। ଛାତ୍ର, ଛାତ୍ରୀ ଙ୍କୁ ୨ଟି ପର୍ଯ୍ୟାୟ ରେ ପୋଷାକ ପ୍ରଦାନ କରାଯାଉଛି।



ଗୋଟିଏ ୟୁନିଫର୍ମ ହୋଇଥିବା ବେଳେ ଅନ୍ୟଟି ହାଉସ ଡ୍ରେସ। ୟୁନିଫର୍ମ ପାଇଁ ଏସଏଚଜି ଙ୍କୁ ଦାୟିତ୍ୱ ଦିଆଯାଉଥିବା ବେଳେ ହାଉସ ଡ୍ରେସ କୁ ବିଦ୍ୟାଳୟ ପକ୍ଷରୁ କ୍ରୟ କରିବାର ନିୟମ ରହିଛି। ଏଭଳି ସ୍ଥିତିରେ ଚଳିତ ଶିକ୍ଷା ବର୍ଷ ଅର୍ଥାତ ୨୦୨୫-୨୬ପାଇଁ ଜୁଲାଇ ୧୫ତାରିଖ ସୁଦ୍ଧା ପୋଷାକ ବଣ୍ଟନ ପ୍ରକ୍ରିୟା କୁ ସୁନିଶ୍ଚିତ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ପୋଷାକ ବଣ୍ଟନ ପାଇଁ ଯେଉଁ ମାର୍ଗଦର୍ଶିକା ଜାରୀ କରାଯାଇଛି ଏହାକୁ ଦଳିଚକଟି ଦିଆଯାଉଛି। ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ରେ ଏସଏଚଜି ଙ୍କୁ ମୋହରା ସଜାଇ ବ୍ୟବସାୟୀଙ୍କ ସମେତ ବିଭାଗୀୟ ଅଧିକାରୀ ଫାଇଦା ଉଠାଉଛନ୍ତି। ପ୍ରଥମ ରୁ ଅଷ୍ଟମ ପର୍ଯ୍ୟନ୍ତ ସମସ୍ତ, ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ବିଭାଗ ଅଧୀନରେ ଥିବା ଛାତ୍ର, ଛାତ୍ରୀ ଙ୍କୁ ପୋଷାକ ବଣ୍ଟନ ପାଇଁ ନିର୍ଦ୍ଦେଶ ରହିଛି। ଜଣ ପିଛା ୫ଶହ ଟଙ୍କା ମୂଲ୍ୟରେ ୨ହଳ ବିଦ୍ୟାଳୟ ପୋଷାକ (ୟୁନିଫର୍ମ) ସମଗ୍ର ଶିକ୍ଷା, ପିଏମଶ୍ରୀ ଓ ଗଙ୍ଗାଧର ମେହେର ଶିକ୍ଷାମାନ ବୃଦ୍ଧି ଯୋଜନା ରେ ବଣ୍ଟନ କରାଯିବା ନେଇ କୁହାଯାଇଛି। ଏହି ପୋଷାକ ବଣ୍ଟନ ସମୟରେ ରଙ୍ଗ ଏବଂ ଗୁଣବତା ଉପରେ ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି। ଏଥିପାଇଁ ଉପଯୁକ୍ତ ମାନଦଣ୍ଡନିର୍ଦ୍ଧାରଣ କରାଯାଇଛି।

### ନାରୀ ନିର୍ଯାତନା ଓ ଅପରାଧ ବୃଦ୍ଧି ପ୍ରସଙ୍ଗ

## ଯୁବ ଛାତ୍ର ବିଜେଡିର ବିକ୍ଷୋଭ ସହ ଦାବିପତ୍ର ପ୍ରଦାନ

**ବ୍ରହ୍ମପୁର/ହିଞ୍ଜିଳିକାଟୁ, ୬/୮ (ସଂଚାର ବ୍ୟୁରୋ):** ରାଜ୍ୟରେ ନାରୀ ନିର୍ଯ୍ୟାତନା ଓ ଅପରାଧୀକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପ୍ରତ୍ୟେକ ଦିନ ଆତ୍ମହୁତି, ଦୁଷ୍କର୍ମ, ଗଣ ଦୁଷ୍କର୍ମ, ହତ୍ୟା ଭଳି ଘଟଣା ସାମ୍ନାକୁ ଆସୁଛି। ଯାହା ସାରା ରାଜ୍ୟରେ ଏକ ଅଶାନ୍ତ ବାତାବରଣ ସୃଷ୍ଟି କରିଛି।
ଏହାକୁ ବିରୋଧ କରି ଆଜି ବ୍ରହ୍ମପୁର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ଗଞ୍ଜାମ ବିଜେଡି




ସଭାପତି ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଆହ୍ୱାନ କ୍ରମେ ଦଳର ଯୁବ ଛାତ୍ର ମାନେ ପଦଯାତ୍ରାରେ ଆସି ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ।
ଏହାସହ ଦଳ ପକ୍ଷରୁ ବ୍ରହ୍ମପୁର ଅରକ୍ଷୀ ଅଧିକ୍ଷକଙ୍କ ଜରିଆରେ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୂତି ସମେତ ଅନ୍ୟାନ୍ୟ ଘଟଣାର ଅଭିଯୁକ୍ତଙ୍କୁ କୋଠର ଦଣ୍ଡ ଦେବା, ରାଜ୍ୟରେ ମହିଳା ଓ କ୍ୟାମ୍ପସରେ ଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଯୁବ ଛାତ୍ର ନେତା ମାନେ ଦାବି କରି ମୋହନ ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ।
ବ୍ରହ୍ମପୁର ଯୁବ ବିଜେଡି ସଭାପତି ଅଜିତ୍ କୁମାର ପଣ୍ଡା ଓ ଛାତ୍ର ସଭାପତି ଶୋଭନ କୁମାର ନାୟକଙ୍କ ନେତୃତ୍ୱରେ

## ଯୌନ ନିର୍ଯାତନା ନିବାରଣ ଉପରେ କର୍ମଶାଳା




**ବ୍ରହ୍ମପୁର,୬।୮(ସଂଚାର ବ୍ୟୁରୋ):** କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ନିବାରଣ ଉପରେ ଏକ ଦିନିକିଆ କର୍ମଶାଳା ବ୍ରହ୍ମପୁରରଗୋଲନ୍ଥରା ସ୍ଥିତ ଗାନ୍ଧୀ ଏକାଡେମୀ ଅଫ୍ ଟେକ୍ନୋଲୋଜି ଆଣ୍ଡ ଇଞ୍ଜିନିୟରିଂ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। କର୍ମଶାଳାର ମୁଖ୍ୟ ଅତିଥି ଭାବରେ ଆନ୍ତର୍ଜାତୀୟ ମାନବାଧିକାର ପରିଷଦର ଜୋନାଲ ଅଧ୍ୟକ୍ଷା ସୁଶ୍ରୀ ରଶ୍ମିତା କୁମାରୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ପ୍ରତିଷ୍ଠାନର ଅଧ୍ୟକ୍ଷା ଡକ୍ଟର ଗୌରୀ ଶଙ୍କର ମହାପାତ୍ର ଏବଂ ଆଇସିସି ସେଲର ସଂଯୋଜକ ଡକ୍ଟର ମୀନାକ୍ଷୀ ସାହୁ ମଞ୍ଚରେ ଉପସ୍ଥିତ ଥିଲେ। ସମାଜରେ କିପରି ମହିଳାମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ କର୍ମକ୍ଷେତ୍ରରେ ଯୌନ ନିର୍ଯାତନାର ଶିକାର ହେଉଛନ୍ତି ତାହା ସଂକ୍ଷେପରେ ଆଲୋଚନା କରାଯାଇଥିଲା। ସମାଜରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ପରିସ୍ଥିତି ଏବଂ ଭିଡିଓ କ୍ଲିପ୍ ଉଲ୍ଲେଖ କରି ମହିଳାମାନେ ସେମାନଙ୍କର ସମସ୍ୟା କେଉଁଠାରେ ଉଠାଇବା ଉଚିତ ତାହା ମଧ୍ୟ ଅତିଥି ଗଣ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସିଏସଇର ସହକାରୀ ପ୍ରଫେସର ଶୁଭଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଘାସିଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ଉ

**ଜୟପୁର,୬।୮ (ସଂଚାର ବ୍ୟୁରୋ):** ଜୟପୁର ସଦର ଥାନା ଅନ୍ତର୍ଗତ ଘାସିଗୁଡା ଜଙ୍ଗଲରେ ଆଜି ଅବକାରୀ ଚଢାଉ ହୋଇଛି। ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ଚଢାଉ କରିଛି । ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୪ ଶହ ଲିଟର ପୋଚ ଓ ୬୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ତରଫରୁ ସୂଚନା ଦିଆଯାଇଛି ।

## ତୈଳବୀଜ ଜାତୀୟ ଫସଲ ସମ୍ବନ୍ଧୀୟ କୃଷକ ସଚେତନତା ଶିବିର



**ବାଲିଅନ୍ତା,୬।୮ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭା କକ୍ଷରେ ଜତୀୟ ଖାଦ୍ୟ ନିରାପତ୍ତା ମିସନ - ରବି ୨୦୨ ୪/ ୨ ୫ ଯୋଜନାରେ ତୈଳବୀଜ ଜତୀୟ ଫସଲ ସମ୍ବନ୍ଧୀୟ କୃଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ କୃଷକ ସଚେତନତା ସଭାରେ ବାଲିଅନ୍ତା ବ୍ଲକ ସହକାରୀ କୃଷି ଅଧିକାରୀ ସ୍ଥିତିପ୍ରଜ୍ଞ ଖମାରୀ ସଭାପତିତ୍ୱ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଭୁବନେଶ୍ୱର ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନ ରାଉଳ, ଅବସରପ୍ରାପ୍ତ ଯୁଗ୍ମ କୃଷି ନିର୍ଦ୍ଦେଶକ ତୁଷାର କାନ୍ତି ସାମଲ, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ କୃଷି ଅଧିକରୀ ରବି ନାରାୟଣ ଶତପଥି, ବାଲିପାଟଣା ବ୍ଲକ ସହକାରୀ କୃଷି ଅଧିକାରୀ ରୋହନ କୁମାର ପଣ୍ଡା, ବାଲିଅନ୍ତା ବ୍ଲକ ଆତ୍ମା ଅଧ୍ୟକ୍ଷ ଚୈତନ୍ୟ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଚାଷୀଙ୍କୁ ଭିଭିନ୍ନ ଫସଲ ସମ୍ପର୍କିତ ସୂଚନା ଏବଂ ପରାମର୍ଶ ପ୍ରଦାନ କରିଥିଲେ। ଏହା ସହିତ ବିଭିନ୍ନ ତୈଳବୀଜ ଜାତୀୟ ଫସଲ ଯଥା- ଚିନାବାଦାମ, ସୋରିଷ, ରାସି, ପେଶି, ସୂର୍ଯ୍ୟମୁଖୀ ଫସଲ ଚାଷ, ରୋଗ ପୋକ ନିରାକରଣ, ଉତ୍ପାଦନ ବୃଦ୍ଧି, ସଂରକ୍ଷଣ ଏବଂ ବଜାର ଚାହିଦା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ୩୦ ଜଣ ତାଲିମଧାରୀ ଚାଷୀଙ୍କୁ ଅତିଥିବୃନ୍ଦ ସାର୍ଟିଫିକେଟ ପ୍ରଦାନ କରିଥିଲେ। ସହକାରୀ କୃଷି ଅଧିକାରୀ ଗୌତମ ପରିଡ଼ାଙ୍କ ସମେତ ଭିଭିନ୍ନ ଗ୍ରାମ ପଞ୍ଚାୟତର କ୍ଷେତ୍ର କୃଷି କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଯୁବକଙ୍କୁ ମାଓବାଦୀ ଭାବି ଗ୍ରାମବାସୀଙ୍କ ସନ୍ଦେହ

● ପୁଲିସର ତଦନ୍ତ ପରେ ଯୁବକ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ

**କାକଟପୁର/ଅସ୍ତରଙ୍ଗ,୬।୮ (ସଂଚାର ବ୍ୟୁରୋ):** ଅଜଣା ଯୁବକଙ୍କ ପରିଚୟ କୁ ନେଇ ଗ୍ରାମବାସୀ ଙ୍କ ଭୟ। ଅସ୍ତରଙ୍ଗ ଥାନାରେ ପୂର୍ବରୁ ଲିଖିତ ଅଭିଯୋଗ ଦେବା ପରେ ୧୫ଦିନର ମହଲତପରେ କାହିଁକି ପୋଲିସ ଯୁବକ ଙ୍କ ନିର୍ଦ୍ଦିଷ୍ଟ କାଗଜ ପତ୍ର ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ନେଉ ନାହିଁ ତାହା ସନ୍ଦେହ। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବରାଙ୍ଗ ଗ୍ରାମରେ ସୁକା ମୁଣ୍ଡା ନାମକ ଯୁବକ। ଘର ବ୍ରହ୍ମପୁର, କରଞ୍ଜିଆ ବୋଲି ସୂଚନା ମିଳିଛି। ବ୍ୟକ୍ତି ଜଣକ ସ୍ଥାନୀୟ ଅଞ୍ଚଳ ରେ ବିଭିନ୍ନ ଅପରାଧିକ କାର୍ଯ୍ୟ କରି ଅସ୍ତରଙ୍ଗ ଅଞ୍ଚଳ ରେ ନାମ ପରିବର୍ତ୍ତନ କରି ବସବାସ କରୁଛନ୍ତି। ଯାହା ଫଳରେ ଗ୍ରାମବାସୀ



ଯୁବକ ପ୍ରକୃତ ପରିଚୟ ସ୍ପଷ୍ଟ ସୂଚନା ମିଳିପାରୁନଥିବା ବେଳେ ଏକ ମାସ ମଧ୍ୟରେ ବରାଙ୍ଗ ଗ୍ରାମରେ ୨ଟି ଘଟଣା ଘଟାଇ ସାରିଲେଣି। ଏହା ସହ ଯୁବକ ଙ୍କୁ ଦେଖି ସ୍ଥାନୀୟ ଲୋକ ଭୟଭିତଥିବା ବେଳେ ନିଜ କୁ ମାଓବାଦୀ ବୋଲି ଧମକ ଦେଉଛନ୍ତି ବୋଲି ଅଭିଯୋଗ ପତ୍ର ରେ ଉଲ୍ଲେଖ କରିଛନ୍ତି। କିନ୍ତୁ ଘଟଣା କୁ ସତ୍ୟାସତ୍ୟ ପୋଲିସ ଅନୁସନ୍ଧାନ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳ ରହୁଥିବା ଯୁବକ ପ୍ରକୃତ ନାଁ କଣ, ତାଙ୍କ ପାଖରେ କଣ ପରିଚୟ ପତ୍ର ରହିଛି ପୋଲିସ ଯାଞ୍ଚ କରୁଥିବା ବେଳେ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ଉତ୍ୟକ୍ତ ଯୁବକ ସ୍ପଷ୍ଟ ପରିଚୟ ପତ୍ର ନ ମିଳିଲେ ସ୍ଥାନୀୟ ଅଞ୍ଚଳରୁ ବିତାଡିତ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

## ଶ୍ରୀମନ୍ଦିର ପାଇଁ କଡ଼ା କଟକଣା

**ପୁରୀ,୬ ।୮ (ସଂଚାର ବ୍ୟୁରୋ):** ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ ୧୯୫୫ ରେ ସଂଶୋଧନ ପାଇଁ ରାଜ୍ୟ ଆଇନ୍ ବିଭାଗ ନିକଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଧିବଦ୍ଧ ପ୍ରସ୍ତାବ ଦାଖଲ ହୋଇଛି । ଶ୍ରୀମନ୍ଦିର ଭିତରେ ତଥା ପରିସର ଉପରେ ମୋବାଇଲ ଫଟୋ, ଭିଡିଓ ଉତ୍ତୋଳନ କିମ୍ବା ଡ୍ରୋନ ବ୍ୟବହାର ନେଇ ନିଷେଧାଦେଶ ଏବଂ କଡା କାର୍ଯ୍ୟାନୁଷ୍ଠାନ ପାଇଁ ସଂଶୋଧନ ପ୍ରସ୍ତାବ ରହିଛି । ଏନେଇ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆଇନ୍ ବିଭାଗକୁ ପତ୍ର ଲେଖି ଜଣାଇଛନ୍ତି । ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ ର ଧାରା ୩୦ -ଏ ର ଉପଧାରା ୬ ରୁ ୯ ପର୍ଯ୍ୟନ୍ତ ସଂଶୋଧନ ପାଇଁ ପ୍ରସ୍ତାବ ରହିଛି। ପ୍ରସ୍ତାବ ଅନୁସାରେ, ଶ୍ରୀମନ୍ଦିର ଭିତର ଫଟୋ କିମ୍ବ ଭିଡିଓ ଉତ୍ତୋଳନ ପାଇଁ ମୋବାଇଲ ତଥା କୌଣସି ଇଲେକ୍ଟ୍ରୋନିକ ଜିନିଷ ନେବା ପାଇଁ ୩ ବର୍ଷ କାରାଦଣ୍ଡ କିମ୍ବା କୋଡିଏ ହଜାର ଟଙ୍କା ଫାଇନ କିମ୍ବା ଉଭୟ ବ୍ୟବସ୍ଥା ରହିପାରେ । ସେହିପରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭକ୍ତଙ୍କ ଧାର୍ମିକ ଭାବନାକୁ ଆହତ କରୁଥିବା ଭଳି ଭିଡିଓ ଚିତ୍ର କିମ୍ବା ମହାପ୍ରଭୁଙ୍କ ପ୍ରତିଛବି ଆଦି ସୋସିଆଲ ମିଡ଼ିଆ ଏବଂ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ପ୍ରସାରଣ କରିବା, ଏହା ପ୍ରସ୍ତୁତ କରିବା କିମ୍ବା ପ୍ରସାରଣ କରିବା ପାଇଁ ସାତବର୍ଷ ବର୍ଷ ଜେଲ ତଥା ଜାମିନ୍ ବିହୀନ ହେବା ସହ ପଚାଶ ହାଜର ଫାଇନ ବ୍ୟବସ୍ଥା ପାଇଁ ପ୍ରସ୍ତାବ ରହିଛି । ଏଥିସହ ଶ୍ରୀମନ୍ଦିର ତଥା ଏହାର ପରିସର ଉପରେ ବିନା ଅନୁମତିରେ ଡ୍ରୋନ ବ୍ୟବହାର ପାଇଁ ସମାନ ଦଣ୍ଡ ଭାବେ ସାତବର୍ଷ ବର୍ଷ ଜେଲ ତଥା ପଚାଶ ହଜାର ଟଙ୍କା ଯାଏଁ ଫାଇନ୍ ପ୍ରସ୍ତାବ ରହିଛି। ସଂଶୋଧନ ନେଇ ଆବଶ୍ୟକ ପଦକ୍ଷେପ ତୁରନ୍ତ ଗ୍ରହଣ କରିବାକୁ ଆଇନ୍ ବିଭାଗକୁ ମୁଖ୍ୟ ପ୍ରଶାସକ ନିବେଦନ କରିଛନ୍ତି ଏବଂ ଏହା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ବିସ୍ତୃତ ଆଲୋଚନା ହୋଇ ଅବଗତ କରାଯିବ ବୋଲି କହିଛନ୍ତି ।

## ବଳଙ୍ଗା ପୀଡ଼ିତାକୁ ନ୍ୟାୟ ଦାବି ସହ ଓ ଆତ୍ମାର ସଦଗତିନିମନ୍ତେ କ୍ୟାଣ୍ଡେଲ ଶୋଭାଯାତ୍ରା




**କାକଟପୁର/ଅସ୍ତରଙ୍ଗ,୬।୮ (ସଂଚାର ବ୍ୟୁରୋ):**ବଙ୍ଗଳା ପିଡିତା କୁ ଉପଯୁକ୍ତ ନ୍ୟାୟ ଦାବୀରେ ସଂଖ୍ୟା ଲଘୁ ବିଭାଗ ତରଫରୁ କାକଟପୁର ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ସହ ଉପଯୁକ୍ତ ନ୍ୟାୟ ଦାବୀ କରି ଖବର ଦାତା ସମ୍ମିଳନୀ। ଖବର ମୁତାବକ ପୁରୀ ଜିଲ୍ଲା ବଳଙ୍ଗା ପିଡିତା ଙ୍କ ଅମର ଆତ୍ମାର ସଦଗତି କାମନା କରି ସଂଖ୍ୟାଲଘୁ ବିଭାଗ ଓ କାକଟପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳ ତରଫରୁ ବୁଧବାର ସନ୍ଧ୍ୟା ସମୟରେ କାକଟପୁର ନୂତନ ବସଷ୍ଟାଣ୍ଡ ରୁ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି କାକଟପୁର ବଜାର ପରିକ୍ରମା କରିବାସହ ମେଡିକାଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହା ପରେ କାକଟପୁର ସ୍ଥିତ ଖୁଣ୍ଟିଆ କନଭେନସନ ରେ କଂଗ୍ରେସ ସଂଖ୍ୟା ଲଘୁ ବିଭାଗ ତରଫରୁ ରାଜ୍ୟ ସଂଖ୍ୟା ଲଘୁ ସେଲ ଅଧକ୍ଷ ଏମଡି ଜିଆଉଲ ହଗ ଙ୍କ ଉପସ୍ଥିତ ରେ ପୀଡିତା ଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାଥନା ପରେ ପୀଡିତା କୁ ଉପଯୁକ୍ତ ନ୍ୟାୟ ଦାବୀ କରିଥିଲେ। ନୂତନ ରାଜ୍ୟ ସରକାର ଙ୍କ ଉପରେ ବର୍ଷୀବା ସହ ନାରୀ ଆଜି ଅସୁରକ୍ଷିତ, ଏହା ସହ ବଳଙ୍ଗା ପୀଡିତା ଘଟଣା ପୋଲିସ କିପରି ତଦନ୍ତ କରୁଥିଲା ଯାହା ଫଳରେ ଶେଷ ରେ ଏପରି ନିଷ୍ପତି ଜଣାଇଲା ଯାହାକୁ ନେଇ ପୋଲିସ ର ତଦନ୍ତ କୁ ନେଇ ତୀବ୍ର ନିନ୍ଦା କରିବା ସହ ବଳଙ୍ଗା ପୀଡିତା ଙ୍କୁ ଉପଯୁକ୍ତ ନ୍ୟାୟ ପାଇଁ ଦାବୀ କରାଯାଇଛି। ଏହି ଖବର ଦାତା ସମ୍ମିଳନୀ ରେ କାକଟପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ, ସଂଖ୍ୟା ଲଘୁ ବିଭାଗ ରାଜ୍ୟ ସମ୍ପାଦକ ମଲ୍ଲିକ ଏନାମୂଲ, ଜିଲ୍ଲା ସଂଯୋଜକ ରାଜେଶ ମିଶ୍ର, ସୁକାନ୍ତ ମହାନ୍ତି, ଶେଖ ଅବଦୁର ରେହ ମାନ, ବିପିନ ମହାନ୍ତି, ଅବଦୁତ ସ୍ୱାଇଁ, ଶେଖ ଲିୟାକତ ପ୍ରମୁଖ ଉପସ୍ଥିତ ଥିଲେ।

## ସପିଙ୍ଗ ମଲ୍ ଉପରେ ପୌର ପାଳିକାର ଚଢ଼ଉ

**ଜୟପୁର, ୬।୮ (ସଂଚାର ବ୍ୟୁରୋ):** ଜୟପୁର ସହରରେ ଥିବା ସପିଂ ମଲ ଉପରେ ପୌରପାଳିକା ଆଜି ଚଢାଉ କରିଛି । ଜୟପୁର ଉପ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ପୌର କାର୍ଯ୍ୟନିବାହୀ ଅଧିକାରୀ ପୂଜା ରାଉତ ଚଢାଉ କରିଥିଲେ । ଚଢାଉରେ ଅମିନ ଶୁଭସ୍ମିତା ଜେନା, ଅଭିନାଶ ସାନ୍ତାପାତ୍ର, ସତ୍ୟ ନାରାୟଣ ପାତ୍ର, ଟାକ୍ସ କଲେକ୍ଟର ପ୍ରମୁଖ ଉପସ୍ଥିତ ଥିଲେ । ଜୟପୁର ମୁଖ୍ୟ ରାସ୍ତାରେ ଥିବା କୋଲକତା ବଜାର, ଷ୍ଟାଇଲ ବଜାର, ଫ୍ୟାସନ ସିଟି ପାରାବେଡ଼ା ସ୍ଥିତ ଭି -ଟୁ, ପାତ୍ର ଇଲୋଟ୍ରୋନିକ୍ସ ଉପରେ ଚଢାଉ ହୋଇଛି । ଯେଉଁ ସ୍ଥାନରେ ସପିଂ ମଲ ହୋଇଛି ସେହି ମାଲିକ ମାନେ ମଲ୍ ନିର୍ମାଣ ସମୟରେ ଜୟପୁର ପୌର ପାଳିକାର ଅନୁମତି ନେଇଛନ୍ତି କି ନାହିଁ। ଯଦି ନେଇଛନ୍ତି କେତେ ମହଲା ପାଇ ନିଆଯାଇଛି ଓ କେତେ ମହଲାରେ ନିର୍ମାଣ କରାଯାଇଛି। କେତେ କ୍ଷେତ୍ରଫଳ ବିଶିଷ୍ଟ ସ୍ଥାନରେ ନିର୍ମାଣ କରାଯାଇଛି ସେ ନେଇ ମାପ ଜୁପ କରାଯାଇଛି। ପାର୍କି ଅଛି କି ନାହିଁ ଆଦି ଯାଞ୍ଚ ମଧ୍ୟ କରାଯାଇଛି। ଏନେଇ ଘର ମାଲିକଙ୍କୁ କାଗଜ ପତ୍ର ଧରି ପୌର ପାଳିକାରେ ହାଜର ହେବାକୁ କୁହାଯାଇଛି ।

● କଳିଙ୍ଗ ପାହାଡ ନିଲାମ

## କ୍ରସର ୟୁନିଟ ମାଲିକଙ୍କ ମଧ୍ୟରେ ଅସନ୍ତୋଷ



**ଖୋର୍ଦ୍ଧା,୬।୮ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ତହସିଲ ଅଧିନସ୍ଥ ତାପଙ୍ଗ ମୌଜାରେ ଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କଳିଙ୍ଗ ପାହାଡ଼ ନିଲାମ ପାଖାପାଖି ଦୁଇଗୁଣ ଅଧିକ ଟଙ୍କାରେ ଯାଇଥିବାରୁ କ୍ରସର ଚଳାଇବାରେ ସମସ୍ୟା ହେବ ବୋଲି ତାପଙ୍ଗ ଆଞ୍ଚଳିକ କ୍ରସର ସଙ୍ଘ ଆଶଙ୍କା କରିଛି। ଖୋର୍ଦ୍ଧାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାହାଡ ନିଲାମକୁ ନେଇ ଦେଖାଦେଇଛି ବିବାଦ। ପୂର୍ବରୁ ଯେଉଁ ନିଲାମ ଶ୍ରୀମନ୍ଦିର ପ୍ରଶାସନ କରୁଥିଲା ତାକୁ ଏବେ ଜିଲ୍ଲା ଖଣି ବିଭାଗ କରୁଛି। ଯାହା ଫଳରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ସମସ୍ତ କ୍ରସର ୟୁନିଟ ବନ୍ଦ ହୋଇଯିବ। ପୂର୍ବରୁ ପ୍ରତି କ୍ୟୁବିକ୍ ମିଟର ପିଛା ୧୭୦ ଟଙ୍କା ଥିବା ବେଳେ ତାହା ଏବେ ୩୫୮ କୁ ବୃଦ୍ଧି ପାଇଛି। ଏହାକୁ ନିଲାମ ଧାରୀମାନେ କ୍ୟୁବିକ୍ ମିଟର ୧୫୦୦ ରୁ ୫୦୦୦ ପର୍ଯ୍ୟନ୍ତ ନେଇଛନ୍ତି। ଏହାର ପ୍ରଭାବରେ ସେମାନଙ୍କୁ ଚଢ଼ା ଦରରେ କଞ୍ଚାମାଲ କିଣିବାକୁ ପଡ଼ିବ ଓ ସେସବୁକୁ ଗୁଣ୍ଡ କରିବା ପରେ ଚିପ୍ସ ସି.ଏମ୍ ପ୍ରତି ୪୦୦୦ ରୁ ୬୦୦୦ ଟଙ୍କାରେ ବିକ୍ରି ହେବ। ଏହାର ପ୍ରଭାବ ନିର୍ମାଣ ଶିଳ୍ପ ଉପରେ ପଡ଼ିବ। ରାଜ୍ୟର ଅନ୍ୟ ଜିଲ୍ଲା ଗୁଡିକରେ କମ ଦରରେ ଚିପ୍ସ ମିଳୁଥିବା ବେଳେ ଖୋର୍ଦ୍ଧାରେ ଅଧିକ ଦରରେ ବିକ୍ରି ହେବ। ଫଳରେ ପାଞ୍ଚଟି ଜିଲ୍ଲାର ଶ୍ରମିକଙ୍କ ସହିତ ବହୁ ସ୍ଥାନୀୟ ବ୍ୟବସାୟୀ ହାତବାନ୍ଧି ବସି ରହିବେ।

● ଦିବ୍ୟାଙ୍ଗ ଯୁବକ ଆକ୍ରମଣ ଘଟଣା

## ୨ ନାବାଳକ କୋର୍ଟ ଚାଲାଣ

**ଧର୍ମଶାଳା,୬।୮(ସଂଚାର ବ୍ୟୁରୋ):** ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ସାପ୍ତାହିକ ହାଟ ନିକଟରେ ତିନି ଜଣ ଯୁବକଙ୍କ ଆକ୍ରମଣରେ ଜଣେ ଦିବ୍ୟାଙ୍ଗ ଯୁବକ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ତଦନ୍ତ କରି ବନ୍ଧଡିହ ଗ୍ରାମର ୨ ଜଣ ନାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଏହି ୨ ଜଣ ନାବାଳକ ବନ୍ଧଡିହ ପଞ୍ଚାୟତ ଅଲାଡି ଗ୍ରାମର ବୋଲି ଜଣାପଡିଛି। ସୂଚନା ଥାଉ କି, ଅରିବାର ସନ୍ଧ୍ୟାରେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅରେଇକଣା (ରାୟସାହି) ଗ୍ରାମର ସର୍ବେଶ୍ୱର ସାମଲଙ୍କ ଦାଦା ପୁଅ ଶ୍ରୀଧର ସାମଲ(୨୭) ବ୍ରହ୍ମବରଦା ସାପ୍ତାହିକ ହାଟ ନିକଟସ୍ଥ ଏକ କେକ୍ ଦୋକାନକୁ ଆସିଥିଲେ। ସେଠାରେ ସେ ଥଣ୍ଡା ପାନୀୟ ପିଇବା ସମୟରେ ବ୍ରହ୍ମବରଦା ଥାନା ଅନ୍ତର୍ଗତ ବନ୍ଧଡିହ ପଞ୍ଚାୟତ ଅଲାଡି ଗ୍ରାମର ୩ ଜଣ ନାବାଳକ ଧୂମପାନ କରିବା ସମୟରେ ସେଠାରେ ଉପସ୍ଥିତ ଥିବା ଶ୍ରୀଧରଙ୍କ ପାଖକୁ ଆସି ପ୍ରଥମେ ଅଶ୍ଳୀଳ ଭାଷାରେ ଗଳିଗୁଳଜ କରିଥିଲେ। ଏହାକୁ ଶ୍ରୀଧର ପ୍ରତିବାଦ କରିବାରୁ ସେମାନେ ସଂଘବଦ୍ଧ ଭାବେ ମାଡ ମାରି ଲହୁଲୁହାଣ କରି ଦେଇ ଥିଲେ।



# ପ୍ରଧାନମନ୍ତ୍ରୀଙ୍କ ସହ କେଭିଙ୍କ ଆଲୋଚନା

**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):** ଦିଲ୍ଲୀରେ ଆଜି ହୋଇଛି ଗୁରୁତ୍ୱପୂର୍ଣ୍ଣ ଭେଟଘାଟ୍। ଏହାକୁ କେନ୍ଦ୍ର କରି ଓଡ଼ିଶାରେ ପ୍ରକାଶ ପାଇଛି ରାଜନୈତିକ ଉଷ୍ମତା। ଆଜି ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି ଓଡ଼ିଶା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଉଭୟ ନେତାଙ୍କ ମଧ୍ୟରେ ୱାନ ଟୁ ୱାନ ଆଲୋଚନା ହୋଇଛି। ଅବଶ୍ୟ ଏହି ଭେଟଘାଟ୍ ସମୟରେ ଉଭୟ ନେତାଙ୍କ ମଧ୍ୟରେ କ'ଣସବୁ ଆଲୋଚନା ହୋଇଛି, ସେନେଇ କୌଣସି ବିଧିବଦ୍ଧ ସୂଚନା ମିଳପାରିନାହିଁ। କିନ୍ତୁ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ମହାପ୍ରଭୁଙ୍କ ମହାପ୍ରସାଦ ଭେଟି ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ। ମୋଦି ଓ ଶ୍ରୀ ସିଂହଦେଓଙ୍କ ସାକ୍ଷାତ ରାଜନୈତିକ ଦୃଷ୍ଟିକୋଣରୁ ବେଶ ଗୁରୁତ୍ୱ ବହନ କରୁଛି। ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ପୂର୍ବରୁ ଶ୍ରୀ ସିଂହଦେଓ ଦିଲ୍ଲୀରେ ଉପସ୍ଥିତ ଅଛନ୍ତି। ରାଜ୍ୟ ବିଜେପିର ଏହି ତିନି ହେଭିୱେଟଙ୍କ ଉପସ୍ଥିତି ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ ଓ ସମ୍ପ୍ରସାରଣ ଚର୍ଚ୍ଚା ଆହୁରି ଜୋରଦାର ହୋଇଛି। ଠିକ୍ ଏତିକିବେଳେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ରାଜନୈତିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱ ବହନ କରୁଥିବା ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀଙ୍କ ପୂର୍ବରୁ ଏହି ଦୁଇ ହେଭିୱେଟ୍ ନେତାଙ୍କ ଭେଟଘାଟ୍‌କୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

# ବିଜେଡି ନେତାଙ୍କ ମାନସିକ ସ୍ଥିତି ବିଗିଡ଼ିଯାଇଛି: ବିଜେପି




**ବ୍ରହ୍ମପୁର,୬।୮(ସଂଚାର ବ୍ୟୁରୋ):** ଗତ ୨୯ ତାରିଖରେ ଗୋଳନ୍ଥରାରେ ଏକ ଆକ୍ରମଣ ଘଟଣାକୁ ନେଇ ଗତକାଲି ବିଜେଡି ପକ୍ଷରୁ ବିଜେପିକୁ ଟାର୍ଗେଟ୍ କରାଯାଇଥିବା ବେଳେ ଆଜି ଗଞ୍ଜାମ ବିଜେପି ପକ୍ଷରୁ ଏହାର କଡ଼ା ଜବାବ ଦିଆଯାଇଛି। ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ସରୋଜ ସାବତ ବିଜେଡି ଗାଦିଚ୍ୟୁତ ହେବା ପରେ ରାଜ୍ୟରେ ସାମ୍ପ୍ରତିକ ପରିସ୍ଥିତିରେ କୁତ୍ସିତ ରାଜନୀତି କରିବା ସହ ଔଷଧ ବିକଳରେ ତାଟିଆ କାମୁଡୁଛି। ଗୋଳନ୍ଥରା ଚଟି ଛକରେ ଘଟିଥିବା ଦୁର୍ଘଟଣାକୁ ଯେପରି ଅତିରଞ୍ଜିତ କରି ଦଳ ଉପସ୍ଥାପିତ କରିଛି ତାହା ଦଳର ରାଜନୈତିକ ଦେବାଳିଆ ପଣକୁ ଇଙ୍ଗିତ କରୁଛି। ଘଟଣାରେ ଏକ କାର୍ ଦ୍ରୁତ ଗତିରେ ମାଡ଼ିଯିବାରୁ ଘର ସାମ୍ନାରେ ଠିଆ ହୋଇଥିବା ଆଇନଜୀବୀ ଅଜିତ୍ କରଙ୍କ ମା' ଛିଟିକି ପଡ଼ିଥିଲେ। ଏହାକୁ ପ୍ରତିବାଦ କରିବାରୁ କାର୍‌ରେ ବସିଥିବା ବ୍ୟକ୍ତି ଓ ଅନ୍ୟ ଏକ କାର୍‌ରେ ବସିଥିବା ୬ ଜଣ ମହିଳା ଉଭୟ ଅଜିତ୍ ଓ ତାଙ୍କ ମା'ଙ୍କୁ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଏତଲା ଦିଆଯାଇଥିଲା। ପରେ ସ୍ଥାନୀୟ ଲୋକଙ୍କ ପ୍ରତିବାଦରେ ଜଣେ ଯୁବକ ଆହତ ହୋଇଥିବା ଅଭିଯୋଗ ହୋଇଥିଲା। ଘଟଣାକୁ ନେଇ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ଉପରେ ବିଜେଡି କଡ଼ା ମନ୍ତବ୍ୟ ରଖିବା ସହ ଏଥିରେ ତାଙ୍କ ପୁତୁରାଙ୍କ ହାତ ଥିବା ଓ ପୁଲିସ୍ ଜାଣିଶୁଣି ଗିରଫ କରୁନଥିବା ଦର୍ଶାଇଥିଲା। ସେହିପରି ଦୁଇ ଯୁବ ଆଇନଜୀବୀଙ୍କୁ ଏଥିରେ ଜାଣିଶୁଣି ସମ୍ପୃକ୍ତ କରାଯାଇଛି। ଏହାକୁ ଦଳୀୟ ନେତାମାନେ ଦୃଢ଼ ନିନ୍ଦା କରିଛନ୍ତି। ଏପରିକି ଗୋଳନ୍ଥରାସ୍ଥିତ 'ବନ୍ଦେ ମାତରଂ ଭବନ' ନିକଟରେ ଏହି ଗଣ୍ଡଗୋଳ ହୋଇଥିବା କଥା ମିଛ ଓ ଶିଳ୍ପ ମନ୍ତ୍ରୀ କଦାପି ତାଙ୍କ ରାଜନୈତିକ ଜୀବନରେ ଅପରାଧୀଙ୍କୁ ପ୍ରଶ୍ରୟ ଦିଅନ୍ତି ନାହିଁ ବୋଲି ଶ୍ରୀ ସାବତ ସ୍ପଷ୍ଟ କରିଛନ୍ତି। ଏଥିସହ ରାଜ୍ୟର ମୋହନ ସରକାରଙ୍କ ଜନହିତକର କାର୍ଯ୍ୟକୁ ବିଜେଡି ସହ୍ୟ କରି ନ ପାରି ଅପପ୍ରଚାର କରୁଛି ବୋଲି ବିଜେପି ନେତାମାନେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପିର ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ବରିଷ୍ଠ ନେତା ପୀତବାସ ପଣ୍ଡା, ସୁନୀଲ କୁମାର ସାହୁ, ପ୍ରଭାତ କିରଣ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଟୁଟୁନ ପାତ୍ର, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ମଦନ ମୋହନ ପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

■ ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକଙ୍କ ସମୀକ୍ଷା ବୈଠକ

# ମହିଳା ନେତୃତ୍ୱାଧୀନ ଉଦ୍ୟମିତା ସମୟର ଆହ୍ୱାନ: ମନ୍ତ୍ରୀ

**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):** ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକଙ୍କ ଯୋଜନା କାର୍ଯ୍ୟାନ୍ୱୟନ ଓ ରୂପାୟନ ସମ୍ପର୍କରେ ଆଜି ଏକ ସମୀକ୍ଷା ବୈଠକ ସ୍ଥାନୀୟ ଓ-ହବ୍‌ଠାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ତଥା ମତ୍ସ୍ୟ ଏବଂ ପ୍ରାଣିସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସବିଶେଷ ସମୀକ୍ଷା କରିଛନ୍ତି। ଏହି ଅବସରରେ ଉଦ୍ୟମିତା କ୍ଷେତ୍ରରେ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରିବା ଦିଗରେ ସ୍ୱତନ୍ତ୍ର ପ୍ରଚେଷ୍ଟା ପାଇଁ ମନ୍ତ୍ରୀ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ମହିଳା ନେତୃତ୍ୱାଧୀନ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ସମଗ୍ର ଦେଶରେ ଓଡ଼ିଶା ତ୍ରୟୋଦଶ ସ୍ଥାନରେ ଥିବା ବେଳେ ଆଗାମୀ ଦିନରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସମସ୍ତେ ପ୍ରଚେଷ୍ଟା କରିବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି।



ଏମ୍‌ଏସ୍‌ଏମ୍‌ଇ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା ଓ ବିଭାଗ ଅନ୍ତର୍ଗତ ସମସ୍ତ ଅନୁଷ୍ଠାନର କାର୍ଯ୍ୟକୁ ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ମଲ୍ଲିକ ଲୋକଙ୍କ ପାଇଁ ନୀତିନିଷ୍ଠ କର୍ତ୍ତବ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ, ପିଏମ୍‌ଇଜିପି, ପିଏମ୍‌ଏଫ୍‌ଏମ୍‌ଇ, ପିଏମ୍-ବିଶ୍ୱକର୍ମା ଓ ଓଡିଶା ସରକାରଙ୍କର ସିଏମ୍-ଶ୍ରମ, ବିଭିନ୍ନ ନୀତି ଅଧୀନରେ ଦିଆଯାଉଥିବା ଆର୍ଥିକ ଓ ଅଣଆର୍ଥିକ ପ୍ରୋତ୍ସାହନର ମଧ୍ୟ ମନ୍ତ୍ରୀ ଶ୍ରୀ ମଲ୍ଲିକ ସମୀକ୍ଷା କରିଛନ୍ତି। ଏହି ଅବସରରେ ଜିଲ୍ଲା ସ୍ତରର କାର୍ଯ୍ୟକାରିତା ସମୟରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପରିଚାଳକମାନେ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ବୈଠକରେ ଏମ୍‌ଏସ୍‌ଏମ୍‌ଇ ବିଭାଗ କମିଶନର ତଥା ଶାସନ ସଚିବ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର, ସ୍ୱତନ୍ତ୍ର ଶାସନ ସଚିବ ମହେଶ କୁମାର ଚୌଧୁରୀ, ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ପ୍ରଭୁ ପ୍ରସାଦ ଚୌଧୁରୀ, ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ସମୁଚିତା ମଲ୍ଲିକ ଉପସ୍ଥିତ ଥିଲେ।

# କେନ୍ଦ୍ର ଖାଦ୍ୟ ମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

■ ଚାଉଳ ସଂଗ୍ରହ ଟାର୍ଗେଟ୍ ବୃଦ୍ଧି ଉପରେ ଗୁରୁତ୍ୱ

■ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ କେଭି ବି ଉପସ୍ଥିତ



**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):** ସମ୍ପ୍ରତି ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦ୍ର ଖାଦ୍ୟ ସୁରକ୍ଷା ଓ ଖାଉଟି କଲ୍ୟାଣ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସାକ୍ଷାତ କରିଛନ୍ତି। ଏନେଇ ସୋସିଆଲ ମିଡିଆ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ରାଜ୍ୟରେ ବଳକା ଧାନକୁ ଦୃଷ୍ଟିରେ ରଖି ଆଗାମୀ ଋତୁ ପାଇଁ ଚାଉଳ ସଂଗ୍ରହ ଟାର୍ଗେଟ ବୃଦ୍ଧି କରିବା ସକାଶେ ସେ ଶ୍ରୀ ଯୋଶୀଙ୍କୁ ନିବେଦନ କରିଥିବା ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ଉଭୟଙ୍କ ମଧ୍ୟରେ ହୋଇଥିବା ସାକ୍ଷାତାଲୋଚନା ସମ୍ପର୍କରେ ଶ୍ରୀ ମାଝୀ ଆହୁରି ଉଲ୍ଲେଖ କରିଛନ୍ତି ଯେ ସମୟାନୁସାରେ ଏଫସିଆଇ ଦ୍ୱାରା ମାସିକ ଧାନ ଉଠାଣ ବୃଦ୍ଧି କରିବା ପାଇଁ ମଧ୍ୟ ଅନୁରୋଧ କରାଯାଇଛି। ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବା ଓ କୃଷକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଲକ୍ଷ୍ୟ ରଖି ଓଡ଼ିଶା ସରକାରଙ୍କ ସକ୍ରିୟ ପଦକ୍ଷେପ, ଯେଉଁଥିରେ ମାଣ୍ଡିଆକୁ ପ୍ରୋତ୍ସାହନ ଓ ସଂରକ୍ଷଣ ଭିତ୍ତିଭୂମିର ପ୍ରସାର ଅନ୍ତର୍ଭୁକ୍ତ ଉପରେ ଆଲୋକପାତ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏହି ସାକ୍ଷାତାଲୋଚନା ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମଧ୍ୟ ଉପସ୍ଥିତ ଥିଲେ।

ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ତାଙ୍କ ଦିଲ୍ଲୀ ଗସ୍ତ ଅବସରରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସିଆର୍ ପାଟିଲ୍‌ଙ୍କୁ ମଧ୍ୟ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେ ଦୀର୍ଘ ବର୍ଷ ଧରି ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ନେଇ ଚାଲିଥିବା ବିବାଦ ଏବଂ ଏହାର ନିରପେକ୍ଷ ଓ ନ୍ୟାୟସଙ୍ଗତ ସମାଧାନ ବିଷୟରେ ଶ୍ରୀ ପାଟିଲ୍‌ଙ୍କ ସହ ବିଚାରବିମର୍ଶ କରିଥିବା ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀଙ୍କୁ 'ଭିଜନ୍ ଓଡ଼ିଶା ୨୦୩୬ ଓ ୨୦୪୭' ପୁସ୍ତିକା ମଧ୍ୟ ପ୍ରଦାନ କରିଛନ୍ତି।

# ଗୋ ଚାଲାଣ ବେଳେ ଗାଡ଼ି ଭଙ୍ଗାରୁଜା, ୧୧ ଗୋରୁ ଉଦ୍ଧାର



**ଭଦ୍ରକ,୬।୮(ସଂଚାର ବ୍ୟୁରୋ):** ଆଜି ଭୋରରେ ଭଦ୍ରକରୁ ବାହାରକୁ ବେଆଇନ ଭାବରେ ଗୋରୁ ଚାଲାଣ ହେଉଥିବା ବେଳେ ଲୋକେ ଏ ସମ୍ପର୍କରେ ଜାଣି ଏକ ଗୋରୁ ବୋଝେଇ ଗାଡ଼ିକୁ ଅଟକାଇବା ସହ ଗୋରୁ ଗାଡ଼ିକୁ ପାସ କରାଇଦେବାକୁ ଯାଉଥିବା ଏକ ଗାଡ଼ିକୁ ଉତ୍ତ୍ୟକ୍ତ ଲୋକେ ଭଙ୍ଗାରୁଜା କରିଛନ୍ତି। ଗୋରୁ ବୋଝେଇ ଏକ ଜାଇଲୋ ଗାଡ଼ିକୁ ଭଙ୍ଗାରୁଜା କରାଯାଇ ୧୧ଟି ଗୋରୁ ଉଦ୍ଧାର କରାଯାଇଛି। ଏଇ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ସକାଳୁ ସକାଳୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇବା ପରେ ଘଟଣାସ୍ଥଳରେ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ଗୋରୁ ଗାଡ଼ିକୁ ଜବତ କରିବା ସହ ଗୋରୁମାନଙ୍କୁ ଉଦ୍ଧାର କରିଛି। ଏଭଳି ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାନ୍ଦିଆର ବାଲୁଅ ଛକ ନିକଟରେ। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାନ୍ଦିଆର ବାଲୁଅ ଛକ ନିକଟରେ ଆଜି ୧୧ଟି ଗୋରୁ ଉଦ୍ଧାର ହୋଇଛନ୍ତି। ଗୋରୁମାନଙ୍କୁ ଚାଲାଣ କରାଯାଉଥିଲା। ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲପର ଗାଡ଼ି ଛାଡ଼ି ଫେରା ଫେରାର ହୋଇଯାଇଛନ୍ତି। ଏଭଳି ଘଟଣା ପରେ ଘଟଣା ସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇବାରୁ ସେଠାରେ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ଥିଲେ। ଏକ ଜାଇଲୋ ଗାଡିରେ ୧୧ଟି ଗୋରୁ ବୋଝେଇ ହୋଇ ଆନନ୍ଦପୁରରୁ ଭଦ୍ରକ ଆସୁଥିବା ବେଳେ ସ୍ଥାନୀୟ ଲୋକମାନେ ଖବର ପାଇ ଗାଡ଼ିକୁ ପିଛା କରିଥିଲେ। ଗାଡ଼ିକୁ ଏସକର୍ଟ ଦେଉଥିବା ଲୋକଙ୍କ ସହ ପାଟିମୁଣ୍ଡ ହୋଇଥିଲା। ପରେ ବାଲୁଅ ଛକ ନିକଟରେ ଗାଡ଼ିକୁ ଅଟକାଇବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଏହି ଘଟଣା ପରେ ଗ୍ରାମାଞ୍ଚଳ ପୁଲିସ ଉଦ୍ଧାର ଗୋରୁଙ୍କୁ ନେଇ ଗୋଶାଳାରେ ଛାଡ଼ି ଥିବା ବେଳେ ପରିସ୍ଥିତି ଉପରେ ନଜର ରଖିଛି। ଦିନକୁ ଦିନ ଗୋ ମାଫିଆଙ୍କ ଦୌରାତ୍ମ୍ୟ ବଢ଼ୁଥିବା ବେଳେ ପୁଲିସ ଏହି ଗୋ ଚାଲାଣ ଉପରେ ଆଗାମୀ ଦିନରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବ ବୋଲି କହିଛି।

# ଲାଞ୍ଚ ନେବା ବେଳେ ଧରାପଡ଼ିଲେ ରାଜସ୍ୱ କର୍ମଚାରୀ



**କେନ୍ଦୁଝର,୬।୮(ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କେନ୍ଦୁଝର ଭୂ-ବନ୍ଦୋବସ୍ତ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ ରେକର୍ଡକିପର୍ ହାଡ଼ିବନ୍ଧୁ ବେହେରା। ଜଣେ ବ୍ୟକ୍ତିଙ୍କଠାରୁ ଅମିନ ରିପୋର୍ଟ ଦେବା ପାଇଁ ଆଜି ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ପ୍ରମାଣ ସହ ମାଡ଼ି ବସିଛନ୍ତି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ସରକାରୀ କାର୍ଯ୍ୟାଳୟ ଓ ବାସଭବନରେ ମଧ୍ୟ ଚଢ଼ାଉ ଜାରି ରହିଛି। ପୂର୍ବରୁ ଶ୍ରୀ ବେହେରାଙ୍କ ବିରୋଧରେ ପୂର୍ବରୁ ଭିଜିଲାନ୍ସରେ ଏକାଧିକ ଅଭିଯୋଗ ରହିଥିଲା।

# ପୁଲିସ ଗାଡ଼ିକୁ ଅଟକ ରଖିଲେ ଶତାଧିକ ମହିଳା



**ପାଟଣା,୬।୮(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ମୂଷାପଡ଼ା ଗ୍ରାମର ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତିରେ ପ୍ରାର୍ଥୀଙ୍କ ଶିକ୍ଷାଗତ ସାର୍ଟିଫିକେଟ ଜାଲ୍ ଓ ନିଯୁକ୍ତିରେ ଅନିୟମିତତା ପ୍ରତିବାଦରେ ଆଜି ଗ୍ରାମର ଶତାଧିକ ମହିଳା ଅଙ୍ଗନୱାଡ଼ି କର୍ମୀଙ୍କୁ ଅଟକ ରଖିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ସେଠାରେ ପାଟଣା ପୁଲିସ ପହଞ୍ଚି ଅଙ୍ଗନୱାଡ଼ି କର୍ମୀ ମମତା ନାଏକଙ୍କୁ ଉଦ୍ଧାର କରି ଘରେ ଛାଡ଼ିଥିଲେ। କିନ୍ତୁ ଏହାକୁ ନେଇ ଉତ୍ତେଜନା ତୀବ୍ର ହୋଇଥିଲା। ଉତ୍ତ୍ୟକ୍ତ ହୋଇ ଉକ୍ତ ମହିଳାମାନେ ପୁଲିସ ଗାଡ଼ିକୁ ଘେରିବା ସହ ଦୀର୍ଘ ସମୟ ଧରି ଅଟକ ରଖିଥିଲେ।

# ନାମଲେଖା ନାଁରେ ୩ ଯୁବକ ଠକେଇର ଶିକାର



**ପଟାଙ୍ଗି,୬।୮(ସଂଚାର ବ୍ୟୁରୋ):** ଏବେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ନାମଲେଖା କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏହାର ସୁଯୋଗ ଉଠାଇ ହ୍ୟାକର୍‌ମାନେ ଶିକ୍ଷିତ ଯୁବତୀଯୁବକଙ୍କୁ ଠକିଚାଲିଛନ୍ତି। ଏପରି ଠକେଇର ଶିକାର ହୋଇଛନ୍ତି କିଛି ଯୁବକଙ୍କ ସହ ପରିବାରବର୍ଗ। କଲେଜ କର୍ତ୍ତୃପକ୍ଷ ଓ ପୁଲିସରେ ଅଭିଯୋଗ କରି ମଧ୍ୟ ନିରାଶ ହୋଇଥିବା ଦେଖିବାକୁ ମିଳିଛି। ଏପରି ଏକ ଘଟଣା ଘଟିଛି କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ ପୁକାଲି, ଚନ୍ଦକା ପଞ୍ଚାୟତ ସମେତ ଅନ୍ୟ ଗ୍ରାମରେ ବସବାସ କରୁଥିବା ୩ ଜଣ ଯୁବକଙ୍କ କ୍ଷେତ୍ରରେ।

ମିଳିଥିବା ସୂଚନାନୁସାରେ, ପୁକାଲି ପଞ୍ଚାୟତର ରେଲିସାହିର ରବି ଖରା ସ୍ଥାନୀୟ ଗାଙ୍ଗେଶ୍ୱରୀ ଉଚ୍ଚ ଶିକ୍ଷା ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଅନ୍‌ଲାଇନ୍‌ରେ ଦରଖାସ୍ତ ଆବେଦନ କରିଥିଲେ। ଏହି ସମୟରେ ଚଏସ୍ ଲଗ୍ ଇନ୍‌ରେ ଛାତ୍ର ଜଣଙ୍କ ଉକ୍ତ ବିଦ୍ୟାଳୟକୁ ପସନ୍ଦ କରିଥିଲେ। ଏହାର କିଛି ସମୟ ପରେ ୯୬୬୮୩୯୭୬୨୫ ନମ୍ବରରୁ ଏକ କଲ ଆସିଥିଲା। ଏଥିରେ କଲ୍ କରୁଥିବା ବ୍ୟକ୍ତି ଜଣଙ୍କ ନିଜକୁ ଉପରୋକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ବୋଲି ପରିଚୟ ଦେଇଥିଲେ। ଏଥିସହ ଉକ୍ତ ଛାତ୍ରଙ୍କୁ ସେ ନାମ ଲେଖାଇବା ପାଇଁ ଅନଲାଇନରେ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ଶୁଣି ଛାତ୍ର ଜଣଙ୍କ ତୁରନ୍ତ ଉକ୍ତ ମୋବାଇଲ୍ ନମ୍ବରରେ ୮ ହଜାର ୩ ଟଙ୍କା ଫୋନ୍‌ପେ' ମାଧ୍ୟମରେ ପଠାଇଥିଲେ। ପରେ ସେ ବିଦ୍ୟାଳୟରେ ପହଞ୍ଚି ଅଧ୍ୟକ୍ଷଙ୍କୁ ଦେଖା କରିଥିଲେ। ତେବେ ଟଙ୍କା ଜମା କରିବା କଥା ଶୁଣିବା ପରେ ଉକ୍ତ ମୋବାଇଲ୍ ନମ୍ବର ତାଙ୍କର ନୁହେଁ ଓ ଛାତ୍ର ଜଣଙ୍କ ଠକାମିର ଶିକାର ହୋଇଥିବା ଅଧ୍ୟକ୍ଷ କହିଥିଲେ। ଏଥିସହ ସେ ଛାତ୍ର ଜଣଙ୍କୁ ତୁରନ୍ତ ପୁଲିସରେ ଅଭିଯୋଗ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ।

ସେହିପରି ଚନ୍ଦକା ପଞ୍ଚାୟତର ଅନ୍ୟ ଜଣେ ଯୁବକ ମଧ୍ୟ ଏପରି ଠକାମିର ଶିକାର ହୋଇ ୧୦ ହଜାର ଟଙ୍କା ହରାଇଛନ୍ତି। ସମ୍ବାଇ ପଞ୍ଚାୟତର ଘସବା ନାୟକ, ଗୁଡ଼ା ଗ୍ରାମର ଜଗଦୀଶ ଖରା ଅନୁରୂପ ୫ ହଜାର ଟଙ୍କା ଦେଇଥିବା ଜଣାପଡ଼ିଛି। ଏନେଇ ୩ଜଣଯାକ ଯୁବକ ପଟାଙ୍ଗି ପୁଲିସରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାଧିକାରୀ ପ୍ରଭାତ ବେହେରା ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିବା କହିଛନ୍ତି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଟଙ୍କା ଠକିଥିବା ଠକମାନଙ୍କ ସମ୍ପର୍କରେ ବିଶେଷ କିଛି ଜଣାପଡ଼ିନାହିଁ।

■ ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ-୨୦୨୫ରେ ଉପମୁଖ୍ୟମନ୍ତ୍ରୀ

# ଶିଶୁକୁ ମା' ହୃଦୟ ନିକଟତର କରାଇଥାଏ ସ୍ତନ୍ୟପାନ

**ଭୁବନେଶ୍ୱର, ୬।୮ (ସଂଚାର ବ୍ୟୁରୋ):** ସ୍ତନ୍ୟପାନ ଯୋଗୁଁ ଶିଶୁ ମା'ର କ୍ଲୋଜ୍ ଟୁ ହାର୍ଟ ଅର୍ଥାତ ମା' ହୃଦୟର ଆହୁରି ନିକଟତର ହୋଇପାରିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ-୨୦୨୫ ଅବସରରେ ମତ ବ୍ୟକ୍ତ କରିଛନ୍ତି । ଆଜି

▶ ଏନ୍‌ଜିଓ ପଞ୍ଜିକରଣ ପାଇଁ 'ଲୋକ କଲ୍ୟାଣ' ଲୋକାର୍ପିତ

▶ ମହିଳା ଆୟୋଗ କାର୍ଯ୍ୟାଳୟରେ ଶିଶୁ ସ୍ତନ୍ୟପାନ କକ୍ଷ ପ୍ରତିଷ୍ଠା



ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକସେବା ଭବନ କନଭେନସେନ ସେଣ୍ଟରରେ ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ-୨୦୨୫ ପାଳିତ ହୋଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ତନ୍ୟପାନ ଦ୍ୱାରା ଉଭୟ ମା' ଓ ଶିଶୁର ଶିଶୁ ସ୍ତନ୍ୟପାନ କକ୍ଷ ଉଦଘାଟନ କରି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସମସ୍ତ ସରକାରୀ ଓ ଅଣସରକାରୀ ସର୍ବସାଧାରଣ ସ୍ଥାନମାନଙ୍କରେ ଶିଶୁ ସ୍ତନ୍ୟପାନ କକ୍ଷ ପ୍ରତିଷ୍ଠା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଅଙ୍ଗନବାଡି ଶିଶୁର ଦ୍ୱିତୀୟ ମା'ଘର। ଅଙ୍ଗନବାଡିକୁ ଆହୁରି ଆଧୁନିକ ମା'ମାନେ ସ୍ତନ୍ୟପାନ କରେଇବା ପାଇଁ ନିରୁତ୍ସାହିତ ହେବାର କାରଣ ଗୁଡିକୁ ଉଲ୍ଲେଖ କରିଥିଲେ। ସ୍ତନ୍ୟପାନ କେବଳ ମା'ମାନଙ୍କର ଦାୟିତ୍ୱ ନୁହେଁ, ଏହା ପରିବାର ସମାଜ, ସରକାର ସମସ୍ତଙ୍କ ସାମୂହିକ ଦାୟିତ୍ୱ। ମା'ମାନଙ୍କ ପାଇଁ ଉପଯୁକ୍ତ ବିଶ୍ରାମ, ପୁଷ୍ଟିକର ଖାଦ୍ୟ ଓ ଏକ ମାନସିକ ଚାପମୁକ୍ତ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶର୍ମା ଗର୍ଭବତୀ, ପ୍ରସୂତି ମା' ଓ ଶିଶୁମାନଙ୍କ ପାଇଁ ଉପଲବ୍ଧ ଥିବା ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ଶ୍ରୀମତୀ ବାନାର୍ଜୀ ସ୍ୱାଗତ ଅଭିଭାଷଣ ଦେବା ସହ ଅତିରିକ୍ତ ସଚିବ ସ୍ୱୟଂପ୍ରଭା ମହାନ୍ତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ 'ଲୋକକଲ୍ୟାଣ'-ଅନଲାଇନ ୱେବ୍ ଲିଙ୍କ ଫର୍ମର ଲୋକାର୍ପଣ କରିଛନ୍ତି। ଏହି ଲିଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଓଡ଼ିଶା ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡ (ଓଏସ୍‌ଏସ୍‌ଡବ୍ଲ୍ୟୁବି) ଦ୍ୱାରା ପରିଚାଳିତ ହେବ। ଏହି ପଞ୍ଜିକରଣ ମାଧ୍ୟମରେ ବୋର୍ଡ ଏକ ସକ୍ରିୟ ଏନଜିଓ ଡାଟାବେଶ ପ୍ରସ୍ତୁତ କରିପାରିବ।

# ଅନୁଗୋଳରେ ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ

**ଅନୁଗୋଳ,୬।୮(ସଂଚାର ବ୍ୟୁରୋ):** ଓଡ଼ିଶାରେ ମହିଳା ଓ ଝିଅମାନଙ୍କ ଉପରେ ଯୌନ ଆକ୍ରମଣର ଘଟଣା ଜାରି ରହିଥିବା ବେଳେ ଆଜି ଅନୁଗୋଳ ଜିଲ୍ଲାର ବାଗଡ଼ିଆ ଥାନା ଅଧୀନରେ ଜନୈକା ଆଦିବାସୀ ମହିଳାଙ୍କୁ ୩ ଅଜଣା ଯୁବକ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି।

ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ଗତ ରବିବାର ସେ ତାଙ୍କ ଭଣଜାଙ୍କ ସହ ଛେଣ୍ଡିପଦା ଅଞ୍ଚଳର ଏକ ଡାକ୍ତରଖାନାକୁ ଯାଇଥିଲେ। ତେବେ ଡାକ୍ତରଖାନାରୁ ଫେରୁଥିବା ସମୟରେ ବରମାଞ୍ଜା ଗାଁ ନିକଟରେ ସେମାନଙ୍କୁ ଉକ୍ତ ଯୁବକମାନେ ଅଟକାଇଥିଲେ। ତେବେ ପୀଡ଼ିତା ଜଣଙ୍କ କିଛି ବୁଝିବା ପୂର୍ବରୁ ଅଭିଯୁକ୍ତମାନେ ତାଙ୍କୁ ଜବରଦସ୍ତ ମୁଖ୍ୟ ରାସ୍ତାଠାରୁ କିଛି ଦୂରକୁ ନେଇ ଗଣଦୁଷ୍କର୍ମ କରିଥିଲେ। ଏହି କାଣ୍ଡ ଘଟାଇବା ପରେ ଅଭିଯୁକ୍ତମାନେ ଭୟରେ ତୁରନ୍ତ ସେଠାରୁ ପଳାଇଯାଇଥିଲେ। ପୀଡ଼ିତା ଜଣଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକଙ୍କ ସହାୟତାରେ ସେ ବାଗଡ଼ିଆ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିବା ସହ ତୁରନ୍ତ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ନିବେଦନ କରିଥିଲେ। ଅଭିଯୁକ୍ତମାନଙ୍କ ସମ୍ପର୍କରେ ସବିଶେଷ ବିବରଣୀ ଦେବାକୁ ଯାଇ



ପୀଡ଼ିତା ଜଣଙ୍କ କହିଛନ୍ତି ଯେ ଉକ୍ତ ୩ ଜଣ ଯୁବକ ଦିନମଜୁରିଆ ଓ ଘଟଣାସ୍ଥଳଠାରୁ ଅଳ୍ପ ଦୂରରେ କାମ କରୁଥିଲେ। ତାଙ୍କ ସୂଚନା ଆଧାରରେ ପୁଲିସ୍ ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ସ୍ନିଫର ଡଗ୍‌ଙ୍କ ସହାୟତା ନେଇଛି। ଏଥିସହ ସମ୍ପୃକ୍ତ ପୀଡ଼ିତାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତି ଅନୁସାରେ, ଅଭିଯୁକ୍ତମାନେ ନିକଟବର୍ତ୍ତୀ ଅଞ୍ଚଳର ହୋଇଥିବା ପୁଲିସ୍ ଅନୁମାନ କରୁଛି। ଏଥିସହ ସେମାନେ ଧାନ ରୋଇବା କାମରେ ନିୟୋଜିତ ଥିବା ଜଣାପଡ଼ିଛି। କାରଣ ଘଟଣାଟି ଧାନକ୍ଷେତ ନିକଟସ୍ଥ ଏକ ନିର୍ଜନ ସ୍ଥାନରେ ଘଟିଛି। ତେବେ ଏହି ଘଟଣା ସ୍ଥାନୀୟ ବାସିନ୍ଦାଙ୍କୁ ସ୍ତବ୍ଧ କରିଦେଇଛି ଓ ସେମାନେ ତୁରନ୍ତ ପୁଲିସ୍ ଅଭିଯୁକ୍ତମାନଙ୍କୁ ଗିରଫ କରି କଠୋର ଦଣ୍ଡବିଧାନ କରିବା ସକାଶେ ଦାବି କରିଛନ୍ତି। ଅନ୍ୟପକ୍ଷରେ ପୁଲିସ୍ ଅଭିଯୁକ୍ତମାନଙ୍କୁ ଧରିବା ସକାଶେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିବା ଜଣାପଡ଼ିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୫ ନୂଆ ହସ୍ପିଟାଲ୍ ଖୋଲିବ ଇଏସ୍ଆଇସି

- ପ୍ରତି ହସ୍ପିଟାଲ୍‌ରେ ୧୦୦ ଶଯ୍ୟା
- ମେଡିକାଲ୍ କଲେଜ ପ୍ରସ୍ତାବ ବିଚାରାଧୀନ
- ରାଜ୍ୟରେ ବୀମାଭୁକ୍ତ କର୍ମଚାରୀ ସଂଖ୍ୟା ୧୫ ଲକ୍ଷ ଟପିବ



**ଭୁବନେଶ୍ୱର, ୬।୮ (ସଂଚାର ବ୍ୟୁରୋ):** କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍ଆଇସି) ରାଜ୍ୟରେ ୫ଟି ନୂଆ ହସ୍ପିଟାଲ୍ ନିର୍ମାଣ କରିବାକୁ ଯୋଜନା ରଖିଛି। ସେଗୁଡ଼ିକୁ ଯାଜପୁରର ଡୁବୁରୀ, ପାରାଦୀପ, ବାଲେଶ୍ୱର, ବ୍ରହ୍ମପୁର ଓ ଝାରସୁଗୁଡ଼ାରେ ସ୍ଥାପନ କରାଯିବ। ପ୍ରତି ହସ୍ପିଟାଲ୍‌ରେ ୧୦୦ଟି ଲେଖାଏଁ ଶଯ୍ୟା ରହିବ ବୋଲି ଇଏସ୍ଆଇସିର ଆଞ୍ଚଳିକ ନିର୍ଦ୍ଦେଶକ ରୁଦ୍ରଦୀପ ଦତ୍ତା ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଅଧିକ ସୂଚନା ଦେଇ ସେ କହିଛନ୍ତି ଯେ ୨୦୨୭-୨୮ ସୁଦ୍ଧା ଡୁବୁରି ହସ୍ପିଟାଲ୍ କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି।

ବାଲେଶ୍ୱର ଓ ବ୍ରହ୍ମପୁରରେ ନିର୍ମାଣ କରାଯିବାକୁ ଥିବା ହସ୍ପିଟାଲ୍ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ଝାରସୁଗୁଡ଼ା ହସ୍ପିଟାଲ୍ ପାଇଁ ଜମି ଅଧିଗ୍ରହଣ କରାଯାଇଛି। ପାରାଦୀପ ପ୍ରକଳ୍ପ ପାଇଁ ଜମି ସନ୍ଧାନ କରାଯାଉଥିବା ସେ କହିଛନ୍ତି। ରାଜ୍ୟରେ ନୂଆ ଇଏସ୍ଆଇସି ମେଡିକାଲ୍ କଲେଜ ସମ୍ଭାବନା ସମ୍ପର୍କରେ ସେ ଜଣାଇଛନ୍ତି ଯେ ୧୫୦ ଶଯ୍ୟାର ହସ୍ପିଟାଲ୍ ସହିତ ମେଡିକାଲ୍ କଲେଜ ସ୍ଥାପନ କରିବା ଲାଗି ଅନ୍ଧାରୁଆରେ ୨୫ ଏକର ଜମି ଚିହ୍ନଟ ହୋଇଛି। ରାଜ୍ୟ ସରକାର ଏଥିପାଇଁ ଦେଇଥିବା ପ୍ରସ୍ତାବ କେନ୍ଦ୍ର ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ଅଧୀନରେ ବିଚାରାଧୀନ ରହିଛି। ଏହି ଅବସରରେ ଇଏସ୍ଆଇସି ଆଞ୍ଚଳିକ କାର୍ଯ୍ୟାଳୟରେ ସ୍ପ୍ରି-୨୦୨୫ ଓ ସର୍ବକ୍ଷମା ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଯୋଗଦେଇ ବୀମା କମିସନର (ପୂର୍ବ, ଉତ୍ତର-ପୂର୍ବ ଜୋନ୍) ପ୍ରଣୟ ସିହ୍ନା କହିଥିଲେ ଯେ ରାଜ୍ୟରେ ଇଏସ୍ଆଇସି ଅଧୀନରେ ୩୦ ହଜାରରୁ ଅଧିକ ସଂସ୍ଥା ଓ ୧୦ ଲକ୍ଷରୁ ଅଧିକ ବୀମାଭୁକ୍ତ କର୍ମଚାରୀ ରହିଛନ୍ତି। ସ୍ପ୍ରି-୨୦୨୫ ଯୋଜନାରେ ଜୁଲାଇ ମାସରେ ୫୧୯ ନୂଆ ସଂସ୍ଥା ଓ ୪୩ ହଜାର ନୂଆ କର୍ମଚାରୀ ଯୋଡ଼ିହୋଇଛନ୍ତି। ଚଳିତ ବର୍ଷ ଡିସେମ୍ବର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଯୋଜନା ଅଧୀନରେ ରାଜ୍ୟରେ ବୀମାଭୁକ୍ତ କର୍ମଚାରୀ ସଂଖ୍ୟା ୧୫ ଲକ୍ଷରୁ ଅଧିକ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ସେମାନଙ୍କ ସଂଖ୍ୟା ବଢ଼ିଲେ ରାଜ୍ୟକୁ ଅଧିକ ପାଣ୍ଠି ମିଳିପାରିବ ଏବଂ ହସ୍ପିଟାଲ୍ ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି। ବୀମାଭୁକ୍ତ ହୋଇନଥିବା ସଂସ୍ଥା ଓ କର୍ମଚାରୀଙ୍କୁ ଏହି ଅଭିଯାନରେ ଯୋଡ଼ି ହୋଇ ପଞ୍ଜୀକରଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ରାଜକ୍ଷମା ଯୋଜନା-୨୦୨୫ ସମ୍ପର୍କରେ ସେ କହିଛନ୍ତି ଯେ କୋର୍ଟରେ ଚାଲିଥିବା ମାମଲାଗୁଡ଼ିକୁ କୋର୍ଟ ବାହାରେ ସମାଧାନ କରିବା ହେଉଛି ଏହି ଯୋଜନାର ଲକ୍ଷ୍ୟ। ଏହି ଏକ ବର୍ଷିଆ ଯୋଜନାର ଲାଭ ଉଠାଇବା ଲାଗି ସେ ସଂସ୍ଥା ଓ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଇଏସ୍ଆଇସିର ଯୁଗ୍ମ ନିର୍ଦ୍ଦେଶକ ମହେନ୍ଦ୍ର ଭୋଇ ଉପସ୍ଥିତ ଥିଲେ।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୨,୩୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୩ ,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୨,୩୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୩, ୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୨,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୩ ହଜାର ୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୨,୪୮୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩, ୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୨,୩୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୩ ହଜାର,୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୨,୩୩୦ ଓ ୯୩,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୬,୦୦୦ ଟଙ୍କା ହୋଇଛି।

# ଶେୟାର ବଜାରରେ ଟାଟା ଗ୍ରୁପର ଆଉ ଏକ ଧମାକା




**ମୁମ୍ବାଇ,୬।୮:** ଟାଟା ଗ୍ରୁପର ମୁଖ୍ୟ ନନ୍-ବ୍ୟାଙ୍କିଂ ଫାଇନାନ୍ସିଆଲ କମ୍ପାନୀ (ଏନବିଏଫସି) ଟାଟା କ୍ୟାପିଟାଲ ଚଳିତ ବର୍ଷର ସବୁଠାରୁ ବଡ଼ ଆରମ୍ଭିକ ସାର୍ବଜନୀକ ନିର୍ଗମ (ଆଇପିଓ) ପାଇଁ ପ୍ରସ୍ତୁତ ହେଉଛି। କମ୍ପାନୀ ଭାରତୀୟ ପୁଞ୍ଜିବଜାର ନିୟାମକ ସଂସ୍ଥା ସେବି (ସେବି) ପାଖରେ ଆଇପିଓ ପାଇଁ ଡ୍ରାଫ୍ଟ ରେଡ୍ ହେରିଙ୍ଗ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରିଛି। ସମାଚାର ଏଜେନ୍ସି ପିଟିଆଇ ଅନୁଯାୟୀ, ଏହି ଆଇପିଓର ଆକାର ପ୍ରାୟ ୨ ବିଲିୟନ ଆମେରିକୀୟ ଡଲାର (ପ୍ରାୟ ୧୮,୦୦୦ କୋଟି ଟଙ୍କା) ହୋଇପାରେ, ଯାହା କମ୍ପାନୀର ମୋଟ ମୂଲ୍ୟାଙ୍କନକୁ ୧୧ ବିଲିୟନ ଡଲାର (ପ୍ରାୟ ୯୨,୦୦୦ କୋଟି ଟଙ୍କା) ପର୍ଯ୍ୟନ୍ତ ନେଇପାରେ। ଯଦି ଏହି ଆଇପିଓ ସଫଳ ହୁଏ, ତେବେ ଏହା ଭାରତର ଆର୍ଥିକ କ୍ଷେତ୍ରରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ଆଇପିଓ ହେବ। ନଭେମ୍ବର ୨୦୨୩ରେ ଟାଟା ଟେକ୍ନୋଲୋଜିସର ଲିଷ୍ଟିଂ ପରେ ଏହା ଟାଟା ଗ୍ରୁପର ଦ୍ୱିତୀୟ ଆଇପିଓ ହେବ। ସେବି ପାଖରେ ଦାଖଲ ହୋଇଥିବା ଡ୍ରାଫ୍ଟ ଅନୁଯାୟୀ, ଟାଟା କ୍ୟାପିଟାଲ ୨୧ କୋଟି ନୂଆ ଇକ୍ୱିଟି ଶେୟାର ଜାରି କରିବ ଏବଂ ଟାଟା ସନ୍ସ ଦ୍ୱାରା ୨୩ କୋଟି ଶେୟାର ଅଫର ଫର ସେଲ (ଓଏଫଏସ) ମାଧ୍ୟମରେ ବିକ୍ରି କରାଯିବ। ଏହା ସହିତ ଇଣ୍ଟରନ୍ୟାସନାଲ ଫାଇନାନ୍ସିଆଲ କର୍ପୋରେସନ (ଆଇଏଫସି) ୩.୫୮ କୋଟି ଶେୟାର ବିକ୍ରି କରିବ। ଟାଟା କ୍ୟାପିଟାଲ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ଏକ ଉଚ୍ଚ-ସ୍ତରୀୟ ଏନବିଏଫସି ଭାବେ ଶ୍ରେଣୀଭୁକ୍ତ ହୋଇଛି, ଯାହାକୁ ସେପ୍ଟେମ୍ବର ୨୦୨୫ ସୁଦ୍ଧା ଶେୟାର ବଜାରରେ ଲିଷ୍ଟ ହେବା ଆବଶ୍ୟକ। କମ୍ପାନୀ ଏପର୍ଯ୍ୟନ୍ତ ଆଇପିଓର ତାରିଖ ଓ ପ୍ରାଇସ ବ୍ୟାଣ୍ଡ ଘୋଷଣା କରିନାହିଁ, କିନ୍ତୁ ଶୀଘ୍ର ଏହା ସମ୍ପର୍କରେ ଘୋଷଣା ହେବ ବୋଲି ଆଶା କରାଯାଉଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ଟାଟା କ୍ୟାପିଟାଲର ଶୁଦ୍ଧ ଲାଭ ୧୦ ପ୍ରତିଶତ ବୃଦ୍ଧି ପାଇ ୩,୬୫୫ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ, ରାଜସ୍ୱ ୫୭ ପ୍ରତିଶତ ବୃଦ୍ଧି ପାଇ ୨୮,୩୧୩ କୋଟି ଟଙ୍କା ହୋଇଛି। ଏହି ଦୃଢ଼ ଆର୍ଥିକ ପ୍ରଦର୍ଶନ ସହିତ ଟାଟା କ୍ୟାପିଟାଲର ଆଇପିଓ ନିବେଶକମାନଙ୍କ ପାଇଁ ଏକ ବଡ଼ ସୁଯୋଗ ହେବ ବୋଲି ଆଶା କରାଯାଉଛି। ଏହି ଆଇପିଓ କେବଳ କମ୍ପାନୀର ପୁଞ୍ଜି ଭିତ୍ତିକୁ ମଜବୁତ କରିବ ନାହିଁ, ବରଂ ଭାରତର ଆର୍ଥିକ କ୍ଷେତ୍ରରେ ଟାଟା ଗ୍ରୁପର ପ୍ରଭାବକୁ ମଧ ବୃଦ୍ଧି କରିବ। ଏହା ସହିତ, ଆରବିଆଇର ନିୟମ ଅନୁଯାୟୀ କମ୍ପାନୀର ଲିଷ୍ଟିଂ ବାଧ୍ୟତାମୂଳକ ହେବା ମଧ ଏହି ଆଇପିଓର ଗୁରୁତ୍ୱକୁ ବଢ଼ାଇଛି।

# ଲଞ୍ଚ ହେଲା ଟାଟା ମୋଟର୍ସର ଆଡଭେଞ୍ଚର୍ ଏକ୍ସ, ଆଡଭେଞ୍ଚର୍ ଏକ୍ସ ପ୍ଲସ୍




**ନୂଆଦିଲ୍ଲୀ, ୬।୮:** ଟାଟା ମୋଟର୍ସ ଏହାର ପ୍ରିମିୟମ୍ ଏସୟୁଭି ହାରିଅର୍ ଏବଂ ସଫାରୀର ନୂଆ ଲାଇନ୍‌ଅପ୍ ଲଞ୍ଚ୍ କରିଛି। ନୂଆ ଲାଇନଅପ୍‌ରେ ଦୁଇ ଏସୟୁଭିର ଆଡଭେଞ୍ଚର୍ ଏକ୍ସ ଏବଂ ଆଡଭେଞ୍ଚର୍ ଏକ୍ସ ପ୍ଲସ୍ ଭାରିଆଣ୍ଟ ଲଞ୍ଚ ହୋଇଛି। ଦୁଇ ଭାରିଆଣ୍ଟରେ ପୂର୍ବ ଅପେକ୍ଷା ଆହୁରି ଆକର୍ଷଣୀୟ ଫିଚର ରହିଥିବାବେଳେ ଏଥିରେ ଅଧିକ ନୂଆ ଫିଚର୍ସ ଦେଇଛି କମ୍ପାନି। ତେବେ ଆସନ୍ତୁ ଜାଣିବା କ'ଣ ରହିଛି ହାରିଅର ଏବଂ ସଫାରୀର ଆଡଭେଞ୍ଚର୍ ଏକ୍ସ ଏବଂ ଆଡଭେଞ୍ଚର୍ ଏକ୍ସ ପ୍ଲସ୍ ଭାରିଆଣ୍ଟର ଫିଚର୍ସ। ତା' ସହ ଜାଣିବା କ'ଣ ରହିଛି ଏହାର ଦାମ୍ ?

ପ୍ରଥମେ ଜାଣିବା ଟାଟା ହାରିଅର ଆଡଭେଞ୍ଚର ଏକ୍ସ ବିଷୟରେ। ନୂଆ ଆଡଭେଞ୍ଚର ଏକ୍ସ ଭାରିଆଣ୍ଟ ହେଉଛି ଏକ ମିଡ୍ ରେଞ୍ଜ୍ ଏସୟୁଭି କାର୍। ତଥାପି କମ୍ପାନି ଏହି କାର୍‌ରେ ଅନେକ ପ୍ରିମିୟମ୍ ଫିଚର୍ସ ଦେଇଛି। କାରରେ ନୂଆ ସି-ଓ୍ୱିଡ୍ କଲର ଅପ୍ସନ ଦିଆଯାଇଛି। ଏହାକୁ ମିଶାଇ କାର୍ ସମୁଦାୟ ୬ଟି ରଙ୍ଗରେ ଉପଲବ୍ଧ ହେବ। ଏସୟୁଭିରେ ୧୭ ଇଞ୍ଚର ଆଲୟ ହ୍ୱିଲ୍ ରହିଛି ଏବଂ ଇଣ୍ଟିରିୟରକୁ ଲେଦର ଅପ୍‌ହୋଲଷ୍ଟ୍ରି ଫିନିସ୍ ଦିଆଯାଇଛି। କାର୍‌ର କିଛି ଖାସ୍ ଫିଚର୍ସ ବିଷୟରେ କହିଲେ ଏଥିରେ ରହିଛି ୧୦.୨୫ ଇଞ୍ଚ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ, ଡିଜିଟାଲ୍ ଡ୍ରାଇଭର୍ ଡିସପ୍ଲେ, ଇଲେକ୍ଟ୍ରିକ୍ ଆଡଜଷ୍ଟେବଲ୍ ଡ୍ରାଇଭର୍ ସିଟ୍, ତିନିଟି ଡ୍ରାଇଭ୍ ମୋଡ୍ ଭଳି ଅନେକ ଫିଚର୍ସ। ସେହିଭଳି ଟାଟା ହାରିଅର ଆଡଭେଞ୍ଚର ଏକ୍ସ ପ୍ଲସ୍‌ରେ ରହିଛି ଲେଭଲ୍ ୨ ଏଡିଏଏସ, ଇଲେକ୍ଟ୍ରୋନିକ୍ ପାର୍କିଂ ବ୍ରେକ୍ (ଅଟୋ ହୋଲ୍ଡ ସହିତ), ୩୬୦ ଡିଗ୍ରୀ କ୍ୟାମେରା ଏବଂ ରିୟର ହ୍ୱିଲ୍ ଡିସ୍କ ବ୍ରେକ୍ ଭଳି ଅନେକ ଫିଚର୍ସ। ଆଡଭେଞ୍ଚର ଏକ୍ସ, ଆଡଭେଞ୍ଚର ଭାରିଆଣ୍ଟ ଠାରୁ ୩୪,୦୦୦ ଟଙ୍କା ଅଧିକ। ସେହିଭଳି ଟାଟା ସଫାରି ଆଡଭେଞ୍ଚର ଏକ୍ସ ପ୍ଲସ୍ ମଧ ଦିଆଯାଇଛି ଆକର୍ଷଣୀୟ ଫିଚର୍ସ। ସଫାରିର ଆଡଭେଞ୍ଚର ଏକ୍ସ ପ୍ଲସ୍ ଭାରିଆଣ୍ଟରେ ନୂଆ ସୁପରନୋଭା କପର ଫିନିଶ୍ ଏବଂ ଆଡଭେଞ୍ଚର ଓକ୍ ଇଣ୍ଟେରିୟର ଥିମ୍ ରହିଛି। ଏଥିରେ ୧୮-ଇଞ୍ଚ ଆଲୟ ହ୍ୱିଲ୍, ଲେଭଲ୍ ୨ ଏଡିଏଏସ ସିଷ୍ଟମ୍, ଇଲେକ୍ଟ୍ରିକ୍ ପାର୍କିଂ ବ୍ରେକ୍, ୩୬୦ ଡିଗ୍ରୀ କ୍ୟାମେରା, ଟ୍ରେଲ୍ ରେସପନ୍ସ ମୋଡ୍, ମେମୋରୀ ଫଙ୍କସନ୍ ସହ ଡ୍ରାଇଭର୍ ସିଟ୍, ୧୦.୨୫- ଇଞ୍ଚ ଟଚସ୍କ୍ରିନ୍ ଏବଂ ଡିଜିଟାଲ୍ ଇଣ୍ଡଷ୍ଟ୍ରୁମେଣ୍ଟ କ୍ଲଷ୍ଟର୍।

ଟାଟା ହାରିଅର୍ ଏବଂ ସଫାରିର ଏହି ନୂତନ ଆଡଭେଞ୍ଚର ଏକ୍ସ ରେଞ୍ଜରେ ପୂର୍ବଭଳି ୨ ଲିଟର ଡିଜେଲ ଇଞ୍ଜିନ୍ ରହିଛି। ଯାହା ୧୬୮ ବିଏଚପି ପାୱାର ଏବଂ ୩୫୦ ଏନଏମ ଟର୍କ ଜେନେରେଟ୍ କରିଥାଏ। ଏହି ଇଞ୍ଜିନ୍ ସହିତ ୬-ସ୍ପିଡ୍ ମାନୁଆଲ୍ ଏବଂ ଅଟୋମେଟିକ୍ ଗିୟର ଅପ୍ସନ ମଧ ରହିଛି। ତେବେ ଟାଟା ହାରିଅର ଆଡଭେଞ୍ଚର ଏକ୍ସର ଦାମ୍ ୧୮.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଥିବାବେଳେ, ଆଡଭେଞ୍ଚର ଏକ୍ସ ପ୍ଲସ୍‌ର ଦାମ୍ ୧୯.୩୪ ଲକ୍ଷ ଟଙ୍କା ରହିଛି। ସେହିଭଳି ସଫାରୀ ଆଡଭେଞ୍ଚର ଏକ୍ସର ଦାମ୍ ୧୯.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି ଏବଂ ସଫାରୀ ଆଡଭେଞ୍ଚର ଏକ୍ସ ପ୍ଲସ୍‌ର ଦାମ୍ ୨୩.୦୯ ଲକ୍ଷ ଟଙ୍କା ରଖାଯାଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଟ୍ରମ୍ପ୍‌ଙ୍କ ଶୁଳ୍କ ବିରୁଦ୍ଧରେ ଭାରତ ସହିତ ଛିଡ଼ାହେଲେ ରୁଷ୍, ଚୀନ୍



**ନୂଆଦିଲ୍ଲୀ/ୱାଶିଂଟନ, ୬।୮:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସମ୍ପ୍ରତି ତାଙ୍କ ଟାରିଫ୍ ନୀତି ଯୋଗୁ ବିଶ୍ୱ ବାଣିଜ୍ୟ ଜଗତରେ ଚହଳ ସୃଷ୍ଟି କରିଛନ୍ତି। ଏହି ନୀତି ଅନୁଯାୟୀ, ଆମେରିକା ନିଜର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ୧୦ ରୁ ୫୦% ପର୍ଯ୍ୟନ୍ତ ଟାରିଫ୍ ଲାଗୁ କରିଛି। ଏହା ଅଗଷ୍ଟ ୭ ତାରିଖ ଗୁରୁବାର ଠାରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଭାରତ ସେହି ଦେଶମାନଙ୍କ ମଧ୍ୟରେ ସାମିଲ ହୋଇଛି ଯେଉଁମାନେ ଟ୍ରମ୍ପ୍‌ଙ୍କ ସମସ୍ତ ସର୍ତ୍ତକୁ ଗ୍ରହଣ କରି ନାହାନ୍ତି। ପରିଣାମ ସ୍ୱରୂପ ୨୫% ପ୍ରତ୍ୟକ୍ଷ ଟିକସ ଭାରତ ଉପରେ ଲାଗୁ ହୋଇଛି। ଟ୍ରମ୍ପ୍‌ଙ୍କ ଟିମ୍ ଏବେ ଅଧିକ ଶୁଳ୍କ ଲଗାଇବାକୁ ଧମକ ଦେଉଛି। ଭାରତ ସହିତ, ବିଶ୍ୱରେ କିଛି ଦେଶ ଅଛନ୍ତି ଯେଉଁମାନେ ଟ୍ରମ୍ପ୍‌ଙ୍କ ଶୁଳ୍କ ଆଗରେ ମୁଣ୍ଡ ନୁଆଁଇବାକୁ ସ୍ପଷ୍ଟ ଭାବରେ ମନା କରିଦେଇଛନ୍ତି। ସେମାନେ ଚାପର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ସେମାନଙ୍କ ମତରେ ଅଟଳ ଅଛନ୍ତି। ଭାରତ ସହିତ କେତେକ ଦେଶ ଟ୍ରମ୍ପ୍‌ଙ୍କ ବିରୁଦ୍ଧରେ ଛିଡ଼ା ହୋଇଛନ୍ତି। ଆମେରିକା ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଛି। ପ୍ରାରମ୍ଭରେ ଏହା ୨୬% ସ୍ଥିର କରାଯାଇଥିଲା। ଏହା ପଛରେ ଏକ ପ୍ରମୁଖ କାରଣ ହେଉଛି ଭାରତ ଦ୍ୱାରା ରୁଷିଆଠାରୁ ତୈଳ ଏବଂ ଅସ୍ତ୍ରଶସ୍ତ୍ର କ୍ରୟ କରାଯିବା। ରାଷ୍ଟ୍ରପତି ଟ୍ରମ୍ପ୍ ଏନେଇ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ରୁଷିଆର ନିକଟତର ହେବା ପାଇଁ ଭାରତ ଉପରେ ସମ୍ଭାବ୍ୟ ଦଣ୍ଡ ବିଷୟରେ ଚେତାବନୀ ଦେଇଥିଲେ। କିନ୍ତୁ ଭାରତ ସ୍ପଷ୍ଟ ଭାବରେ କହିଥିଲା ଯେ, ଯାହା ନିଷ୍ପତ୍ତି ନିଆଯିବ ତାହା ଜାତୀୟ ସ୍ୱାର୍ଥରେ ହେବ। ଏବେ ରୁଷିଆ ମଧ ଟ୍ରମ୍ପ୍‌ଙ୍କ ଶୁଳ୍କ ବିରୁଦ୍ଧରେ ଭାରତ ସହିତ ଛିଡ଼ା ହୋଇଛି। ଆରମ୍ଭରୁ ଚୀନ୍ ଏବଂ ଆମେରିକା ମଧ୍ୟରେ ଶୁଳ୍କ ଯୁଦ୍ଧ ସବୁଠାରୁ ବଡ଼ ହୋଇଛି। ପରିସ୍ଥିତି ଏପରି ସ୍ଥିତିରେ ପହଞ୍ଚିଛି ଯେ, ଆମେରିକା ଚୀନ୍ ଉପରେ ୧୪୫% ପର୍ଯ୍ୟନ୍ତ ଏକ ବିଶାଳ ଶୁଳ୍କ ଲାଗୁ କରିଛି। ଚୀନ୍ ମଧ ମୁଣ୍ଡ ନୁଆଁଇବା ମନୋଭାବରେ ନଥିଲା, ଜବାବରେ ଚୀନ୍ ମଧ ଆମେରିକା ଉପରେ ୧୨୫% ଶୁଳ୍କ ଲାଗୁ କରିଥିଲା। ପରେ ଶୁଳ୍କ ହାର ହ୍ରାସ ପାଇଥିଲା। ଆମେରିକା ଚୀନ୍ ଉପରେ ୩୦% ଶୁଳ୍କ ଲାଗୁ କରିଛି ଏବଂ ଚୀନ୍ ଆମେରିକା ଉପରେ ୧୦% ଶୁଳ୍କ ଲାଗୁ କରିଛି। ତଥାପି, ଦୁଇ ଦେଶ ମଧ୍ୟରେ ଶୁଳ୍କ ଉପରେ ଆଲୋଚନା ଏବେ ବି ଚାଲିଛି। ବ୍ରାଜିଲ ସେହି ଦେଶମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଯେଉଁମାନଙ୍କ ଉପରେ ଆମେରିକା ସର୍ବାଧିକ ୫୦% ଶୁଳ୍କ ଲାଗୁ କରିଛି। କିନ୍ତୁ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭା ଆମେରିକୀୟ ଚାପ ଆଗରେ ମୁଣ୍ଡ ନୁଆଁଇବାକୁ ପ୍ରସ୍ତୁତ ନୁହନ୍ତି। ବ୍ରାଜିଲ ଏହି ପ୍ରସଙ୍ଗରେ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁଟିଓ) ଯିବାକୁ ଯୋଜନା କରୁଛି। ଏହାର ଅର୍ଥ ହେଉଛି ବ୍ରାଜିଲ ସିଧାସଳଖ ଆମେରିକୀୟ ଚାପକୁ ଗ୍ରହଣ କରିନାହିଁ। ଟ୍ରମ୍ପ୍ ବ୍ରାଜିଲ ରାଷ୍ଟ୍ରପତିଙ୍କୁ ତାଙ୍କ ସହ କଥାବାର୍ତ୍ତା କରିବାକୁ ମଧ ପ୍ରସ୍ତାବ ଦେଇଥିଲେ, ଯାହାକୁ ଲୁଲା ପ୍ରତ୍ୟାଖ୍ୟାନ କରିଥିଲେ। ସେ ସ୍ପଷ୍ଟ ଭାବରେ କହିଥିଲେ ଯେ, ସେ ଏହି ପ୍ରସଙ୍ଗରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ କଥାବାର୍ତ୍ତା କରିବାକୁ ଚାହାନ୍ତି। ଆମେରିକା କାନାଡା ଉପରେ ୩୫% ଶୁଳ୍କ ଲାଗୁ କରିଥିଲା। ଯାହା ଅଗଷ୍ଟ ୧ ରୁ କାର୍ଯ୍ୟକାରୀ ହୋଇଥିଲା। କିନ୍ତୁ ୟୁଏସଏମସିଏ(ୟୁଏସ-ମେକ୍ସିକୋ-କାନାଡା ଚୁକ୍ତିନାମା) ଯୋଗୁ ଅଧିକାଂଶ କାନାଡା ସାମଗ୍ରୀ ଏଥିରୁ ମୁକ୍ତ ରହିଥିଲା। ତଥାପି, ଚୀନ୍ ପରି କାନାଡା ମଧ ଆମେରିକା ଉପରେ ପ୍ରତିଶୋଧମୂଳକ ଶୁଳ୍କ ଲାଗୁ କରିଥିଲା।

# ଅପରିବର୍ତ୍ତିତ ରହିଲା ରେପୋ ରେଟ୍




**ନୂଆଦିଲ୍ଲୀ, ୬।୮:** ଅପରିବର୍ତ୍ତିତ ରହିଲା ରେପୋ ରେଟ୍। ରେପୋ ରେଟକୁ ୫.୫୦ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି ଆରବିଆଇ। ବିଶେଷଜ୍ଞ ଅନୁମାନ କରୁଥିଲେ ଏଥର ଆରବିଆଇ ରେପୋ ରେଟରେ କୌଣସି ପରିବର୍ତ୍ତନ ଆଣିବ ନାହିଁ। କାରଣ, ପୂର୍ବରୁ ହୋଇଥିବା ରେଟ୍ କଟ୍ ଏବଂ ବର୍ତ୍ତମାନ ବିଶ୍ୱ ବାଣିଜ୍ୟରେ ଅସ୍ଥିରତାର ପ୍ରଭାବ କଣ, ତାହା ଜାଣିବାକୁ ନୀତି ନିର୍ଦ୍ଧାରକଙ୍କ ପାଇଁ ଆଉ କିଛି ସମୟ ଲାଗିବ। ତେଣୁ ତା ପୂର୍ବରୁ ସୁଧ ହାରରେ ହାତ ମାରିବାକୁ ଚାହିଁନାହାଁନ୍ତି ଆରବିଆଇ ଗଭର୍ଣ୍ଣର। ସୁଧ ହାର ନିର୍ଦ୍ଧାରଣ କରୁଥିବା ଆରବିଆଇର ୬ ଜଣିଆ ପ୍ୟାନେଲ, ସର୍ବସମ୍ମତିରେ ରେଟ୍ ପରିବର୍ତ୍ତନ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗତ ଜୁନ ମାସରେ ଆରବିଆଇ ସମସ୍ତଙ୍କୁ ଚକିତ କରି ରେପୋ ରେଟ୍ ୫୦ ବେସିସ୍ ପଏଣ୍ଟ କାମାଇଥିଲା। ଏହାସହ ସିଆରଆରକୁ ଶହେ ବେସିସ ପଏଣ୍ଟ କମାଇଥିଲା ଆରବିଆଇ।

**୫.୫୦ ପ୍ରତିଶତରେ ରଖିଛି ଆରବିଆଇ**

# ଏଣିକି ଘର ବି ଭଡ଼ାରେ ଦେବ ଓୟୋ

**ନୂଆଦିଲ୍ଲୀ, ୬।୮:** ଏଣିକି ଘର ବି ଭଡ଼ାରେ ଦେବ ଓୟୋ। ଓୟୋ ବେଲଭିଲା ମାଧ୍ୟମରେ ଅଷ୍ଟ୍ରେଲୀୟ ସ୍ୱଳ୍ପକାଳୀନ ଭଡ଼ା ପରିଚାଳନା ଷ୍ଟାର୍ଟଅପ୍ ମେଡକର୍ଫ୍ଙ୍କୁ କିଣିଛି। ଯାହା ଓୟୋକୁ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲ୍ୟାଣ୍ଡରେ ନିଜର ଭ୍ୟାକେସନ ହୋମ୍ ବ୍ୟବସାୟକୁ ବିସ୍ତାର କରିବାରେ ସାହାଯ୍ୟ କରିବ। କିନ୍ତୁ ଓୟୋ ଏହି କମ୍ପାନିକୁ କିଣିବା ପରେ ମଧ ମେଡକର୍ଫ ଏକ ସ୍ୱାଧୀନ ବ୍ରାଣ୍ଡ ଭାବରେ କାର୍ଯ୍ୟ ଜାରି ରଖିବ। ମେଡକର୍ଫ୨୦୧୫ ମସିହାରେ କ୍ୱିରିନ୍ ସ୍ୱିଗୋଫର୍ ଏବଂ ସାବରିନା ବେଥୁନିନ୍ ଦ୍ୱାରା ଆରମ୍ଭ କରାଯାଇଥିଲା। ଏହି କମ୍ପାନୀ ଅଷ୍ଟ୍ରେଲିଆରେ ୧,୨୦୦ ରୁ ଅଧିକ ସମ୍ପତ୍ତି ପରିଚାଳନା କରେ ଏବଂ ଭଡା ପାଇଁ ପରିଚାଳନା ସେବା ମଧ ପ୍ରଦାନ କରେ। ଏହାର ସିଡନୀ, ମେଲବୋର୍ଣ୍ଣ, ବ୍ରିସବେନ, ପର୍ଥ ଏବଂ ଆଡିଲେଡରେ କାର୍ଯ୍ୟାଳୟ ଅଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହାର ମୋଟ ବୁକିଂ ମୂଲ୍ୟ ୬୦ ନିୟୁତ ଆମେରିକୀୟ ଡଲାରରେ ପହଞ୍ଚିଛି। ଲିଙ୍କଡିନରେ ଏକ ପୋଷ୍ଟରେ, ଶ୍ୱାଇଘୋଫର ଲେଖିଛନ୍ତି, ଏହା ଆନୁଷ୍ଠାନିକ ଯେ ମେଡ଼କର୍ଫ୍‌କୁ ଓୟୋ ଦ୍ୱାରା ଅଧିଗ୍ରହଣ କରାଯାଇଛି। ଆମେ ଚେକ୍‌ମାଇଁଗେଷ୍ଟ୍, ବେଲଭିଆ ଏବଂ ଜି୬ ଭଳି ବ୍ରାଣ୍ଡ ସହିତ ଓୟୋ ପରିବାରରେ ଯୋଗଦେବା ପାଇଁ ଅତ୍ୟନ୍ତ ଉତ୍ସାହିତ। ଓୟୋ ପ୍ରତିଷ୍ଠାତା ଏବଂ ସିଇଓ ରିତେଶ ଅଗ୍ରୱାଲ ଅଧିଗ୍ରହଣ ଉପରେ ଖୁସି ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ ସେ ଏକାଠି କାମ କରିବାକୁ ଉତ୍ସାହିତ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି କାରବାରରେ ୧.୯ ନିୟୁତ ଆମେରିକୀୟ ଡଲାରର ଆଗୁଆ ଇକ୍ୱିଟି ଏବଂ ୯.୬ ନିୟୁତ ଆମେରିକୀୟ ଡଲାରର ସ୍ଥଗିତ ଷ୍ଟକ୍ ଅନ୍ତର୍ଭୁକ୍ତ, ଯେଉଁଥିରେ ନଗଦ ଅଂଶ ମଧ ଅନ୍ତର୍ଭୁକ୍ତ।

**ଅଷ୍ଟ୍ରେଲୀୟ କମ୍ପାନୀ ମେଡକର୍ଫ୍ଙ୍କୁ କିଣିଲା**




# ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କଲା ୟୁପିଆଇ ସେବା
## ଦିନକରେ ୭୦୦ ମିଲିଅନ କାରବାର ରେକର୍ଡ

**ନୂଆଦିଲ୍ଲୀ, ୬।୮:** ଭାରତର ୟୁପିଆଇ ସେବା ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ୨ ଅଗଷ୍ଟ ୨୦୨୫ରେ ଗୋଟିଏ ଦିନରେ ୭୦୭ ମିଲିଅନରୁ ଅଧିକ କାରବାର ରେକର୍ଡ କରାଯାଇଛି। ନ୍ୟାସନାଲ ପେମେଣ୍ଟ୍ସ କର୍ପୋରେସନ ଅଫ୍ ଇଣ୍ଡିଆ (ଏନପିସିଆଇ) ଏହି ତଥ୍ୟ ଜାରି କରିବା ପରେ ୟୁପିଆଇ ସେବାର ସଫଳତାର ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି। ଗତ କିଛି ବର୍ଷ ମଧ୍ୟରେ ୟୁପିଆଇ ବହୁତ ଆଗକୁ ବଢ଼ିଛି। ୨୦୨୩ ପରଠାରୁ ଏହାର ଦୈନିକ ବ୍ୟବହାର ଦ୍ୱିଗୁଣିତ ହୋଇଛି। ସେହି ସମୟରେ ଏହା ପ୍ରତିଦିନ ପ୍ରାୟ ୩୫୦ ମିଲିଅନ (୩୫ କୋଟି) କାରବାର କରୁଥିଲା। ଅଗଷ୍ଟ ୨୦୨୪ ସୁଦ୍ଧା ଏହି ସଂଖ୍ୟା ୫୦୦ ନିୟୁତ (୫୦ କୋଟି) ଛୁଇଁଥିଲା। ବର୍ତ୍ତମାନ ଏହା ଖୁବ ସହଜରେ ୭୦୦ ମିଲିଅନ (୭୦ କୋଟି) ଅତିକ୍ରମ କରିଛି। ହାରାହାରି ଭାବେ, ଜୁଲାଇ ମାସରେ ୟୁପିଆଇ ଦୈନିକ ପ୍ରାୟ ୬୫୦ ମିଲିଅନ (୬୫ କୋଟି) କାରବାର କରିଥିଲା। ତେବେ ଅଗଷ୍ଟ ଆରମ୍ଭରେ ଲୋକମାନେ ଭଡା ପେମେଣ୍ଟ କରିବା, ଅନ୍ୟାନ୍ୟ ବିଲ୍ ଏବଂ ଦରମା ସ୍ଥାନାନ୍ତର କରିବା ଯୋଗୁ କାରବାର ୭୦୦ ମିଲିଅନ ମାଇଲଖୁଣ୍ଟ ଅତିକ୍ରମ କରିଥିଲା।

# ଯୁବ ବିଜେଡି ପକ୍ଷରୁ ଏସପିଙ୍କ ଜରିଆରେ ଡିଜିଙ୍କୁ ସ୍ମାରକପତ୍ର ପ୍ରଦାନ



**ଯାଜପୁର ରୋଡ଼,୬।୮(ସଂଚାର ବ୍ୟୁରୋ):** ବାଲେଶ୍ୱରର ଏଫ୍.ଏମ୍ କଲେଜ ଘଟଣା, ବଳଙ୍ଗା ଝିଅ ପୋଡ଼ି ହେବା ପରେ ମୃତ୍ୟୁ ଘଟଣା ଠାରୁ ଆରମ୍ଭ କରି ମହିଳାମାନେ ଏବେ ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ବୋଲି ସରକାରଙ୍କ ଆଇନ ଶୃଙ୍ଖଳା କାର୍ଯ୍ୟବ୍ୟବସ୍ଥା ଉପରେ ଯାଜପୁର ଜିଲ୍ଲାର ଯୁବ ବିଜେଡି ନେତା ମାନେ ଆଜି ପ୍ରଶ୍ନ ଛିଡ଼ା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେଡି ନେତା ଶ୍ରୀ ଭବପ୍ରସାଦ ଦାସ'ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଯୁବ ବିଜେଡି ସଭାପତି ଶ୍ରୀ ପ୍ରତାପ ମହାନ୍ତି ଏବଂ ରାଜ୍ୟ ବିଜେଡି ଯୁବ ସାଧାରଣ ସମ୍ପାଦକ ଶ୍ରୀ ସୋମ୍ୟ ଧଳ'ଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲାର ପାଣିକୋଇଲି ସ୍ଥିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଯୁବ ବିଜେଡିର ଶହ ଶହ କାର୍ଯ୍ୟକର୍ତ୍ତା, କର୍ମି ମାନେ ପହଂଚି ଥିଲେ। ପାଣିକୋଇଲି ତାରିଣୀ ମନ୍ଦିର ଛକ ଠାରେ ରାଜ୍ୟ ଓ ଜିଲ୍ଲାର ଯୁବ ନେତା ମାନେ ନିଜ ନିଜ ଅଭିଭାଷଣରେ ମହିଳା ମାନଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ସରକାରଙ୍କ ଆଇନ ଶୃଙ୍ଖଳା କାର୍ଯ୍ୟ ନିତି ଉପରେ ପ୍ରଶ୍ନ ଉଠାଇ ତୀବ୍ର ସମାଲୋଚନା କରିଥିଲେ। ସରକାରଙ୍କ ଆଇନ ଶୃଙ୍ଖଳା, ଅପାରଗତାକୁ ନେଇ ନାରାବାଜି କରି ସେଠାରୁ ବାହାରି ଏସପିଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ।

# ଜିଲ୍ଲା ବିଜେପିର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ପ୍ରସ୍ତୁତି ବୈଠକ

**ବଲାଙ୍ଗିର,୬।୮(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଭାରତୀୟ ଜନତା ପାର୍ଟିର ଆଜି ଦିବା ୧୧ଟାରେ ଜିଲ୍ଲାସ୍ତରୀୟ ବୈଠକ ସ୍ଥାନୀୟ ପଥରଚେପା ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ଶ୍ରୀବସ୍ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଶ୍ରୀ ବେହେରା ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଜାତୀୟ ଉଦେଶ୍ୟରେ ତ୍ରିରଙ୍ଗା ଯାତ୍ରା, ଘର ଘର ତ୍ରିରଙ୍ଗା, ବିଭାଜନ, ଓ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମକୁ ଜିଲ୍ଲାର ୪୦ ଗୋଟି ମଣ୍ଡଳରେ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କର୍ଯ୍ୟକ୍ରମ କରିବାକୁ ଆହ୍ୱାନ ଦେଇଥିଲେ। ଆଜିର ବୈଠକରେ ଜିଲ୍ଲା ସଭାପତିଙ୍କ ସମେତ ଗୋପାଲଜୀ ପାଣିଗ୍ରାହୀ, ବିଜେପି ମହିଳାମୋର୍ଚ୍ଚା ସଭାନେତ୍ରୀ ପଙ୍କଜିନୀ ପଣ୍ଡା, ହରହର ତ୍ରିରଙ୍ଗା ଜିଲ୍ଲା ସଂଯୋଜକ ଦେବବ୍ରତ ନିନା, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଅମରଜିତ ପଟେଲ, ଜିଲ୍ଲା ଓବିସି ମୋର୍ଚ୍ଚା ମନୋଜ ହାତୀ, ଜିଲ୍ଲା ଏସଟି ସେଲ ଚିତ୍ରରସେନ ଭୋଇ, ଅନିଲ କୁମାର ନାଏକ, ଲଙ୍କେଶ୍ୱର ମେହେର, ପ୍ରଶାନ୍ତ ନାଏକ, ପିତାମ୍ବାର ଖମାରୀ ପ୍ରମୁଖ ମଞ୍ଚାସୀନ ଥିଲେ।

# ବାଟବଣା ହୋଇଛି ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ଯୋଜନା

**କଳାହାଣ୍ଡି,୬।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାରେ ସମନ୍ୱିତ ଶିଶୁ ବିକାଶ (ଆଇସିଡ଼ିଏସ୍) ଯୋଜନା କାର୍ଯ୍ୟକାରୀ ହେବାର ଇତିମଧ୍ୟରେ ୫୦ବର୍ଷ ପୂରିଛି। ହେଲେ ଏ ଯାଏ ଜିଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ହୋଇନାହିଁ। କେଉଁଠି ଭଡା ଘରେ କେନ୍ଦ୍ର ଚାଲିଥିବାବେଳେ ଆଉ କେଉଁଠି ସ୍କୁଲ ଓ କମ୍ୟୁନିଟି ଘରେ ଚାଲିଛି। ଫଳରେ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ଭବିଷ୍ୟତ ଗଠନ ସହିତ ଉତ୍ତମ ସାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ଏହି ଯୋଜନା ବାଟବଣା ହେବାରେ ଲାଗିଛି।



ମିଳିଥିବା ସୂଚନା ଅନୁଯାୟୀ କଳାହାଣ୍ଡି ଜିଲାର ୧୩ ବ୍ଲକରେ ୨୩୭୭ ଅଙ୍ଗନୱାଡି କେନ୍ଦ୍ର ରହିଛି ଓ ସେଥିମଧ୍ୟରୁ ୧୭୮୭ କେନ୍ଦ୍ରର ନିଜସ୍ୱ ଗୃହ ରହିଥିବାବେଳେ ଅବଶିଷ୍ଟ ୫୯୦ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଏଥିରେ ୪୦୯ କେନ୍ଦ୍ର ଭଡା ଘରେ ଚାଲିଥିବାବେଳେ ସ୍କୁଲରେ ୭୯ ଓ କମ୍ୟୁନିଟି ଘରେ ୧୦୨ କେନ୍ଦ୍ର ଚାଲିଛି। ସେହିପରି ୨୩୭୭ ଅଙ୍ଗନୱାଡି କେନ୍ଦ୍ରରେ (ପ୍ରାକ ବିଦ୍ୟାଳୟ) ୩ରୁ ୬ ବର୍ଷ ମଧ୍ୟରେ ୮୧ ହଜାର ୮୮୩ ଛାତ୍ରୀଛାତ୍ରି ରହିଛନ୍ତି। ଜିଲାରେ ୪୮ ଅଙ୍ଗନୱାଡି କର୍ମୀ ପଦବୀ ଖାଲି ପଡ଼ିଥିବାବେଳେ ସହାୟିକା ୧୧୩ ପଦବୀ ଖାଲି ପଡ଼ିଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଜିଲାରେ ୯୫ ସେକ୍ଟର ରହିଥିବାବେଳେ ସେଠାରେ ମାତ୍ର ୩୯ ଜଣ ସୁପରଭାଇଜର ରହିଛନ୍ତି। ଜିଲାରେ ବର୍ତ୍ତମାନ ୫୬ ସୁପରଭାଇଜର ପଦବୀ ଖାଲି ପଡ଼ିଛି। ଜଣେ ଜଣେ ସୁପରଭାଇଜର ୨ କିମ୍ବା ୩ ସେକ୍ଟରର ଦାୟିତ୍ୱ ତୁଲାଉଛନ୍ତି। ଏ ନେଇ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ମୁକ୍ତୀବିନ ନିଶାଙ୍କୁ ପଚାରିବାରୁ ନିଜସ୍ୱ ଗୃହ ନ ଥିବା ଅଙ୍ଗନୱାଡି କେନ୍ଦ୍ରର କୋଠା ନିର୍ମାଣ କରିବା ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ଆସିଛି। ହେଲେ ତାହା ବ୍ଲକ ସ୍ତରରେ ଅଟକି ରହିଛି। ଯେଉଁଥିପାଇଁ ବାଧ ହୋଇ ଆମେ ଭଡା ଘରେ, ସ୍କୁଲ, କମ୍ୟୁନିଟି ଘରେ କେନ୍ଦ୍ର ଚଳାଉଛୁ। ସେହିପରି ସରକାରଙ୍କୁ ଆମେ ସୁପରଭାଇଜର ପାଇଁ ଗ୍ରେଡେସନ ତାଲିକା ପଠାଇଛୁ। ସେଠାରୁ ଅନୁମୋଦନ ହୋଇ ଆସିଲେ ନୂତନ ସୁପରଭାଇଜର ପଦବୀ ପୂରଣ କରାଯିବ। ବର୍ତ୍ତମାନ ଏତେ କମ ସଂଖ୍ୟକ ସୁପରଭାଇଜର ଯୋଗୁଁ କାର୍ଯ୍ୟ ପରିଚାଳନା କରିବା ଅସୁବିଧା ହେଉଛି ବୋଲି କହିଥିଲେ।

### ରାଜ୍ୟରେ ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରସଙ୍ଗ

# ବିଜୁ ଛାତ୍ର ଜନତା ଦଳର ହାଲ୍ଲାବୋଲ

**ଭଦ୍ରକ,୬।୮(ସଂଚାର ବ୍ୟୁରୋ):** ବିଜୁ ଯୁବ ଓ ଛାତ୍ର ଜନତା ଦଳର ଘୋଷଣା ଆଧାରରେ ଅଗଷ୍ଟ ୧ ରୁ ୮ ପର୍ଯ୍ୟନ୍ତ ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଓ ଏଫ୍.ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆଜି ଷଷ୍ଠ ଦିନରେ ରାଜ୍ୟର ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏହାସହ ଗୋପାଳପୁର ବିଚ୍‌ରେ ଏକ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ପୁରୀ ଜିଲ୍ଲା ବଳଙ୍ଗାରେ ଏକ ନାବାଳିକାକୁ ଜିଅନ୍ତା ଜାଳିଦେବା ପାଇଁ ଉଦ୍ୟମ ଓ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘଟୁଥିବା ଛାତ୍ରୀ ଓ ନାରୀ ବିରୋଧୀ ଘଟଣାର ପ୍ରତିବାଦରେ ବିଜେଡି ଛାତ୍ର ଓ ଯୁବ ପକ୍ଷରୁ ରଣହୁଙ୍କାର ଦିଆଯାଇଛି। ବିଜେପି ସରକାରରେ ଗତ ୧୩ ମାସ ମଧ୍ୟରେ ରାଜ୍ୟରେ ଘଟିଥିବା ପ୍ରମୁଖ ଛାତ୍ରୀ ଓ ମହିଳା ନିର୍ଯ୍ୟାତନା ଘଟଣାମାନ କେବଳ ନାରୀଙ୍କ ସୁରକ୍ଷା ଉପରେ ନୁହେଁ ବରଂ ଆଇନ ଓ ଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ଏହି ଘଟଣାର ପ୍ରତିବାଦ କରି ଆଜି ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରାଲିରେ ଯାଇ ଛାତ୍ରୀ ଓ ନାରୀମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇଦେବା ସହ ଓଡ଼ିଶାରେ ଅହେତୁକ ବୃଦ୍ଧି ପାଇଥିବା ଛାତ୍ରୀ ଓ ନାରୀଙ୍କ ଉପରେ ନିର୍ଯ୍ୟାତନା ଓ ଅପରାଧ ବିରୁଦ୍ଧରେ ତ୍ୱରିତ ଉପଯୁକ୍ତ ପୁଲିସ କାର୍ଯ୍ୟାନୁଷ୍ଠାନ ଦାବିରେ ଛାତ୍ର ନେତା ସୌମ୍ୟ ରଞ୍ଜନ ମହାପାତ୍ର(ସୁମନ) ଙ୍କ ନେତୃତ୍ୱରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରୁ ଛାତ୍ର ବିଜେଡିର ଶୋଭାଯାତ୍ରା ବାହାରି ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଅଫିସ ଆଗରେ ପ୍ରତିବାଦ କରିବା ସହ ସ୍ମାରକପତ୍ର ପ୍ରଦାନ କରିଥିଲେ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ ଚରମ୍ପା ମହାବିଦ୍ୟାଳୟ ଏବଂ ଭଦ୍ରକ ମହିଳା ମହାବିଦ୍ୟାଳୟ ର ଛାତ୍ରୀମାନେ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବା ସହ ରାଜ୍ୟ ବିଜେପି ସରକାରଙ୍କୁ କଡା ସମାଲୋଚନା କରିଥିଲେ।ଏଥିରେ ସହଯୋଗ କରିଥିଲେ ଛାତ୍ର ନେତୃତ୍ୱ କାମେଶ ବାରିକ, ଶାନ୍ତନୁ ବିଶ୍ୱାଳ, ଯତୀନ ମିଶ୍ର, ଅଭିନାଶ ପୃଷ୍ଟୀ, ରଞ୍ଜନ ନାୟକ, ରାକେଶ ଜେନା, ରାକେଶ ରୋୟ, ସୁରଜ ସିଂହ, ସ୍ମୃତି ରଞ୍ଜନ ନାଥ, ମିଳନ ପୃଷ୍ଟି, ଦିବ୍ୟଜ୍ୟୋତି ନାୟକ, ଶୁଭ୍ରାଂଶୁ ବିଶ୍ୱାଳ, ରାଜେନ୍ଦ୍ର ନାୟକ, ସାହିଲ ଖାନ, ସୌମ୍ୟବ୍ରତ ସାହୁ, ଏସ ଭବାନୀ, ରାକେଶ ମଲ୍ଲିକ, ରୋହିତ ଚୌଧୁରୀ, କାହ୍ନୁ ଚରଣ ନାୟକ, ଲକ୍ଷ୍ମୀଧର ଦଳେଇ, ଗୌତମ ସାହୁ।




### ବର୍ଣ୍ଣାଳୀ ଜୋନାଲ ସଂଯୋଜିକା ସ୍ୱାହା ଦାଶଙ୍କ ପରିଦର୍ଶନ ଓ ସମୀକ୍ଷା



**ସୁବର୍ଣ୍ଣପୁର,୬।୮(ସଂଚାର ବ୍ୟୁରୋ):** ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଚିନାଜୁରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ବଲାଙ୍ଗୀର ଜୋନ ର ବର୍ଣ୍ଣାଳୀ ପାଠ୍ୟକ୍ରମ ମୁଖ୍ୟ ସ୍ୱାହା ଦାଶ। କିଶୋରୀ ବାଳକ ବାଳିକା ମାନଙ୍କ ମନୋଭାବ ର ବିକାଶ, ଶାରୀରିକ ଓ ମାନସିକ ପରିବର୍ତ୍ତନ,ଶିଶୁ ଅଧିକାର ଓ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ସମାଜ ପ୍ରତି ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନତା ପରି ବିଭିନ୍ନ ବିଷୟ କୁ ନେଇ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରସ୍ତୁତ ହୋଇଛି। ଷଷ୍ଠ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସ୍ୱତନ୍ତ୍ର ବର୍ଣ୍ଣାଳୀ ପୁସ୍ତକ ପ୍ରସ୍ତୁତ କରାଯାଇ ସାମାଜିକ ପାଠ ସହିତ ଯୋଡି ଶିକ୍ଷାଦାନ କରାଯାଉଛି। ସ୍ୱାହା ଦାଶ ଙ୍କ ପରିଦର୍ଶନ ଏହି ପାଠ୍ୟକ୍ରମ କୁ ଆଗକୁ ନେବାରେ ସହଯୋଗ କରିବ ବୋଲି ପ୍ରକାଶ କରିଛନ୍ତି ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରମେଶ ଭୋଇ। ବିଦ୍ୟାଳୟ ର ବର୍ଣ୍ଣାଳୀ ତାଲିମ୍ ପ୍ରାପ୍ତ ଶିକ୍ଷୟିତ୍ରୀ କମଳା ପଧାନ ଶିକ୍ଷାଦାନ କରିଥିଲେ। ପ୍ରଧାନ ଶିକ୍ଷକ ଚକ୍ରପାଣି ସାହୁ, ସୁନୀଲ ଚିନ୍ଦ୍ରା,ସସ୍ମିତା କୁମ୍ଭାର, ସୁସ୍ମିତା ସାହୁ ଉପସ୍ଥିତ ଥିଲେ।

### ଜିଲ୍ଲାପାଳଙ୍କ ଜିଲ୍ଲା ପାଠାଗାର ଗସ୍ତ

# ଜିଲ୍ଲାରେ ସଂସ୍କୃତି ଅଧିକାରୀଙ୍କୁ ସକ୍ରିୟ ହେବାକୁ ପଡ଼ିବ

**ଏଣିକି ଆଉ ଇ- ଲାଇବ୍ରେରୀ ପାଇଁ ପାଠକଙ୍କୁ ରାଜଧାନୀ ଯିବାକୁ ପଡ଼ିବନି**

**ସୁବର୍ଣ୍ଣପୁର,୬।୮(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ ନୃପ ରାଜ ସାହୁ ଗତକାଲି ଅଚାନକ ସୁବର୍ଣ୍ଣପୁର ଜିଲ୍ଲା ପାଠାଗାରକୁ ଗସ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କ ମାନଙ୍କ ସହ ଆଲୋଚନା କରି ବିଭିନ୍ନ ସମସ୍ୟା ଗୁଡ଼ିକ ଉପରେ ପଚାରି ବୁଝିଥିଲେ। ଜିଲ୍ଲା ପାଠାଗାର ପରିଚାଳନା ଉପଲବ୍ଧ ଅପଡେଟ ପୁସ୍ତକ, ପାଠାଗାର ର କର୍ମଚାରୀ ସମସ୍ୟା, ନିୟମିତ ଦୈନିକ ଖବର କାଗଜ, ସାପ୍ତାହିକ, ପାକ୍ଷିକ ଓ ମାସିକ ପତ୍ରପତ୍ରିକା ଯୋଗାଣ ଓ ପାଠାଗାର ର ଭିତ୍ତିଭୂମି ନିର୍ମାଣ ଉପରେ ଜିଲ୍ଲା ସଂସ୍କୃତି ଅଧିକାରୀ ଙ୍କ ସହିତ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ଆଦେଶ କ୍ରମେ ଜିଲ୍ଲା ପାଠାଗାର ସୁପରିଚାଳନା ପାଇଁ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲା କାର୍ଯ୍ୟାଳୟ ଆଦେଶ ସଂଖ୍ୟା.୪୩୫ ଅନୁଯାୟୀ ଗତ କାଲି ଅପରାହ୍ନ ରେ ନୂତନ ଭାବେ ତୁରନ୍ତ ଜିଲ୍ଲା ପାଠାଗାର ପରିଚାଳନା କମିଟି ଗଠନ କରାଗଲା ଓ ସନ୍ଧ୍ୟା ୬ ଟା ରେ ଜିଲ୍ଲାପାଳ ଙ୍କ ମିନୀ ସଭା ଗୃହ ଠାରେ ସୁବର୍ଣ୍ଣପୁର ଜିଲ୍ଲା ପାଠାଗାର ପରିଚାଳନା କମିଟିର ପ୍ରଥମ ବୈଠକ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ପରିଚାଳନା କମିଟି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ, ଅଶ୍ୱିନୀ କୁମାର ମେହେରଙ୍କ ସମେତ ଜିଲ୍ଲା ପାଠାଗାର ପରିଚାଳନା କମିଟିର ସମସ୍ତ ସଦସ୍ୟ / ସଦସ୍ୟା ମାନେ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଜିଲ୍ଲା ପାଠାଗାର ପରିଚାଳନା ପାଇଁ ସମସ୍ତ ପ୍ରସ୍ତାବ ବିଷୟରେ ଜିଲ୍ଲାପାଳ ଓ କମିଟିକୁ ଅବଗତ କରାଇଥିଲେ। ଏ ବିଷୟରେ ବିଶଦ ଭାବେ ଆଲୋଚନା କରାଗଲା। ଜିଲ୍ଲାପାଳ ନିର୍ମାଣାଧୀନ ନୂତନ ପାଠାଗାର ଗୃହର ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରି ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦେଲେ। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା ଇ ଓ ଜିଲ୍ଲା ପରିଷଦ ଶ୍ରୀ ମେହେର ନିର୍ମାଣାଧୀନ ପାଠାଗାରରେ ଶିଶୁ ଅନୁକୂଳ ଓ ବୟସ୍କ ଲୋକଙ୍କ ଅନୁକୂଳ ବାତାବରଣ ଥିବା ଏକ ଅତ୍ୟାଧୁନିକ ପାଠାଗାର ନିର୍ମାଣ ସକାଶେ (ପିପିଟି) ମାଧ୍ୟମରେ କମିଟି ବୈଠକରେ ଉପସ୍ଥାପନ କରିଥିଲେ। ତାହା କମିଟି ଦ୍ୱାରା ଶୀଘ୍ର ନିର୍ମାଣ ପାଇଁ ସମ୍ମତି ପ୍ରଦାନ କରାଯାଇଥିଲା।



# ସ୍ୱାଧୀନତାର ୭୭ ବର୍ଷ ପରେ ଗ୍ରାମବାସୀ ଆଲୁଅ ଦେଖିଲେ

**ଝରୀଗାଁ,୬।୮(ସଂଚାର ବ୍ୟୁରୋ):** ସ୍ୱାଧୀନତା ର ଦୀର୍ଘ ୭୭ ବର୍ଷ ପରେ ବିଦ୍ୟୁତ ଆଲୋକ କଣ ଜାଣି ପାରିଲେ ଝରୀଗାଁ ବ୍ଲକ ର କିଛି ଗ୍ରାମବାସୀ, ଝରୀଗାଁ ନରସିଂ ଭତ୍ରା ବିଧାୟକ ନିର୍ବାଚନ ସମୟରେ ପ୍ରଚାର ବେଳେ ପ୍ରତିଶ୍ରୁତି ଦେଇଥିଲେ ସେ ନିର୍ବାଚନ ରେ ନିର୍ବାଚିତ ହେଲେ ଯେଉଁ ଗ୍ରାମ ଗୁଡିକରେ ବିଦ୍ୟୁତ ସଂଯୋଗ ହୋଇ ନାହିଁ ସେହି ଗ୍ରାମ ଗୁଡିକରେ ଆଲୋକୀକରଣ ର ବ୍ୟବସ୍ଥା କରିବେ ପ୍ରତିଶ୍ରୁତି ପାଳନ କରିଛନ୍ତି। ଝରୀଗାଁ ବ୍ଲକର ଉପାନ୍ତ ଅଞ୍ଚଳ ଭାବେ ପରିଚିତ କଟନାପାଣି, ଦଶରୀକଚା, ଦିପୁଭଙ୍ଗା, ବନୁଗୁଡ଼ା, ଟିପାପାଣି ଓ ଜାମପାଣି ଗ୍ରାମରେ ଝରୀଗାଁ ସଦର ମହକୁମା ଠାରୁ କୋଡିଏ କିଲୋମିଟର ଦୂରରେ ଅବସ୍ଥିତ ଏହି ଅଞ୍ଚଳ ବାସୀ ଦୀର୍ଘ ଦିନ ହେଲା ବିଦ୍ୟୁତ ସଂଯୋଗ ପାଇଁ ଦାବୀ କରି ଆସୁଥିଲେ କିନ୍ତୁ ଦାବୀ ପୂରଣ ହୋଇ ପାରୁନଥିଲା, ଜଙ୍ଗଲ ଭିତରେ ଅବସ୍ଥିତ ଏହି ଗ୍ରାମ ଗୁଡିକରେ ସନ୍ଧ୍ୟା ହୋଇଗଲେ ଅନ୍ଧାର ହୋଇଯାଉ ଥିଲା ଲୋକ ଜଙ୍ଗଲୀ ଜନ୍ତୁ ର ଭୟରେ ତାଟି କବାଟ ପକେଇ ରହୁଥିଲେ, ଛାତ୍ର ଛାତ୍ରୀ ମାନେ ପାଠ ପଢି ପାରୁ ନଥିଲେ ଏପରିକି ମୋବାଇଲ ଟିକେ ଚାର୍ଜ କରିବାକୁ ହେଲେ ପୋଡ଼ଶୀ ଗ୍ରାମକୁ ଯିବାକୁ ପଡୁଥିଲା। ନୂତନ ଭାବେ ଟ୍ରାନ୍ସଫର ଉଦଘାଟନ ହୋଇଯାଇଛି ଗ୍ରାମର ଲୋକ ବିଦ୍ୟୁତ ଆଲୋକ ଦେଖି ଖୁସି ହୋଇଛନ୍ତି, ବିଧାୟକ ନରସିଂ ଭତ୍ରା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କୁ ଧନ୍ୟବାଦ ଜଣାଇ ଛନ୍ତି।



# ରାତାରାତି ରାସ୍ତା ଉପରେ ଦୋକାନ କରି ଏନକ୍ଲୋଜମେଣ୍ଟ

**ଚେଇଁ ଶୋଇଛି ଜିଲ୍ଲା ପ୍ରଶାସନ**



**ବଲାଙ୍ଗିର,୬।୮(ସଂଚାର ବ୍ୟୁରୋ):** ବଲାଙ୍ଗିର ସହରର ମଧ ଦେଇ ଏନଏଚ-୨୬ ଓ ଏନଏଚ-୫୭ ଯାଇଛି। ଯେହେତୁ ସହରର ଚାରିପଟେ ବାଇପାସ ନିର୍ମାଣ ଏପର୍ଯ୍ୟନ୍ତ ସରିନାହିଁ ତେଣୁ ସମସ୍ତ ଭାରିଯାନ ସହର ମଧ ଦେଇ ଯାଉଛି। ରାସ୍ତା ଏନକ୍ଲୋଜମେଣ୍ଟ କରି ଲୋକେ ଦୋକାନ ଗୃହ ନିର୍ମାଣ କରିବା ତା ସାଙ୍ଗକୁ ଦୋକାନ ସମ୍ମୁଖରେ ପାର୍କିଙ୍ଗ ସୁବିଧା ନଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟି ଧନଜୀବନ କ୍ଷତି ହେଉଛି। ଦୁର୍ଘଟଣାରେ କାହାର ମୃତ୍ୟୁ ହେଲେ ବିଭିନ୍ନ ସଂଗଠନମାନ ଆନ୍ଦୋଳନ କରି ରାସ୍ତାରୋକ କରୁଛନ୍ତି। ଅନ୍ୟପଟେ ବଲାଙ୍ଗିର ସହର ମଝିରେ ଥିବା ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଦୁଇଦିନ ତଳେ ରାତାରାତି କିଏ ଜଣେ ସରକାରୀ ଜାଗା ଉପରେ ଟିଣ ଚଦରର ଦୋକାନ କରି ଏନକ୍ଲୋଜମେଣ୍ଟ କରିଥିବା ଦେଖିବାକୁ ମିଳିଛି। ଏପରିକି ରାସ୍ତା କଡରେ ଲାଗିଥିବା ତହସିଲଦାର କାର୍ଯ୍ୟାଳୟର ବୋର୍ଡକୁ ମଧ ଏହି ଦୋକାନ ଢାଙ୍କିଦେଇ ତିଆରି କରାଯାଇଛି। ଏନେଇ ଜିଲ୍ଲା ପ୍ରଶାସନ ସବୁ ଜାଣିଥିଲେ ମଧ ଚେଇଁ ସୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ବହୁ ବର୍ଷ ଧରି ଏହି ସ୍ଥାନରେ ତିନି ଜଣ ଯୁବକ ଛୋଟିଆ ପାନ ଦୋକାନ ଖୋଲି ନିଜ ପରିବାର ପ୍ରତିପୋଷଣ କରୁଥିଲେ ଏବଂ ଏହି ପାନ ଦୋକାନ ପଛପଟେ ଦୀର୍ଘ ବର୍ଷ ଧରି ଜଣେ ବାରିକ ପରିବାର ପିଢ଼ିପିଢ଼ି ଧରି ବାରିକ ଦୋକାନ ଖୋଲି ବ୍ୟବସାୟ କରୁଥିଲେ। ଏହାସହ ସରକାରଙ୍କୁ ଏନକ୍ଲୋଜମେଣ୍ଟ ପାଇଁ ଖଜଣା ପ୍ରଦାନ କରୁଥିବା ଜଣାଯାଇଛି। କିନ୍ତୁ ଯେହେତୁ ଏହି ଯାଗା ସରକାରୀ ଥିଲା ତେଣୁ ଜିଲ୍ଲା ପ୍ରଶାସନ ଏହି ୪ଜଣ ଦୋକାନୀଙ୍କ ଦୋକାନ ଭାଙ୍ଗି ଦେବା ସହ ଏନକ୍ଲୋଜମେଣ୍ଟ ହଟାଇ ଦେଇଥିଲା। ବହୁଦିନ ହେଲା ଏହି ଯାଗା ଖାଲି ପଡ଼ିଥିଲା ଏବଂ କିଛି ଲୋକ ଏଠାରେ ଠେଲା ଲଗାଇ ଫଳ ବିକ୍ର କରୁଥିଲେ ଓ ଜଣେ ବ୍ୟକ୍ତି ଟେବୁଲ ପକାଇ ଭୁବନେଶ୍ୱର, ଜୟପୁର, ବ୍ରହ୍ମପୁର ଆଦି ସ୍ଥାନକୁ ଯାଉଥିବା କିଛି ପ୍ରାଇଭେଟ ବସ୍‌ର ଏଡଭାନ୍ସ ଟିକେଟ ବୁକିଙ୍ଗ କରୁଥିଲେ। ତେବେ ଗତ ଦୁଇଦିନ ତଳେ ଅର୍ଦ୍ଧରାତ୍ରିରେ ଏହି ସ୍ଥାନରେ କିଏ ଓ କେଉଁ ଉଦ୍ଦେଶ୍ୟ ନେଇ ଏତେ ବଡ ଟିଣର ଦୋକାନ ପକାଇଛନ୍ତି କାହା ପାଖରେ ଉତ୍ତର ନାହିଁ। ଏହି ସରକାରୀ ଯାଗାରେ ଏନକ୍ଲୋଜମେଣ୍ଟ କରି ଦୋକାନ ଗୃହ ପକାଇବାରେ ପୌରପରିଷଦ ଅଧକ୍ଷାଙ୍କ ସମ୍ପର୍କୀୟଙ୍କ ପ୍ରଚ୍ଛଦପଟରେ ହାତଥିବା ଶୁଣାଯାଉଛି। ଅନ୍ୟପଟେ ଏହି ଟିଣ ଦୋକାନ ଗୃହକୁ ପ୍ରାଇଭେଟ ବସ୍‌ର ଟିକେଟ କାଟୁଥିବା ବ୍ୟକ୍ତି ଜଣକ ଚାବି ଖୋଲି ସେହି ଭିତରେ ବସି ଟିକେଟ କାଟୁଥିବା ଦେଖିବାକୁ ମିଳିଛି। ତେବେ ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ଏନକ୍ଲୋଜମେଣ୍ଟ ହଟାଇବାକୁ ସାଧାରଣରେ ଦାବି ହେଉଛି।

# ପବିତ୍ର ରକ୍ଷା ବନ୍ଧନ ପାଇଁ ପ୍ରସ୍ତୁତି ବୈଠକ

**ନୀଳଗିରି,୬।୮(ସଂଚାର ବ୍ୟୁରୋ):** ପବିତ୍ର ରକ୍ଷା ବନ୍ଧନ ପାଇଁ ମାନ୍ୟବର ସାଂସଦଙ୍କ ପ୍ରେରଣା ରେ ରକ୍ଷା ବନ୍ଧନ - ୨୦୨୫ ପାଇଁ ବାଲେଶ୍ୱର, ବାଲିଆପାଳ, ନୀଳଗିରି, ଔପଦା, ଖନ୍ତାପଡ଼ାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଅଛି। ଆଜି ନୀଳଗିରି ସରସ୍ୱତୀ ଶିଶୁ ମନ୍ଦିର କ୍ୟାମ୍ପସରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ତରଫରୁ ରକ୍ଷା ବନ୍ଧନ - ୨୦୨୫ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଅଛି। ଏହି ବୈଠକରେ ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସାଂସଦ ପ୍ରତିନିଧି କରୁଣାକର ପଣ୍ଡା, ନୀଳଗିରି ନଗର ଚେୟାରମ୍ୟାନ ମହେନ୍ଦ୍ର ନାଥ ବେହେରା, ଚନ୍ଦ୍ରଶେଖର ନନ୍ଦ, ମନୋରଞ୍ଜନ ବେହେରା, ସୂର୍ଯ୍ୟକାନ୍ତ ବିଶ୍ୱାଳ, ପ୍ରଫୁଲ୍ଲ ଦଳେଇ, ବଳରାମ ବିଶ୍ୱାଳ, ରବୀନ୍ଦ୍ର ନାୟକ, ମନୋରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାମ ବିବାଦର ସମାଧାନ କଲେ ମାନବଅଧିକାର କମିଶନର



**ନୟାହାଟ,୬।୮(ସଂଚାର ବ୍ୟୁରୋ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତ ର ବରଗଡ଼ା ଗ୍ରାମର ଅନନ୍ତ ସାହୁ ଓ ଗ୍ରାମବାସୀ ମଧ୍ୟରେ ଏକ ଜାଗାକୁ ଉପୁଜିଥିବା ସମସ୍ୟାକୁ ସମାଧାନ ଉଦ୍ଦେଶ୍ୟରେ ବୁଧ ବାର ଦିନ ରାଜ୍ୟ ମାନବାଧିକାର କମିଶନ ଅର୍ପନା ପୁଷ୍ଟି ନୟାହାଟ ଫାଣ୍ଡିକୁ ଆସି ଅନନ୍ତ ସାହୁଙ୍କୁ ଡକାଇ ଜମିବାଡି ର କାଗଜ ପତ୍ର ମଗାଇବା ସହ ପଚାରି ବୁଝି ଥିଲେ ତାପରେ ମାନବଧିକାର କମିଶନର ଶ୍ରୀମତୀ ପୃଷ୍ଟି ଓ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଉକ୍ତ ଗ୍ରାମକୁ ଯାଇ ଲୋକ ମାନଙ୍କୁ ଡାକି ପଚାରି ଘଟଣା ସଂପର୍କରେ ବୁଝିବା ସହ ଗଣ୍ଡଗୋଳ ନକରିବା ପାଇଁ ଲୋକମାନଙ୍କୁ ତାଗିତ କରିଥିଲେ ପ୍ରକାଶ ଯେ, ବରଗଡ଼ା ଗ୍ରାମରେ ଅନନ୍ତ ସାହୁ ଙ୍କ ଜମି ଦାଡ଼ରେ ୮୪ ଡିସିମିଲି ରୁ ୬୨ ଡିସିମିଲ ସରକାରୀ ଖାତାକୁ ଚାଲିଯିବା ଫଳରେ ବରଗଡ଼ା ଗ୍ରାମର ଲୋକମାନେ ଉକ୍ତ ଯାଗା ଉପରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଆରମ୍ଭ କରୁଥିଲେ। ଏହାକୁ ନେଇ ଗ୍ରାମବାସୀ ଓ ଅନନ୍ତ ସାହୁଙ୍କୁ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା ଅନନ୍ତ ସାହୁ ଙ୍କ ଜମି କେନାଲ ନେଇଥିବାରୁ ସେ ଜଳସେଚନ ବିଭାଗ ବିରୁଦ୍ଧରେ ନିମାପଡ଼ା ସିଭିଲ କୋର୍ଟ ରେ କେସ ନମ୍ବର ୨୯/୨୪ ରେ ଏକ ମାମଲା ରୁଜୁ କରିଥିଲେ। କେସ କୋର୍ଟ ରେ ବିଚାରଧୀନ ଥିଲା ବେଳେ ଗ୍ରାମବାସୀ ଉକ୍ତ ଯାଗାରେ ଅଙ୍ଗନବାଡ଼ି କେନ୍ଦ୍ର କାମ କରିବାରୁ ଅନନ୍ତ ପୁରୀ ଏସପି ଓ ଜିଲ୍ଲାପାଳ ଙ୍କ ଦ୍ୱାରସ୍ଥ ହୋଇଥିଲେ। ନୟାହାଟ ଫାଣ୍ଡିରେ ଡିଏସପି ଗୋପ ତହସିଲଦାର, ଗୋପ ବିଡ଼ିଓ ଫାଣ୍ଡିକୁ ଆସି ଶାନ୍ତି କମିଟି ଗଠନ କରିବା ସହିତ ଜେହେତୁ କୋର୍ଟ ରେ କେସ ଅଛି ଉକ୍ତ କାର୍ଯ୍ୟକୁ ବନ୍ଦ କରିଥିଲେ। କେସ ଫାଇସଲା ନହେବା ପର୍ଯ୍ୟନ୍ତ ଜାଗା ଉପରକୁ ନଯିବାକୁ ତାଗିତ କରିଥିଲେ।

### ନାରୀ ସୁରକ୍ଷା ଓ ନାରୀ ନିର୍ଯ୍ୟାତନା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ

# ଦାବିପତ୍ର ଦେଲା ଯୁବ ଛାତ୍ର ବିଜେଡି

**ବେତନଟୀ,୬।୮(ସଂଚାର ବ୍ୟୁରୋ):** ନାରୀ ସୁରକ୍ଷା ନେଇ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଛାତ୍ର ଓ ଯୁବ ବିଜେଡିର ପ୍ରତିବାଦ ସହିତ ଦାବିପତ୍ର ବୁଧବାର ଦିନ ଏସ ଡି ପି ଓ ଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ଅନୁସାରେ ଗାଁଠୁ ସହର, ବେଳାଭୂମିରୁ କଲେଜ କ୍ୟାମ୍ପସ୍ ସବୁଠି ଛାତ୍ରୀ ଓ ମହିଳା ଅସୁରକ୍ଷିତ। ଏହି ନିର୍ଯ୍ୟାତନା ଓ ଅପରାଧ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଛାତ୍ର ଓ ଯୁବ ବିଜେଡି ଓ କଲେଜ ଛାତ୍ର ଛାତ୍ରୀଙ୍କ ତତଫରୁ ବେତନଟୀ ଏସ ଡି ପି ଓ ମିନତୀ ବିଶ୍ୱାଳଙ୍କ ମାଧ୍ୟରେ ପୋଲିସ ଡିଜିଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ସୁନିଲ୍ ନାୟକ, ଜିଲ୍ଲା ନେତୃବୃନ୍ଦ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ନୂତନ ବ୍ଲକ ସଭାପତି ରାଜୀବ ସେନାପତି, ୩୬ ନମ୍ବର ଜିଲ୍ଲା ପରିଷଦ ଧାନୀ କିସ୍କୁ, ଯୁବ ସଂଗଠକ ଲଲାଟେନ୍ଦୁ ବେହେରା, ରାଜନ୍ ଦାସ, ଛାତ୍ରନେତା ମନୀଷ ଗିରି, ଚିତ୍ତେଶ୍ୱର୍ ବେହେରା, ଦୀପକ ସାହୁ, ଜୀବନ ଦାସ, ଅମର ପଞ୍ଚା, ପବିତ୍ର ପୃଷ୍ଟି, କଲେଜ୍ ଛାତ୍ର କଲମ ହେମ୍ବ୍ରମ, ଆକାଶ ବାରିକ, ରାକେଶ ଧଳ, ସଦାଶିବ ସିଂ, ଶିବୁ ସରେନ୍, ସୁମନ କିସ୍କୁ, ସୋମନାଥ ନାୟକ, ଜତି ସାମଲ, ସୁନ୍ଦରମୋହନ ମହାନ୍ତ ମଧୁସୁଦନ ସିଂ, ସଞ୍ଜୟ ହାଁସଦାଙ୍କ ସମେତ ବେତନଟୀ ମହାବିଦ୍ୟାଳୟ, ବୈଶିଙ୍ଗା ମହାବିଦ୍ୟାଳୟ, କେଶିପୁର ଉଚ୍ଚ ମାଧ୍ୟମିକ, ରାଖ୍ୱା ମହାବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।



# ମାନସିକ ରୋଗ ନିରୂପଣ ଓ ଚିକିତ୍ସା ଶିବିର

**ଭବାନୀପାଟଣା, ୬।୮(ସଂଚାର ବ୍ୟୁରୋ):** କୋକସରା ବ୍ଲକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଆମପାଣି ପି ଏଚ ସି ରେ ମଙ୍ଗଳବାର ମାନସିକ ରୋଗ ନିରୂପଣ ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କୋକସରା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼. ତତ୍ୱଦର୍ଶୀ ଦାସ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବର ରେ ସହକାରୀ ପ୍ରଫେସର ମାନସିକ ବିଶେଷଜ୍ଞ ଡ଼. ଅନନ୍ତ ଚରଣ ମେହେର, ଡିପିଏଚଓ ଡ଼. ରାକେଶ କୁମାର ସାହୁ, ମାନସିକ ରୋଗ ସମାଜସେବି ଅନୟାତ ମହମ୍ମଦ, ମାନସିକ ରୋଗ ସେବିକା ରୋଜାଲିନ ମଲ୍ଲିକ, ପିଏଚଇଓ ଶର୍ମିଳା ଛାତ୍ରୀଆ ପ୍ରମୁଖ ଉପସ୍ଥିତ ରହି ଶିବର କୁ ଆସିଥିବା ମାନସିକ ରୋଗୀ ଙ୍କ ରୋଗ ନିରୂପଣ ସହ ଆବଶ୍ୟକ ରୋଗୀ ଙ୍କୁ ଚିକିତ୍ସା ଓ ଔଷଧ ଦେବାସହ ସେମାନଙ୍କୁ ରୋଗ ନିରାକରଣ ନେଇ ଉପଯୁକ୍ତ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ରେ ରୋଗୀ ରେଜିଷ୍ଟ୍ରେସନ ରେ ରଜନୀ ଚଳାନ, ଆମପାଣି ପିଏଚସି ଫାର୍ମାସିଷ୍ଟ ସ୍ୱପ୍ନେନ୍ଦୁ ମୁଣ୍ଡ, ପୁରୁଷ ସ୍ୱାସ୍ଥ୍ୟ କର୍ମି କ୍ଷୀରୋଦ ବାଗ ସମେତ ଆଶା କର୍ମି ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।





## ଅଧୁରା ସ୍ୱପ୍ନ

**ସ୍ୱାଗତିକା ସାହୁ**

ମୁଁ ପ୍ରତିଥର ନିରୁତ୍ତର ରୁହେ
ତୁମ ବୋଧତତ୍ତ୍ୱର ପରିଭାଷା ଜାଣି
ଛଳ ଛଳ ନିରୀହ ଆଖି ପାଖରେ...
ଅନୁରାଗ ବୁଣା ଅନେକ ସ୍ୱପ୍ନର ମହଲ
ଯେପରି ଠିଆ ହୋଇଛି,
ତୁମ ଓ ମୋ ମଝା ମଝିରେ ...
ମୋ ବୈରାଗ୍ୟ ଓ ତୁମ ପ୍ରାପ୍ତିର ମଝିରେ...!
ଦୁଇଟି ନିଟୋଳ ଆଖି...
ଆଉ ଆପଦ ମସ୍ତକରେ ବୁଡି ରହିଛି
ପାଇବାର ଢେର୍ ଜିଜ୍ଞାସା...!
ଗ୍ରହ୍ୟସ୍ଥ୍ୟର ମହାଆନନ୍ଦ...

କିନ୍ତୁ, ଅଟଳ ମୁଁ !
ଏ ଐଶ୍ୱର୍ଯ୍ୟମୟ ପ୍ରେମ ଅଟ୍ଟାଳିକା
ଯେମିତି ପ୍ରତିବନ୍ଧକ ନସାଜୁ...
ମୋ ସମ୍ମାନର ଆଉ କ୍ୟାରିୟର୍ ର....!
ଜାଣେ ତୁମେ ନିର୍ମାଣ କରିପାର
ସୁଖ ସ୍ୱଚ୍ଛନ୍ଦର ରାଜ ପ୍ରସାଦ
ସଂସାରର ତମାମ ସୁଖକୁ ଗଣ୍ଠି ପକାଇ
ଦେଇପାର ମୋ ଆଞ୍ଜୁଳୀରେ....
ଯାବତ କଳୁଷର ଜଞ୍ଜାଳକୁ ସହିପାର
ଆଜୀବନ ତୃଷାର୍ତ୍ତ ମାନଙ୍କ ପରି
ଏମିତି ଘୂରି ବୁଲ ମୋ ଆଗ ପଛରେ...
ଏଇଟା କଣ ତୁମର ଶପଥ ?

ଅପହଞ୍ଚ ବଉଦ ଖଣ୍ଡେଟେ ମୁଁ....
ଏ ସଂସାର ଆକାଶରେ ଭାସମାନ
କର୍ତ୍ତବ୍ୟ, ସମାଜ, ନୀତିନିୟମ ରେ ବନ୍ଧା
ତଥାପି ....
ଟୋପେ ବାରିଧାରା ପାଇଁ
ତୁମ ଆବେଗର ଦିଗ୍ ବଳୟ
ହୋଇଯାଏ ଲାଲ ଟହ ଟହ....!
ଅନ୍ତର୍ମନରେ ଅନେକ ସ୍ୱପ୍ନର ଜ୍ୱଳନ
ପ୍ରତିଥର ଉଦାସ ଗୋଧୂଳିରେ
ନ ହେଉ ତୁମ ସ୍ୱପ୍ନ ଅଧୁରା....
ମୁଁ ରୁହେ ସେମିତି ନିରୁତ୍ତର
ଚୁପ୍ ଚାପ୍ ଅସହାୟପଣରେ
ଆବୋରି ନିଏ ସମସ୍ତ ଦିନଚର୍ଯ୍ୟା...
ବାରଂବାର ପଛକୁ ଚାହେଁ
କିନ୍ତୁ ପାଏ ଏକ ପରିତୃପ୍ତିର
ଚେନାଏ ହସ....
ଏକ ପ୍ରାପ୍ତି ଅପେକ୍ଷାର ଅନ୍ତସ୍ୱରର...!!
**ଉମରକୋଟ, ନବରଙ୍ଗପୁର**



## ନୀଳମାଧବ

**ଡ.ଶୁଭେନ୍ଦୁ ମେହେର**

ରାଜ୍ୟ ତ୍ରିବେଣୀରେ ଅଛଇ ମନ୍ଦିର
ନୀଳମାଧବ ଯେ' ସେହି
ମହାନଦୀ କୁଆଁରିଆ ଓ କୁସୁମୀ
କୁଳୁକୁଳୁ ଯାଏ ବହି ।

ଶବର ରାଜା ଯେ' ବିଶ୍ୱାବସୁ ଏଠି
ସ୍ଥାପି ପ୍ରସ୍ତର ମୂରତି
ରାଜା ଇନ୍ଦ୍ରଦ୍ୟୁମ୍ନ ଅନୁରୋଧେ ଆସି
ଉପସ୍ଥିତ ବିଦ୍ୟାପତି ।

ରୋହିଣୀ କୁଣ୍ଡରେ ସ୍ନାନାଦି ସାରିଣ
ବସି କଳ୍ପବଟ ତଳେ
ନୀଳମାଧବଙ୍କ ଅପୂର୍ବ ମହିମା
କ୍ଷଣେ ଅଦୃଶ୍ୟ ହୋଇଲେ ।

ଅଶ୍ୱମେଧ ଯଜ୍ଞ ସହିତେ ଦେବତା
ପୂଜାପାଠ କରାଇଲେ
କ୍ଷଣକ ମଧରେ ସେ' ନୀଳମାଧବ
ସେହିଠାରେ ଉଭାହେଲେ ।

ତକ୍ଷଣେ ରାଜାଙ୍କୁ ଭିନ୍ନ ରୂପେ ମୁହିଁ
ଦେଖାଦେବି ବୋଲି କହି
ଜଗନ୍ନାଥ, ବଳଭଦ୍ର ସୁଭଦ୍ରା ଓ
ସୁଦର୍ଶନ ନାମ ବହି ।

ଚକ୍ର ତୀର୍ଥ କୂଳେ ଅଟକିବ ରାଜା
ତହିଁ ଅଛି ମହାମେରୁ
ଶଙ୍ଖ ଚକ୍ର ଗଦା ପଦ୍ମ ଥିବ ଯହିଁ
ତହିଁରେ ହେବଟି ଦାରୁ ।

ତକ୍ଷଣେ ଠାକୁରେ ମିଳିଲେ ସେଠାରେ
ବିଶ୍ୱକର୍ମା ରୂପ ନେଇ
ରାଜାଙ୍କ ଭକ୍ତିରେ ପ୍ରୀତହୋଇ ପ୍ରଭୁ
ଗୁପ୍ତେ ମୂର୍ତ୍ତି ଗଢୁଥାଇ ।

ପ୍ରତିଷ୍ଠା ହୋଇଲେ ସେ' ଦାରୁ ବିଗ୍ରହ
ସେହିଦିନୁ ସେହିଠାରେ
ନୀଳମାଧବ ହେ' ସାହା ହୋଇଥିବ
ଭକତ ଜନଙ୍କଠାରେ ।।
ଯାଲୋଏ, ସୁବର୍ଣ୍ଣପୁର





## ଭାଇ ଭଉଣୀ

**ସନ୍ତୋଷ କୁମାର ସାହୁ**

ସଂସାର ଜୀବନ କେବେ ବୃତ୍ତାକାର
କେବେ ପୁଣି ଏହା ସରଳ ରେଖା
ଜୀବନଟା କେବେ ସରଳ ଜଟିଳ
ବିଚ୍ଛେଦ ମିଳନ ହୁଅଇ ଦେଖା ....

ସମ୍ପର୍କଟା ଏକ ଶାଶ୍ୱତ ଦୁର୍ଲଭ
କେବେ ଦୁଃଖ ସୁଖେ ସହଭାଗିତା
କିଏ କେତେବେଳେ ଦିଏ ଆଶ୍ୱାସନା
ଦୁଃସହ ମୁହୂର୍ତ୍ତେ ହୁଅଇ ହିତା ....

ପରିବାର ମଧେ ପିତା ମାତା ସହ
ଭାଇ ଓ ଭଉଣୀ ଥାଆନ୍ତା ଯୋଡ଼ି
ନିବିଡ଼ ସମ୍ପର୍କେ କିଏ ଯେ କାହାକୁ
ବିପଦ ସମୟେ ନପାରେ ଛାଡ଼ି ....

ବାଲ୍ୟକାଳେ ମିଶି ଖେଳନ୍ତି ବୁଲନ୍ତି
ସ୍ନେହ ବନ୍ଧନରେ ହୋଇଣ ଛନ୍ଦି
ଭାଇର ହସ୍ତରେ ରକ୍ଷା ବନ୍ଧନରେ
ରାକ୍ଷୀଟିଏ ଆଣି ଦେଉଛି ବାନ୍ଧି ...

ନାନା ଉପହାର ଆଶିଷ ମମତା
ଅତି ସରାଗରେ ଦିଅନ୍ତି ଭାଇ
ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି
ରୁହନ୍ତି ଗୃହରେ ଏକାଠି ହୋଇ ....

ସମ୍ପର୍କର ଡୋରି ରଖି ମଜବୁତ
ସୁଖ ଦୁଃଖ ବାଣ୍ଟି ଚଳନ୍ତି ମିଶି
ଯିଏ'ବି ଯେଉଁଠି ଥିଲେ'ବି ଦୂରରେ
ଆନନ୍ଦେ ରୁହନ୍ତୁ ଭାବ ପ୍ରକାଶି ...

**ଗାନ୍ଧୀ ନଗର,କୋରାପୁଟ**



## କି ମଧୁର ଥିଲା ପୁରୁଣା ଦିନ

**ଶୋଭାମୟୀ ପତ୍ରୀ**

ସାୟାହ୍ନରେ ବସି ଝୁରୁଛି ମୁଁ ଆଜି
ପୁରୁଣା ସେ ଦିନମାନ,
ମଧୁ ଠୁଁ ମଧୁର ସ୍ମୃତି ମନୋହର
ହସ ଖେଳ ପିଲା ଦିନ ।।
ମାଟିର ଚୁଲିରେ ସଢେଇ ହାଣ୍ଡିରେ
ରନ୍ଧୁ ଥିଲୁ ଭାତଭଜା,
ବାଲି ଗଦା ପରେ ବିଲୁଆ ଗାତରେ
କରୁଥିଲୁ କେତେ ମଜା ।।
ପୋଇମଞ୍ଜି ବୋଲି ପାଦକୁ ରଙ୍ଗଉ
ହାତକୁ ସେ ମଞ୍ଜୁଆଟି,
ପୁନୀୟ ରାତିରେ ଜହ୍ନଗପଗୀତେ
ପୁହାଇ ଦେଉ ଟି ରାତି ।।
ପଙ୍କ ପୋଖରୀରୁ ମାଛ ଧରା ପୁଣି
ଖାଲିଆରୁ କଇଁ ଫୁଲ,
ଡିବିରି ଆଲୁଏ ପଣକିଆ ଘୋଷା
ବୁଢ଼ୀମା କୋଳର ଗେଲ ।।
କି ମଧୁର ଥିଲା ସେ ପୁରୁଣା ଦିନ
ସାଙ୍ଗ ସାଥି ହଟଗୋଳ,
ଚନ୍ଦନ କୁଙ୍କୁମ ସଜେଇ କଣ୍ଢେଇ
ବରକନିଆର ଖେଳ ।।
ଶୀତେ ଖରାପୁଆଁ ଧୂନି ଗପମଜା
ଗାଁ ଦାଣ୍ଡ ସକାଳରେ,
ଭଜନ କୀର୍ତ୍ତନ ଖୋଳ କର୍ତ୍ତାଳରେ
ସଞ୍ଜେ ଭାଗବତ ଘରେ ।।
ଆଜ ସମୟର ବଦଳିଛି ଦିଗ
ପାଶ୍ଚାତ୍ୟ ଆଡୁଆ ହୋଇ,
ଟିଭି ମୋବାଇଲି ଇନ୍ ଷ୍ଟା ଖେଳରେ
ପିଲାଏ ହୁଅନ୍ତି ବାଇ ।।
ଗୃହ ବନ୍ଦି ପରି କଟିଯାଏ ଦିନ
ଏବେ କାର ପିଲାଦିନ,
ଶାରୀରିକ କ୍ଷତି ମାନସ ବିକୃତି
ଘଟୁ ଅଛି ଘନ ଘନ ।।
**କେନ୍ଦ୍ରାପଡ଼ା**





## ଘୁଷୁରୀକୁ ପାଚିଲା କଦଳୀ

**ଡଃ ନାରାୟଣ ଚନ୍ଦ୍ର ସେନାପତି**

ମୂରୁଖ ଆଗରେ ଜ୍ଞାନ ଚର୍ଚ୍ଚା କଲେ
ଖରାପ ଭାଷାରେ କରିବ ଗାଳି
ସଜ୍ଜନ ଲୋକକୁ ଅପମାନ କଲେ
ଅଜ୍ଞାନ ମାରିବ ଜୋର୍ ରେ ତାଳି।

ବିଧର୍ମୀକୁ କେବେ ଧର୍ମ ଜ୍ଞାନ ଦେଲେ
ତାକୁ ଲାଗୁଥିବ ଶକ୍ତ ଚାପୁଡ଼ା
ହିଂସା ଇର୍ଷା ଛଳ କପଟ ଦେଖିଲେ
ଲାଗିବ ଖାଉଛି ମୁଢ଼ି ଉଖୁଡା।

ଅଳସୁଆ ଯିଏ ତାକୁ ଯଦି କେବେ
କହିବ କର୍ମଠ ହୋ ରେ ବାବୁ
ଅଟ୍ଟହାସ୍ୟ କରି ଲମ୍ଫ ଦେବ ବେଗେ
ବେଳ କାଳ ଦେଖି କରିବ କାବୁ।

ଗୁରୁ ଗୁରୁଜନ ମାନେନା ଯେ ଜନ
ତାକୁ ଯଦି କୁହ ହୁଅ ଆଦର୍ଶ
ତୁମ ପଦେ କଥା ଛୁଇଁବନି ତାକୁ
ଗର୍ବେ ଚଢ଼ୁଥିବ ବିନାଶ ଶୀର୍ଷ।

ନିର୍ଦ୍ଦୟ ନିଷ୍ଠୁର ଅମଣିଷ ଯିଏ
ତା ପାଖେ କହିଲେ କର୍ଣ୍ଣ ର ଗଳ୍ପ
କହିବ ତୁମକୁ ବିକୃତ ପାଗଳ
କାହିଁକି ରଚୁଛୁ ବଦାନ୍ୟ କଳ୍ପ।

ପର ତଣ୍ଟି କାଟି ଖୁସି ଯେ ମନାଏ
ତା ଆଗରେ ଦେଲେ ତ୍ୟାଗ ଭାଷଣ
କହିବ ମୋତେ ତୁ ଶିଖାନା ରାଧୁଆ
ମୋ ପାଇଁ ଭଲ ଭୋଗ ଶୋଷଣ।

ଅସଭ୍ୟକୁ ଯଦି ସଭ୍ୟ ହୁଅ କୁହ
ତୁମକୁ ଦେବ ସେ ଜିଅନ୍ତା ଜାଳି
ଇତର ଲୋକକୁ ମୁଣ୍ଡେ ବସାଇଲେ
ଦୁର୍ବଳ କହି ମାରିବ ଦଳି।

ସ୍ୱାର୍ଥପର ଯିଏ ଭରସା ବିଶ୍ୱାସେ
ତାକୁ ଯଦି କୁହ ଗୁପତ କଥା
ଏମିତି ଆସିବ ଦୁଃସମୟ ତୁମ
କାଟି ନେବ ତୁମ ସରଳ ମଥା।

ନୀତି ଉପଦେଶ ଅଯୋଗ୍ୟକୁ ଯଦି
ଦେଉ ଥିବ ସଦା ସରାଗ ମନେ
ଉପରେ ହସି ସେ ଭିତରେ କାଟିବ
ଜାଣି ପାରିବନି କେବେ ସପନେ।

ହୀନ ଜନ ସଙ୍ଗେ ମିଶିବନି କେବେ
ବଂଶ କୁଳ ଦେଖି ବାନ୍ଧିବ ବନ୍ଧୁ
ଅପାତ୍ରରେ ଦାନ କରିବ ଯଦି ଓ
ପାଇବ ନିଶ୍ଚୟ ବିଷାଦ ସିନ୍ଧୁ।

ଖୁଆଅନା ବାବୁ ବୁଲା ଘୁଷୁରୀ କୁ
ପାଚିଲା କଦଳୀ କେବେ ଶ୍ରଦ୍ଧାରେ
ଅନେଇ ଥିବ ସେ ଦନେଇ ପରାଏ
ଗିଳିବ ତୁମକୁ ଅଗୋଚରରେ।

**ଜମ୍ବରା, କେନ୍ଦୁଝର**





## ଅଳସ ରାତିର ଗୀତ

**ଡଃ ତାନଶ୍ରୀ ପାଣିଗ୍ରାହୀ**

ତୁମେ ଝରା ଶେଫାଳିର ମହକ
ତୁମେ ଅନେକ ଆଶାର ପୁଲକ
ମୋ ଜୀବନେ ତୁମେ ଆସିବା ଦିନଠୁ
ଭରିଛ ପ୍ରୀତିର ମହକ...

ତୁମେ କଅଁଳ କଳିର ପରାଗ
ତୁମେ ଅଳସ ରାତିର ସରାଗ
ଏଇ ଛଇଳ ଚାନ୍ଦିନୀ ରାତିରେ
ମୋ ମନ ଆକାଶେ ବଉଦ...

ତୁମେ ନୀଳ ସାଗରର ଜୁଆର
ତୁମେ ମନ୍ଦମଳୟ ସମୀର
ତୁମେ ଏତେ ଭଲ ଜାଣିଛି ବୋଲି ତ
ହସୁଛି ଆମର ସଂସାର...

ଦେଖାଉଛ ନିତି ସପନ
ବୁଲାଇଛ ନୀଳ ଗଗନ
ଯେବେ ଅଭିମାନ ମୋର ମନେ ଆସେ
ଦେଇଛ ଶରଧା ଚୁମ୍ବନ...

ତୁମେ ଭିଜା ରଜନୀର ଜୋଛନା
ମୋ ହୃଦୟେ ତୁମେ ଆଇନା
ଭଙ୍ଗା ମୋର ଏଇ ଜୀବନ ବୀଣାରେ
ତୋଳିଛ ମଧୁର ମୂର୍ଚ୍ଛନା ।।
**ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



## ପ୍ରଜାପତି

**କାଳୀ ଦାସ**

ରଙ୍ଗିନ ପ୍ରଜାପତି
ଦିଏ ନାହିଁ ଧରା।
ଫୁଲ ରୁ ଫୁଲ ଫୁଲ ରୁ ଫୁଲ
ସିଏ ଉଡ଼ିବୁଲେ ପରା
ତା ପଛରେ ଧାଏଁ ମୁହିଁ
ହାତ ଠାରି ଡାକେ ମୁହିଁ
ପ୍ରଜାପତି ଉଡ଼ି ବୁଲେ
ଦିଏ ନାହିଁ ଧରା
ତା ପରରେ ବୋଲି ଥାଏ
ଅନେକ ସେ ରଙ୍ଗ
ମୁଁ ପଚାରେ କେଉଁ ଠାରୁ
ଆଣିଲୁ ଏ ରଙ୍ଗ
ପ୍ରଜାପତି ଶୁଣେ ନାହିଁ
ବୁଲିକରି ଦେଖେ ନାହିଁ....
ଦିଏ ନାହିଁ ଧରା
ତା ପଛରେ ବୁଲେ ମୁହିଁ
ଖରା ବେଳ ସାରା।
ବ୍ରହ୍ମପୁର,
ଖୋଡାସିଂଙ୍ଗି କଳିଙ୍ଗନଗର
**ଗଞ୍ଜାମ,**
**ମୋବାଇଲ୍:**
**୭୨୦୫୧୦୦୮୩୯**



## ମନପକ୍ଷୀ

**ଡ.ଚନ୍ଦ୍ରକଳା ନାୟକ**

ମନର ଗହନ ବନରେ
ନୀଡଟିଏ ହୁଏ ବାଟବଣା
ଚେତନ ଓ ଅବଚେତନରେ
ମିଥ୍ୟା ଓ ସତ୍ୟର ଆଢୁଆଳେ
ପ୍ରତିଥର ପରି
ହଜାଇ ଖୋଜୁଥାଏ
କେଉଁଠି ତାର ଅଜ୍ଞାତ ଠିକଣା ।
କେତେ ସମ୍ମୋହନ
କେତେ ଆଲିଙ୍ଗନ
କେତେ ପୁଣି କାକର ଭିଜା ସଂଧ୍ୟା
ହୁଂଟାର ଛାଡୁଥିବା ମଣିଷର
ବିକଟାଳ ରଡି
ସମୟର ପରବର୍ତ୍ତି ଧାରାକୁ ।
ମନଟା ତାର ଅବଶ ହୋଇଯାଏ
ଖୋଜେ ଜୀବନରୁ ମୁକ୍ତି
ହେଲେ ବାନ୍ଧିରଖେ ତାକୁ ବନ୍ଧନ
ପିଠିରେ କୁଜ ପରି କ୍ରୁରତାର ବୋଝ
ଉଡି ବୁଲୁଥିବା ସେ ନୀଡ
ଏବେ ଅବଶ ଓ କ୍ଳାନ୍ତ
ତା ଡେଣା ବି ତ ଏବେ ସ୍ଥବିର ।
ଜନ୍ମ ମୃତ୍ୟୁର ତାଳେ ତାଳେ
ଜୀବନ ସଙ୍ଗୀତ ଗୁଣୁ ଗୁଣୁ କରେ
ଅନବରତ କେହି ଅପରିଚିତ ଜଣେ
ବିଭ୍ରାନ୍ତ କରେ ତାକୁ
ନୀଡଟି ବିରକ୍ତ ହୋଇ
କାହିଁକି ଶବ୍ଦ କରେ ନୀରବରେ
କାହାପାଇଁ ଗୀତ ଗାଏ
ଚିରନ୍ତନୀ ପରି ଶୋଇଯାଏ....
ସେ କେବଳ ବୁଝେ ଆଉ ଜାଣେ
ତା କଥା କିଏ ବା ଜାଣିବ ।
**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ,**
**ଛଡିଆ, ଯାଜପୁର ମୋ-୯୪୩୭୯୫୭୬୧୭**



## ଟିକି ମାଛର ଗୁଣ ବେଶୀ

**ଧୀରେନ୍ଦ୍ର ମଲ୍ଲିକ**

ଛୋଟ ମହୁରାଳି କେରାଣ୍ଡି କଣ୍ଟିଆ
ଦଣ୍ଡିକିରି ଜଳା ମାଛ,
ବଜାରରୁ କିଣି ଅଧକିଲେ ନେଲି
କହିଲି ବୋଉଙ୍କୁ ବାଛ,,
ଛୋଟ ମାଛ ଦେଖି ବୋଉ ଚିଡ଼ି ଗଲେ
କହିଲେ ଆଣିଲୁ କାହିଁ,
ବଜାରରେ କଣ ବଡ଼ ମାଛ ଆଉ
କିଛି ହେଲେ ମିଳୁନାହିଁ,,
କେମିତି ବାଛିବି ଟିକି ଟିକି ମାଛ
ଡେରି ଯେ ବହୁତ ହେବ,
ବସି ବସି ମୋର ପିଠି ଓ କମର
ତହିଁରେ ଦରଜ ଦେବ,,
ଆଣିଥାନ୍ତୁ ଯଦି ରୋହିକି କି ଭାକୁର
ବଜାରରୁ ତୁହି କାଟି,
ଖାଇଥାନ୍ତେ ଭାଜି ପଖାଳ ସାଥିରେ
ସୁଆଦ ଲାଗନ୍ତା ପାଟି,,
ବୋଉ କଥା ଶୁଣି ଟିକେ ହସିଦେଇ
କହିଲି ତାଙ୍କୁ ମୁଁ ଶୁଣ,
ବଡ଼ମାଛ ଠାରୁ ଛୋଟିଆ ମାଛର
ଅଧିକ ରହିଛି ଗୁଣ,,
ଡାକତର କହେ ଖାଇଲେ ଏହାକୁ
ଦେହ ପାଇଁ ଲାଭ ବେଶୀ ,
ଭାକୁର ମାଗୁର ରୋହୀ କି ଜଗର
ନୁହଁନ୍ତି ତା ଭଳି ଦେଶୀ,,
ଖାଦ୍ୟସାର ଭରି ରହିଛି ତା ଦେହେ
ଖାଇଲେ ହୋଇବ ବଳ,
ଗୁଦୁଲୁ ଗାଦୁଲୁ ଚେହେରା ଦିଶିବ
ମିଳିବ ତାହାର ଫଳ,,
ବଡ଼ମାଛ ଠାରୁ ସୁଆଦିଆ ହେବ
ଯତନେ ରାନ୍ଧିଲେ ତାକୁ,
ରୋହୀ କି ଭାକୁର ଖୋଜିବନି ଆଉ
କେବେ ହେଲେ ଖାଇବାକୁ,,
ବାଛିବାକୁ ସିନା ସମୟ ଲାଗିବ
ହେଲେ ଆମ ପାଇଁ ହିତ,
ଖାଇଲେ ଏହାକୁ ହରଷ ମନରେ
ସରସ ହୋଇବ ଚିତ୍ତ,
ଏତିକି ଶୁଣିକି ବୋଉ ମୋ କହିଲେ
ସତ ତୁ କହିଲୁ ତୁ ଧନ,
ଉପକାର କେତେ ଜାଣିଲି ଏହାର
ଖୁସି ହୋଇଗଲା ମନ,,
ଏବେଠୁ ଖାଇବା ଦେଶୀ ଛୋଟ ମାଛ
ଖୋଜିବାନି ବଡ଼ ଆଉ,
ଯେତିକି ଖାଇଲି ବାଳିଆ ଭାକୁର
ସେତିକିରେ ଧନ ଥାଉ,,
ମୁରୁଖ ଲୋକ ମୁଁ ଜାଣିତ ନଥିଲି
ଟିକି ମାଛେ ଏତେ ଗୁଣ,
ଆଣିବୁ ଏଣିକି କରିଦେବି ଧନ
ସୁଆଦିଆ ମାଛ ତୁଣ ।।





# ବିଦ୍ୟାଳୟରେ ପ୍ରିନ୍ସିପାଲଙ୍କୁ ମାଡ଼ ମାରିଲେ ଠିକାଦାର

## ନ୍ୟାୟ ପାଇଁ ଧାରଣା ଦେଲେ ଶିକ୍ଷକ, ଶିକ୍ଷୟିତ୍ରୀ

- ଠିକାଦାରଙ୍କ ଦାଦାଗିରି
- ଅଶାନ୍ତ ଏକଲବ୍ୟ ବିଦ୍ୟାଳୟ କ୍ୟାମ୍ପସ



**କଳିଙ୍ଗନଗର,୬।୮ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାର ଆଦିବାସୀ ଛାତ୍ରଛାତ୍ରୀ ମାନେ କିପରି ଭଲ ଭାବରେ ରହି ପାଠ ପଢ଼ି ଶିକ୍ଷିତ ହେବେ ସେଥିପାଇଁ କୋଟି କୋଟି ଟଙ୍କା ବ୍ୟୟରେ ରାଜ୍ୟରେ ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟ ମାନ ପ୍ରତିଷ୍ଠା କରିଛନ୍ତି, ସେ ବିଦ୍ୟାଳୟ ଗୁଡିକ ସଠିକ ଭାବେ ଚାଲିବା ପାଇଁ ମରାମତି ଓ ରକ୍ଷଣାବେକ୍ଷଣା ପାଇଁ ବାର୍ଷିକ ଲକ୍ଷାଧିକ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି, ବାସ୍ତବରେ ଏହି ଟଙ୍କା କୁ କାର୍ଯ୍ୟାଦେଶ ପାଇଥିବା ଠିକାଦାର କାମ କରିବା ର ବିଳମ୍ବ କରିବା ଓ ଅଧିକ ଲାଭ ଲୁଟ କରି ନିରୀହ ଆଦିବାସୀ ପିଲାମାନଙ୍କୁ ହଇରାଣ ହରକତ କରି ପଲ୍ଲୀ ଅଞ୍ଚଳରେ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ଡରାଇ ରଖୁଛନ୍ତି ତାର ଏକ ସତଦୃଶ୍ୟ ଆଜି ପଦାକୁ ଆସିଛି, ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ପଲ୍ଲୀ ଅଞ୍ଚଳ ଓଲ୍ଲଳ ପଞ୍ଚାୟତର ରାମ୍ପିଲୋ ଗାଁ ରେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ର କିଛି ମାସ ପୂର୍ବେ ଶୌଚାଳୟ ନିର୍ମାଣ ପାଇଁ ଅର୍ଥ ଅନୁଦାନ ଆସିଥିଲା, କାର୍ଯ୍ୟଦେଶ ପାଇଥିବା ଠିକାଦାର ଙ୍କ ମନମୁଖୀ କାମ ଯୋଗୁଁ ଦୀର୍ଘ ମାସ ହେବ ସେ କାମ କଚ୍ଛପ ଗତିରେ ଚାଲିଥିଲା, ଯାହା ଫଳରେ ହଷ୍ଟେଲ ରେ ଥିବା ଅନ୍ତେବାସୀ ମାନେ ନିତ୍ୟକର୍ମ ପାଇଁ ଦୈନିକ ବହୁ ହଇରାଣ ହରକତ ହେଉଛନ୍ତି, ଏ ବିଷୟରେ ବାରମ୍ବାର ଠିକାଦାର ଙ୍କୁ ପ୍ରିନ୍ସିପାଲ କହିଲେ ସୁଦ୍ଧା ସେ ବିଲକୁଲ କର୍ଣ୍ଣପାତ କରୁନ ଥିଲେ, ତେଣୁ ବିଦ୍ୟାଳୟ ର ପ୍ରିନ୍ସପାଲ ଏ କଥା କୁ ନେଇ ଉପରିସ୍ଥ ପ୍ରଶାସନିକ ଅଧିକାରୀ ଙ୍କୁ ଅବଗତ କରାଇ ଥିଲେ, ଗତକାଲି ରାତି ୮ ଟା ସମୟରେ ଉକ୍ତ ଠିକାଦାର ବିଦ୍ୟାଳୟ ପରିସରରେ ପଶି ପ୍ରିନ୍ସିପାଲ ଙ୍କୁ ଗଳା ଧକ୍କା ମାରିବା ସହ ଅଶ୍ଳୀଳ ଭାଷା ରେ ଗାଳିଗୁଲଜ କରିଥିଲା, ଏହି ଘଟଣା କୁ ନେଇ ଆଜି ବିଦ୍ୟାଳୟ ପ୍ରିନିସିପାଲ ଯାଜପୁର ରୋଡ଼ ଥାନାରେ ଏକ ଲିଖିତ ଅଭିଯୋଗ ଦେବା ସହ ଜିଲ୍ଲା ପାଳ ଙ୍କୁ ୪୭୬/୨୫ ଚିଠି ନମ୍ବର ରେ ଏହାର ବିଚାର କରିବା ପାଇଁ ନିବେଦନ କରିଛନ୍ତି, ଉକ୍ତ ପତ୍ର ରେ ସେ ମରଣାନ୍ତକ ଆକ୍ରମଣ କରିଥିବା ଠିକାଦାର ଙ୍କୁ ଗିରଫ ସହ ତାଙ୍କ ଠିକାଦାର ଲାଇସେନ୍ସ ରଦ୍ଦ କରିବା ଓ ବିଦ୍ୟାଳୟ ରେ ସୁରକ୍ଷା ବ୍ୟବସ୍ଥା ପାଇଁ ସୁରକ୍ଷା କର୍ମୀ ଦେବା, ପାଇଖାନା କାମ ଶୀଘ୍ର ନୂତନ ଠିକାଦାର ଙ୍କ ଦ୍ୱାରା ଶୀଘ୍ର ସାରିବା, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଙ୍କ ଦ୍ୱାରା ଏହି ଘଟଣା ପାଇଁ ଏକ ବୈଠକ ଡାକି ଏହାର ସମାଧାନ କରିବା ସହ ଏକ ସୁସ୍ଥ ସୁନ୍ଦର ଶୈକ୍ଷିକ ବାତାବରଣ ଫେରାଇ ଆଣିବା, ଏକ ଉଚ୍ଚ ସ୍ତରୀୟ ତଦନ୍ତ କରି ଠିକାଦାର ଙ୍କୁ କେତେ ଟଙ୍କା ର ବିଲ ଦିଆଯାଇଛି ତାର ହିସାବ କରିବା କୁ ଚିଠିରେ ଅନୁରୋଧ କରିଛନ୍ତି, ଅନ୍ୟ ପଟେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଏହାର ବିଚାର କରି ନ୍ୟାୟ ପାଇଁ କର୍ମଚାରୀ ମାନେ ଧାରଣା ରେ ବସିଥିବାର ଦେଖିବାକୁ ମିଳିଥିଲା, ସୂଚନା ଥାଉକି ୨୦୦୮ ମସିହା ରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟର ହଷ୍ଟେଲ ରେ ଷଷ୍ଠ ଶ୍ରେଣୀରୁ +୨ ପ୍ରଯ୍ୟନ୍ତ ୩୫୦ ଅନ୍ତେବାସୀ ରହି ପାଠ ପଢ଼ନ୍ତି, ଦେଖାଯାଉ ଏହି ଘଟଣା ରେ ଜିଲ୍ଲା ପ୍ରଶାସନ କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଆଉ ବିଦ୍ୟାଳୟ ରେ କେବେ ଶାନ୍ତି ଫେରୁଛି।

# ଦୁର୍ଦ୍ଦଶା ବଢ଼ାଇଛି ନିଅଣ୍ଟିଆ ବର୍ଷା :ଚାଷୀ ମୁଣ୍ଡରେ ଚଡ଼କ



**ମ.ରାମପୁର:୬।୮(ସଂଚାର ବ୍ୟୁରୋ):** ରାଜ୍ୟରେ କେତେକ ସ୍ଥାନରେ ଅତ୍ୟଧିକ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଆଉ କେତେକ ସ୍ଥାନରେ ସ୍ୱଳ୍ପ ବୃଷ୍ଟିପାତ ହେତୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି।ଶ୍ରାବଣ ମାସ ସରିବାକୁ ବସିଥିବା ବେଳେ ବର୍ଷାର ଦେଖାନାହିଁ। ନିଅଣ୍ଟିଆ ବର୍ଷା ଯୋଗୁଁ କୃଷି ଉପରେ ନିର୍ଭର କରି ଚଳୁଥିବା ଚାଷୀ କିଭଳି ବର୍ଷସାରା ଚଳିବ ସେନେଇ ଚିନ୍ତାରେ ପଡ଼ିଛି। ମ. ରାମପୁର ବ୍ଲକ ର ଅଣଜଳ ସେଚିତ ଅଞ୍ଚଳ କିଛି ସ୍ଥାନ ଗୁଡ଼ିକରେ ଧାନ ତଳି ପଡ଼ିଛି ହେଲେ ରୁଆ ହୋଇ ପାରୁନିତ ଆଉ କିଛି ସ୍ଥାନରେ ରୁଆ, ବିହୁଡ଼ା ଧାନ ପାଣି ଅଭାବରୁ ମରିବାକୁ ବସିଲାଣି। ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷୀ ମୁଣ୍ଡରେ ଚଡକ ପଡ଼ିଛି।ବର୍ଷା ଅଭାବରୁ ଅଧିକାଂଶ ସ୍ଥାନରେ ଧାନ ରୋଇ ସାରିଥିବା ଚାଷୀ ପାଣି ପାଇଁ ମୁଣ୍ଡରେ ହାତ ଦେଇ ବସିଛି। ମେଘ ଆସୁଛି ହେଲେ ବର୍ଷା ନାହିଁ। ତେବେ ଅଣ ଜଳସେଚିତ ଇଲାକା ରେ ଜଳର ଉତ୍ସ ଆଦୌ ସୁବିଧା ନଥିବାବେଳେ ଚାଷୀ ବର୍ଷା ଉପରେ ଭରସା କରି ଧାନ ଚାଷ କରିଥାଏ।ତେବେ ବ୍ଲକରେ ଶତାଧିକ ଚେକଡ୍ୟାମ ନିର୍ମାଣ ହୋଇ ଥିବାବେଳେ ସେଗୁଡିକ ଉପଯୁକ୍ତ ସ୍ଥାନରେ ନିର୍ମାଣ ହୋଇ ନଥିବା ଯୋଗୁଁ ପ୍ରାୟତଃ ଚେକ ଡ୍ୟାମ ଗୁଡିକରେ ପାଣି ରହୁନାହିଁ। ଅପରପକ୍ଷେ ଚଳିତବର୍ଷ ଖରିଫ ଋତୁରେ ଭଲ ଅମଳ କରିବାକୁ ଚାଷୀ ଆଶା ରଖିଥିବା ବେଳେ ଏବେ ହତାଶ ହୋଇପଡ଼ିଛି।ଚାଷ କରିବାତ ଦୂରର କଥା ବୁଣିଥିବା ତଳିକୁ ବଞ୍ଚାଇବାକୁ ଚାଷୀ ଉଦ୍ୟମ କରୁଛି।କିଛି ତଳିଆ ଜମିରେ ରୁଆ ପୋତା ଚାଲିଥିବାବେଳେ ଢିପ ଜମି ଗୁଡିକ ପାଣିଅଭାବରୁ ପଡ଼ିଆ ପଡ଼ିଛି।

# ନୂତନ ଉପଜିଲ୍ଲାପାଳ ଭାବେ ଯୋଗଦାନ ଦେଲେ ଆଇଏଏସ୍ ପ୍ରେକ୍ଷା ଅଗ୍ରୱାଲ



**କଳାହାଣ୍ଡି, ୬।୮(ସଂଚାର ବ୍ୟୁରୋ):** ଧର୍ମଗଡ଼ ଠାରେ ନୂତନ ଉପଜିଲ୍ଲାପାଳ ଭାବେ ଆଇଏଏସ ପ୍ରେକ୍ଷା ଅଗ୍ରୱାଲ ବୁଧବାର ପୂର୍ବାହ୍ନ ରେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ଧିମାନ ଚକମା ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ଦୀର୍ଘ ବର୍ଷ ରହିଥିବା ବେଳେ କ୍ରସର ମାମଲାରେ ଭିଜିଲାନ୍ସ ହାତରେ ଛନ୍ଦି ହୋଇ ଗିରଫ ହୋଇ ଜେଲ ଯିବାପରେ ଉପଜିଲ୍ଲାପାଳ ଭାବେ ଅତିରିକ୍ତ ଜିଲ୍ଲାପାଳ ଅଜୟ ତୀରକ୍କୀ ଉପଜିଲ୍ଲାପାଳ ଦାୟିତ୍ୱ ନେଇ କାର୍ଯ୍ୟଭାର ସମ୍ଭାଳି ଆସୁଥିଲେ।ସ୍ଥାୟୀ ଉପଜିଲ୍ଲାପାଳ ନ ଥିବା ଯୋଗୁଁ ବିଭିନ୍ନ ମାମଲା, ଅଭିଯୋଗ ଶୁଣାଣି ରେ ବାଧା ସୃଷ୍ଟି ହେଉଥିଲା।ଏହାକୁ ଦୃଷ୍ଟିରେ ରଖି ରାଜ୍ୟସରକାର ନୂତନ ସ୍ଥାୟୀ ଉପଜିଲ୍ଲାପାଳ ଭାବେ ଆଇଏଏସ ପ୍ରେକ୍ଷା ଅଗ୍ରୱାଲଙ୍କୁ ଦାୟିତ୍ୱ ନେବାପାଇଁ ଧର୍ମଗଡ଼ ଠାରେ ନିଯୁକ୍ତି କରିଛନ୍ତି।ଏହି ଅବସରରେ ଉପଖଣ୍ଡର ବିଭିନ୍ନ ପ୍ରଶାସନିକ ଅଧିକାରୀ, ବିଭିନ୍ନ ଖବର କାଗଜ ଓ ବିଦ୍ୟୁତ ଗଣମାଧ୍ୟମ ର ପ୍ରତିନିଧି ଉପସ୍ଥିତ ଥାଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଏହି ସମ୍ପର୍କରେ ଉପଜିଲ୍ଲାପାଳ ଉପସ୍ଥିତ ଥିବା ପ୍ରଶାସନିକ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ସହିତ ସକାରାତ୍ମକ ବିଷୟରେ ଆଲୋଚନା କରି କହିଥିଲେ ଯେ, ଧର୍ମଗଡ଼ ଉପଖଣ୍ଡ ର ବିଭିନ୍ନ ସମସ୍ୟାକୁ ଗୁରୁତ୍ୱ ଦେଇ ଶିକ୍ଷା, ସ୍ୱାସ୍ଥ୍ୟ, ସେବା, ଓ ଦାଦନ ଭଳି ସମସ୍ୟା କୁ ଅଧିକ ଦିଆଯିବ ବୋଲି ପ୍ରକାଶ କରିଥିଲେ।

# ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ଶିବର



**ଭବାନୀପାଟଣା:୬।୮(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ଶଶକ୍ତି କରଣ ବିଭାଗ ପକ୍ଷରୁ ବୁଧବାର କୋକସରା ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ଶିବିର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମ ରେ ବ୍ଲକ ର ୨୨ ପଞ୍ଚାୟତ ରୁ ଶତାଧିକ ଭିନ୍ନକ୍ଷମ ମାନେ ଯୋଗ ଦେଇ ଭିନ୍ନକ୍ଷମ ମାନେ ଯୋଗଦେଇ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା ରୁ ଆସିଥିବା ଅସ୍ଥି ଶୈଳ ବିଶେଷଜ୍ଞ ଡାକ୍ତର ଅରୁଣ କୁମାର ଗିରି, ମାନସିକ ବିଶେଷଜ୍ଞ ଡାକ୍ତର ଅନନ୍ତ ଚରଣ ମେହେର, ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ନିବେଦିତା ମହାରଣା, ଇଏନଟି ବିଶେଷଜ୍ଞ ଡାକ୍ତର ପ୍ରଦ୍ୟୁମ୍ନ କିଶୋର ପଣ୍ଡା, ଚଳାନ ପ୍ରଶିକ୍ଷକ ନିବାସ ଚନ୍ଦ୍ର ସାହୁ ଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡାକ୍ତର ଙ୍କ ଦ୍ୱାରା ପ୍ରଦତ୍ତ ସାର୍ଟିଫିକେଟ ମିଳିବା ପରେ ଭିନ୍ନକ୍ଷମ ସାର୍ଟିଫିକେଟ ପାଇଁ ଅନ ଲାଇନ ଆବେଦନ କରିଥିଲେ।ପୂର୍ବରୁ ଆବେଦନ କରିଥିବା ଭିନ୍ନକ୍ଷମ ହିତାଧିକାରୀ ଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ଟ୍ରାଇ ସାଇକେଲ, ହ୍ୱିଲ ଚେୟାର ପ୍ରଦାନ ସହ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ରେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ଙ୍କ ଅଧ୍ୟକ୍ଷତାରେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ବିଧାୟକ ପ୍ରତିନିଧି ତ୍ରିନାଥ ଶବର ମଞ୍ଚ ରେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ଉପରେ ପରାମର୍ଶ ଦେଇଥିଲେ। ଭିନ୍ନକ୍ଷମ ଶିବିର ରେ ମୋଟ ୩୬୫ ଆବେଦନ ରେଜିଷ୍ଟ୍ରେସନ ହୋଇଥିବା ବେଳେ ୧୪୨ ଜଣ ଙ୍କୁ ନୂଆ ପ୍ରମାଣପତ୍ର, ୨ ଜଣ ଙ୍କୁ ଟ୍ରାଇ ସାଇକେଲ, ୪ ଜଣ ଙ୍କୁ ହ୍ୱିଲ ଚେୟାର, ୧୭ ଜଣ ଙ୍କୁ ଡି ଆର ଆଇ ଲୋନ, ୧୯ ଜଣ ନୂତନ ଭତ୍ତା ପାଇଁ ଆବେଦନ କରିଥିବା ଜଣାପଡ଼ିଛି।କାର୍ଯ୍ୟକ୍ରମ କୁ ବ୍ଲକ ମିଶନ ଶକ୍ତି ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ମାନସ ରଞ୍ଜନ ବାରିକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ରେ ବ୍ଲକ ର ପିଇଓ, ଏଡିଇଓ ମାନେ ଉପସ୍ଥିତ ରହି ବିଭିନ୍ନ ସହାୟତା ପାଇଁ ପଞ୍ଜିକରଣ ରେ ଭିନ୍ନକ୍ଷମ ଙ୍କୁ ସହାୟତା ପ୍ରଦାନ କରିଥିଲେ। ୨୨ ପଞ୍ଚାୟତ ର ସମିତି ସଭ୍ୟ, ସରପଞ୍ଚ ଓ ଜନ ପ୍ରତିନିଧି ମାନେ ଉପସ୍ଥିତ ରହି ଭିନ୍ନକ୍ଷମ ଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଥିଲେ।

# 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଆରମ୍ଭ

**କଳିଙ୍ଗନଗର:୬।୮(ସଂଚାର ବ୍ୟୁରୋ):** ସମସ୍ତ ବିଦ୍ୟାଳୟ ରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଛି, ଗାଁ ଗହଳି, ପଲ୍ଲୀ ଅଞ୍ଚଳ ର ସମସ୍ତେ ଶିଶୁ କିପରି ବିଦ୍ୟାଳୟ କୁ ଆସିବେ ଓ ପାଠ ପଢିବେ, କେହି ଜଣେ ବି ନିରକ୍ଷର ରହିବେ ନାହିଁ ରାଜ୍ୟ ସରକାର ଙ୍କର ଏହି ଅଭିଯାନ ଏବେ ବାସ୍ତବ ରୂପ ନେବାକୁ ଯାଉଛି, ଏହି କ୍ରମ ରେ ଆଜି ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଝୁଜୁପଦା କ୍ଲଷ୍ଟର ଅନ୍ତର୍ଗତ ମାରୁଟିକର ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି, ପ୍ରଧାନ ଶିକ୍ଷକ ସନାତନ ଗେଡି ଙ୍କ ତତ୍ୱାବଧାନ ରେ ଶିକ୍ଷୟତ୍ରୀ ନିହାରିକା ନାୟକ, ପ୍ରୀତିମୟୀ ଦାସ ଙ୍କ ସହ, ବିଦ୍ୟାଳୟ ଛାତ୍ର ଛାତ୍ରୀ, ପରିଚାଳନା କମିଟି ସଦସ୍ୟ, ସଦସ୍ୟା ଉପସ୍ଥିତ ରହି ଅଭିଯାନ କୁ ସଫଳ କରାଇବା ରେ ସହଯୋଗ କରିଥିଲେ।

# ଖଣି ଖାଦାନରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଏଆଇୟାଇଏଫ୍‌ର ବୈଠକ




**ସୁନ୍ଦରଗଡ଼,୬।୮(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ବସଷ୍ଟାଣ୍ଡରେ ଥିବା ଏଜୁକେସନାଲ ହଲଠାରେ ଅଲ ଇଣ୍ଡିଆ ଯୁବ ଫେଡରେସନ ପକ୍ଷରୁ ସ୍ଥାନୀୟ ଯୁବତୀ ଯୁବକ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅଞ୍ଚଳରେ ଥିବା ଖଣି, ଖାଦାନରେ କିପରି ଭାବରେ ଯୁବକ ଯୁବତୀ ମାନେ ନିଯୁକ୍ତି ପାଇପାରିବେ ତଥା ଅଞ୍ଚଳରେ ଥିବା ସମସ୍ୟା ଗୁଡିକର ସମାଧାନ କିପରି ଭାବରେ କରାଯାଇ ପାରିବ ସେ ନେଇ ଏକ ଆଲୋଚନା ହୋଇଥିଲା। ଅଞ୍ଚଳରେ ଥିବା ଏମସିଏଲ, ଏନଟିପିସି, ବେଦାନ୍ତ, ଓସିପିଏଲ, ଆଦାନୀ ଆଦି ଛୋଟ ବଡ଼ କମ୍ପାନୀ ମାନଙ୍କରେ ୯୦% ସ୍ଥାନୀୟ ନିଯୁକ୍ତି, ଦକ୍ଷତା ବିକାଶ ପାଇଁ ତାମିଲ କେନ୍ଦ୍ର, ମାଇନିଙ୍ଗ କଲେଜ ସ୍ଥାପନ, ଜିଲା ଖଣିଜ ପଦାର୍ଥ ଅନୁଦାନରେ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାର ଗୁଡ଼ିକର ସମାଧାନ ଆଦି ଉପରେ ବିସ୍ତୃତ ଭାବରେ ଆଲୋଚନା କରି ଏକ ଅସ୍ଥାୟୀ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ହେମଗିର ବ୍ଲକର ୧୯ଟି ପଞ୍ଚାୟତର ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ତଥା ମହିଳା ମାନଙ୍କୁ ଖଣି ଖାଦୋନରେ ୫୦% ନିଯୁକ୍ତିର ସୁଯୋଗ, ପ୍ରଦୂଷଣ, ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକିୟ ଉପକରଣ ଓ ଡାକ୍ତର ପ୍ରଦାନ ଆଦି ଗ୍ରାମାଞ୍ଚଳରେ ଲାଗି ରହିଥିବା ସମସ୍ୟା ଓ ତାହାର ନିରାକରଣ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ରାଜେନ୍ଦ୍ର ନାଏକ, ମମତା ସା, ରାଧେଶ୍ୟାମ ଗରଡିଆ, ରମେଶ ଜୟପୁରିଆ, ସୁକଦେବ ପ୍ରଧାନ, ଶ୍ରଦ୍ଧାଞ୍ଜଳି ସା, ରଶ୍ମିରେଖା ସା ପ୍ରମୁଖ ଉପସ୍ଥିତ ଥିଲେ।

# ଖଲିଆବନ୍ଦରେ ପାନୀୟ ଜଳ ପ୍ରକଳ୍ପ

**ରିଷିଡା,୬।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ସ୍ଥିତ ଖଲିଆବନ୍ଦ ଛକଠାରେ ଜଳ ସେବା ପ୍ରକଳ୍ପ ମଙ୍ଗଳବାର ଉଦଘାଟିତ ହୋଇଛି। ବ୍ଲକ ପକ୍ଷରୁ ନୂତନ ଭାବରେ ନିର୍ମିତ ହୋଇଥିବା ଦୁଇଟି ଜଳ ସେବା ପ୍ରକଳ୍ପ ଖଲିଆବନ୍ଦ ଛକ ଓ ସରକାରୀ ଉଚ୍ଚବିଦ୍ୟାଳୟ ଭାଲୁପିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଅଧ୍ୟକ୍ଷା ପଞ୍ଚାୟତ ସମିତି କର୍ଲାମୁଣ୍ଡା କୁନି ସାହୁ ଯୋଗଦେଇ ଜଳ ସେବା ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ବିଡ଼ିଓ ଦେବେନ୍ଦ୍ର କୁମାର ସାମଲ, ସରପଞ୍ଚ ଅରବିନ୍ଦ ଗହିର ସମେତ ଜନସାଧାରଣ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



# ହେମନ୍ତ ମାଝୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ନର୍ଲା,୬।୮(ସଂଚାର ବ୍ୟୁରୋ):** ଓଡ଼ିଶା ଅଗ୍ନିଶମ ବିଭାଗରେ ଫାୟାରମ୍ୟାନ ଭାବେ ନିଯୁକ୍ତି ପାଇ ଅଞ୍ଚଳ ପାଇଁ ଗୌରବ ଆଣି ଆସିଥିବା ହେମନ୍ତ ମାଝୀଙ୍କୁ ଟୋଲବ୍ରାହ୍ମଣୀ ଗ୍ରାମରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ନର୍ଲା ବ୍ଲକ୍ ସରିଆଁ ପଞ୍ଚାୟତ ଟୋଲବ୍ରାହ୍ମଣୀ ଗାଁର ଏକ ଆଦିବାସୀ ପରିବାରରେ ଜନ୍ମିତ ହେମନ୍ତ ଏବେ ଦୁର୍ଗତ ମାନବମାନଙ୍କ ସେବା କରିବେ। ଦୀର୍ଘ ବର୍ଷ ପରେ ଏହି ଗାଁର ପୁଅ ଫାୟାରମ୍ୟାନ ଭାବେ ନିଯୁକ୍ତି ପାଇଥିବାରୁ ଗ୍ରାମବାସୀ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଛି। ଟୋଲବ୍ରାହ୍ମଣୀ ଗାଁର ବରୁଣ ମାଝୀ ଓ ବନିତା ମାଝୀଙ୍କ ସୁପୁତ୍ର ହେମନ୍ତ ପିଲା ଦିନରୁ ସେବା ମନୋବୃତ୍ତି ରଖି ଆସିଛନ୍ତି। ବୁଧବାର ଟ୍ରେନିଂରୁ ନିଜ ଗାଁକୁ ଫେରିବା ପରେ ତାଙ୍କୁ ତ୍ରିମୂର୍ତ୍ତି ଯୁବକ ସଂଘ ଓ ଗ୍ରାମବାସୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ଘରକୁ ପାଛୋଟି ନିଆଯାଇଥିଲା। ସ୍ୱାଗତ ସମ୍ବର୍ଦ୍ଧନା ଦେବା ସମୟରେ ଗଣେଶ ଶବର, ଭୀମରାଜ ଶବର, କୁଞ୍ଜ ଭୋଇ, ରୁଦ୍ର ଶବର, କନ୍ଦର୍ପ ମାଝୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜମି ଜଲାଲଙ୍କ କବଜାରେ ଚାଷ ଜମି ସୁବର୍ଣ୍ଣରେଖା ଜଳସେଚନ ଦିଗହରା



**ବୈଶିଙ୍ଗା,୬।୮(ସଂଚାର ବ୍ୟୁରୋ):** ସରକାର ଙ୍କ ତରଫରୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବା ସୁବର୍ଣ୍ଣରେଖା ଜଳସେଚନ କେନାଲ ଏବେ ଦିଗହରା ହୋଇ ପଡ଼ିଥିବାର ପରିଲକ୍ଷିତ ହେଉଛି । ଏହାର ପ୍ରକୃତ କାରଣ ହେଉଛି ଜମି ମାଫିଆ ଙ୍କ ଦାଦାଗିରି। ଏକର ଏକର ଚାଷ ଜମିକୁ କମ୍ ଦାମରେ କିଣି ସେଥିରେ ରାସ୍ତା ତିଆରି କରିବା ସହିତ ପ୍ଲଟିଂ କରି ଚଢ଼ା ଦାମ୍ ରେ ଘରାବାରି ସୂତ୍ରରେ ବିଭିନ୍ନ ଲୋକଙ୍କୁ ବିକ୍ରୀ କରି ମୁନାଫା ହାତେଇବା ଏହାର ମୂଖ୍ୟ ଉଦ୍ଦେଶ୍ୟ ବୋଲି ଅଭିଯୋଗ ହେଉଛି । ଏହାର ନମୂନା ଦେଖିବାକୁ ମିଳିଛି ବୈଶିଙ୍ଗା ନିକଟସ୍ଥ ବୈଶିଙ୍ଗା -ଚାଇଁପୁରିଆ-ମହୁରୀ ମୌଜାରେ ଚାଲିଥିବା ଜମି ପ୍ଲଟିଂ ରୁ ୧ ବୃହତ୍ ସୁବର୍ଣ୍ଣରେଖା କେନାଲ ମୟୂରଭଞ୍ଜ ଜିଲ୍ଲାରେ ଲକ୍ଷ୍ମିପୋଷି ନିକଟରୁ ବିଭାଜିତ ହୋଇ ଏକ କେନାଲ ପତଡା-ବୈଶିଙ୍ଗା - ଚାଇଁପୁରିଆ ହୋଇ ମହୁରୀ ନିକଟରେ ବୈଶିଙ୍ଗା -ରୁପସା ଆର.ଡି ରାସ୍ତା ପାରି ହୋଇ ତଳକୁ ତଳକୁ ଯିବା ପାଇଁ କେନାଲ କାର୍ଯ୍ୟ ଆରମ୍ଭ ହୋଇ ଯାଇଛି ।ଏହି କେନାଲ ପାଣି ଦ୍ୱାରା ଚାଷିତ ଜମି ଗୁଡିକ ଘରବାରି ହୋଇନ ପାରିପାର ନିୟମ ରହିଛି । ମାତ୍ର ତହସିଲଦାର ମୋଟା ଅଙ୍କର ବଟୀ ନେଇ ଶାରଦ-୧ ଓ ଶାରଦ-୨ କିସମର ଚାଷ ଉପଯୋଗୀ ଜମିକୁ ଘରବାରୀ କରି ଦେଉଥିବାର ଅଭିଯୋଗ ହେଉଛି । ଏତଦ୍ ବ୍ୟତୀତ ଏହି ଚାଷ ଜମିରେ ରାସ୍ତା ତିଆରି କରିବା ପାଇଁ ସରକାରୀ ରାୟାଲଟି ଫାଙ୍କି ଜମି ମାଫିଆ ମାନେ ଶହ ଶହ ଟ୍ରକ୍ ମୋରମ ଓ ବାଲି ଦିନ ରାତି ବୋହୁଥିବାର ଦେଖିବାକୁ ମିଳିଛି। ଏଭଳି କାର୍ଯ୍ୟକୁ ବିରୋଧ କରିବା ସହିତ ନିଜ ଚାଷ ଜମିର ପ୍ଲଟ ନଂ ୩୮ ର ଉତ୍ତରକୁ ବାରିକ ବନ୍ଧ ବେଆଇନ୍ ଭାବେ ରାସ୍ତା ନିର୍ମାଣ କୁ ଆଡଭୋକେଟ୍ ଉମାଶଙ୍କର ବାରିକ ବିରୋଧ କରିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜମି ମାଫିଆ ମାନେ ଡମ୍ପର ଚଢାଇ ମାରିଦେବାର ଧମକ ଦେଇଥିବା କୁ ନେଇ ସେ ବୈଶିଙ୍ଗା ଥାନା ତଥା ବେତନଟୀ ତହସିଲଦାର ଙ୍କୁ ଅଭିଯୋଗ କରିଥିବା ଜଣାଇଛନ୍ତି ।

# ଦୀର୍ଘବର୍ଷ ପରେ ଖୋଲିଲା ବ୍ରିଟିଶ ଅମଳର ଫାଣ୍ଡି

- କମିବ ଅସାମାଜିକ କାର୍ଯ୍ୟକଳାପ



**ଦାରିଙ୍ଗବାଡ଼ି,୬।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବୁଢ଼ାଗୁଡ଼ା ଫାଣ୍ଡିକୁ ଖୋଲିବା ପାଇଁ କଥା ଦେଇ କଥା ରଖିଲେ କନ୍ଧମାଳ ଏସ୍‌ପି ହରିଶ ବିଶି। ଗାଁରେ ପୁଣି ଫେରିଛି ଶାନ୍ତି ଆଉ ବଢ଼ିଛି ପୋଲିସ ପ୍ରତି ଆତ୍ମବିଶ୍ୱାସ। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ୪ ମାସ ଭିତରେ ଅର୍ଥାତ ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଫାଣ୍ଡିର ପୁନଃ ଶୁଭାରମ୍ଭ କରାଯିବ ବୋଲି କନ୍ଧମାଳ ଏସପି ହରିଶ ବିଶି ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ପ୍ରତିଶ୍ରୁତିର ସମୟସୀମା ପୂର୍ବରୁ କନ୍ଧମାଳ ପୋଲିସ ବୁଢ଼ାଗୁଡ଼ା ଫାଣ୍ଡିକୁ ଶୁଭ ଉଦ୍‌ଘାଟନ କରିଥିବା ଚର୍ଚ୍ଚା ଜୋର ଧରିଛି। ପ୍ରକାଶ ଯେ, ବ୍ରିଟିଶ ଅମଳରୁ ବୁଢ଼ାଗୁଡ଼ାଠାରେ ଏକ ଫାଣ୍ଡି ପ୍ରତିଷ୍ଠା ହୋଇଥିଲା। ଏଥିରେ ଦାରିଙ୍ଗବାଡ଼ି,କୋଟଗଡ଼ ଏବଂ ବାଲିଗୁଡ଼ା ବ୍ଲକର ପ୍ରାୟ ୧୦ଟି ପଞ୍ଚାୟତ ଉକ୍ତ ଫାଣ୍ଡି ଉପରେ ନିର୍ଭର କରୁଥିଲେ। ତେବେ ପୋଲିସ କର୍ମଚାରୀ ଅଭାବ ସାଙ୍ଗକୁ ଅଞ୍ଚଳରେ ମାଓବାଦୀ ଗତିବିଧି ବୃଦ୍ଧି ପାଇଥିଲା ଫାଣ୍ଡି ସମ୍ମୁଖରେ ବିଭିନ୍ନ ସମୟରେ ମାଓବାଦୀ ନାମରେ ପୋଷ୍ଟର ବ୍ୟାନର ଲାଗୁଥିବା ବେଳେ ପୋଲିସ ବାରାକ କିମ୍ବା ପୋଲିସ ବଳ ଉକ୍ତ ଫାଣ୍ଡି ଭିତରେ ସେହି ସମୟରେ କମ୍ ରହିଥିବାରୁ ଧିରେ ଧିରେ ଫାଣ୍ଡିଟିକୁ କୌଣସି କାରଣରୁ ବନ୍ଦ କରି ଦିଆଯାଇଥିଲା। ଗତ ୨୦୧୭ ରୁ ଏଥିରେ ତାଲା ଝୁଲିଥିଲା। ସେହିଦିନଠାରୁ ଅଞ୍ଚଳବାସୀ ପୁଣି ଏହି ଫାଣ୍ଡି ଖୋଲିବାକୁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ପରବର୍ତ୍ତୀ ସମୟରେ କନ୍ଧମାଳ ପୋଲିସ ପକ୍ଷରୁ ନୂତନ ଫାଣ୍ଡି ନିର୍ମାଣ କରାଯାଇଥିଲେ ମଧ୍ୟ ଫାଣ୍ଡି ବିଧିବଧ ଭାବରେ ଆରମ୍ଭ ହୋଇ ନ ଥିଲା।

# ୧୪୦ଗ୍ରାମ ହେରୋଇନ ଜବତ, ୧ ଗିରଫ



**ନୀଳଗିରି,୬।୮(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରିରେ ବଢି ଚାଲିଛି ଦିନକୁଦିନ ମାଦକଦ୍ରବ୍ୟ କାରବାର। ଏହି ନିଶାରେ ବଶବର୍ତ୍ତୀ ହୋଇ ବିପଥଗାମୀ ହେଉଛି ଯୁବସମାଜ। ନୀଳଗିରି ମାଦକଦ୍ରବ୍ୟର ହବ ପାଲଟିବାକୁ ଯାଉଥିବା ବେଳେ ଗତକାଲି ନୀଳଗିରି ଅବକାରୀବିଭାଗ ଜଣେ ବ୍ରାଉନସୁଗର ବା ଧଳାଜହର ବେପାରୀକୁ ଗିରଫ କରି ତା'ଠାରୁ ୧୪ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରିଛି। ସୂଚନା ଅନୁଯାୟୀ ନୀଳଗିରି ଅବକାରୀ ଥାନା ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସ ଏବଂ ଓଆଇସି ଜଗନ୍ନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ରଟିମ ନୀଳଗିରି ଥାନା ଅଧୀନ ସନ୍ତରାଗଡ଼ିଆ ପହଞ୍ଚିଥିଲା। ଅବକାରୀ କର୍ମଚାରୀମାନେ ସାଧା ପୋଷାକରେ ଗରାଖ ସାଜି ଉକ୍ତ ଅଞ୍ଚଳର ଏକ ହୋଟେଲ ପାଖରେ ବସିଥିବା ବେପାରୀ ଲୁଲୁ ଓରଫ ଜଗଦୀଶ ପାଣିଗ୍ରାହୀଙ୍କୁ ବ୍ରାଉନ ସୁଗର ମାଗିଥିଲେ। ବେପାରୀ ଜଣକ ବ୍ରାଉନସୁଗର ଆଣିବାକୁ ଯାଇଥିବା ବେଳେ ତାକୁ ମାଡ଼ି ବସିଥିଲା ଅବକାରୀ ଟିମ୍। ଏହି ବେପାରୀଙ୍କ ଠାରୁ ୧୪୦ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଥିବା ବେଳେ ଏହାର ମୂଲ୍ୟ ୧୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବବୋଲି କୁହାଯାଉଛି। ଗିରଫ କରାଯିବାପରେ କେସ ନଂ -୧୩୧/୨୫-୨୬, ସ୍ପେଶାଲ କେସ ନଂ ୨୨୯/୨୫ରେ ଅଭିଯୁକ୍ତକୁ ବିଳମ୍ବିତ ରାତିରେ ବାଲେଶ୍ୱର କୋର୍ଟକୁ ଚାଲାଣ କରାଯାଇଛି। ଚଢ଼ଉରେ କନଷ୍ଟେବଳ ସନ୍ତୋଷ ବେହେରା, ତପନ ମଲ୍ଲିକ, ନାହନ ମୁର୍ମୁ ପ୍ରମୁଖ ସାମିଲଥିଲେ।

# ଦିଲ୍ଲୀ ସ୍ୱାଧୀନତା ଦିବସରେ ଅତିଥି ଭାବେ ମହିଳା ସୁପ୍ରଭାଇଜରଙ୍କୁ ଡାକରା



**ବୋରିଗୁମ୍ମା,୬।୮ (ସଂଚାର ବ୍ୟୁରୋ):** ପଲ୍ଲୀରୁ ଦିଲ୍ଲୀ କୁ ଡାକରା ଆସିଛି ଆସନ୍ତା ଅଗଷ୍ଟ ପନ୍ଦର ଲାଲ କିଲ୍ଲାରେ ସ୍ୱାଧୀନତା ଦିବସ ରେ ଯୋଗ ଦେବା ପାଇଁ ରାଜ୍ୟରୁ ଏକ ମାତ୍ର ମହିଳା ସୁପ୍ରଭାଇଜର ଶର୍ମିଷ୍ଠା ନାୟକ ଙ୍କୁ ଆସିଛି ଡାକରା। ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମୁଖ୍ୟ ଅତିଥି ଭାବେ ଲାଲ କିଲ୍ଲାରେ ଯୋଗ ଦେବାକୁ। ଶର୍ମିଷ୍ଠା ନାୟକ ବୋରିଗୁମ୍ମା ବେଣାଗାଁ ସେକ୍ଟୋର ରେ ସୁପ୍ରଭାଇଜର ଭାବେ କାର୍ଯ୍ୟରତ ଅଛନ୍ତି। ଆସନ୍ତା ୧୧ ତାରିଖରେ ସେ ଦିଲ୍ଲୀ ଗସ୍ତରେ ଯିବେ।ରାଜ୍ୟରୁ ମହିଳା ସୁପ୍ରଭାଇଜର ଜଣକୁ ଡାକରା ଆସିଥିବା ଯୋଗୁଁ ସେ ବହୁତ ଖୁସି ଅନୁଭବ କରିଛନ୍ତି ସେ ଆଗରୁ ଜିଲ୍ଲା ଏବଂ ବ୍ଲକ ସ୍ତରରେ ଅନେକ ଥର ପୁରସ୍କୃତ ବି ହୋଇଛନ୍ତି।

# ପୁଲିସ ଗାଡ଼ିକୁ ଅଟକ ରଖିଲେ ଶତାଧିକ ମହିଳା

**ପାଟଣା,୬।୮(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ଥାନା ମୂଷାପଡ଼ା ଗ୍ରାମର ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତିରେ ପ୍ରାର୍ଥୀଙ୍କ ଶିକ୍ଷାଗତ ସାର୍ଟିଫିକେଟ ଜାଲ୍ ଓ ନିଯୁକ୍ତିରେ ଅନିୟମିତତା ପ୍ରତିବାଦରେ ବୁଧବାର ଗ୍ରାମର ଶତାଧିକ ମହିଳା ଅଙ୍ଗନୱାଡ଼ି କର୍ମୀଙ୍କୁ ଅଟକ ରଖିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଘଟଣାସ୍ଥଳରେ ପାଟଣା ପୋଲିସ ପହଞ୍ଚି ଅଙ୍ଗନୱାଡ଼ି କର୍ମୀ ମମତା ନାଏକଙ୍କୁ ଉଦ୍ଧାର କରି ଘରେ ଛାଡ଼ିବା ପରେ ଉତ୍ତେଜନା ତୀବ୍ର ହୋଇଥିଲା। ପୋଲିସ ଗାଡ଼ିକୁ ଉତ୍ତ୍ୟକ୍ତ ମହିଳାମାନେ ଘେରିଥିଲେ।

